# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜାନୁୟାରୀ ୩/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Sambalpur, Sunday, January 3/2021 | ★★

୧୬ଶ ଭାଗ ୩୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ଦ୍ୱିତୀୟ ଥର ବିବାହ କରିବେ ନେହା**

ବଲିଉଡ୍ ଗାୟିକା ନେହା କକ୍କର୍ ରୋହନପ୍ରୀତ ସିଂଙ୍କୁ ହିନ୍ଦୁ ରୀତିନୀତିରେ ବାହା ହୋଇଥିବାବେଳେ ପୁଣି ଉଭୟେ ଇସାଇ ପରମ୍ପରାରେ ବିବାହ କରିବେ। ୧୪

୧୬ **ସୌରଭ ଗାଙ୍ଗୁଲିଙ୍କୁ ହୃଦ୍‌ଘାତ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସଭାପତି ସୌରଭ ଗାଙ୍ଗୁଲି ମୃଦୁ ହୃଦ୍‌ଘାତର ଶିକାର ହୋଇଛନ୍ତି।



# ୮ରୁ ଖୋଲିବ ସ୍କୁଲ

## ଫେ' ୩ରୁ ମାଟ୍ରିକ୍, ୧୫ରୁ +୨ ପରୀକ୍ଷା

- ଦଶମ, ଦ୍ୱାଦଶ ଶ୍ରେଣୀ ପାଠପଢ଼ା ହେବ
- ୧୦୦ ଦିନ ହେବ ପାଠପଢ଼ା
- ଶନିବାର, ରବିବାର ବନ୍ଦ ହେବନି ସ୍କୁଲ



**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ଶେଷରେ ପ୍ରତୀକ୍ଷାର ଅନ୍ତ ଘଟିଛି। ସ୍କୁଲ ପିଲାଙ୍କ ପାଇଁ ଆସିଛି ଖୁସି ଖବର। ସ୍କୁଲ ଖୋଲିବା ନେଇ ଯେଉଁ ଆଶଙ୍କା ରହିଥିଲା, ସେଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ରାଜ୍ୟ ସରକାର। ପ୍ରାୟ ୯ମାସ ଧରି ବନ୍ଦ ରହିବା ପରେ ପିଲାମାନେ ସ୍କୁଲ ଯିବେ। ଆସନ୍ତା ୮ତାରିଖରୁ ରାଜ୍ୟର ସମସ୍ତ ସରକାରୀ, ଘରୋଇ ସ୍କୁଲ ଖୋଲିବ ବୋଲି ଶନିବାର ରାଜ୍ୟ ସରକାର ଘୋଷଣା କରିଛନ୍ତି। କୋଭିଡ୍ କଟକଣା ମଧ୍ୟରେ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରମାନେ ପାଠ ପଢ଼ିବାକୁ ଯିବେ। ଉଭୟ କ୍ଲାସ ପାଇଁ ୧୦୦ ଦିନ ପାଠପଢ଼ା ହେବ। ଶନିବାର ଓ ରବିବାର ସ୍କୁଲ ବନ୍ଦ ହେବ ନାହିଁ। ଏହିଦିନ ମଧ୍ୟ କ୍ଲାସ୍ ହେବ। ମାଧ୍ୟମିକ ଶିକ୍ଷା ବୋର୍ଡ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ହେଉଥିବା ବାର୍ଷିକ ପରୀକ୍ଷା ନିମନ୍ତେ ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲାମାନଙ୍କୁ ପ୍ରସ୍ତୁତ କରିବା ସହିତ ବିଭିନ୍ନ ସମୟରେ ଅନୁଷ୍ଠିତ ସର୍ବଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଂଶଗ୍ରହଣ କରିବା ନିମନ୍ତେ ସେମାନଙ୍କୁ ପ୍ରସ୍ତୁତ କରିବାକୁ ହେବ। ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶିକ୍ଷାନୁଷ୍ଠାନ ଖୋଲିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି।

ମାଧ୍ୟମିକ ଶିକ୍ଷା ବୋର୍ଡ (ମାଟ୍ରିକ) ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଥିବା ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଆସନ୍ତା ୮ରୁ ଏପ୍ରିଲ ୨୬ତାରିଖ ☞ପୃଷ୍ଠା-୪

# ପ୍ରତି କ୍ଲାସ୍‌ରୁମ୍‌ରେ ସର୍ବାଧିକ ୨୫ ପିଲା

**ସ୍କୁଲ ପାଇଁ ଏସ୍‌ଓପି**

- କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଖୋଲିବନି
- ପିଲା ଚାହିଁଲେ ଅନ୍‌ଲାଇନ୍ କ୍ଲାସ୍ କରିବେ
- ହେବ ସ୍ୱତନ୍ତ୍ର ଆଇସୋଲେଶନ ପ୍ରକୋଷ୍ଠ
- ସ୍କୁଲ ବାହାରେ ଖାଦ୍ୟ ବିକ୍ରି ହେବନି

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ରାଜ୍ୟରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ଆସନ୍ତା ୮ତାରିଖରୁ ସ୍କୁଲ ଖୋଲିବ। ଏଥିପାଇଁ ରାଜ୍ୟ ସରକାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁଅର(ଏସ୍‌ଓପି)ଜାରି କରିଛନ୍ତି। ମାର୍ଗଦର୍ଶିକା ଅନୁସାରେ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବ। ଏହା ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀଗୁଡ଼ିକର ଅନୁପାଳନ ବାଧ୍ୟତାମୂଳକ ହେବ।

ରାଜ୍ୟ ସରକାର ଜାରି କରିଥିବା ଏସ୍‌ଓପି ଅନୁସାରେ, ସ୍କୁଲ ଖୋଲିବାର ସମୟ ଏବଂ ଆବଶ୍ୟକ ସୁବିଧା ସମ୍ପର୍କରେ ଜିଲାପାଳ ଚୂଡ଼ାନ୍ତ ☞ପୃଷ୍ଠା-୪

# କୋଭିଶିଲ୍ଡ ପରେ କୋଭାକ୍ସିନ୍‌କୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୨।୧**




ଭାରତର ଔଷଧ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ବିଶେଷଜ୍ଞ କମିଟି ଶୁକ୍ରବାର ସେରମ୍ ଇନ୍‌ଷ୍ଟିଚ୍ୟୁଟ ପ୍ରସ୍ତୁତ କୋଭିଶିଲ୍ଡ ଟିକାକୁ ଅନୁମୋଦନ ଲାଗି ସୁପାରିସ କରିବା ପରେ ଶନିବାର ଭାରତ ବାୟୋଟେକ୍ ପ୍ରସ୍ତୁତ 'କୋଭାକ୍ସିନ୍'କୁ ଜରୁରୀ ବ୍ୟବହାର ଲାଗି ସବୁଜ ସଙ୍କେତ ଦେଇଛି। କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ)ର ସବ୍‌ଜେକ୍ଟ ଏକ୍ସପର୍ଟ କମିଟି (ଏସ୍‌ଇସି) ଶନିବାର ହାଇଦ୍ରାବାଦର ଫାର୍ମାସ୍ୟୁଟିକାଲ କମ୍ପାନୀ ଭାରତ ବାୟୋଟେକ୍ ପ୍ରସ୍ତୁତ କରୋନା ଟିକା କୋଭାକ୍ସିନ୍‌ର ଅତିରିକ୍ତ ତଥ୍ୟକୁ ଅନୁଧ୍ୟାନ କରିବା ପରେ ଏହାର ଜରୁରୀ ବ୍ୟବହାର ଲାଗି ମଞ୍ଜୁରୀ ଦେବାକୁ ସୁପାରିସ କରିଛି। ଏବେ ଦୁଇଟିଯାକ ଟିକା ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ)ଙ୍କ ଚୂଡ଼ାନ୍ତ ଅନୁମୋଦନ ଅପେକ୍ଷାରେ ରହିଛି। ଅନୁମୋଦନ ପାଇବାକୁ ଥିବା କୋଭାକ୍ସିନ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ଟିକା। ଭାରତ ବାୟୋଟେକ୍ ଏବଂ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍) ମିଳିତ ଭାବେ ଏହି ଟିକାର ବିକାଶ କରିଛନ୍ତି। ଅନ୍ୟପକ୍ଷରେ କୋଭିଶିଲ୍ଡକୁ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ଅଷ୍ଟ୍ରାଜେନିକା ବିକଶିତ କରିଥିବାବେଳେ ପୁଣେର ସେରମ୍ ଇନ୍‌ଷ୍ଟିଚ୍ୟୁଟ ଭାରତରେ ଏହାକୁ ପ୍ରସ୍ତୁତ କରୁଛି। ଏହି ସଂସ୍ଥା କୋଭିଶିଲ୍ଡର ୫ କୋଟି ଡୋଜ୍ ପ୍ରସ୍ତୁତ କରିସାରିଛି। ଆମେରିକାର ଫାଇଜର ଏବଂ ଜର୍ମାନୀର ବାୟୋଏନ୍‌ଟେକ୍ ପ୍ରସ୍ତୁତ କୋଭିଡ୍ ଟିକା ପକ୍ଷରୁ ମଧ୍ୟ ଭାରତର ଅନୁମୋଦନ ପାଇଁ ଆବେଦନ କରାଯାଇଛି।




# 'ଆଜିର ଷ୍ଟାର୍ଟଅପ୍ ଆଗାମୀ ଦିନର ଏମ୍‌ଏନ୍‌ସି'

**ସମ୍ବଲପୁର, ୨।୧(ବ୍ୟୁରୋ)**

ବର୍ତ୍ତମାନର ଷ୍ଟାର୍ଟଅପ୍‌ଗୁଡ଼ିକ ଆଗାମୀ ଦିନରେ ଏମ୍‌ଏନ୍‌ସି ବା ବହୁରାଷ୍ଟ୍ରୀୟ କମ୍ପାନୀ ହେବାକୁ ଯାଉଛି। କୃଷି କ୍ଷେତ୍ରଠାରୁ ଆରମ୍ଭ କରି ସ୍ପେସ୍ ସେକ୍ଟର ପର୍ଯ୍ୟନ୍ତ ଷ୍ଟାର୍ଟ ଅପ୍ ପାଇଁ ପରିସର

**ଆଇଆଇଏମ୍ ସ୍ଥାୟୀ କ୍ୟାମ୍ପସ୍‌ର ଶିଳାନ୍ୟାସ**

ବୃଦ୍ଧି ପାଉଛି। ଶନିବାର ଭର୍ଚୁଆଲ୍ ମାଧ୍ୟମରେ ସମ୍ବଲପୁର ଆଇଆଇଏମ୍ ସ୍ଥାୟୀ କ୍ୟାମ୍ପସ୍ ଶିଳାନ୍ୟାସ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି।

ଜୟ ଜଗନ୍ନାଥ, ଜୟ ମା' ସମଲେଶ୍ୱରୀ କହି ପ୍ରଧାନମନ୍ତ୍ରୀ ତାଙ୍କ ଉଦ୍‌ବୋଧନ ଆରମ୍ଭ କରିଥିଲେ। ସେ କହିଥିଲେ, ସମ୍ବଲପୁରରେ ପୂର୍ବରୁ ଅନେକ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇ ଶିକ୍ଷାର ହବ୍ ପାଲଟିଛି। ସେଥିରେ ଏବେ ଆଇଆଇଏମ୍ ଯୋଡ଼ି ହୋଇଯାଇଛି। ଏଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ, ପ୍ରାକୃତିକ ସମ୍ପଦ ସାଙ୍ଗକୁ ବିଭିନ୍ନ ☞ପୃଷ୍ଠା-୪




ସମ୍ବଲପୁର ଆଇଆଇଏମ୍ ଶିଳାନ୍ୟାସର ଭର୍ଚୁଆଲ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ।

# କାର୍ଯ୍ୟକ୍ଷମ ହେଲା ପଛୁଆବର୍ଗ କମିଶନ

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

**ସାମାଜିକ, ଶିକ୍ଷାଗତ ଅବସ୍ଥାର ସର୍ଭେ କରିବ**

ଶନିବାରଠାରୁ ରାଜ୍ୟ ପଛୁଆବର୍ଗ କମିଶନ କାର୍ଯ୍ୟ ଆରମ୍ଭ କରିଛି। କମିଶନ ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ରଘୁନାଥ ବିଶ୍ୱାଳ ଏବଂ ଅନ୍ୟ ସଦସ୍ୟ ନବନୀତ ରଥ, ମିତାଲି ଚିନ୍ନାରା ଓ ପ୍ରସନ୍ନ କୁମାର ପାତ୍ର ମଧ୍ୟ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି କମିଶନ ରାଜ୍ୟର ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ଅବସ୍ଥା ସମ୍ପର୍କରେ ସର୍ଭେ କରିବ। ସାମାଜିକ, ଶିକ୍ଷା କ୍ଷେତ୍ରରେ ଥିବା ଐତିହାସିକ ଅନ୍ୟାୟକୁ ଦୂର କରିବ। କମିଶନ କାର୍ଯ୍ୟକ୍ଷମ ହେବା ପରେ ପଛୁଆବର୍ଗ ଲୋକଙ୍କ ଦୀର୍ଘବର୍ଷର ଦାବି ମଧ୍ୟ ପୂରଣ ହୋଇପାରିବ। କାର୍ଯ୍ୟାରମ୍ଭ କାର୍ଯ୍ୟକ୍ରମରେ କମିଶନ ଅଧ୍ୟକ୍ଷ, ସଦସ୍ୟଙ୍କ ସମେତ ଏସ୍‌ସି/ଏସ୍‌ଟି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ଏସ୍‌ସି/ଏସ୍‌ଟି ବିଭାଗ ସଚିବ ରଞ୍ଜନା ଚୋପ୍ରା ଏବଂ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର କମିଶନ ଗଠନ ନେଇ ପୂର୍ବରୁ ଘୋଷଣା କରିଥିଲେ। ରାଜ୍ୟରେ ପଛୁଆବର୍ଗଙ୍କୁ ସ୍ଥାନ ସଂରକ୍ଷଣ ଦେବା ସମ୍ପର୍କରେ କିଛିଦିନ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଥିଲେ।

# ଧୂମପାନର ଆଇନଗତ ବୟସ ୨୧ ହେବ

**ନୂଆଦିଲ୍ଲୀ, ୨।୧(ଆଇଏଏନ୍‌ଏସ୍)**

ଭାରତରେ ଧୂମପାନର ସର୍ବନିମ୍ନ ଆଇନଗତ ବୟସ ୨୧ ବର୍ଷ ହେବ। ପୂର୍ବରୁ ୧୮ ବର୍ଷରୁ କମ୍ ବୟସ୍କଙ୍କୁ ସିଗାରେଟ ଓ ଅନ୍ୟାନ୍ୟ ତମାଖୁ ସାମଗ୍ରୀ ବିକ୍ରି ଅନୁମତି ନ ଥିଲା। ଏବେ ସେହି ସମୟସୀମା ୨୧ ବର୍ଷକୁ ବୃଦ୍ଧି କରାଯିବ। ଏଥିପାଇଁ କେନ୍ଦ୍ର ସରକାର ଏକ ଚିଠା ଆଇନ ପ୍ରସ୍ତୁତ କରିଛନ୍ତି। ସିଗାରେଟ ଓ ଅନ୍ୟାନ୍ୟ ତମାଖୁ ସାମଗ୍ରୀ (ବିଜ୍ଞାପନ ନିଷିଦ୍ଧ, ବାଣିଜ୍ୟ ଉତ୍ପାଦନ, ଯୋଗାଣ, ବଣ୍ଟନର ନିୟନ୍ତ୍ରଣ) ସଂଶୋଧନ ଆଇନ, ୨୦୨୦ର ଚିଠା ବିଲ୍‌ରେ ବୟସସୀମା ୨୧ ବର୍ଷକୁ ବୃଦ୍ଧି କରିବା ଉପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଜୋର୍ ଦେଇଛି। ୨୦୦୩ର ଏହି ଆଇନରେ ସଂଶୋଧନ ଲାଗି ବିଲ୍‌ରେ ପ୍ରସ୍ତାବ ରହିଛି।

- ଚିଠା ଆଇନ ପ୍ରସ୍ତୁତ କଲେ ସରକାର
- ଆଇନର ଉଲ୍ଲଂଘନ ହେଲେ ଜେଲ, ଜରିମାନା



ସଂଶୋଧିତ ପ୍ରସ୍ତାବ ଅନୁଯାୟୀ ୨୧ ବର୍ଷରୁ କମ୍ ବ୍ୟକ୍ତିଙ୍କୁ ସିଗାରେଟ ଓ ଅନ୍ୟ ତମାଖୁ ସାମଗ୍ରୀ ବିକ୍ରି କରାଯାଇପାରିବ ନାହିଁ। ସେହିପରି ସେହି ବୟସ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଉକ୍ତ ସାମଗ୍ରୀ ବିକିପାରିବେ ନାହିଁ। ଶିକ୍ଷାନୁଷ୍ଠାନଠାରୁ ୧୦୦ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ସିଗାରେଟ ଓ ତମାଖୁ ସାମଗ୍ରୀ ବିକ୍ରି ନିଷିଦ୍ଧ ହେବ। ଆଇନର ଧାରା ୭ରେ ସଂଶୋଧନ କରାଯାଇଛି। ତଦନୁଯାୟୀ ଉପରୋକ୍ତ ସାମଗ୍ରୀ ବନ୍ଦ କଭରରେ ଓ ମୂଳ ପ୍ୟାକେଜ୍‌ରେ ବ୍ୟବସାୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** କେଉଁଆଡ଼କୁ ମୁହାଁଇଛେ




# ମାଟିତଳେ ପୋତିହୋଇ ଯୁବକ ମୃତ




## ଘର ତିଆରି ବେଳେ ଦୁର୍ଘଟଣା

### ସାଇଡ୍ କରିବା ବେଳେ ମାଟି ବୋଝେଇ ହାଇୱା ଓଲଟିଲା

ଡୁଙ୍ଗୁରିପାଲି,୨।୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅଧୀନ ଡୁଙ୍ଗୁରିପାଲି ଶିଶୁମନ୍ଦିର ଛକ ନିକଟରେ ଶନିବାର ପୂର୍ବାହ୍ନରେ ଏକ ଦୁର୍ଘଟଣା ଘଟିଯାଇଛି। ଏଠାରେ ଘର ତିଆରି ବେଳେ ମାଟି ତଳେ ଚାପି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମାଟି ଆଣୁଥିବା ଏକ ହାଇୱା ଭାରସାମ୍ୟ ହରାଇ ଓଲଟି ପଡିବା ଫଳରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ରଙ୍ଗ ତପନଲାଲ ବର୍ଗେ (୨୮)। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛି।

ପ୍ରକାଶ ଯେ, ଡୁଙ୍ଗୁରିପାଲି ଅଞ୍ଚଳର ବାସିନ୍ଦା ମୁରଲୀ ବର୍ଗେ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଶିଶୁମନ୍ଦିର ଛକ ନିକଟରେ ଏକ ନୂଆ ଘର ତିଆରି କରୁଥିଲେ। ଘରର ପିଲାର ଉଠିଥିବା ବେଳେ ମାଟି ଫିଲିଂ କାମ ହେଉଥିଲା। ଏଥିପାଇଁ ଏକ ହାଇୱାରେ ମାଟି ଅଣାଯାଇ ସେଠାରେ ପକା ଯାଉଥିଲା। ମୁରଲୀଙ୍କ ମଝିଆ ପୁଅ ରଙ୍ଗ ତପନଲାଲ ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ମାଟି ପକା ଯାଞ୍ଚ କରୁଥିଲେ। ଏହି ସମୟରେ ଡ୍ରାଇଭର ଗାଡି ସାଇଡ୍ ମାରିବା ବେଳେ ୧୦ ଚକିଆ ହାଇୱାଟି ଓଲଟି ପଡିବାରୁ ଘଟଣାସ୍ଥଳରେ ରଙ୍ଗ ତପନଲାଲ ପ୍ରାୟ ୯ ଫୁଟ ଉଚ୍ଚର ମାଟି ଗଦାରେ ପୋତି ହୋଇ ଯାଇଥିଲେ। ଆଖପାଖର ଲୋକେ ଏହା ଦେଖି ଘଟଣାସ୍ଥଳକୁ ଦୌଡି ଆସିବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଅଗ୍ନିଶମବାହିନୀ ଓ ଜେସିବି ସହାୟତାରେ ମାଟିତଳୁ ସଂପୃକ୍ତ ଯୁବକଙ୍କୁ ଉଦ୍ଧାର କରାଯାଇ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ବଡଭାଇ ରାମରତନଲାଲ ବର୍ଗେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସବ୍‌ଇନ୍ସପେକ୍ଟର ଅନିଲ କୁମାର ପ୍ରଧାନ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ଲାଗି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଛି। ଦୁର୍ଘଟଣାଗ୍ରସ୍ତ ହାଇୱା (ନଂ-ଓଆର୦୨ବିଡବ୍ଲୁ-୮୭୪୧) ଜବତ ହୋଇଛି। ଏ ସଂକ୍ରାନ୍ତରେ ଆଇପିସିର ଦଫା ୨୭୯, ୩୦୪(ଏ)ରେ ଏକ ମାମଲା ରୁଜୁ ହୋଇଛି। କେସ ନଂ ୪/୨୦୨୧।

# ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**କେନ୍ଦ୍ରାପଡା ଅଫିସ/ ଡେରାବିଶ,୨।୧(ସ୍ୱ.ପ୍ର.):** କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ବାରିମୂଳସ୍ଥ ଉପକାରାଗାରରେ ଜଣେ ବିଚାରାଧୀନ କଏଦୀଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ମୃତକ ହେଲେ ଡେରାବିଶ ଥାନା ବାଲିଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା। ଗତ ୩ ଦିନ ତଳେ ସେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଉପକାରାଗାରକୁ ପଠାଇ ଦିଆଯାଇଥିଲା। ସେ ଘରୋଇ ହିଂସା ଆଚରଣ କରିଥିଲେ। ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ତାଙ୍କୁ ଗିରଫ କରିଥିଲା। (କେସ ନଂ- ୪୬/୨୦)। ଶୁକ୍ରବାର ରାତି ପ୍ରାୟ ୯ଟାରେ ପୂର୍ଣ୍ଣଚନ୍ଦ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଜେଲ କର୍ତ୍ତୃପକ୍ଷ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୧) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ପୋଲସରା ନିର୍ବାଚନ ମଣ୍ଡଳୀର
ସମସ୍ତ ଭାଇ ଓ ଭଉଣୀ ମାନଙ୍କୁ
୨୦୨୧ ନୂତନ ବର୍ଷର
ହାର୍ଦ୍ଦିକ ଅଭିନନ୍ଦନ
ପ୍ରତାପ ଚନ୍ଦ୍ର ନାୟକ

୨୦୨୧
ନବ ବର୍ଷର
ଅଭିନନ୍ଦନ
ଭୁଲିଯାଅ ଗତକାଲିର କଥା,ମନେରଖ
ଆସନ୍ତା କାଲି ଆଣିପାରେ, ପ୍ରଚୁର ହର୍ଷୋଲ୍ଲାସ
ସୁଖରେ ଥାଅ କି ଦୁଃଖରେ,ହସ
ଖୁସି ନେଇ ଆସିଚି ନୂଆ ବରଷ।
ମାନସ ରଞ୍ଜନ ପ୍ରଧାନ
ଯୁବ ସମାଜସେବୀ ଗୋଲିଆ ଗ୍ରାମ ପଞ୍ଚାୟତ

କରୋନା ମହାମାରୀ ସମୟରେ ପ୍ରଭୁ ଶ୍ରୀଜଗନ୍ନାଥ ପଞ୍ଚାୟତବାସୀଙ୍କୁ ଶକ୍ତି ଦିଅନ୍ତୁ ଏବଂ ସୁଖ ସମୃଦ୍ଧି କାମନା କରୁଛି। ୨୦୨୧ ନବବର୍ଷର ଅଭିନନ୍ଦନ।
ରାଜତିଲକ ବେହେରା
ନିର୍ବାହୀ ଅଧିକାରୀ, ମାଧପୁର ପଞ୍ଚାୟତ

୨୦୨୧ ନବବର୍ଷ ଓଡ଼ିଶାବାସୀଙ୍କ ପାଇଁ ସୁଖ, ଶାନ୍ତି, ସମୃଦ୍ଧିର ବର୍ଷ ହେଉ, ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା। ନିଜେ ସ୍ୱଚ୍ଛ ରହିବା ଓ ଅଞ୍ଚଳକୁ ସ୍ୱଚ୍ଛ ରଖିବା।
ଶ୍ରୀ ନୃସିଂହ ଚରଣ ଦାଶ
ସମ୍ପାଦକ, ଗଞ୍ଜାମ ଜିଲ୍ଲା ସ୍ୱଚ୍ଛତାଗ୍ରାହୀ ସଂଗଠନ (ବୁଗୁଡ଼ା)

ଭୋଗରାଇର ସମସ୍ତ ସମିତି ସଦସ୍ୟ, ସରପଞ୍ଚ, ଗୁରୁଜନ ଓ ଶୁଭେଚ୍ଛୁମାନଙ୍କୁ ନବବର୍ଷ ଓ ମକର ସଂକ୍ରାନ୍ତି ପାଇଁ ଜଣାଉଛି ଭକ୍ତିପୂତ ପ୍ରମାଣ ଓ ସଂଗ୍ରାମୀ ଅଭିନନ୍ଦନ। ଚଳିତବର୍ଷ ଆପଣଙ୍କର ଚଲାପଥ କୁସୁମିତ ହେଉ। କରୋନା ସଂକ୍ରମଣକୁ ରୋକିବା ନିମନ୍ତେ ଆସନ୍ତୁ, ସମସ୍ତେ ସଚେତନ ହୋଇ ମାସ୍କ, ସାନିଟାଇଜେସନ ଓ ସାମାଜିକ ଦୂରତା ରକ୍ଷା କରିବା।
ଶ୍ରୀ ଦୀପକ କୁମାର ଦାସ
ପଞ୍ଚାୟତ ସମିତି ଉପାଧ୍ୟକ୍ଷ

ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ସମସ୍ତ ଗୁରୁଜନ, ଭାଇ ଏବଂ ଭଉଣୀମାନଙ୍କୁ ୨୦୨୧ ଇଂରାଜୀ ନବବର୍ଷର ଅଭିନନ୍ଦନ ।
ଇଂ. ଅଜିତ କୁମାର ସାହୁ
ଭାରତୀୟ ଜନତା ପାର୍ଟି

କରୋନା ମହାମାରୀ ଦାଉରୁ ମା' ମହାଲକ୍ଷ୍ମୀ ସମସ୍ତଙ୍କୁ ରକ୍ଷା କରନ୍ତୁ ଏବଂ ଚୌରାଶି ଅଞ୍ଚଳବାସୀ ହସଖୁସିରେ ରୁହନ୍ତୁ। ୨୦୨୧ ନବବର୍ଷର ଅଭିନନ୍ଦନ।
ରାମଚନ୍ଦ୍ର ମହାଖୁଡ
ସଭାପତି, ଚୌରାଶି ମହାଲକ୍ଷ୍ମୀ ପୂଜା କମିଟି

ନୂତନ ବର୍ଷର ଅଭିନନ୍ଦନ । ୨୦୨୧ ନବବର୍ଷ କରଚୁଲି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ପାଇଁ ସୁଖ, ଶାନ୍ତିର ବର୍ଷ ହେଉ, ଈଶ୍ୱରଙ୍କଠାରେ ପ୍ରାର୍ଥନା।
ଶ୍ରୀ ଧୋବା ପ୍ରଧାନ
ସରପଞ୍ଚ, କରଚୁଲି ଗ୍ରାମପଞ୍ଚାୟତ, ବୁଗୁଡା ବ୍ଲକ

ନବବର୍ଷର ଅଭିନନ୍ଦନ। ଆସନ୍ତୁ ୨୦୨୧ ନବବର୍ଷରେ ଜଙ୍ଗଲର ସୁରକ୍ଷା ପାଇଁ ସମସ୍ତେ ମିଳିମିଶି ଆଗଭର ହେବା।
ସନ୍ତୋଷ କୁମାର ଭୋଇ
ମାଧପୁର ବନାଞ୍ଚଳ ଅଧିକାରୀ

- ପ୍ରଗତି ପଥେ ଭୋଗରାଇ ବ୍ଲକ -
ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ଯୋଜନା, ମଧୁବାବୁ ପେନ୍‌ସନ ଯୋଜନା ସହ ବିଭିନ୍ନ ସରକାରୀ ଯୋଜନା ଭୋଗରାଇର ଉନ୍ନୟନ ଆଗରେ ରହିଛି। ଆସନ୍ତୁ, ସଭିଏଁ ମିଳିମିଶି ନବବର୍ଷ ଓ ମକର ସଂକ୍ରାନ୍ତିରେ ଭୋଗରାଇ ବ୍ଲକର ପ୍ରଗତିକୁ ଆଗେଇନେବା। ଭୋଗରାଇ କରୋନାମୁକ୍ତ ହୋଇ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ଏହା ହିଁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।
ଶ୍ରୀମତୀ ମଞ୍ଜୁରାଣୀ ବେହେରା
ପଞ୍ଚାୟତ ସମିତି ଅଧ୍ୟକ୍ଷା

ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ୨୦୨୧ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ । ମା' ମାହେଶ୍ୱରୀ ଆପଣମାନଙ୍କୁ ଭଲରେ ରଖନ୍ତୁ।
ଚିତ୍ତରଞ୍ଜନ ମେହେର
ଜିଲ୍ଲା ସମ୍ପାଦକ, ଭାରତୀୟ ଜନତା ପାର୍ଟି ଅନୁଗୋଳ

୨୦୨୧ ନବବର୍ଷର ଅଭିନନ୍ଦନ ।
ଶ୍ରୀଜଗନ୍ନାଥଙ୍କ କୃପାରୁ ଆଠମଲ୍ଲିକ ତଥା ମାଧପୁର ପଞ୍ଚାୟତର ଜନସାଧାରଣ ଭଲରେ ରୁହନ୍ତୁ।
ସମୀର କୁମାର ପଣ୍ଡା
ସମ୍ପାଦକ, ଯୁବ ବିଜେଡି, ଅନୁଗୁଳ ଜିଲ୍ଲା

ଇଂରାଜୀ 2021 ନବବର୍ଷ ଉପଲକ୍ଷେ ମୋ ମାଣିତରା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ସ୍ନେହଭରା ଆନ୍ତରିକ ଶୁଭେଚ୍ଛା। ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ଶ୍ରୀମତୀ ଶାନ୍ତିଲତା ନାୟକ
ସରପଞ୍ଚ, ମାଣିତରା ଗ୍ରାମପଞ୍ଚାୟତ (ବୁଗୁଡା ବ୍ଲକ)

ନୂତନ ବର୍ଷ ଚୌରାଶି ଅଞ୍ଚଳବାସୀଙ୍କ ପାଇଁ ସୁଖ ଆଉ ସମୃଦ୍ଧିର ବର୍ଷ ହେଉ, ଏତିକି ମା' ଲକ୍ଷ୍ମୀଙ୍କ ନିକଟରେ ପ୍ରାର୍ଥନା ।
ସୁରେନ୍ଦ୍ର ମହାଲିକ
ଠିକାଦାର, ଆଠମଲ୍ଲିକ

ନୂତନ ବର୍ଷର ଅଭିନନ୍ଦନ। ୨୦୨୧ ନବବର୍ଷ ସମସ୍ତ ଜନସାଧାରଣଙ୍କ ପାଇଁ ସୁଖ, ଶାନ୍ତି, ସମୃଦ୍ଧିର ବର୍ଷ ହେଉ, ଶ୍ରୀବଳଦେବ ସ୍ୱାମୀଙ୍କଠାରେ ପ୍ରାର୍ଥନା।
ଶ୍ରୀ ସୁଧାଂଶୁଶେଖର ପାଢୀ
ଗଞ୍ଜାମ ଜିଲ୍ଲା ବିଜେଡି ସମ୍ପାଦକ, ବୁଗୁଡା

ନବବର୍ଷ ଓ ମକର ସଂକ୍ରାନ୍ତିରେ ଭୋଗରାଇ ବ୍ଲକର ସମସ୍ତ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ, ଶିକ୍ଷାପ୍ରେମୀ, ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟିର ସଦସ୍ୟା ଓ ସଦସ୍ୟମାନଙ୍କୁ ଆନ୍ତିରକ ଶୁଭେଚ୍ଛା ଜଣାଉଛି। ଆସନ୍ତୁ, ସମସ୍ତେ ମିଳିମିଶି କରୋନା ମହାମାରୀକୁ ପ୍ରତିହତକରି ଶିକ୍ଷାର ବାତାବରଣକୁ ସୁନ୍ଦର ଭାବେ ଗଢିତୋଳିବା।
ଶ୍ରୀ ମିହିର କୁମାର ପ୍ରଧାନ
ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ
ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ, ଭୋଗରାଇ

୨୦୨୧ ନବବର୍ଷର ଶୁଭେଚ୍ଛା।
ନୂତନ ବର୍ଷ ଆପଣମାନଙ୍କ ପାଇଁ ଶୁଭଙ୍କର ହେଉ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଜ୍ଞାନରଞ୍ଜନ ପ୍ରଧାନ
ସାମାଜିକ କର୍ମୀ, ମାଧପୁର

୨୦୨୧ ନୂତନ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ
ଇଂରାଜୀ ନବ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ ୨୦୨୧
ନୂତନ ବର୍ଷଟି ପୋଚାଲୁଣ୍ଡି ଗ୍ରାମ ପଞ୍ଚାୟତର
ସମସ୍ତ ଗୁରୁଜନ, ଭାଇ ଭଉଣୀଙ୍କପାଇଁ ସୁଖ ସମୃଦ୍ଧିର ବର୍ଷ ହେଉ।
ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ
ଆମ୍ଭର ଏତିକି ପ୍ରାର୍ଥନା।
ଶ୍ରୀ ବିଜୁଳି ଜେନା
ସରପଞ୍ଚ, ପୋଚାଲୁଣ୍ଡି ଗ୍ରାମ ପଞ୍ଚାୟତ

୨୦୨୧ ନୂତନବର୍ଷର ଅଭିନନ୍ଦନ। ଏହି ବର୍ଷ ଭାମଶିଆଳି ପଞ୍ଚାୟତର ସର୍ବସାଧାରଣଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ଈଶ୍ୱରଠାରେ ପ୍ରାର୍ଥନା।
ଶ୍ରୀମତୀ ଜ୍ୟୋତିର୍ମୟୀ ବେହେରା
ସରପଞ୍ଚ, ଭାମଶିଆଳି ଗ୍ରାମପଞ୍ଚାୟତ, ବୁଗୁଡା ବ୍ଲକ

ନବବର୍ଷ ଓ ମକର ସଂକ୍ରାନ୍ତିରେ ଅତିମାରୀ କରୋନା ମୁକ୍ତ ପାଇଁ ସମସ୍ତେ ସଚେତନ ହୋଇ ମାସ୍କ, ସାନିଟାଇଜେସନ, ସାମାଜିକ ଦୂରତାକୁ ଗୁରୁତ୍ୱଦେଇ ସମାଜକୁ ମଧୁମୟକରି ଗଢିତୋଳିବା। ଚଳିତବର୍ଷ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ବୋଲି ପ୍ରଭୁଙ୍କଠାରେ ପ୍ରାର୍ଥନା କରୁଛି।
ପ୍ରମୋଦ କୁମାର ବେହେରା
କନିଷ୍ଠ ଯନ୍ତ୍ରୀ, ଭୋଗରାଇ ବ୍ଲକ

ନୂତନବର୍ଷ-୨୦୨୧ ସମସ୍ତଙ୍କ ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସୁଖ, ସମୃଦ୍ଧିର ବର୍ଷ ହେଉ ।
ଜିଲ୍ଲା ଟ୍ରକ୍ ମାଲିକ ସଂଘ, ଢେଙ୍କାନାଳ
ସଭାପତି
ସତ୍ୟାନନ୍ଦ ବଳସାମନ୍ତ
ସମ୍ପାଦକ
ଦିଲ୍ଲୀପ କୁମାର ବେହେରା

ନୂତନ ବର୍ଷର ହାର୍ଦ୍ଦିକ ଶୁଭେଚ୍ଛା । ୨୦୨୧ ନବବର୍ଷ ସମସ୍ତଙ୍କ ପାଇଁ ଖୁସିର ବର୍ଷ ହେଉ, ଶ୍ରୀବଳଦେବ ସ୍ୱାମୀଙ୍କଠାରେ ପ୍ରାର୍ଥନା।
ଶ୍ରୀ ବିକ୍ରମାଦିତ୍ୟ ଆରୁଖ
ବୁଗୁଡା ବ୍ଲକ ବିଜେଡି ଉପସଭାପତି ଏବଂ ଗୋଳାବନ୍ଧ ସେବା ସମବାୟ ସମିତିର ସଭାପତି

୨୦୨୧
ନବ ବର୍ଷର ଅଭିନନ୍ଦନ
ଏହି ନୂଆ ବର୍ଷରେ ଆପଣଙ୍କର ପ୍ରତ୍ୟେକ ମନସ୍କାମନା ପୂର୍ଣ୍ଣ ହେଉ ଏବଂ
ଏହି ଦୁନିଆର ପ୍ରତ୍ୟେକ ଖୁସି ଭଗବାନ ଆପଣଙ୍କୁ ପ୍ରଦାନ କରନ୍ତୁ।
ଶ୍ରୀମତୀ ମନୋରମା ପ୍ରଧାନ
ସରପଞ୍ଚ ଗୋଲିଆ ଗ୍ରାମ ପଞ୍ଚାୟତ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୪୫,୮୭,୨୫୧ | ୧୮,୩୮,୯୫୬ | ୫,୯୮,୦୪,୩୬୩ |
| ଭାରତ | ୧,୦୩,୧୦,୭୭୮ | ୧,୪୯,୩୦୫ | ୯୯,୧୦,୯୮୨ |
| ଓଡ଼ିଶା | ୩,୩୦,୧୧୭ | ୧୮୮୦(+୫୩) | ୩,୨୫,୯୬୫ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ମହିଳାଙ୍କୁ ହତ୍ୟାପରେ ଟ୍ରେନ୍ ଆଗକୁ ଡେଇଁଲେ ଯୁବକ

## ପରକୀୟା ପ୍ରୀତିର କରୁଣ ପରିଣତି

ପାତ୍ରପୁର,୨।୧(ଡି.ଏନ୍.ଏ.)

ପରକୀୟା ପ୍ରୀତିର କରୁଣ ପରିଣତି। ୨ ସନ୍ତାନ ଥିବା ଜଣେ ମହିଳାଙ୍କୁ ତଣ୍ଟିକାଟି ହତ୍ୟା ପରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି ଯୁବକ। ଶନିବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲାରେ। ହତ୍ୟାର ଶିକାର ହୋଇଥିବା ମହିଳା ଜଣକ ହେଲେ ଜରଡା ଥାନା ପୁହୁଣ୍ଡି ଗ୍ରାମର ଲକ୍ଷ୍ମୀ ଗୌଡ(୩୫) ଓ ଆତ୍ମହତ୍ୟା କରିଥିବା ଯୁବକ ହେଲେ କେ.ନୂଆଗାଁ ଥାନା ପତିଗୋବିନ୍ଦପୁର ଗ୍ରାମର ଅମର ପତି(୨୮)।

ଜରଡ଼ା ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗୋପିନାଥପୁର ଗ୍ରାମର ଲକ୍ଷ୍ମୀ ପୁହୁଣ୍ଡି ଗ୍ରାମରେ ବିବାହ କରିଥିଲେ। ତାଙ୍କର ୨ ସନ୍ତାନ ଅଛନ୍ତି। କିଛିଦିନତଳେ ବୋରିପଦରରେ ପରିବା ଦୋକାନ କରିଥିବା ଅମରଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶନିବାର ଭୋରରୁ ଲକ୍ଷ୍ମୀ ଗ୍ରାମ ନିକଟ ବଗି ନଦୀକୁ ଗାଧୋଇ ଯାଇ ଫେରି ନଥିଲେ। ସକାଳେ ଗ୍ରାମର କେତେଜଣ ମହିଳା ନଦୀକୁ ଗାଧୋଇବାକୁ ଗଲାବେଳେ ନଦୀହୁଡା ନିକଟ ଆମ୍ବଗଛ ମୂଳେ ଲକ୍ଷ୍ମୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖି ଗ୍ରାମରେ ଆସି ଜଣାଇଥିଲେ। ଖାରିଆଗୁଡା ଫାଣ୍ଡି ଏବଂ ଜରଡା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିବାବେଳେ ଅପରାହ୍ଣରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତଭିଜା ମାଟି, ଶାଢ଼ି, ଧାରୁଆ କାଚ ପ୍ରମୁଖ ଜବତ କରିଛି। ତଣ୍ଟିରେ ଗଭୀର କ୍ଷତ ଥିବାରୁ ଧାରୁଆ କାଚରେ ତଣ୍ଟି କାଟି ହତ୍ୟା କରାଯାଇଥିବା ପୋଲିସ ଅନୁମାନ କରୁଛି। ନଂ.୨/୨୧ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ଅନ୍ୟପଟେ ପଲାସା ଜିଆର୍‌ପି ପୋଲିସ ଶନିବାର ସକାଳ ପ୍ରାୟ ୯ଟାରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଇଚ୍ଛାପୁର-ଝାଡପୁଡି ରେଳଲାଇନ୍‌ରୁ ଜବତ କରିଥିଲା। ତଦନ୍ତ ପରେ ସମ୍ପୃକ୍ତ ଯୁବକ ପତିଗୋବିନ୍ଦପୁରର ଅମର ବୋଲି ଜଣାପଡିଥିଲା। ଘଟଣାସ୍ଥଳର କିଛିଦୂରରୁ ଏକ ବାଇକ୍ ମିଳିଛି। ସମ୍ପୃକ୍ତ ଯୁବକ ବାଇକ୍ ରଖି ଫାଲକ୍‌ମାନା ଏକ୍ସପ୍ରେସ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ପଲାସା ଜିଆର୍‌ପି ଏଏସ୍‌ଆଇ ରବି କୁମାର କହିଛନ୍ତି। ଏନେଇ ନଂ.୨.୨୧ରେ ଏକ ମାମଲା ରୁଜୁ ହୋଇଛି। ଲକ୍ଷ୍ମୀଙ୍କୁ ହତ୍ୟା ପରେ ମାନସିକ ଭାରସାମ୍ୟ ହରାଇ ଅମର ବାଇକ୍‌ରେ ଯାଇ ସେଠାରେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି।

# ପଥରରେ ଛେଚି ଟ୍ରକ୍ ଚାଳକଙ୍କୁ ହତ୍ୟା

ଭୁବନ, ୨।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଗଁଦିଆ ଥାନା ବରହମପାଳ ଗ୍ରାମର ଟ୍ରକ୍ ଚାଳକ ପ୍ରଦୀପ ମାହୁନ୍ତଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ହତ୍ୟାକାଣ୍ଡ ପଛରେ ପୂର୍ବଶତ୍ରୁତା ରହିଥିବା ଅନୁମାନ କରାଯାଉଛି। ଖବର ଲେଖାଯିବା ସୁଦ୍ଧା ପୋଲିସ କାହାରିକୁ ଗିରଫ କରିନାହିଁ।

ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ଟ୍ରକ୍ ରଖି ଗ୍ରାମ ନିକଟ ନାଳକୁ ଗାଧୋଇବାକୁ ଯାଇଥିବାବେଳେ କେତେଜଣ ବ୍ୟକ୍ତି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ମୁଣ୍ଡ ସମେତ ଶରୀରର ବିଭିନ୍ନ ସ୍ଥାନକୁ ପଥରରେ ଛେଚିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଭୁବନ ଡାକ୍ତରଖାନାକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଅଭିଯୋଗକୁ କେନ୍ଦ୍ରକରି ନଂ. ୨/୨୧ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ଘଟଣାସ୍ଥଳରେ ଛାନ୍‌ଭିନ୍ ଆରମ୍ଭ କରିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ପୂର୍ବତନ ୱାର୍ଡସଭ୍ୟଙ୍କୁ ପିଟି ମାରିଦେଲେ



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

- ପୂଜାଭୋଗ ବିବାଦରୁ ଗଡ଼ିଲା ମୁଣ୍ଡ
- ୨୪ ଜଣଙ୍କ ନାଁରେ ଥାନାରେ ଏତଲା

ଭୁବନ, ୨।୧(ଡି.ଏନ.ଏ.)

ନୂଆବର୍ଷରେ ହୋଇଥିଲା ମା' ସନ୍ତୋଷୀଙ୍କ ପୂଜା। ଗ୍ରାମବାସୀ ମିଳିମିଶି କରିଥିଲେ ଏହାର ଆୟୋଜନ। ପୂଜା ସରିବା ପରେ ଭୋଗ ଖାଇବାକୁ ନେଇ ସୃଷ୍ଟି ହୋଇଥିଲା ବିବାଦ ଏବଂ ଏହାର ପରିଣତି ନେଇଛି ଜୀବନ। ଜଣେ ପୂର୍ବତନ ୱାର୍ଡସଭ୍ୟଙ୍କୁ ଠେଙ୍ଗା, ମାରଣାସ୍ତ୍ରରେ ପିଟିପିଟି ହତ୍ୟା କରାଯାଇଛି। ଢେଙ୍କାନାଳ ଜିଲା ଭୁବନ ଥାନା ସୁରପ୍ରତାପପୁର ଗ୍ରାମରେ ଶନିବାର ଘଟିଥିବା ଏଭଳି ଏକ ଲୋମହର୍ଷଣକାରୀ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ମୃତକ ହେଲେ ବଢ଼େଇସାହିର ବିଜୟ ଗୁରୁ (୪୮)। ଏ ସଂକ୍ରାନ୍ତରେ ତାଙ୍କ ଝିଅ ସୋନାଲୀ ଥାନାରେ ଅଭିଯୋଗ କରିଛନ୍ତି। ହତ୍ୟାକାଣ୍ଡରେ ବିରଞ୍ଚି ବେହେରାଙ୍କ ସମେତ ଅନ୍ୟ ୨୪ ଜଣ ସାମିଲ ଥିବା ଏତଲାରେ ଦର୍ଶାଯାଇଛି।

ମୃତକଙ୍କ ପରିବାର ସଦସ୍ୟଙ୍କ କହିବା କଥା, ବିଜୟଙ୍କ ୨ ପୁଅ ଏବଂ ଗୋଟିଏ ଝିଅ। ଶୁକ୍ରବାର ଗ୍ରାମବାସୀଙ୍କ ମିଳିତ ଆୟୋଜନରେ କରାଯାଇଥିବା ମା' ସନ୍ତୋଷୀଙ୍କ ପୂଜାରେ ସମସ୍ତେ ସାମିଲ ହୋଇଥିଲେ। ଏହି ସମୟରେ ସୋନାଲୀଙ୍କ ସହ ଗ୍ରାମର ଅନ୍ୟ ଜଣେ ଯୁବତୀଙ୍କ ଭୋଗ ଖାଇବାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଥିଲା। ଶନିବାର ସକାଳେ ଘର ସାମ୍ନାରେ ବିଜୟ ଖରା ପୋଉଁଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଠେଙ୍ଗାବାଡ଼ି ଧରି ଆକ୍ରମଣ କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ପ୍ରଥମେ ମଠକରଗୋଳା ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ କାମାକ୍ଷାନଗର ଏବଂ ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋନାଲୀଙ୍କ ଅଭିଯୋଗକ୍ରମେ ନଂ. ୩/୨୧, ଦଫା ୩୦୨, ୧୪୭, ୧୪୮, ୧୪୯ରେ ମାମଲା ରୁଜୁ ହୋଇଛି। ଘଟଣା ସମ୍ବେଦନଶୀଳ ଥିବାରୁ ଏସ୍‌ପି କେ. ଶିବା ସୁବ୍ରମଣୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ଭୁବନ ଥାନାଧିକାରୀ ଜିତେନ୍ଦ୍ର ସାହୁ କୁହନ୍ତି, ଘଟଣା ପରେ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଧରିବାକୁ ଉଦ୍ୟମ କରାଯାଉଛି।

# ୧୨ରୁ ଝାରସୁଗୁଡ଼ାରୁ ମୁମ୍ବାଇ, ବେଙ୍ଗାଲୁରୁ ସ୍ପାଇସ୍ ଜେଟ୍ ଉଡ଼ାଣ

## ସପ୍ତାହକୁ ୪ ଦିନ



ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର।

ଭୁବନେଶ୍ୱର/ଲଖନପୁର,୨।୧ (ବ୍ୟୁରୋ/ଡି.ଏନ.ଏ.)

ଜାନୁୟାରୀ ୧୨ ତାରିଖରୁ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ମୁମ୍ବାଇ ଓ ବେଙ୍ଗାଲୁରୁକୁ ସ୍ପାଇସ୍ ଜେଟ୍ ଉଡ଼ାଣ ଆରମ୍ଭ କରିବ। ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଟୁଇଟର ହ୍ୟାଣ୍ଡଲରେ ଏହି ସୂଚନା ଦିଆଯାଇଛି। ଏହା ପଶ୍ଚିମ ଓଡ଼ିଶାର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ସହ ସେହି ଅଞ୍ଚଳର ଲୋକମାନଙ୍କ ଆଶାକୁ ମଧ୍ୟ ପୂରଣ କରିପାରିବ ବୋଲି ଟୁଇଟରରେ କୁହାଯାଇଛି। ଏହି ବିମାନ ଉଡ଼ାଣ ମୁମ୍ବାଇ-ଝାରସୁଗୁଡ଼ା-ବେଙ୍ଗାଲୁରୁ ମଧ୍ୟରେ ସପ୍ତାହକୁ ୪ ଦିନ ଚଳାଚଳ କରିବ। ସେହି ଦିନଗୁଡିକ ହେଲା ମଙ୍ଗଳବାର, ଗୁରୁବାର, ଶନିବାର ଓ ରବିବାର। ଏ ନେଇ ଅଗ୍ରିମ ଟିକେଟ୍ ବୁକିଂ ଆରମ୍ଭ ହୋଇଛି। ବିଭାଗୀୟ ମନ୍ତ୍ରଣାଳୟ ତରଫରୁ ସମୟ ସାରଣୀ ପ୍ରକାଶ ପାଇଛି ବୋଲି ଭିଏସ୍‌ଏସ୍ ବିମାନ ବନ୍ଦର ନିର୍ଦ୍ଦେଶକ କିଶୋର କୁମାର ସେନାପତି ସୂଚନା ଦେଇଛନ୍ତି। ପୂର୍ବରୁ ଝାରସୁଗୁଡ଼ା ବିମାନବନ୍ଦରରୁ ଯାତ୍ରୀମାନଙ୍କୁ ବେଙ୍ଗାଲୁରୁ କିମ୍ବା ମୁମ୍ବାଇ ଯିବା ପାଇଁ ଭୁବନେଶ୍ୱର କିମ୍ବା କୋଲକାତା ବାଟ ଦେଇ ଯିବାକୁ ପଡୁଥିଲା।

ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୮ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରକୁ ଉଦ୍‌ଘାଟନ କରିଥିଲେ। ବିଜୁ ପଟ୍ଟନାୟକ ବିମାନବନ୍ଦର ପରେ ଓଡ଼ିଶାରେ ଏହା ହେଉଛି ଦ୍ୱିତୀୟ।







**ଆଜିର ମନ୍ତବ୍ୟ**

"୨୦୨୧ ପରେ ଆଲିପୁର ସେଣ୍ଟ୍ରାଲ ଜେଲ ତୃଣମୂଳ କଂଗ୍ରେସ ପାର୍ଟି ଅଫିସ୍ ହେବ।
–ବାବୁଲ ସୁପ୍ରିଓ, କେନ୍ଦ୍ରମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୂର୍ବତନ ବ୍ଲକ ଅଧ୍ୟକ୍ଷ, ସହଯୋଗୀଙ୍କୁ ହତ୍ୟା

## ମାହାଙ୍ଗାରେ ଡବଲ ମର୍ଡର

## ରାଜନୈତିକ ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ

**ନିଶ୍ଚିନ୍ତକୋଇଲି,୨।୧(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ଥାନା ନୂର୍ତ୍ତାଙ୍ଗସ୍ଥିତ ଜଅଁକୋଠି ନିକଟରେ ଶନିବାର ରାତିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ(୬୨) ଓ ସହଯୋଗୀ ଦିବ୍ୟସିଂହ ବରାଳ (୭୦)ଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ଏଥିରେ ଉଭୟଙ୍କ ମୃତ୍ୟୁ ଘଟିଛି। ରାତିରେ ଉଭୟେ କାମସାରି ନୂର୍ତ୍ତାଙ୍ଗସ୍ଥିତ ଘରକୁ ଫେରୁଥିବା ବେଳେ ପୂର୍ବରୁ ପ୍ରସ୍ତୁତଥିବା କେତେଜଣ ବ୍ୟକ୍ତି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରିବା ସହ କୁଳମଣିଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଦିବ୍ୟସିଂହଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଛି। ଖବରଲେଖା ହେବାବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ମାହାଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ରାଜନୈତିକ ଶତ୍ରୁତା କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବାନେଇ ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ପରିଡ଼ା କହିଛନ୍ତି। ହତ୍ୟାକାଣ୍ଡକୁ ନେଇ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର ଓ ନୂର୍ତ୍ତାଙ୍ଗ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଭାଜପା ନେତା ଓ କର୍ମୀମାନେ ଦାବି କରିଛନ୍ତି। କଟକ ଜିଲା ଭାଜପା ସଭାପତି ପ୍ରକାଶ ବେହେରା, ଯୁବନେତା ସାରଦା ପ୍ରଧାନ ଓ କଂଗ୍ରେସ ନେତା ଦେବେନ୍ଦ୍ର ସାହୁ ପହଞ୍ଚି ମୃତ କୁଳମଣିଙ୍କ ଶେଷ ଦର୍ଶନ କରିଛନ୍ତି। ଘଟଣାସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। କୁଳମଣି ପୂର୍ବରୁ କଂଗ୍ରେସର ଟାଣୁଆ ନେତା ଥିବାବେଳେ ଏବେ ଭାଜପାରେ ସାମିଲ ହୋଇଛନ୍ତି। ସେ ସାଲେପୁର ନିର୍ବାଚନ ମଣ୍ଡଳୀର ଭାଜପା ପ୍ରଭାରୀ ଥିବାବେଳେ ତାଙ୍କ ପୁଅ ନୂର୍ତ୍ତାଙ୍ଗ ପଞ୍ଚାୟତରେ ସମିତିସଭ୍ୟ ଅଛନ୍ତି। ପୂର୍ବରୁ ସେ କଂଗ୍ରେସ ନେତା ମତଲୁବ୍ ଅଲ୍ଲୀଙ୍କ ସହଯୋଗୀ ଥିବା ବେଳେ ଏବେ ସାରଦାଙ୍କ ପରାମର୍ଶଦାତା ଭାବେ ଜଣାଶୁଣା ଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଧୂମପାନର ଆଇନଗତ ...

କରାଯିବ। କୌଣସି ବ୍ୟକ୍ତି ସିଧାସଳଖ କିମ୍ବା ପରୋକ୍ଷରେ ଉକ୍ତ ସାମଗ୍ରୀର ଉତ୍ପାଦନ, ଯୋଗାଣ କିମ୍ବା ବଣ୍ଟନ କରିପାରିବେ ନାହିଁ, ଯଦି ଉକ୍ତ ପ୍ୟାକେଜ୍‌ଗୁଡ଼ିକର ସର୍ବନିମ୍ନ ଗୁଣବତ୍ତା ନ ଥିବ। ଏହାର ଉଲ୍ଲଂଘନ କଲେ ୨ ବର୍ଷ ଜେଲ୍ କିମ୍ବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ଦ୍ୱିତୀୟ ଥର ଆଇନ ଉଲ୍ଲଂଘନ ପାଇଁ ୫ ବର୍ଷ ଜେଲ୍ ସହ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ସେହିପରି ବେଆଇନ ତମାଖୁ ସାମଗ୍ରୀ ବିକ୍ରି ଲାଗି ୧ ବର୍ଷ ଜେଲ୍ ଓ ୫୦,୦୦୦ ଟଙ୍କା ଜରିମାନା ବ୍ୟବସ୍ଥା ଥିବାବେଳେ ଦ୍ୱିତୀୟ ଥର ଧରାପଡ଼ିଲେ ୨ ବର୍ଷ ଜେଲ୍ ଓ ୧ ଲକ୍ଷ ଜରିମାନା ଦେବାକୁ ହେବ। ବେଆଇନ ସିଗାରେଟ ଉତ୍ପାଦନ ପାଇଁ ୨ ବର୍ଷ ଜେଲ୍ ଓ ଲକ୍ଷେ ଟଙ୍କା ଜରିମାନା ପ୍ରସ୍ତାବ ରହିଛି। ନିଷିଦ୍ଧାଞ୍ଚଳରେ ଧୂମପାନ ପାଇଁ ଜରିମାନା ରାଶିକୁ ୨୦୦ରୁ ୨୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। କୌଣସି ବ୍ୟକ୍ତି ସିଧାସଳଖ କିମ୍ବା ପରୋକ୍ଷରେ ତମାଖୁ ସାମଗ୍ରୀ ପାଇଁ କୌଣସି ମାଧ୍ୟମରେ ବିଜ୍ଞାପନ କରିପାରିବେ ନାହିଁ। ସେହିପରି ସିଗାରେଟ ଓ ଅନ୍ୟ ତମାଖୁ ସାମଗ୍ରୀ ବ୍ୟବହାର ଲାଗି ସିଧାସଳଖ କିମ୍ବା ପରୋକ୍ଷରେ ପ୍ରୋତ୍ସାହିତ କରାଯାଇପାରିବ ନାହିଁ ବୋଲି ବିଲ୍‌ରେ କୁହାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ୮ରୁ ଖୋଲିବ ...

ପର୍ଯ୍ୟନ୍ତ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ଦେବା ପାଇଁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ପାଠପଢ଼ା ଜାନୁୟାରୀ ୮ରୁ ଏପ୍ରିଲ ୨୮ ପର୍ଯ୍ୟନ୍ତ ଚାଲିବ। ମାଟ୍ରିକ ପରୀକ୍ଷା ମେ’ ୩ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବ। ସେହିପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମେ’ ୧୫ରୁ ଜୁନ୍ ୧୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏପ୍ରିଲ ୨୭ରୁ ମେ’ ୨ତାରିଖ ମଧ୍ୟରେ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ପ୍ରାକ୍ଟିକାଲ ପରୀକ୍ଷା ହେବାକୁ ଥିବାବେଳେ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପ୍ରାକ୍ଟିକାଲ୍ ପରୀକ୍ଷା ଏପ୍ରିଲ ୨୯ରୁ ମେ’ ୧୪ତାରିଖ ପର୍ଯ୍ୟନ୍ତ ହେବ ବୋଲି ସରକାର ଘୋଷଣା କରିଛନ୍ତି।

ସୂଚନାଯୋଗ୍ୟ, କୋଭିଡ୍ ମହାମାରୀ କାରଣରୁ ଗତ ମାର୍ଚ୍ଚ ମାସ ୧୭ତାରିଖରୁ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିଲା। ତେବେ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଛାତ୍ରୀଛାତ୍ରଙ୍କ ନିମନ୍ତେ ବିଭିନ୍ନ ମାଧ୍ୟମରେ ଅନ୍‌ଲାଇନ୍ ଶିକ୍ଷାଦାନର ବ୍ୟବସ୍ଥା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ମେ’ ୪ରୁ ଜୁନ୍ ୧୦ତାରିଖ ଭିତରେ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ହେବ। ଏନେଇ ଗତ ୩୧ ତାରିଖରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ ଘୋଷଣା କରିଥିଲେ। ପରୀକ୍ଷା ଘୋଷଣା ପରେ ଛାତ୍ରୀଛାତ୍ରମାନେ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏପଟେ ସିବିଏସ୍‌ଇ ବୋର୍ଡ ପରୀକ୍ଷା ତାରିଖ ଧାର୍ଯ୍ୟପରେ ରାଜ୍ୟ ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା କେବେ ହେବ, ତାକୁ ନେଇ ସରକାର ବିଚାର ବିମର୍ଶ କରିଥିଲେ। ରାଜ୍ୟରେ ପ୍ରାୟ ୯ହଜାରରୁ ଉର୍ଦ୍ଧ୍ୱ ହାଇସ୍କୁଲ ଓ ପ୍ରାୟ ୧୨ଶହ ଯୁକ୍ତ୨ କଲେଜ ରହିଛି। ମାଟ୍ରିକରେ ପ୍ରତିବର୍ଷ ପାଖାପାଖି ୬ଲକ୍ଷ ପିଲା ପରୀକ୍ଷା ଦେଉଥିବାବେଳେ ଯୁକ୍ତ୨ରେ ପ୍ରାୟ ୩ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେଇଥାନ୍ତି।

## ପ୍ରତି କ୍ଲାସ୍‌ରୁମ୍‌ରେ ...

ନିଷ୍ପତ୍ତି ନେବେ। କେବଳ କଣ୍ଟେନ୍‌ମେଣ୍ଟ ଜୋନ୍ ବାହାରେ ଥିବା ସ୍କୁଲ ଖୋଲିପାରିବ। କଣ୍ଟେନ୍‌ମେଣ୍ଟ ଜୋନରେ ରହୁଥିବା ଛାତ୍ରୀଛାତ୍ର, ଶିକ୍ଷକ, କର୍ମଚାରୀ ବିଦ୍ୟାଳୟକୁ ପ୍ରବେଶ କରିପାରିବେ ନାହିଁ। କଣ୍ଟେନ୍‌ମେଣ୍ଟ ଜୋନ୍ ହେଲେ ଖୋଲିଥିବା ସ୍କୁଲ ତୁରନ୍ତ ବନ୍ଦ ହେବ। ଖୋଲିବା ପୂର୍ବରୁ ଆସବାବପତ୍ର, ଲାଇବ୍ରେରି ଇତ୍ୟାଦି ସାନିଟାଇଜ୍ ହେବ। ପାଇଖାନା ଓ ପାନୀୟ ଜଳ ବ୍ୟବସ୍ଥା ନ ଥିବା ସ୍କୁଲ ଖୋଲିପାରିବନି। ଏବେ କୌଣସି ହଷ୍ଟେଲ ଖୋଲିପାରିବନି। ଏଥିପାଇଁ ପରବର୍ତ୍ତୀ ସମୟରେ ଏସ୍‌ଓପି ଜାରି ହେବ। ବିଦ୍ୟାଳୟର ପରିବହନ ବ୍ୟବସ୍ଥା ଏବେ ହୋଇପାରିବ ନାହିଁ। ଅଭିଭାବକମାନେ ନିଜ ଦାୟିତ୍ୱରେ ପିଲାଙ୍କୁ ଛାଡ଼ିବେ। ଯେଉଁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ସୁସ୍ଥ ଅନୁଭବ କରୁଥିବେ, ସେମାନେ ହିଁ ବିଦ୍ୟାଳୟକୁ ଆସିପାରିବେ। କୌଣସି ପିଲାଙ୍କୁ ସ୍କୁଲ ଆସିବାକୁ ବାଧ୍ୟ କରାଯାଇପାରିବ ନାହିଁ। କେବଳ ଅଭିଭାବକ ଏବଂ ପିଲା ରାଜିଥିଲେ ସ୍କୁଲ ଆସିପାରିବେ। ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍ ମାଧ୍ୟମରେ ପାଠ ପଢ଼ିବାକୁ ଚାହିଁଲେ ଅନୁମତି ଦିଆଯାଇପାରିବ। ସେହିପରି କ୍ଲାସ ରୁମ୍‌ରେ ସାମାଜିକ ଦୂରତା ପାଇଁ ଗୋଟିଏ ସିଟ୍ ଛାଡ଼ି ବସିବେ। ପିଲାଙ୍କ ପାଇଁ ପରୀକ୍ଷା ଭଳି କ୍ଲାସ୍‌ରେ ନିର୍ଦ୍ଦିଷ୍ଟ ସିଟ୍ ବ୍ୟବସ୍ଥା ହେବ। ପ୍ରତ୍ୟେକ ପିଲାଙ୍କ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ସୁନିଶ୍ଚିତ କରିବାକୁ ପଡ଼ିବ। ଏଥିପାଇଁ ସମ୍ପୃକ୍ତ ସ୍ଥାନରେ ରୋଲ୍ ନମ୍ବର ଲେଖାଯାଇପାରିବ। ବିଦ୍ୟାଳୟର ଶ୍ରେଣୀଗୃହକୁ ସ୍ୱତନ୍ତ୍ର ଆଇସୋଲେଶନ ପ୍ରକୋଷ୍ଠ ଭଳି ପ୍ରସ୍ତୁତ କରିବାକୁ ହେବ। କରୋନା ଲକ୍ଷଣ ଦେଖାଗଲେ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ପାଇଁ ଏହି କୋଠରି ବ୍ୟବହାର ହୋଇପାରିବ।

ଗୋଟିଏ କ୍ଲାସ୍‌ରୁମ୍‌ରେ ସର୍ବାଧିକ ୨୦ରୁ ୨୫ ଜଣ ପିଲାଙ୍କୁ ବସାଇବେ। ବିଦ୍ୟାଳୟର ସମୟ ନିର୍ଘଣ୍ଟ ବ୍ୟବହାର କରାଯିବ। ବିଦ୍ୟାଳୟ ପରିସରରେ ଭିଡ଼ କମାଇବା ପାଇଁ ମଧ୍ୟାହ୍ନ ଭୋଜନ ବିରତି ଓ ଅନ୍ୟ ବିରତିକୁ କମ୍ ସମୟ ଦେବାକୁ ପଡ଼ିବ। ସ୍ୱାସ୍ଥ୍ୟକର ଓ ଭିଟାମିନଯୁକ୍ତ ଖାଦ୍ୟ ଆଣିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯିବ। ଏହି ଖାଦ୍ୟ ଯେପରି ଅନ୍ୟ ପିଲାଙ୍କୁ ସେମାନେ ନ ଦିଅନ୍ତି, ସେଥିପ୍ରତି ବିଦ୍ୟାଳୟ କର୍ତ୍ତୃପକ୍ଷ ଧ୍ୟାନ ଦେବେ। ଏପରିକି ବିଦ୍ୟାଳୟର ୧୦୦ ମିଟର ଭିତରେ ମଧ୍ୟ ବାହାର ଖାଦ୍ୟ ବିକ୍ରି ଯେପରି କରାଯାଇପାରିବ ନାହିଁ, ସେଥିପ୍ରତି ଦୃଷ୍ଟି ଦିଆଯିବାକୁ ନିର୍ଦ୍ଦେଶ ରହିଛି।

## ‘ଆଜିର ଷ୍ଟାର୍ଟଅପ୍ ...

ପର୍ଯ୍ୟଟନ ସ୍ଥଳ ରହିଛି। ବାନ୍ଧକଳା, ତାରକସୀ, ପ୍ରସ୍ତର, କାଠ ଓ କଂସାପିତ୍ତଳ ଭଳି କାରୁକାର୍ଯ୍ୟ ଦେଶ ଓ ଦେଶ ବାହାରେ ସୁନାମ ଅର୍ଜନ କରିଛି। ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଭଳି ବିପ୍ଳବୀ ଏହି ମାଟିରେ ଜନ୍ମ ନେଇଥିଲେ। ଆଇଆଇଏମ୍ ଛାତ୍ରୀଛାତ୍ର ଏହାକୁ ନେଇ ଗବେଷଣା କରିବାର ପର୍ଯ୍ୟାପ୍ତ ସୁଯୋଗ ପାଇବେ। ଏହାକୁ ଉପଯୋଗ କରି ଲୋକାଲ୍‌କୁ ଭୋକାଲ୍ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ବିଗତ ଦଶକରେ ବିଦେଶୀ ବହୁରାଷ୍ଟ୍ରୀୟ କମ୍ପାନୀ ଦେଶ ସମୃଦ୍ଧ କରାଇବାରେ ଏକ ଧାରା ଦେଖିବାକୁ ମିଳିଥିଲା। ଏବର୍ଷ କୋଭିଡ୍-୧୯ ସଙ୍କଟ ସତ୍ତ୍ୱେ ଦେଶ ପୂର୍ବବର୍ଷ ତୁଳନାରେ ଅଧିକ ସଶକ୍ତ ହୋଇଛି। କୃଷିଠାରୁ ଆରମ୍ଭ କରି ମହାକାଶ ଯାଏ ସବୁ କ୍ଷେତ୍ରରେ ସଂସ୍କାର ଆସିଛି। ଏଥିରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ମ୍ୟାନେଜମେଣ୍ଟ ବିଶେଷଜ୍ଞମାନେ ଦେଶକୁ ଆଗେଇନେବାରେ ବିଶେଷ ଭୂମିକା ଗ୍ରହଣ କରିଛନ୍ତି। ଦେଶରେ ୨୦୧୪ରେ ୧୩ଟି ଆଇଆଇଏମ୍ ରହିଥିଲା। ଏବେ ଏହି ସଂଖ୍ୟା ୨୦ରେ ପହଞ୍ଚିଛି। ଯୁବସମାଜ ପାଇଁ ଟ୍ୟାଲେଣ୍ଟ ପୋଲ ସଦୃଶ ହୋଇଛି। ଏହା ଆତ୍ମନିର୍ଭରକୁ ବ୍ୟାପକ କରିବାରେ ସାହାଯ୍ୟ କରିବ। ନୂଆ ସୁଯୋଗ ସହିତ ମ୍ୟାନେଜମେଣ୍ଟ ମଧ୍ୟ ନୂଆ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। କୋଲାବରେଟିଭ୍ ମ୍ୟାନେଜମେଣ୍ଟର ସମୟ ଆସିଛି। କୋଭିଡ୍ ସମୟରେ ଦେଶର ୧୩୦ କୋଟି ଲୋକଙ୍କୁ ସୁରକ୍ଷିତ ଭାବେ ରଖାଗଲା। ପିପିଇ କିଟ୍ ଟେକ୍ନୋଲୋଜିକାଲ୍ ମ୍ୟାନେଜମେଣ୍ଟ ଜରୁରୀ ରହିଥିଲା। ସେ ଉପରେ ଗବେଷଣା ହେବା ଆବଶ୍ୟକ ରହିଛି। ୪୦ କୋଟି ଗରିବ ଲୋକଙ୍କ ଜନଧନ ଖାତା ଖୋଲି ବ୍ୟାଙ୍କ ସହ ସମ୍ପର୍କ ସ୍ଥାପନ କରାଯାଇଛି। ଏହା ସହ ଉଜ୍ଜ୍ୱଳା ଯୋଜନାରେ ୯୮ ପ୍ରତିଶତ ଘରକୁ ରନ୍ଧନ ଗ୍ୟାସ ସରବରାହ ମ୍ୟାନେଜମେଣ୍ଟର ଦକ୍ଷତା ଯୋଗୁ ସମ୍ଭବ ହୋଇପାରିଛି। ମ୍ୟାନେଜମେଣ୍ଟ ଅର୍ଥ କେବଳ ବ୍ୟବସାୟ ନୁହେଁ, ଜୀବନକୁ ସମ୍ଭାଳିବା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ, ଓଡ଼ିଶା ପୂର୍ବ ଭାରତର ଏକ ଶିକ୍ଷା ହବ୍‌ରେ ପରିଣତ ହୋଇସାରିଛି। ଆଇଆଇଏମ୍ ସମ୍ବଲପୁର ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ କରିଆସୁଛନ୍ତି। ଆଗକୁ ମଧ୍ୟ କରିବେ। କେନ୍ଦ୍ରୀୟ ଅନୁଷ୍ଠାନ ଗୁଡିକ ଓଡ଼ିଶାରେ କରାଯାଉଥିବାରୁ ସେ ଧନ୍ୟବାଦ ଜ୍ଞାପନ କରିବା ସହ ଆଗକୁ ମଧ୍ୟ ଅନେକ ଏଭଳି ଅନୁଷ୍ଠାନ ଗଢ଼ିଉଠିବ ବୋଲି କହିଥିଲେ।

ସମ୍ବଲପୁର ଉପକଣ୍ଠ ବସନ୍ତପୁରରେ ନିର୍ମାଣ ହେବାକୁ ଥିବା ଏହି କ୍ୟାମ୍ପସର ଶିଳାନ୍ୟାସ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ, ଆଇଆଇଏମ୍ ସମ୍ବଲପୁର ଓଡ଼ିଶା ତଥା ପଶ୍ଚିମ ଓଡ଼ିଶାର ଆର୍ଥିକ ବିକାଶର ପେଣ୍ଠସ୍ଥଳୀ ହେବାର ସମ୍ଭାବନା ରଖୁଛି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ରଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଫଳରେ ଆଜି ଏହା ସମ୍ଭବ ହୋଇପାରିଛି। ୪୦୦କୋଟି ଟଙ୍କା ବ୍ୟୟରେ ଏହାର କ୍ୟାମ୍ପସ ନିର୍ମାଣ ଯୋଜନା ପ୍ରସ୍ତୁତ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହି ସ୍ୱପ୍ନ ବାସ୍ତବତାର ରୂପ ନେଇଛି ବୋଲି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ମହାଦେଓ ଜସୱାଲଙ୍କ ଅଧ୍ୟକ୍ଷତାରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ, କେନ୍ଦ୍ର ସୂଚନା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ, ଆଇଆଇଏମ୍ ପରିଚାଳନା ନିର୍ଦ୍ଦେଶକ ଅରୁନ୍ଧତି ଭଟ୍ଟାଚାର୍ଯ୍ୟ ଉପସ୍ଥିତ ରହିଥିଲେ। ସେହିପରି ଶିଳାନ୍ୟାସ ଉତ୍ସବ ମଞ୍ଚରେ କେନ୍ଦ୍ର ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ କର୍ମାଧିପ ଶତ୍ରୁ ନକ୍ଷତ୍ରରେ ଥିବାରୁ ସୁବିଧାରେ କାମ ସମ୍ପନ୍ନ ହେବନାହିଁ । ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଗୃହସୀମା କିମ୍ବା ଘରଭଡାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ଶିଳ୍ପ, ବୃତ୍ତି, ବ୍ୟବସାୟ ଭଲରେ ଚାଲିବ।

**ବୃଷ** ଶୁକ୍ର ଶୁକ୍ଳରାଶିରେ ପାପଯୁକ୍ତ କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବ । ପିଲାମାନଙ୍କ ଗୌରବ ସାମୟିକ ସାନ୍ତ୍ୱନାର କାରଣ ହେବାର ଆଶା ରହିଛି । ନିର୍ମାଣାଧୀନ କାମ ଶେଷ ହେବା ପୂର୍ବରୁ ସମସ୍ୟା ଦେଖାଦେବ।

**ମିଥୁନ** ରାଶ୍ୟାଧିପ ରବିଙ୍କ ସହ ରବି ନକ୍ଷତ୍ରସ୍ଥ ଯୋଗୁଁ ଯୋଜନାରମ୍ଭ ପାଇଁ ମନ ବଳାଇବେ। ଆଜି ବନ୍ଧୁମାନଙ୍କ ସହ ନିଜକୁ ମନୋରଞ୍ଜନ କାର୍ଯ୍ୟରେ ନିୟୋଜିତ କରିବେ। ପରିବାରରେ ପକ୍ଷପାତିତା କାରଣରୁ ସୁଯୋଗ ହରାଇ ବ୍ୟଥିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ।

**କର୍କଟ** ରବିଙ୍କ ଗୃହରେ ଚନ୍ଦ୍ର ହେତୁ ନୂଆ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ପୂର୍ବ ସମସ୍ୟା ଦୂର ହେବ। ଯାତ୍ରା ସମୟରେ ଯାନବାହନରେ ସତର୍କତା ଅବଲମ୍ବନ କରନ୍ତୁ। ନିଜ ପରିବେଶର ବ୍ୟକ୍ତିଙ୍କ ଅନୁରୋଧକ୍ରମେ ସମାଜକଲ୍ୟାଣ କାର୍ଯ୍ୟରେ ଯୋଗଦେଇପାରନ୍ତି।

**ସିଂହ** ଚନ୍ଦ୍ର ଷଷ୍ଠସ୍ଥ ଶନିଙ୍କ ସହ ଷଡ଼ାଷ୍ଟକସ୍ଥିତିରେ ରହିଥିବାରୁ ଦୂରଯାତ୍ରାରେ ପ୍ରତିବନ୍ଧକ ରହିବ ନାହିଁ। ବନ୍ଧୁମାନଙ୍କ ନିମନ୍ତ୍ରଣକ୍ରମେ ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇପାରନ୍ତି। ସରକାରୀ ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି। ନିର୍ମାଣ, କାରିଗରି, ରପ୍ତାନି, ବାଣିଜ୍ୟରେ ଉନ୍ନତି ହେବ।

**କନ୍ୟା** ଦ୍ୱାଦଶସ୍ଥ ଚନ୍ଦ୍ର ପ୍ରଭାବରେ ଆଜି ଯାହା ପାଇବାକୁ ଆଶା ବାନ୍ଧି ବସିଛନ୍ତି ତାହା ହୁଏତ ମିଳି ନ ପାରେ। ବ୍ୟବସାୟରେ ଲାଭ ମିଳିବ ; ମାତ୍ର ଅନ୍ୟ ବାଟରେ ବ୍ୟୟ ସୂଚନା ରହିଛି। ଗରିଷ୍ଠ ଖାଦ୍ୟର ବିଷମତା ହେତୁ ପେଟ ଗୋଳମାଳ ଦେଖାଦେଇପାରେ। ପରିବାରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ।

**ତୁଳା** ମଙ୍ଗଳ ପ୍ରଭାବରେ ରାଶି ଅର୍ଥଲାଭ ପାଇଁ କ୍ଷେତ୍ର ପ୍ରସ୍ତୁତ କରିପାରନ୍ତି। ଆଜି ବ୍ୟବସାୟରେ ଝଗଡା, ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହ ମତ ପାର୍ଥକ୍ୟ ମାନସିକ ଅଶାନ୍ତିର କାରଣ ହୋଇପାରେ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ସାମାଜିକ ସ୍ତରରେ ଉପୁଜିଥିବା ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିପାରନ୍ତି।

**ବିଛା** କର୍ମସ୍ଥ ଚନ୍ଦ୍ର ପାପଯୁକ୍ତ ଶୁକ୍ର ନକ୍ଷତ୍ରସ୍ଥ ଯୋଗୁଁ ଆନୁଷ୍ଠାନିକ କାମରେ ଅବହେଳା, ଘରୋଇ କଥାରେ ଝଗଡା, କାମରେ ପ୍ରତିବନ୍ଧକ କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଗାଡି ମରାମତି, ଘର ସାଜସଜ୍ଜା, ବ୍ୟବସାୟିକ ଆଲୋଚନା, ସଂଗଠନ ଓ ମାଲି ମକଦ୍ଦମାରେ ସମୟ ଅତିବାହିତ ହେବ। ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ଧନୁ** ରବି ଓ ବୁଧଙ୍କ ସ୍ଥିତି କର୍ମାରମ୍ଭ, ସାକ୍ଷାତ୍‌କାର, ସରକାରୀ କାର୍ଯ୍ୟ ସକାଶେ ଅନୁକୂଳତା ପ୍ରଦାନ କରିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ବିବ୍ରତ ହେବେ। କାର୍ଯ୍ୟରେ ପ୍ରତିବନ୍ଧକ ହେତୁ ବିଚଳିତବୋଧ କରିବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ।


**ମକର** ରାଶିରେ ବୃହସ୍ପତିଙ୍କ ଯୋଗୁଁ ପ୍ରତୀକ୍ଷିତ ଖବରଟି ପଡୋଶୀଙ୍କଠାରୁ ପାଇ ଖୁସି ହେବେ। ପରିବାରରେ କାହା ସହ କାହାର ନ ପଡ଼ିବାରୁ ମାନସିକ ଅଶାନ୍ତି ଦେଖାଦେବ । ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। କିନ୍ତୁ ଅର୍ଥ ସଙ୍କଟ ମଧ୍ୟରେ ଗତି କରିବେ।

**କୁମ୍ଭ** କର୍ମକ୍ଷେତ୍ରରେ ଗୁଜବ ମାନସିକ ସ୍ଥିରତାକୁ ବିକ୍ଷିପ୍ତ କରିପାରେ। କୌଣସି ବିବାଦୀୟ ପରିସ୍ଥିତିରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁମାନେ ଅସହଯୋଗ କରିବା ଦ୍ୱାରା କେତେକ କାମ ବିଳମ୍ବରେ ସମ୍ପନ୍ନ ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଶୁଭଫଳ ମିଳିବ। ଆର୍ଥିକ ସ୍ଥିତି ଦୁର୍ବଳ ରହିବ ।

**ମୀନ** ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ। ପୂର୍ବବିବାଦକୁ ମନେପକାଇ ମିତ୍ର ବନ୍ଧୁମାନେ ଅସହଯୋଗ କରିପାରନ୍ତି। ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବା ଦୁଶ୍ଚିନ୍ତାର କାରଣ ହୋଇପାରେ। ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ।

ଆଜି ପୌଷ କୃଷ୍ଣ ଚତୁର୍ଥୀ ଯୁକ୍ତ ୫ମୀ ରବିବାର, ଜାନୁୟାରୀ ୩ ତାରିଖ, ରାଶି ନକ୍ଷତ୍ର-ମଘା/ସିଂହ, ମେଷ ରାଶିର ଘାତବାର, ସକାଳ ଘ.୦୭.୦୯ମି. ଗତେ ଘ.୦୯.୧୯ମି. ମଧ୍ୟେ, ଘ.୧୨.୧୨ମି. ଗତେ ଘ.୦୩.୦୬ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୩.୪୯ମି. ଗତେ ଘ.୦୪.୩୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୩.୫୫ମି. ଗତେ ଘ.୦୫.୧୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



MATRIMONIAL

**BRIDE WANTED**

ବ୍ରାହ୍ମଣ, ଗୁଡ଼ିଆ, ଖଣ୍ଡାୟତ, ତେଲି, ବେଙ୍ଗଲୀ, କରଣ ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68266

**GROOM WANTED**

Beautiful girl 25+ Railway 27+ Bank Manager "Suhag" 9938199964, 9090486408. D-69468

ବୟସ34, Government job କରୁଥିବା divorcee Karan ଝିଅଙ୍କ ପାଇଁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। +917077495623. D-19455

Khandayat girl B.Tech, MBA (XIMB), 1992, 5'3" Software engineer (Bangalore) Sangaam. 9338224867, 8249768787. D-70403

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



real estate

**SALE**

ଭୁବନେଶ୍ୱରରେ ସାମନ୍ତରାପୁର ନୂଆଗାଁ, ଗଙ୍ଗପଡ଼ା, ମଦନପୁରରେ ଘରବାରି ପ୍ଲଟ୍ ବିକ୍ରିହେବ। 9437287595, 7978747764. D-19454

2BHK simplex at Gouri garden, Gouri Nagar, Ravi Talkies road, Bhubaneswar with parking. Contact: 7008297488. D-67582

ଭୁବନେଶ୍ୱର ସୁନ୍ଦରପଦା Xavier University back sideରେ ଘରବାରି ପ୍ଲଟ୍ ମିଳୁଅଛି। 7848882166. D-70142

Bhubaneswar Janla residential purpose 2000sqft land near Aditya Hyundai opposite HP petrol pump for sale @1250 per sqft. M- 8260667978. D-19439

C.V. Raman College ପାଖରେ ଘରବାରି yellow zone 4000sqft. plot ବିକ୍ରିହେବ। Contact: 9778928492. D-70209

Earthquake proof 2BHK flat in Apartment Avantika near Gokul Residency on Rasulgarh GGP Pandra road for immediate sale with special discount. Contact: 9437396718, 8763935874 during office hour. D-69953

3BHK flat, 1750sqft. Rs.4200/- per sqft. only 2nd floor available opposite side road Reliance Fresh, Samantarapur, Bhubaneswar handover- July-2021. Contact: 7008673872, 8598902781. D-69467

2BHK readymade flat for sale near Garage Chhak, Bhubaneswar-2, 7873492433. D-70207

Hanspal Canalroadରେ Gharabari, Electricity, Boundary ଥାଇ Plot ବିକ୍ରି ହେଉଛି। ଯେଉଁମାନେ Immediate ଘର କରିବେ ସେମାନେ Call କରନ୍ତୁ। Sq.ft. 750/-. 9437005434 D-70136

Bhubaneswar ସୁନ୍ଦରପଦାରେ ଆଜି ଘର କରିବା ପ୍ଲଟ୍ sqft.- 950/- investment plot near Xavier University-299/-, Deras (Kateni) 650/- Lipsa- 9938016295. D-70139

କଟକ ନନ୍ଦନକାନନ ମଧ୍ୟରେ ସ୍ଥିତିବାନ ପ୍ଲଟ୍ ବର୍ଗଫୁଟ ୪୯୯/-ରେ ମିଳୁଛି। 9776862716, 7008068622. D-69358

Only 2Nos. of premium duplex 7BHK left near KIIT Jagannath Mandir 1.15 crore negotiable. 9937095445. D-69600

Booking open for 3BHK/ 2BHK luxurious & premium flat at Surya Nagar, Bhubaneswar, genuine buyer please Contact- (D.K.ASSOCIATES). 9937329999. D-69951

Ready to move Duplex for sale at DHPL Villa One Kalarahanga. Contact: 9937059891. D-19208

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70133

ଭୁବନେଶ୍ୱର ଗୋଠପାଟଣା IIIT, Birla Global University ପାଖରେ ଘରବାରି yellowzone, 30' road, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 1st possession/ registration. 9937819395. D-70125

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Bhubaneswar. Khordha NH side Pitapalli Chhaka ନିକଟରେ plot ମିଳୁଛି। 9090963952. D-70141




to-let

Two BHK with Car Parking available for family at Palasuni. Contact: 9425275445. D-19373

2BHK flat near Bhubaneswar Club, Unit-6, Contact: 9437778642. D-70208



healthcare

Newly open evergreen SPA Offer @ 799/- Jaydev Vihar. 7846814019. D-59973

ଡା. ଅଞ୍ଜନ ଷଡ଼ଙ୍ଗୀ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଓମ୍ ସେବା ପଲ୍ଲିକ୍ଲିନିକ୍, ସାତ ମହଲା ହସ୍‌ପିଟାଲ ରୋଡ୍, ବାରିପଦା। Mob: 9861133366, 8917663804. D-19432

Revitalize your self with our ayurvedic massage and refreshment, Call: 7381239385. D-70075

Experience full body massage with expert therapists. Call: 7377048581. D-70076

Swarna SPA newly open positively health benefits with expert therapist. 9556978408. D-70080

Rejuvenate and Ayurvedic full body massage by smart therapist. 9348123330. D-70081

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୱାର୍ଡମେମ୍ବରଙ୍କୁ ହତ୍ୟା

ଏମ୍‌ଭି୭୯,(ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ମୋଟୁ ଥାନା ଅନ୍ତର୍ଗତ ଘାର୍ଷାପଲି ଗ୍ରାମରେ ଜଣେ ୱାର୍ଡ ମେମ୍ବରଙ୍କୁ ହତ୍ୟା କରାଯାଇଛି। ତାଙ୍କ ନାମ ବାଡ଼ଛି ଚିନା। ଶୁକ୍ରବାର ରାତିରେ ସେ ଶୋଇଥିବା ବେଳେ କେହି ଜଣ ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିଥିବା ତାଙ୍କ ସ୍ତ୍ରୀ ବୁଟି ବାଡ଼ଛି ଅଭିଯୋଗ କରିଛନ୍ତି। ଚିନା ଗ୍ରାମରେ ପ୍ରାୟ ୧୦ ବର୍ଷ ହେଲା ୱାର୍ଡମେମ୍ବର ଏବଂ ଗ୍ରାମ ମୁଖ୍ୟ ଭାବେ କାମ କରି ଆସୁଥିଲେ। ଘଟଣା ସ୍ଥଳରେ ମୋଟୁ ପୋଲିସ ପହଞ୍ଚି କେସ ନଂ. ୧/୨୧ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

| ପର୍ଯ୍ୟଟନସ୍ଥଳୀ |

# ଆପ୍‌ଖୋଲ




ବରଗଡ଼ ଜିଲାର ଦେବ୍ରିଗଡ଼ ଅଭୟାରଣ୍ୟ। ଏଠାରେ ରହିଥିବା ଖୋଲ (ପାହାଡ଼ ମଝିରେ ଫାଙ୍କ) ରେ ସର୍ବଦା ପାଣି ଜମି ରୁହେ। ଲୋକେ ତାକୁ କୁହନ୍ତି ଆପ୍‌ଖୋଲ। ସେଠାରେ ୩ଟି ବଡ଼ ଝରଣା ରହିଛି। ଏହା ଉପରକୁ ରହିଛି ଆଉ ଏକ ଝରଣା। ତାକୁ ବଡ଼ଆପ୍ ବୋଲି କୁହାଯାଏ। ଜଙ୍ଗଲର ସମସ୍ତ ଜୀବଜନ୍ତୁ ସେଠାକୁ ପାଣି ପିଇବାକୁ ଆସନ୍ତି। ଏହା ଏକ ପିକ୍‌ନିକ୍ ସ୍ପଟ୍। ଜୀବଜନ୍ତୁଙ୍କ ସୁରକ୍ଷା ଦୃଷ୍ଟିରୁ ଏଠାରେ ପଲିଥିନ ପକାଇବା ମନା। ଏଭଳି ଏକ ପର୍ଯ୍ୟଟନସ୍ଥଳୀ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି। ସବୁଦିନିଆ ରାସ୍ତା ସହିତ ଏହାର ଉନ୍ନତୀକରଣ ଦିଗରେ ପଦକ୍ଷେପ ନିଆଗଲେ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ।

### କେମିତି ଯିବେ

ବରଗଡ଼ଠାରୁ ଭଟଲି ରାସ୍ତାରେ ୧୮କି.ମି ଗଲେ ଗୋପାଳପୁର ଏବଂ ସେଠାରୁ ଡାହାଣକୁ ମୂଲବାର ରାସ୍ତାରେ ଶରଧାପାଲି ଗ୍ରାମ ଦେଇ ୧୫କି.ମି ରାସ୍ତା ଅତିକ୍ରମ କଲେ ଆପ୍‌ଖୋଲରେ ପହଞ୍ଚି ହେବ। ସେହିପରି ଅମ୍ବାଭୋନା ରାସ୍ତାର ମେଣ୍ଢାପାଲି ଛକରୁ ମଧ୍ୟ ଜଙ୍ଗଲି ରାସ୍ତାରେ ପ୍ରାୟ ୧୦କି.ମି ଗଲେ ଆପ୍‌ଖୋଲ ପଡିବ। କାର୍, ଅଟୋ, ବାଇକ୍‌ରେ ସେଠାକୁ ଯାଇହେବ। ପାହାଡ଼ ତଳେ ଗାଡ଼ି ରଖି ଆପ୍‌ଖୋଲ ଝରଣା ପାଣିର ଧାରେ ଧାରେ ପ୍ରାୟ ୧୦କି.ମି ରାସ୍ତା ଚାଲି ଚାଲି ଯିବାର ମଜା ନିଆରା।

– ରିପୋର୍ଟ: ପ୍ରେମାନନ୍ଦ ଖମାରୀ/ସଞ୍ଜୀବ ଷଡ଼ଙ୍ଗୀ

# ୩୧ ସ୍ଥାନରେ ଡ୍ରାଏ ରନ୍ ଆରମ୍ଭ

ଭୁବନେଶ୍ୱର, ୨।୧(ବ୍ୟୁରୋ)

କରୋନା ଟିକାକରଣ ପାଇଁ ଶନିବାର ସାରା ଦେଶରେ ଡ୍ରାଏ ରନ୍ ଆରମ୍ଭ ହୋଇଛି। ଏହିକ୍ରମରେ ଓଡ଼ିଶାରେ ମଧ୍ୟ ଟିକାକରଣର ପ୍ରାକ୍ ଅଭ୍ୟାସ କରାଯାଉଛି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ୩୦ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମିଶାଇ ମୋଟ ୩୧ ସ୍ଥାନରେ ଏହି ଅଭ୍ୟାସ କରାଯାଇଛି। ଦେଶରେ ଓଡ଼ିଶା ହେଉଛି ଗୋଟିଏ ରାଜ୍ୟ ଯେଉଁଠାରେ ସବୁଜିଲାରେ ଡ୍ରାଏ ରନ କରାଯାଉଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଏଥିପାଇଁ ସମସ୍ତ ଜିଲା କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଏସ୍‌ଓପି ଜାରି କରାଯାଇଥିଲା। କ୍ୟାପିଟାଲ ହସ୍ପିଟାଲ ଓ ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକ ପାଇଁ କୋ ୱିନ୍ ୱେବ୍ ପୋର୍ଟାଲରେ ୟୁଜର ଆଇଡି ପ୍ରସ୍ତୁତ କରାଯାଇଛି। ଡ୍ରାଏ ରନ୍ ସମୟରେ କୋଭିଡ୍‌ର ସମସ୍ତ ନିୟମ ପାଳନ କରାଯିବାକୁ ନିର୍ଦ୍ଦେଶ ରହିଛି। ଯେଉଁମାନେ ଟିକା ନେବେ ସେମାନଙ୍କର ନାମ ପଞ୍ଜୀକରଣଠାରୁ ଆରମ୍ଭ କରି ଟିକା ପ୍ରଦାନ ଓ ଏହାର ପରବର୍ତ୍ତୀ ଯତ୍ନ ନେଇ ଅଭ୍ୟାସ କରାଯାଉଛି। ପ୍ରତି ପଏଣ୍ଟରେ ୫ଜଣ ଲେଖାଏ କର୍ମଚାରୀ ଅଛନ୍ତି। ସେଠାରେ ୨୫ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଡେମୋ ଟିକା ଦିଆଯାଉଛି। ଏହି ଅବସରରେ କ୍ୟାପିଟାଲ ହସ୍ପିଟାଲରେ ଟିକା ଡ୍ରାଏ ରନ୍ ପ୍ରକ୍ରିୟାର ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର।



କ୍ୟାପିଟାଲ ହସ୍ପିଟାଲରେ କରୋନା ଟିକା ଲାଗି ଡ୍ରାଏ ରନ୍ ସମୟରେ ସ୍ୱାସ୍ଥ୍ୟ ସଚିବ ପ୍ରଦୀପ୍ତ ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଡ୍ରାଏ ରନ୍ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, କୋଭିଡ୍-୧୯ ଟିକା ଆସିବା ପରେ ସମଗ୍ର ରାଜ୍ୟରେ ଦ୍ରୁତ ଟିକାକରଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ଜିଲାରେ ଶନିବାରଠାରୁ ଟିକାକରଣ ପୂର୍ବାଭ୍ୟାସ କରାଯାଉଛି। ଏହି ପ୍ରକ୍ରିୟା ପାଇଁ ରାଜ୍ୟ ସରକାର ଆବଶ୍ୟକ ଭିତ୍ତିଭୂମି ଓ ମାନବସମ୍ବଳର ସୁବ୍ୟବସ୍ଥା କରିଥିବ ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ ଓ ବୟସ୍କ ବ୍ୟକ୍ତିଙ୍କୁ ଟିକା ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୨୦ ହଜାର ଲୋକଙ୍କୁ ଟିକାଦାନ ପାଇଁ ପ୍ରାଥମିକ ତାଲିକା ପ୍ରସ୍ତୁତ ହୋଇଛି।

## କୃଷି ଆଇନକୁ ମାଓବାଦୀଙ୍କ ବିରୋଧ

ଚିତ୍ରକୋଣ୍ଡା,୨।୧(ଡି.ଏନ.ଏ.)

ନୂତନ କୃଷି ଆଇନକୁ ବିରୋଧକରି ମାଓବାଦୀମାନେ କୃଷକ ସଙ୍ଗଠନକୁ ସମର୍ଥନ କରିଛନ୍ତି। ଦେଶର ବଡ ନିବେଶକଙ୍କ ପାଖରେ କୃଷି ବ୍ୟବସ୍ଥାକୁ ଟେକିଦିଆଯାଇଛି। ଏହା ବିରୋଧରେ ଗଢି ଉଠିଥିବା କୃଷକ ଆନ୍ଦୋଳନ ଯଥାର୍ଥ ବୋଲି ଆନ୍ଧ୍ର ଓଡ଼ିଶା ବର୍ଡର ସ୍ପେଶାଲ ଜୋନାଲ କମିଟି ପକ୍ଷରୁ ଜାରି ଏକ ପତ୍ରରେ କୁହାଯାଇଛି। କମିଟିର ସମ୍ପାଦକ ଗଣେଶ କହିଛନ୍ତି, ଏହି ଆନ୍ଦୋଳନରେ ଶହୀଦ ହୋଇଥିବା କୃଷକଙ୍କୁ ଆମେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଭାଜପା ଏବଂ ଆର୍‌ଏସ୍‌ଏସ୍ ଗଣମାଧ୍ୟମରେ ବହୁ ମିଥ୍ୟା ତଥ୍ୟ ପ୍ରଚାରକରି ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପରିସ୍ଥିତିରେ ପଡି ଆତ୍ମହତ୍ୟା ସମସ୍ୟାର ସମାଧାନ ନୁହେଁ ବୋଲିକହି ଦେଶରୁ ପୁଞ୍ଜିପତିଙ୍କୁ ହଟେଇବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି।

# ୧୨ରେ ରଥକାଠ ପାଇଁ ଗଛକଟା ଅନୁକୂଳ

ଦଶପଲ୍ଲା,୨।୧(ଡି.ଏନ୍.ଏ.)

ପୁରୀରେ ଶ୍ରୀଜୀଉମାନଙ୍କ ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ନୟାଗଡ ଜିଲା ଦଶପଲ୍ଲା ବନାଞ୍ଚଳରୁ ଯୋଗାଇ ଦିଆଯିବାର ବିଧି ରହିଛି। ସେଥିପାଇଁ ଶ୍ରୀମନ୍ଦିର ପଞ୍ଜିକାରଙ୍କ ଗଣନା ଆଧାରରେ ଦିନ, ବାର, ସମୟ ସ୍ଥିର ହେବା ପରେ ପ୍ରସ୍ତୁତି ଆରମ୍ଭ ହୁଏ। ତଦନୁଯାୟୀ ଚଳିତବର୍ଷ ଆସନ୍ତା ୧୨ତାରିଖ ମଙ୍ଗଳବାର ଗଛ କଟା ଅନୁକୂଳ କରାଯିବ। ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରୁ ନୀତିପ୍ରଶାସକଙ୍କ ସହ ଏକ ଦଳ ପ୍ରଭୁଙ୍କ ଆଜ୍ଞାମାଳ, ପାଟପଡନୀ, ଖଣ୍ଡୁଆ, ମହାପ୍ରସାଦ ନେଇ ନୟାଗଡ଼ରେ ପହଞ୍ଚିବା ପରେ ତାଙ୍କୁ ପାଛୋଟି ଆଣି ଅତିଥି ଶାଳାରେ ରଖାଯିବ। ତା'ପରଦିନ ପ୍ରତ୍ୟୁଷରୁ ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବେଠିଆସାହି ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରି ମା'ବଡରାଉଳଙ୍କ ପୀଠକୁ ଯିବେ। ସେଠାରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଆଦି ସମର୍ପଣ ସହ ହୋମ କରାଯିବ। ପରେ ମହାରଣା ସେବକ ଗଛ ଚିହ୍ନଟ କରି ପ୍ରଥମ ଚୋଟ ଦେବା ପରେ କାଠ କଟା ଆରମ୍ଭ ହେବ। ଏହି ନୀତିକୁ ଦର୍ଶନ କରିବାକୁ ଶତାଧିକ ଗ୍ରାମବାସୀ ଏକାଠି ହୋଇଥାନ୍ତି। ଗଛ କଟା ସମୟରେ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳିରେ ସେହି ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥାଏ।




## ଦୁଇଦିନ ପ୍ରବଳ କୁହୁଡ଼ି

### ୟେଲୋ ୱାର୍ନିଂ ଜାରିକଲା ପାଣିପାଗ ବିଭାଗ

ଭୁବନେଶ୍ୱର,୨।୧(ବ୍ୟୁରୋ)

ଆସନ୍ତା ଦୁଇଦିନ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ରବିବାର ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ କନ୍ଧମାଳ ଜିଲାରେ ପ୍ରବଳ କୁହୁଡି ହେବ। ସେହିପରି ସୋମବାର ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗାଡ଼ି ଚଳାଚଳ ବେଳେ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। କୁହୁଡ଼ି ଯୋଗୁ ୨୦୦ ମିଟର ଦୂର ଖାଲିଆଖିରେ ଦେଖାଯିବ ନାହିଁ। ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ରାଜପଥରେ ଦୁର୍ଘଟଣାକୁ ରୋକିବା ପାଇଁ ଗାଡ଼ି ଚଳାଚଳକୁ ନିୟନ୍ତ୍ରଣ କରିବାକୁ ପରିବହନ ବିଭାଗ ଅଧିକାରୀ ଓ ପୋଲିସକୁ ପରାମର୍ଶ ଦିଆଯାଇଛି।























ବର୍ତ୍ତମାନ ସେହି ନିର୍ଦ୍ଧାରିତ ସମୟ ଆସିଯାଇଛି। ଏତିକି ବେଳେ ହିଁ ଆମ ସମସ୍ତଙ୍କୁ ଦୃଢ଼ତା ଓ ନିଶ୍ଚିତ ବିଶ୍ୱାସ ରଖିବାକୁ ପଡ଼ିବ। ପ୍ରଭୁ! ମିଥ୍ୟାକୁ ଜୟକରିବା ଲାଗି ଆମକୁ ଶକ୍ତି ଦିଅ ଏବଂ ଆମେ ଯେପରି ତୁମରି ସତ୍ୟ ଓ ପବିତ୍ରତାକୁ ସଂପୂର୍ଣ୍ଣ ଭାବେ ଆଦରି ନେଇ ଏବଂ ତୁମର ବିଜୟ ସକାଶେ ଉପଯୁକ୍ତ ହେଉ। —ଶ୍ରୀମା

# କେଉଁଆଡ଼କୁ ମୁହାଁଇଛେ



ଆକାର ପଟେଲ

ବିଶ୍ୱ ସ୍ତରରେ ଦେଶଗୁଡ଼ିକର ବିଭିନ୍ନ ସ୍ଥିତି ଉପରେ ଅନୁଧ୍ୟାନ କରୁଥିବା ଜଣାଶୁଣା ସୂଚକଗୁଡ଼ିକ ମଧ୍ୟରୁ ଫ୍ରାଜାଇଲ ଷ୍ଟେଟ୍‌ସ ଇଣ୍ଡେକ୍ସ ଅନ୍ୟତମ। ୨୦୧୪ରୁ ଭାରତର ସ୍ଥିତି ଉପରେ ଏହା ଆକଳନ କରିଛି। ପୂର୍ବରୁ ଏହାକୁ ଫେଲ୍‌ଡ ଷ୍ଟେଟ୍‌ସ ଇଣ୍ଡେକ୍ସ କୁହାଯାଉଥିଲା। ଏହା ବିଭିନ୍ନ ଦେଶର ସବୁ ପ୍ରକାର ସୁରକ୍ଷା ତଥା ଅର୍ଥନୈତିକ ବିକାଶ ସମ୍ପର୍କିତ ରେକର୍ଡ ସଂଗ୍ରହ କରେ ଓ ତା'ଉପରେ ଅନୁଧ୍ୟାନ କରି ଦେଶଗୁଡ଼ିକୁ ବର୍ଗୀଭୁକ୍ତ କରିଥାଏ। ଯେଉଁ ଦେଶଗୁଡ଼ିକ ସେମାନଙ୍କ ସଫଳତା ଜାରି ରଖିବାର ସମ୍ଭାବନା ଅଧିକ, ସେମାନଙ୍କ ମଧ୍ୟରେ ରହିଛନ୍ତି କାନାଡା, ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ ସମେତ ଫିନଲାଣ୍ଡ, ନରୱେ, ଡେନମାର୍କ ଏବଂ ଆଇସ୍‌ଲାଣ୍ଡ ଭଳି ଉତ୍ତର ୟୁରୋପୀୟ ଦେଶ। ଭାରତ ଏହି ବର୍ଗରେ ନାହିଁ କି ଏହା ପର ବା ତା'ପର ବର୍ଗ, ଯାହା ସ୍ଥାୟୀ ଓ ସ୍ଥିର ସେଥିରେ ବି ସ୍ଥାନ ପାଇନାହିଁ। ଏହା ତଳ ଆଡୁ ୫ ବର୍ଗ 'ଏଲିଭେଟେଡ୍ ୱାର୍ନିଂ'ରେ ରହିଛି। ଆମ ସହ କଲମ୍ବିଆ, ବ୍ରାଜିଲ, ଇସ୍ରାଏଲ, ଆଲ୍‌ଜେରିଆ, ରୁଷିଆ ଏବଂ ସେନେଗାଲ ଆଦି ଦେଶଗୁଡ଼ିକ ବର୍ଗୀଭୁକ୍ତ ହୋଇଛନ୍ତି। ଏହି ବର୍ଗରେ ୩୦ ଦେଶ ରହିଛନ୍ତି, କିନ୍ତୁ ଏମାନଙ୍କ ମଧ୍ୟରୁ ମାତ୍ର ୪ଟି ଦେଶ ଗତ ବର୍ଷରୁ ତଳକୁ ଖସିଛନ୍ତି। ସେହି ୪ଟି ଦେଶ ହେଲେ ବ୍ରାଜିଲ, କଲମ୍ବିଆ, ବଲିଭିଆ ଏବଂ ଭାରତ। ଭାରତର ସମସ୍ତ ବିଷୟ ଉପରେ ଏହି ଇଣ୍ଡେକ୍ସ ସୂଚାଇ ଦେଇଛି। ବିକଶିତ ତଥା ଗଣତାନ୍ତ୍ରିକ ପାଶ୍ଚାତ୍ୟ ଦେଶଗୁଡ଼ିକର ଭବିଷ୍ୟତ ସହ ଆମ ଦେଶର ଭବିଷ୍ୟତ ଯୋଡ଼ି ନ ହୋଇ ଏହିସବୁ ଦେଶଗୁଡ଼ିକ ସହ ରହିବାର ସମ୍ଭାବନା ଅଧିକ ବୋଲି କାହିଁକି ବିଚାର କରାଯାଇଛି ସେ ସମ୍ପର୍କରେ ମଧ୍ୟ ସୂଚାଇ ଦେଇଛି ଏହି ଇଣ୍ଡେକ୍ସ।

ଦୁର୍ବଳ ବିଚାରଧାରାଭିତ୍ତିକ ସଂସ୍କାର ଏବଂ ଏହାକୁ ଲାଗୁ କରିବାରେ ତ୍ରୁଟି କାରଣରୁ ଭାରତୀୟ ଆର୍ଥିକ ଅଭିବୃଦ୍ଧି ମାନ୍ଦା ରହିବା ସହ ୧୯୭୮ ପରଠାରୁ ସବୁଠୁ କମ୍ ସ୍ତରରେ ରହିଛି। ଦେଶର ଘରୋଇ ଶିଳ୍ପଗୁଡ଼ିକୁ ସୁରକ୍ଷା ଦେବା ଲାଗି ଆପଣାଇଥିବା ନୀତି, ଉଚ୍ଚ ସରକାରୀ ନିବେଶ, ବ୍ୟାଙ୍କ ଲେଣ୍ଡିଂ ଟାର୍ଗେଟ ଏବଂ ପ୍ରତ୍ୟକ୍ଷ ରପ୍ତାନି ସହାୟତା ଆଦିରେ ମୋଦିଙ୍କ ପଦକ୍ଷେପ ଆର୍ଥିକ ଅଭିବୃଦ୍ଧି ବଢ଼ାଇବାରେ ସକ୍ଷମ ହୋଇପାରି ନାହିଁ। ଜାତୀୟ ନାଗରିକତ୍ୱ ପଞ୍ଜୀକରଣ (ଏହା ସାରା ଦେଶରେ ଲାଗୁ ହେଉଛି କି ନାହିଁ ତାହା ନେଇ ଆମେ ବି ନିଶ୍ଚିତ ନାହୁଁ), କାଶ୍ମୀରରେ ସଙ୍କଟ ଏବଂ ବାକ୍ ସ୍ୱାଧୀନତା ଉପରେ ଆକ୍ରମଣ ଠାରୁ ଆରମ୍ଭ କରି ଦେଶର ସୁରକ୍ଷା ବ୍ୟବସ୍ଥାରେ ରହିଥିବା ସମସ୍ୟାଗୁଡ଼ିକୁ ଏହା ମଧ୍ୟ ରେକର୍ଡ କରିଛି। ଯେତେବେଳେ କୌଣସି ଦେଶର ସରକାର ନିୟନ୍ତ୍ରଣରେ ରହେ ନାହିଁ, ସେତେବେଳେ ସେହି ଦେଶକୁ ଏକ ବିଫଳ ଦେଶ କୁହାଯାଏ। ଆଇନର ଶାସନ, ଅର୍ଥବ୍ୟବସ୍ଥା, ସୁରକ୍ଷା, ସ୍ଥିରତା ଏବଂ ବିକାଶର ନିୟନ୍ତ୍ରଣ କଥା ଏଠାରେ କୁହାଯାଉଛି। ଏକ ସୁବ୍ୟବସ୍ଥିତ ଗଣତାନ୍ତ୍ରିକ ଦେଶ ଭାବେ ଭାରତର ଇତିହାସ ଜଡ଼ିତ ରହିଛି ଏବଂ ଦୟାଳୁ ଦେଶ ଭାବେ ସାରା ବିଶ୍ୱରେ ଏହାର ଯେଉଁ ପରିଚୟ ରହିଛି ତାହା ଆମର କ୍ଷତିକାରକ ପ୍ରବୃତ୍ତିକୁ ନଜର ଆଢୁଆଳରେ ରଖିଦେଇଛି। ଭାରତ ଏକମାତ୍ର ଦେଶ, ଯିଏ ତା' ନାଗରିକମାନଙ୍କ ପ୍ରତି ଉଗ୍ର ସ୍ୱଭାବ ପ୍ରଦର୍ଶନ କରୁଛି, ଯାହା ଅନ୍ୟ ଦେଶଗୁଡ଼ିକୁ ଚିନ୍ତାରେ ପକାଇଦେଇଛି। ଆର୍ଥିକ ମୋର୍ଚ୍ଚା ସମ୍ଭାଳିବାର ବିଫଳତାକୁ ତା'ର ହିନ୍ଦୁତ୍ୱ ଏଜେଣ୍ଡା ସହ ଯୋଡ଼ିଛି ବିଶ୍ୱ। କାରଣ ଭାରତର ସୁରକ୍ଷା କବଚ କୁହାଯାଉଥିବା ସାମାଜିକ ବନ୍ଧନକୁ ଏହା ଭାଙ୍ଗି ଅଲଗା କରିଦେଇ ତାହାକୁ କ୍ଷତି ପହଞ୍ଚାଇଛି। କେବଳ ମୂଳ କଥାକୁ ଏହି ଇଣ୍ଡେକ୍ସ ଆକଳନ କରିନାହିଁ, ବରଂ ଆମର ଭବିଷ୍ୟତ କେଉଁଆଡେ ମୁହାଁଉଛି ତାହା ମଧ୍ୟ ସୂଚାଇ ଦେଇଛି। କିନ୍ତୁ ଏହାକୁ କିଭଳି ସମାଧାନ କରାଯାଇ ପାରିବ, ସେ ବିଷୟରେ କିଛି ପ୍ରକାଶ କରିନାହିଁ। ହେଲେ ଆମର ସାଧାରଣ ଜ୍ଞାନ କହୁଛି, ମୋଦିଙ୍କ ଅଧୀନରେ ଆମେ ଯାହା କରୁଛୁ ତାହାକୁ ପ୍ରଥମେ ବନ୍ଦ କରିବା ଦରକାର। କାରଣ ଏହା ଆମକୁ ଭୁଲ୍ ବାଟରେ ନେଇଯାଉଛି। ଉଭୟ ସାମାଜିକ ଓ ଆର୍ଥିକ ରୂପେ ଆମେ ଦୁର୍ବଳ ହୋଇଯାଇଥିଲେ ବି ଦେଖେଇଦେବାକୁ ଏହା କରିଚାଲିଛୁ। ୨୦୧୨ରେ ଭାରତୀୟମାନେ ଯାହା ରୋଜଗାର କରୁଥିଲେ ଏବଂ ଖାଉଥିଲେ ୨୦୧୮ରେ ଏସବୁ କମ୍ ରହିଥିଲା ବୋଲି ସରକାର ଦର୍ଶାଇଥିବା ତଥ୍ୟକୁ ମଧ୍ୟ ଏହା ଦୋହରାଇଛି। ଅଭିବୃଦ୍ଧି ୩୬ ମାସ ତଳୁ କମିବା ଆରମ୍ଭ ହେବା କଥା ଆମେ ଯାହା କହୁଛୁ ବାସ୍ତବରେ ଏହା ତା' ପୂର୍ବରୁ ହୋଇଥିଲା। ଅର୍ଥ ବ୍ୟବସ୍ଥାର ଏବକାର ସ୍ଥିତି କ'ଣ ତାହା ଭଗବାନ ଜାଣନ୍ତି। କିନ୍ତୁ ଆମେ ଏବେ ସୁଦ୍ଧା ଯେଉଁ ସବୁ ପଦକ୍ଷେପ ନେଇଛେ, ତାହା ଦ୍ୱାରା ଏହାକୁ ଆମେ ଅଟକାଇ ସକାରାତ୍ମକ କରିପାରିଛେ କି? ଅବଶ୍ୟ ଏହା କରି ପାରିନାହୁଁ, ବରଂ ଆମେ ଖୁବ୍ ଶୀଘ୍ର ବିପର୍ଯ୍ୟୟମୁହାଁ ହୋଇଛୁ। ନିଜକୁ ସୁଧାରି ନେବା ପାଇଁ ଆମ ପାଖରେ ନିଜସ୍ୱ ଯୋଜନା ନାହିଁ। ଆମେ ନିଜ ପାଇଁ ଗାତ ଖୋଳିଛୁ ଓ ଆହୁରି ଗଭୀରକୁ ଖୋଳି ଚାଲିଛୁ। ସେଥିରୁ କିପରି ବାହାରି ପାରିବୁ ତାହା ଦେଖିବା ବି ମୁସ୍କିଲ। ଆମେ ଦେଶ ସମ୍ପର୍କରେ କେବଳ ଗୋଟିଏ କଥା ଭାବୁଛୁ ଓ ଅନୁଭବ ମଧ୍ୟ କରୁଛୁ। ତେବେ ଆମେ ଯାହା କରୁଛୁ ଅବଶିଷ୍ଟ ବିଶ୍ୱ ତାହାକୁ ଭିନ୍ନ ଦୃଷ୍ଟିରେ ଦେଖୁଛି। ସେମାନେ ଆମ ପାଇଁ ଏକ ଭବିଷ୍ୟତ ଆକଳନ କରିଛନ୍ତି ଯେଉଁଥିରେ ଆମେ କେଉଁଆଡକୁ ମୁହାଁଇଛେ ଯଦି ଭାରତୀୟମାନଙ୍କୁ ଏହା କୁହାଯାଏ, ତେବେ ସେମାନେ ଭୟଭୀତ ହୋଇଯିବେ। ଏହା ହେବା ପରେ ବି ରେକର୍ଡ ପରିମାଣର ବେରୋଜଗାରି ଏବଂ ବିଭିନ୍ନ ସାମାଜିକ ଚାପର ବୋଝ ବହନ କରି ତିନିବର୍ଷ ଲଗାତର ଅର୍ଥବ୍ୟବସ୍ଥାରେ ହ୍ରାସ ଯୋଗୁ ସରକାର ରିସେସନ ଘୋଷଣା କରିଛନ୍ତି। ଏହି ଲମ୍ବା କାହାଣୀକୁ ସରକାର ତ' ଆମକୁ ଜଣାଇନାହାନ୍ତି। ଦୁଇ ଦଶନ୍ଧି କିମ୍ବା ତା'ପୂର୍ବରୁ ଏହି ଇଣ୍ଡେକ୍ସ ପାକିସ୍ତାନ ଖୁବଶୀଘ୍ର ଏକ ବିଫଳ ରାଷ୍ଟ୍ର ହେବାକୁ ଯାଉଥିବାର ଆକଳନ କରିଥିଲା ଯାହାକୁ ନେଇ ମୋ ସହ ଭାରତର ବହୁ ବିଶ୍ଳେଷକ ଉକ୍ତ ତଥ୍ୟକୁ ଆଧାର କରି ବାସ୍ତବରେ ଖୁସି ହୋଇଯାଇଥିଲୁ। ଭାରତ ସେହି ଏକା ବାଟରେ ଖୁବ୍ ଶୀଘ୍ର ରହିବ ବୋଲି ଆମେମାନେ ସେତେବେଳେ ଭାବିପାରିନଥିଲୁ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 4 | | | | | | | A |
| | | | | | B | 2 | | 1 | | | E | 4 | 8 | |
| | | | | | | | 8 | | 7 | | | | | |
| | | | 3 | | C | | | | | A | | D | | 2 |
| | 5 | | 7 | | | 0 | | A | | | 9 | | 1 | |
| | 7 | | | B | 6 | E | 3 | | | | 5 | | | |
| | | | D | | | | | 4 | | | 0 | 5 | | |
| | | | | | 7 | | C | | 1 | 2 | 4 | | | 0 |
| 6 | | 9 | | | | B | | | | | C | | | E |
| | 0 | 2 | 9 | 8 | | | | | | | A | | | 7 |
| | | | A | | 8 | | E | | | 9 | | | C | 1 |
| | | 0 | C | 9 | 1 | | | 8 | 2 | | | 6 | E | |
| | | D | | 0 | | | | | | 5 | | 3 | | |
| | 9 | | | | | | 1 | 7 | | B | | | | D |
| E | | | 5 | | | 4 | 2 | D | | | 1 | | 0 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | D | E | 7 | 3 | 6 | 8 | 2 | 5 | A | C | B | 9 | 0 | 1 |
| 1 | 2 | 0 | 5 | C | A | B | 3 | E | 4 | 9 | 8 | D | 7 | 6 |
| 8 | 3 | 5 | D | 2 | 1 | 7 | 4 | 9 | 6 | E | 0 | C | B | A |
| A | C | 7 | 9 | E | B | 1 | 6 | 0 | 5 | D | 2 | 8 | 4 | 3 |
| B | 9 | 6 | 4 | 0 | 8 | D | A | C | 3 | 7 | 1 | 2 | E | 5 |
| 3 | 7 | 4 | E | 9 | 0 | 2 | 5 | A | D | 8 | C | 6 | 1 | B |
| 2 | 6 | D | B | A | 7 | 3 | 1 | 8 | 0 | 4 | E | 5 | 9 | C |
| 5 | E | C | 3 | 8 | 4 | 0 | B | D | 9 | 1 | 6 | 7 | A | 2 |
| 9 | B | A | 1 | 6 | C | E | 7 | 4 | 2 | 5 | 3 | 0 | 8 | D |
| 0 | 8 | 1 | 2 | 5 | D | 9 | C | 6 | 7 | B | A | 4 | 3 | E |
| 6 | 0 | 8 | C | 7 | 5 | A | E | 2 | 1 | 3 | 9 | B | D | 4 |
| E | 1 | B | 0 | D | 2 | 5 | 9 | 3 | 8 | 6 | 4 | A | C | 7 |
| C | A | 3 | 8 | B | 9 | 4 | D | 7 | E | 2 | 5 | 1 | 6 | 0 |
| 7 | 5 | 9 | 6 | 4 | E | C | 0 | 1 | B | A | D | 3 | 2 | 8 |
| D | 4 | 2 | A | 1 | 3 | 6 | 8 | B | C | 0 | 7 | E | 5 | 9 |

ଗତକାଲିର ଉତ୍ତର

# ବସ୍ତାନି ବୋଝ କମିଲା



ହରିହର ତ୍ରିପାଠୀ

ବହୁବର୍ଷ ତଳେ ପ୍ରସିଦ୍ଧ ବ୍ୟଙ୍ଗଚିତ୍ରକାର ଆର.କେ. ଲକ୍ଷ୍ମଣଙ୍କର ଏକ ଚିତ୍ର ଚର୍ଚ୍ଚାର ପରିସରକୁ ଆସିଥିଲା। ଚିତ୍ରଟିରେ ଜଣେ ମା' ନିଜର ପିଲାର ବସ୍ତାନି ବୋହିବା ଲାଗି ଆଉଜଣେ ଗରିବ ପିଲାକୁ ନିଯୁକ୍ତ କରିଥିବାର ଦେଖାଯାଇଥିଲା। ସବୁ ପିଲାଙ୍କ ଲାଗି ସମାନ ଶିକ୍ଷା ସହିତ ପିଲାମାନଙ୍କ କାନ୍ଧରୁ ବସ୍ତାନିବୋଝ ହଟାଇବା ଲାଗି ହେଉଥିବା ପ୍ରୟାସ ପରିପ୍ରେକ୍ଷୀରେ ଉକ୍ତ ବ୍ୟଙ୍ଗଚିତ୍ରଟି ଖୁବ୍ ଚମତ୍କାର ବାର୍ତ୍ତା ଦେଉଥିଲା। ନିକଟରେ ରାଜ୍ୟ ସରକାର ବସ୍ତାନି ବୋଝ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ସ୍କୁଲ ବ୍ୟାଗ୍ ନୀତି-୨୦୨୦କୁ ରାଜ୍ୟରେ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନୀତି ଅନୁଯାୟୀ ସ୍କୁଲ ବ୍ୟାଗର ଓଜନ ପିଲାଙ୍କ ଓଜନର ୧୦%ରୁ କମ୍ ରହିବ। ଅର୍ଥାତ୍ ଯଦି ଜଣେ ପିଲାର ଓଜନ ୩୦ କେଜି ହୋଇଥାଏ ତେବେ ସେ ଅତିବେଶିରେ ୩ କେଜିର ବ୍ୟାଗ୍ ଆଣି ବିଦ୍ୟାଳୟକୁ ଆସିବ। କାନ୍ଧରେ ଏହାଠାରୁ ଅଧିକ ଓଜନର ବ୍ୟାଗ୍ ପକାଇ ଛାତ୍ରୀଛାତ୍ର ସ୍କୁଲ ଆସିବେ ନାହିଁ। ଯଦି କୌଣସି ଛାତ୍ରୀଛାତ୍ର ନିର୍ଦ୍ଧାରିତ ଓଜନଠାରୁ ଅଧିକ ଓଜନର ବ୍ୟାଗ୍ ଆଣି ବିଦ୍ୟାଳୟକୁ ଆସିଥିବେ ତେବେ ଏନେଇ ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ଜଣାଇବେ। ପ୍ରତି ୩ ମାସରେ ଥରେ ଗୋଟିଏ ଦିନ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସ୍କୁଲ ବ୍ୟାଗ୍‌ର ଓଜନ ଯାଞ୍ଚ କରାଯିବ। ଏହି ନୀତିକୁ ରାଜ୍ୟରେ ୨୦୨୧-୨୨ ଶିକ୍ଷାବର୍ଷରୁ ପାଳନ କରିବା ଲାଗି ଗଣଶିକ୍ଷା ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନୀତିରେ ଅଛି, କେଉଁ ଶ୍ରେଣୀର କେତେ ଓଜନର ପିଲା କେତେ ଓଜନର ବ୍ୟାଗ୍ ଧରି ଆସିବେ ସେନେଇ ପ୍ରତି ବିଦ୍ୟାଳୟ ଏକ ଟେବୁଲ୍ ପ୍ରସ୍ତୁତ କରିବେ। ନିୟମିତ ବ୍ୟବଧାନରେ ସ୍କୁଲ ବ୍ୟାଗ୍ ଓଜନ ଯାଞ୍ଚ କରାଯିବ। ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରତି ୩ ମାସରେ ଗୋଟିଏ ଦିନ ଛାତ୍ରୀଛାତ୍ରଙ୍କ ବ୍ୟାଗ୍ ଓଜନ ମାପିବେ। ଯଦି କୌଣସି ଛାତ୍ରୀଛାତ୍ର ନିର୍ଦ୍ଧାରିତ ଓଜନଠାରୁ ଅଧିକ ଓଜନର ବ୍ୟାଗ୍ ଆଣୁଥିବେ ତେବେ ଏସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ଅବଗତ କରାଇବେ ଏବଂ ହାଲୁକା ବ୍ୟାଗ୍ ଆଣିବାକୁ ପରାମର୍ଶ ଦେବେ।

କହିବା ଅନାବଶ୍ୟକ ବିଦ୍ୟାଳୟର ବସ୍ତାନି ବା ସ୍କୁଲବ୍ୟାଗ ବର୍ତ୍ତମାନ ପିଲାମାନଙ୍କ ନିମନ୍ତେ ଏକ ବଡ଼ ସମସ୍ୟା ହୋଇ ଉଭା ହୋଇଛି। ଅଭିଭାବକମାନେ ଅନୁଭବ କରିପାରିଥିବେ ଆମର କୁନିକୁନି ପିଲାମାନଙ୍କ କଷ୍ଟକୁ। ନିଜ ଓଜନର ଅଧା ବସ୍ତାନି ବୋହି ବୋହି ସେମାନେ ବଙ୍କା ହୋଇଯାଉଥିବାର ଦୃଶ୍ୟ ଦେଖି ଆମେ କ'ଣ କହିପାରିବା ? ଏମିତି ଏକ ଶିକ୍ଷା ବ୍ୟବସ୍ଥା ଦେଇ ଆମେ ପିଲାମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦେଇପାରିବା ? ଏବେ ଶିକ୍ଷା ଆଉ ଆନନ୍ଦଦାୟକ ହୋଇ ରହିନାହିଁ। ବ୍ୟବସାୟରେ ପରିଣତ ହୋଇଥିବା ଶିକ୍ଷା ଆମର କୁନି କୁନି ପିଲାମାନଙ୍କୁ ବିଦ୍ୟାର୍ଥୀ ନ କରି କୁନି ଶ୍ରମିକ ସଜାଇଛି। ନିକଟ ଅତୀତରେ ଏକ ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ ଦେଶର ୮୩.୭ ପ୍ରତିଶତ ସ୍କୁଲ ଛାତ୍ରୀଛାତ୍ର ସେମାନଙ୍କ ଶରୀର ଓଜନଠାରୁ ୧୦ଗୁଣ ଅଧିକ ଓଜନର ସ୍କୁଲବ୍ୟାଗ ବୋହୁଛନ୍ତି। ଏହି କାରଣରୁ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପିଠି ଓ ମେରୁଦଣ୍ଡରେ ଯନ୍ତ୍ରଣା ଭୋଗ କରୁଛନ୍ତି। ଏହି ରିପୋର୍ଟ ପ୍ରକାଶ ପାଇବା ପରେ କେନ୍ଦ୍ର ସରକାର ସଚେତନ ହୋଇ ବସ୍ତାନି ବୋଝ କମ୍ କରିବାକୁ ନିଷ୍ପତ୍ତି ନେଇଥିଲେ।

ଶିକ୍ଷାର ବ୍ୟବସାୟୀକରଣ ବସ୍ତାନିର ଓଜନ ବଢ଼ାଇଛି। ଯେଉଁସ୍କୁଲର ଯେତେ ବହି ସେ ସ୍କୁଲ ସେତେ ଭଲ ମାନସିକତା ଆମର ଅଭିଭାବକମାନଙ୍କ ମଧ୍ୟରେ ବଳବତ୍ତର ରହିଛି। ଫଳରେ ପିଲାମାନେ ପାଠପଢ଼ା ବ୍ୟତୀତ ପାଠବାହାରର ବହି, ଖାତା, ନୋଟ୍‌ବୁକ୍‌ରେ ବ୍ୟାଗ୍ ଭର୍ତ୍ତିକରିସାରିବା ପରେ ତାକୁ ଉଠାଇବାକୁ ସକ୍ଷମ ହୋଇପାରୁନାହାନ୍ତି। ଯେଉଁ ବୟସରେ ପିଲାମାନଙ୍କ ମେରୁଦଣ୍ଡର ସର୍ବାଧିକ ବିକାଶ ହୋଇଥାଏ ସେହି ବୟସରେ କୁନିକୁନି ମେରୁଦଣ୍ଡ ଉପରେ ପଡୁଥିବା ବୋଝ ପିଲାମାନଙ୍କ ସ୍ୱାସ୍ଥ୍ୟରେ ନାନାଦି ସମସ୍ୟା ସୃଷ୍ଟି କରୁଛି। ଅଧିକ ଓଜନର ବସ୍ତାନି ଯୋଗୁ ପିଲାମାନେ ପିଠି ଯନ୍ତ୍ରଣା, କାନ୍ଧ ଯନ୍ତ୍ରଣା ଓ କ୍ଳାନ୍ତି ଅନୁଭବ କରୁଥିବା ବେଳେ ଏଥିକୁ ଉପାୟ ନାହିଁ କହିଲେ ଚଳେ। କାରଣ ସ୍କୁଲ କର୍ତ୍ତୃପକ୍ଷଙ୍କ ଫରମାସ ପୂରଣ ଲାଗି ବସ୍ତାନିଭର୍ତ୍ତି ବହି ବୋହି ପିଲାମାନେ ସ୍କୁଲ ଯିବାକୁ ବାଧ୍ୟ। ସେହିପରି ଏବେ ଦେଖାଯାଉଛି ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାମାନଙ୍କୁ ବିଭିନ୍ନ ପ୍ରକଳ୍ପରେ ବାନ୍ଧି ରଖିବା ଏକ ଫେଶନରେ ପରିଣତ ହୋଇଛି। ପିଲାମାନଙ୍କ ସମୟ ଯେତେ ପାଠପଢ଼ାରେ କଟୁନି ତତୋଧିକ ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତିରେ କଟୁଛି। ପ୍ରକଳ୍ପ ଭଲା ସେମାନେ ନିଜେ କରନ୍ତେ! ସେମାନେ ପ୍ରକଳ୍ପ ଲାଗି ବିଭିନ୍ନ କମ୍ପ୍ୟୁଟର ପ୍ରିଣ୍ଟିଂ ସେଣ୍ଟର, ପ୍ରକଳ୍ପ ପ୍ରସ୍ତୁତି କେନ୍ଦ୍ର (ଏହା ଏକ ନୂଆ ବ୍ୟବସାୟ!) ସାମ୍ନାରେ ଘଣ୍ଟା ଘଣ୍ଟା ଛିଡ଼ା ହେବାର ଦେଖାଯାଉଛି। ଏହାଦ୍ୱାରା ପିଲାମାନଙ୍କର ଅଯଥା ସମୟ ନଷ୍ଟ ହେଉଥିବାର ଦେଖାଯାଉଛି।

ନବେ ଦଶକ ଆରମ୍ଭରେ ମାନବ ସମ୍ବଳ ବିକାଶ ବିଭାଗ ଦ୍ୱାରା ନିଯୁକ୍ତ କରାଯାଇଥିବା ଏକ କମିଟି ଏହି ସମସ୍ୟାର ବିଶ୍ଳେଷଣ କରିଥିଲା। ସେମାନେ ଏହି ବିଶ୍ଳେଷଣରୁ ଏକ ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ ଏହି ସମସ୍ୟାର ମୂଳ ହେଉଛି ସୂଚନାକୁ ଜ୍ଞାନ ବୋଲି ବିବେଚନା କରିବା। ଏହାର ରିପୋର୍ଟ ଲର୍ନିଂ ଉଇଦାଉଟ ବର୍ଡନରେ କମିଟି ସୂଚିତ କରିଥିଲା ଯେ 'ପିଲାମାନେ ହେଉଛନ୍ତି କେବଳ ଜ୍ଞାନର ଗ୍ରହୀତା ଏବଂ ପଢ଼ାବହି ହେଉଛି ପରୀକ୍ଷାର ଆଧାର' ବୋଲି। ଯେ ପର୍ଯ୍ୟନ୍ତ ଆମେ ପିଲାମାନଙ୍କ ସମ୍ବନ୍ଧରେ ଥିବା ଆମର ଧାରଣାକୁ ନ ବଦଳାଇବା ବିଦ୍ୟାଳୟରେ ଶିକ୍ଷା ସେପର୍ଯ୍ୟନ୍ତ ପିଲାମାନଙ୍କ ଲାଗି ଏକ ଆନନ୍ଦଦାୟକ ଅନୁଭବ ହୋଇପାରିବ ନାହିଁ। ପିଲାମାନେ ସେମାନଙ୍କ ଅନୁଭୂତିରୁ କିଛି ଶିଖିବେ ଓ ଜ୍ଞାନ ଅର୍ଜନ କରିବେ, ସେମାନଙ୍କ ଏହି ସାମର୍ଥ୍ୟ ଉପରେ ଆମର ଭରସା ନାହିଁ। ପଢ଼ାବହିର ଆକାର ପ୍ରତିବର୍ଷ ବଢ଼ି ଚାଲିଛି।

ବହିରେ ନୂଆ ନୂଆ ବିଷୟକୁ ଯୋଡ଼ିବା ଲାଗି ଚାପ ପଡୁଛି, ମାତ୍ର ଜ୍ଞାନକୁ ବିଶ୍ଳେଷଣ କରି ଏହାକୁ ସମଗ୍ରଭାବେ ଗ୍ରହଣ କରିବାର ଚେଷ୍ଟା ଦିନକୁ ଦିନ କମିବାରେ ଲାଗିଛି। ମୋଟା ମୋଟା ପାଠ୍ୟ ପୁସ୍ତକ ଓ ଏଥିରେ ଥିବା ପାଠ ହେଉଛି ପିଲାମାନଙ୍କୁ ସେମାନଙ୍କ ତରିକାରେ ଶିକ୍ଷାଦେବା ଲାଗି ହେଉଥିବା ବ୍ୟବସ୍ଥାର ବିଫଳତାର ପ୍ରତୀକ। ତେବେ ସରକାରଙ୍କର ଏହି ନୂତନ ପଦକ୍ଷେପ ନିଶ୍ଚିତଭାବେ ଶିକ୍ଷାକୁ ଆନନ୍ଦଦାୟକ କରିବାରେ ଏକ ପ୍ରୟାସ ହେବ ଏକଥା କୁହାଯାଇପାରେ। ତେବେ କରୋନା କଟକଣାରୁ ମୁକ୍ତ ହୋଇ ସ୍କୁଲ ଖୋଲିଲା ପରେ ଏହା କେତେ ସଫଳ ହେବ ତାହା ଜଣାପଡିବ। ନିଷ୍ପତ୍ତି ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ର କ୍ଲାସୱାର୍କ ଲାଗି କେବଳ ଗୋଟିଏ ନୋଟବୁକ୍ ବ୍ୟବହାର କରିବେ। ସେମାନଙ୍କୁ ହୋମ୍‌ୱାର୍କ ଦିଆଯିବ ନାହିଁ। ୩ୟରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଲାଗି ଦୁଇଟି ନୋଟ୍‌ବୁକ୍ ଦରକାର। ସେଥିମଧ୍ୟରୁ ଗୋଟିଏ ବ୍ୟାଗ୍‌ରେ ଆଣିବେ ଓ ଅନ୍ୟଟି ସ୍କୁଲରେ ରହିବ। ଏହି ଶ୍ରେଣୀର ପିଲାମାନଙ୍କୁ ସପ୍ତାହକୁ ୨ଘଣ୍ଟା ହୋମ୍‌ୱାର୍କ ଦିଆଯିବ। ୬ଷ୍ଠରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ର ଖୋଲା କାଗଜର ଗୋଟିଏ ଫାଇଲ୍‌କୁ କ୍ଲାସୱାର୍କ ଓ ହୋମ୍‌ୱାର୍କ ଲାଗି ବ୍ୟବହାର କରିବେ। ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଲାଗି ପ୍ରତି ସପ୍ତାହକୁ ୫ରୁ ୬ଘଣ୍ଟା ଲେଖାଏ ହୋମୱାର୍କ ଦିଆଯିବ। ଟେକ୍ସଟ୍ ବୁକ୍ ଶେୟାରିଂ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ କୁହାଯାଇଛି। ଫଳରେ ପାଖରେ ପାଖରେ ବସୁଥିବା ଛାତ୍ରୀଛାତ୍ର ପରସ୍ପର ମଧ୍ୟରେ ପାଠ୍ୟପୁସ୍ତକ ଅଦଳବଦଳ କରିପାରିବେ। ଏହା ବସ୍ତାନି ବୋଝ ହାଲୁକା କରିବାରେ ସହାୟକ ହେବ। ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଲାଗି ପ୍ରତିଦିନ ଦୁଇ ଘଣ୍ଟାର ହୋମୱାର୍କ ରହିବ। ସେହିଭଳି ଛାତ୍ରୀଛାତ୍ର ସ୍କୁଲକୁ ଟ୍ରଲି ବ୍ୟାଗ ଆଣି ଆସିବା ଉପରେ ରୋକ୍ ଲଗାଯାଇଛି। କାରଣ ଚକ ଲାଗିଥିବା ବ୍ୟାଗ ନେଇ ଶିଡ଼ିରେ ଉଠିବା ବେଳେ ପିଲା ଆହତ ହେବାର ଭୟ ରହିଛି। ସେହିଭଳି ବହିର ଓଜନ ପ୍ରତିବର୍ଗ ମିଟର ପ୍ରତି କେତେ ହୋଇଛି ସେନେଇ ପ୍ରକାଶକ ସଂସ୍ଥା ବହି ଉପରେ ଛାପିବେ।

ସୂଚନା ଓ ପ୍ରଯୁକ୍ତିର ଏହି ଯୁଗରେ ବର୍ତ୍ତମାନ ପିଲାମାନଙ୍କ ନିକଟରେ ସୂଚନାପ୍ରାପ୍ତିର ସବୁ ମାଧ୍ୟମ ଉପଲବ୍ଧ। ହେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହାର ସଦୁପଯୋଗ ନ କରି ନିଜର ଲାଭ ଉଦ୍ଦେଶ୍ୟରେ ପିଲାମାନଙ୍କ ବ୍ୟାଗ ଭରିଥାନ୍ତି। ସିଲାବସ୍‌ର ବୋଝ ବାପାମାଆ କିମ୍ବା ଟ୍ୟୁଶନ୍ କ୍ଲାସ୍‌କୁ ହସ୍ତାନ୍ତରିତ ହୋଇଯାଉଛି। ପିଲାମାନେ ପାଠର ବୋଝରେ ନିଜ ନିଜର ଶୈଶବକୁ ଭୁଲିଯିବାକୁ ବାଧ୍ୟ ହେଉଛନ୍ତି। ବ୍ୟାଗ୍‌ର ବୋଝ, ପାଠର ବୋଝ ଆଉ ସାଥିରେ ବାପାମାଆଙ୍କ ଉଚ୍ଚାକାଂକ୍ଷାର ବୋଝ। କାହାକୁ ସଫଳ କରିବ ବିଚରା ???

ବଡ଼ବେତରା, କୁଦାନଗରୀ, କେନ୍ଦ୍ରାପଡ଼ା
ମୋ: ୯୬୬୮୫୫୦୧୮୦

# ଡିଜିଟାଲ ପରିଚାଳିକା

ବ୍ୟକ୍ତିତ୍ୱ



ଆୟେଶା ଶାହା

ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ଚଳିତମାସ କ୍ଷମତାରେ ବସିବାକୁ ଯାଉଥିବାରୁ ତାଙ୍କ ପ୍ରଶାସନରେ କେଉଁମାନଙ୍କୁ ନେବେ ସେଥିଲାଗି କସରତ ଚାଲିଛି। ନିକଟରେ ବାଇଡେନ୍‌ଙ୍କ ହ୍ୱାଇଟ୍ ହାଉସ୍ ଅଫିସ୍ ଅଫ୍ ଡିଜିଟାଲ ଷ୍ଟ୍ରାଟେଜି ଗଢ଼ାଯାଇଛି। ଉଲ୍ଲେଖଯୋଗ୍ୟ, ଡିଜିଟାଲ କୌଶଳ ତିଆରି କରିବାରେ ଏହି ଟିମ୍ ମୁଖ୍ୟତଃ କାର୍ଯ୍ୟ କରିବ। ହ୍ୱାଇଟ୍ ହାଉସ୍ ସହ ଆମେରିକୀୟମାନଙ୍କୁ ଅଭିନବ ଉପାୟରେ ଯୋଡ଼ିବାରେ ଏହାର ବିଶେଷଜ୍ଞମାନେ ପ୍ରମୁଖ ଭୂମିକା ନିଭାଇବେ। ଏହି ଟିମ୍‌ରେ ପ୍ଲାଟଫର୍ମ ମ୍ୟାନେଜର, ଡିଜିଟାଲ ପାର୍ଟନରଶିପ୍ ମ୍ୟାନେଜର, ଭିଡିଓ ଡାଇରେକ୍ଟର, ଡାଇରେକ୍ଟର ଅଫ୍ ପ୍ଲାଟଫର୍ମସ, କ୍ରିଏଟିଭ୍ ଡାଇରେକ୍ଟର, ଡିଜାଇନର, ଟ୍ରାଭେଲିଂ କଣ୍ଟେଣ୍ଟ ଡାଇରେକ୍ଟର, ଡେପୁଟି ଡାଇରେକ୍ଟର ଅଫ୍ ଡିଜିଟାଲ ଷ୍ଟ୍ରାଟେଜି ଏବଂ ଡାଇରେକ୍ଟର ଅଫ୍ ଡିଜିଟାଲ ଏନ୍‌ଗେଜ୍‌ମେଣ୍ଟ ଭଳି ପଦବୀ ରହିଛି। ତେବେ ଏଥିରେ କଶ୍ମୀର ଜନ୍ମିତ ଆୟେଶା ଶାହାଙ୍କୁ ଡିଜିଟାଲ ଷ୍ଟ୍ରାଟେଜିର ପାର୍ଟନରଶିପ୍ ମ୍ୟାନେଜର ଭାବେ ଅବସ୍ଥାପିତ କରାଯାଇଛି। ଫଳରେ ବାଇଡେନ୍ ପ୍ରଶାସନରେ ଭାରତୀୟ ବଂଶୋଦ୍ଭବଙ୍କ ସଂଖ୍ୟା ବଢ଼ିଚାଲିଛି।

ଆମେରିକାର ଲୁଇସିଆନାରେ ବଢ଼ିଥିବା ଆୟେଶା ଡାଭିଡ୍‌ଶନ କଲେଜରୁ ସ୍ନାତକ ଶେଷ କରିଥିଲେ। ଏବେ ସ୍ମିଥ୍‌ସୋନିଆନ୍ ଇନ୍‌ଷ୍ଟିଚ୍ୟୁଶନ୍‌ରେ ଆଡ୍‌ଭାନ୍ସମେଣ୍ଟ ସ୍ପେଶିଆଲିଷ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ବାଇଡେନ୍-ହାରିଶ୍ ନିର୍ବାଚନ ଅଭିଯାନରେ ସେ ଡିଜିଟାଲ ପାର୍ଟନରଶିପ୍ ମ୍ୟାନେଜର ଭାବେ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରତିପାଦନ କରିଥିବାରୁ ତାଙ୍କୁ ଏଭଳି ପୁରସ୍କାର ମିଳିଲା ବୋଲି କୁହାଯାଉଛି। ସେ ଜନ୍ ଏଫ୍ କେନେଡି ସେଣ୍ଟର ଫର୍ ପର୍ଫର୍ମିଂ ଆର୍ଟସର କର୍ପୋରେଟ୍ ଫଣ୍ଡର ଆସିଷ୍ଟାଣ୍ଟ ମ୍ୟାନେଜର ଥିଲେ। ଜଣେ ରାଷ୍ଟ୍ରପତିଙ୍କ ସ୍ମାରକୀ କାର୍ଯ୍ୟକ୍ରମକୁ ପ୍ରସାରିତ କରିବାରେ ଆୟେଶା ଯେଉଁଭଳି ଢଙ୍ଗରେ କାର୍ଯ୍ୟ କରିଥିଲେ, ତାହା ଅତି ପ୍ରଶଂସନୀୟ ହୋଇପାରିଥିଲା। ସାମାଜିକ ପରିବର୍ତ୍ତନ ଆଣିବା ଦିଗରେ ପପ୍ ସଂସ୍କୃତିର ସାହାରା ନେଇଥିଲେ। ଏହିଭଳି ଅଭିନବ ପଦକ୍ଷେପ ନେବାରେ ଆୟେଶାଙ୍କ ନେତୃତ୍ୱ ବାଇଡେନ୍‌ଙ୍କୁ ଆକର୍ଷିତ କରିଥିଲା। ଦେଖାଯାଏ, ଆଧୁନିକ ଯୁଗରେ ଯୋଗାଯୋଗ ମାଧ୍ୟମକୁ ଯିଏ ଭଲ ଭାବେ ବ୍ୟବହାର କରିପାରିଲା, ତାଙ୍କର ସେତେ ଉପରକୁ ଉଠିବାର ମାର୍ଗ ପ୍ରଶସ୍ତ ହୋଇଯାଇଥାଏ। ନବନିର୍ବାଚିତ ରାଷ୍ଟ୍ରପତି ବାଇଡେନ୍ ଓ ଉପରାଷ୍ଟ୍ରପତି କମଳା ହାରିଶ୍‌ଙ୍କ ଦାୟିତ୍ୱ ଗ୍ରହଣ ସମୟରେ ଏକାଥରକେ ଯେଭଳି ଏକ ପରିବର୍ତ୍ତନ ଦେଖାଦେଇପାରିବ, ସେହି ଦିଗରେ ଆୟେଶା ପ୍ରୟାସ କରୁଛନ୍ତି। ସେ ତାଙ୍କ ଟିମ୍ ସଦସ୍ୟଙ୍କୁ ଏଥିଲାଗି ପ୍ରୋତ୍ସାହିତ କରିଚାଲିଛନ୍ତି।

କୁହାଯାଉଛି, ଯେଉଁଭଳି ଢଙ୍ଗରେ ବାଇଡେନ୍ ତାଙ୍କ ଡିଜିଟାଲ ଟିମ୍ ପ୍ରତି ପ୍ରାଧାନ୍ୟ ଦେଇଛନ୍ତି, ତାଙ୍କ ଦାୟିତ୍ୱ ଗ୍ରହଣ ପରେ ସେ ଲୋକଙ୍କ ନିକଟରେ ସହଜରେ ପହଞ୍ଚିପାରିବେ। ଫଳରେ ବାଇଡେନ୍‌ଙ୍କ ନିଜସ୍ୱ ସୋସିଆଲ୍ ପ୍ଲାଟଫର୍ମକୁ ଅତିକ୍ରମ କରି ଡିଜିଟାଲ ଯୋଗାଯୋଗ ଶକ୍ତିଶାଳୀ ହୋଇପାରିବ ବୋଲି ଡେମୋକ୍ରାଟ୍ ଲିଡର ବିଶ୍ୱାସ ରଖିଛନ୍ତି। ପୁଣି ମହାମାରୀ ସମୟରେ ଡିଜିଟାଲ କମ୍ୟୁନିଟିଜ୍ ଆଣ୍ଡ୍ ଅନ୍‌ଲାଇନ୍ ସ୍ପେସେସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଏହାକୁ ଆହୁରି ସୁଦୃଢ଼ କରିବା ଲାଗି ଡିଜିଟାଲ୍ ଟିମ୍ ଲାଗିପଡ଼ିଛି। କୁହାଯାଉଛି, ଏହି ବ୍ୟବସ୍ଥା ଦ୍ୱାରା ସବୁ ଆମେରିକୀୟଙ୍କ ସହ ପ୍ରତ୍ୟକ୍ଷ କଥା ହେବା ସହଜ ହୋଇପାରିବ। ଏପରିକି ଯେଉଁ ଆମେରିକୀୟ ଯେଉଁଠାରେ ଥିବେ, ସଙ୍ଗେ ସଙ୍ଗେ ତାଙ୍କ ପାଖରେ ଡିଜିଟାଲ ଟିମ୍ ପହଞ୍ଚିବାରେ ସକ୍ଷମ ହେବ। ଏହିଭଳି ଡିଜିଟାଲ ସମ୍ପର୍କ ବଢ଼ିପାରିଲେ ବାଇଡେନ୍‌ଙ୍କ ପ୍ରଶାସନ ଅଧିକ କ୍ରିୟାଶୀଳ ହୋଇପାରିବ ବୋଲି ଆୟେଶା କହିଛନ୍ତି। ବାଇଡେନ୍-ହାରିଶ୍ ନିର୍ବାଚନ ଅଭିଯାନରୁ ଡିଜିଟାଲ ଟିମ୍ ଜରିଆରେ ଆମେରିକୀୟଙ୍କ ନିଟରେ ପହଞ୍ଚିବାରେ ଆୟେଶା ଯେଉଁ ସେତୁ ଗଢ଼ିଛନ୍ତି, ତାହା ଅନ୍ୟାନ୍ୟ ରାଷ୍ଟ୍ରର ରାଜନେତାଙ୍କ ସଫଳତା ପାଇଁ ଏକ ରୋଲ୍ ମଡେଲ୍ ଭାବେ ନିଶ୍ଚିତ କାର୍ଯ୍ୟ କରିବ ବୋଲି ଆଶା କରାଯାଏ।

—ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କଥାରେ ନୁହେଁ, କାମରେ ଦେଖାଇଦେବା ବ୍ୟକ୍ତିମାନେ ହିଁ ସମାଜର ବାସ୍ତବ ହିରୋ। ଏମିତି ଜଣେ ହିରୋ ହେଉଛନ୍ତି କେରଳର ନଜ୍‌ଥାଇଲା ଶ୍ରୀଧରନ। ସେ ରହନ୍ତି କେରଳର ଥାଲାସେରି ସହରରେ। ବୟସ ୮୩। ପରିଣତ ବୟସରେ ସେ ଦକ୍ଷିଣ ଭାରତର ୪ଟି ଭାଷାରେ ଏକ ଭିନ୍ନ ଧରଣର ଅଭିଧାନ ଲେଖିଛନ୍ତି। ଏଥିପାଇଁ ତାଙ୍କୁ ୨୫ ବର୍ଷ ଲାଗିଯାଇଛି। ମାଲୟାଲମ, ତାମିଲନାଡୁ, କନ୍ନଡ ଏବଂ ତେଲୁଗୁ ଭାଷାରେ ୯୦୦ ପୃଷ୍ଠାର ଏହି ଅଭିଧାନ ପ୍ରସ୍ତୁତ କରିଛନ୍ତି। ଏହାର ଦାମ ରହିଛି ୧୫୦୦ଟଙ୍କା। ୧୮୭୨ରେ ହର୍ମ୍ୟାନ ଗୁଣ୍ଡର୍ଟ ମାଲୟାଲମ-ଇଂରାଜୀ ଅଭିଧାନ ଲେଖିଥିଲେ। ଏହାର ୧୫୦ ବର୍ଷ ପରେ ୪ଟି ଭାଷାର ସମ୍ମିଳିତ ଏକ ଅଭିଧାନ ଲେଖିଛନ୍ତି ଶ୍ରୀଧରନ। ଏଥିରେ ୧୨.୫ ଲକ୍ଷ ଶବ୍ଦ ରହିଛି। ପ୍ରତ୍ୟେକ ମାଲୟାଲମ ଶବ୍ଦ ପାଇଁ ତା'ର କନ୍ନଡ, ତାମିଲ ଓ ତେଲୁଗୁ ଶବ୍ଦ ରଖିଛନ୍ତି। ସବୁଠୁ ବଡ଼ କଥା ହେଉଛି, ସେ ସ୍କୁଲରେ ପଢୁଥିବା ସମୟରେ ଅଧାରୁ ପାଠ ଛାଡି ଦେଇଥିଲେ। ସ୍କୁଲ୍ ପଢ଼ା ଛାଡିବା ପରେ ସେ ଏକ ବିଡ଼ି ଫ୍ୟାକ୍ଟ୍ରିରେ କାମ କରୁଥିଲେ। ଘରୋଇ ଭାବେ ସେ ଇଂଲିଶ ଷ୍ଟାଣ୍ଡାର୍ଡ ପବ୍ଲିକ ଏକ୍‌ଜାମିନେଶନ ଦେଇ ପାସ କରିବା ପରେ ପବ୍ଲିକ ୱାର୍କ୍ସ ଡିପାର୍ଟମେଣ୍ଟରେ ଚାକିରି କଲେ। ୧୯୯୪ରେ ଚାକିରିରୁ ଅବସର ନେବା ପରେ ସେ ବହୁ ପ୍ରକାଶକ ଓ ଲେଖକଙ୍କ ସହ ଯୋଗାଯୋଗ କରି ଏହି କାର୍ଯ୍ୟ ଆରମ୍ଭ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୩ ଜାନୁୟାରୀ ୧୯୯୬

- ଇଣ୍ଡୋ ଏସିଆନ୍ ଫ୍ୟୁନର୍ଗର ଲିମିଟେଡ୍ ଜର୍ମାନୀର ମେନେକେସ୍ ସହ ଯୌଥ ଚୁକ୍ତି ସ୍ୱାକ୍ଷରିତ।
- ଯୋଗେଶ ଚନ୍ଦ୍ର ଦେବେଶ୍ୱର ଆଇ.ଟି.ସି.ର ନୂତନ ଅଧ୍ୟକ୍ଷ ରୂପେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।
- ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ରାଉଣ୍ଡ ଟେବୁଲ ଇଣ୍ଡିଆ ପକ୍ଷରୁ ଲୁଇ ମାର୍କେସି ପୁରସ୍କାର ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ଘୋଷଣାରେ ସୀମିତ ନ ରହୁ ଶିକ୍ଷା ବ୍ୟବସ୍ଥା

ମହାଶୟ,

ଭାରତର ସମ୍ବିଧାନ ଧାରା ୧୬ ଅନୁସାରେ କୌଣସି ରାଜ୍ୟର ସରକାର ନିଜ ଇଚ୍ଛା ଅନୁସାରେ ଚାକିରି କିମ୍ବା ସଂରକ୍ଷଣ ବା ଆରକ୍ଷଣ ବ୍ୟବସ୍ଥାକୁ ପରିବର୍ତ୍ତନ କରିପାରିବେ ନାହିଁ ବୋଲି ଲିଖିତ ନିର୍ଦ୍ଦେଶନାମା ଥିବାବେଳେ, ଶିକ୍ଷା ପ୍ରଦାନ ବ୍ୟବସ୍ଥାରେ ଉପଯୁକ୍ତ ମାନତା ବୃଦ୍ଧି ବିନା, ସରକାରୀ ସ୍କୁଲରେ ପିଲେ ପଢିଲେ ମେଡ଼ିକାଲ ଓ ଇଞ୍ଜିନିୟରିଂ କଲେଜରେ ନାମଲେଖା ପାଇଁ ସଂରକ୍ଷଣ ସୁବିଧା ପାଇବେ ବୋଲି ସରକାର ନିଷ୍ପତ୍ତି ନେବା ନିହାତି ହାସ୍ୟାସ୍ପଦ ବିଷୟ। କେବଳ ଘୋଷଣା କରିଦେଲେ ଶିକ୍ଷା ବ୍ୟବସ୍ଥା ସୁଧୁରିବନାହିଁ। ଶିକ୍ଷକମାନଙ୍କ ସମସ୍ୟା ଓ ବିଦ୍ୟା ଅଧ୍ୟୟନ ପାଇଁ ଶ୍ରେଣୀଗୃହର ଅଭାବ ସମ୍ପର୍କରେ ଅବଗତ ଥାଇ ମଧ୍ୟ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ସାଧନ ନିମନ୍ତେ ପ୍ରଶାସନିକ କ୍ଷେତ୍ରରେ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ପ୍ରଥମେ ରାଜ୍ୟର ସମସ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଅସଜଡ଼ା ଭିତ୍ତିଭୂମିକୁ ସଜାଡ଼ନ୍ତୁ। ସ୍କୁଲ ଚାରିପାଖରେ ଛାତ୍ରୀଛାତ୍ର ମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ପ୍ରାଚୀର ନିର୍ମାଣ କରିବା, ଶ୍ରେଣୀ ଅନୁଯାୟୀ ଆବଶ୍ୟକୀୟ ଶ୍ରେଣୀ ଗୃହ ନିର୍ମାଣ କରି ତଦନୁଯାୟୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଚିତ ପ୍ରାପ୍ୟରେ ନିଯୁକ୍ତି ଦେବା ଉପରେ ପଦକ୍ଷେପ ନିଆଯାଉ। ପିଲାଙ୍କ ପାଇଁ ଏକ ପାଠାଗାର ନିର୍ମାଣ, ପାନୀୟ ଜଳର ବ୍ୟବସ୍ଥା ଏବଂ ବିଜୁଳିଠାରୁ ଆରମ୍ଭ କରି କଳାପଟା ପର୍ଯ୍ୟନ୍ତ ବିଭିନ୍ନ ମୌଳିକ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉ। ଶିକ୍ଷାର ଗୁଣାତ୍ମକ ବିକାଶ ହେଲେ ସକ୍ଷମ ଭାରତ ନିର୍ମାଣରେ ଅଗ୍ରଣୀ ଭୂମିକା ନେବ ଶିକ୍ଷାନୀତି।

ଅଶୋକ କୁମାର ଆଢ୍ୟ, ସଭାପତି, ମରୀଚିକୋଟ ଗଳି, ପୁରୀ

### ଓଟିଏମ୍ କର୍ମଚାରୀଙ୍କ ସମସ୍ୟା ଦୂର ହେଉ

ଦୀର୍ଘଦିନରୁ ଓଡ଼ିଶା ଟେକ୍ସଟାଇଲ୍‌ସ ମିଲ୍ ବନ୍ଦ ରହିଥିବାରୁ କର୍ମଚାରୀଙ୍କ ପରିବାର ଦୁଃଖ କଷ୍ଟକର ଜୀବନ ଅତିବାହିତ କରୁଛନ୍ତି। ଏପରିକି ସ୍ୱାସ୍ଥ୍ୟଗତ କାରଣରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ଅଦାଲତରେ ବିଚାର ବହୁ ବିଳମ୍ବ ଘଟୁଅଛି। ବକେୟାପ୍ରାପ୍ୟ ନ ପାଇ ନିଜକୁ ଅସହାୟ ବୋଧ କରୁଛନ୍ତି କର୍ମଚାରୀମାନେ। ରାଜ୍ୟ ସରକାର କୌଣସି ଅନୁକମ୍ପା ଦେଖାଉନାହାନ୍ତି। ତୁରନ୍ତ ସମାଧାନ ପ୍ରତି ବିଚାର ବିଭାଗ ଦୃଷ୍ଟି ଦିଅନ୍ତୁ।

-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

## ଚିରନ୍ତନୀ

ସେହି ଲୋତକ ହୃଦୟ ଭରି
ନୟନୁଁ ମୋ ପଡ଼ଇ ଝରି,
ସେହି ଲୋତକେ ପ୍ଲାବଇ ମୋର ଅନ୍ତର
ସେହି ଲୋତକେ ଆସ ଗୋ ତୁମେ ସନ୍ତର।
(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ହିଂସାକାଣ୍ଡରେ ୧୮ ମୃତ

ହଣ୍ଡୁରାସ୍‌ରେ ନବବର୍ଷ ପାଳନବେଳେ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଯୋଗୁ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ୨୦୧୯ରେ ୨୪ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୦ ବର୍ଷରେ ଦେଶରେ ହିଂସାକାଣ୍ଡ ଯୋଗୁ ମୋଟ ୩,୪୮୨ ଜଣଙ୍କ ଜୀବନ ଯାଇଥିବାବେଳେ ୨୦୧୯ରେ ଏହି ସଂଖ୍ୟା ୪,୦୮୨ ରହିଥିଲା।

### ସଂକ୍ଷେପରେ

## ଭାଜପା ଟିକାକୁ ବିଶ୍ୱାସ ନାହିଁ: ଅଖିଳେଶ



**ଲକ୍ଷ୍ନୌ, ୨।୧:** କରୋନା ମହାମାରୀ ବିରୋଧରେ ଟିକାକରଣ ଲାଗି ଭାରତ ପ୍ରସ୍ତୁତ ହେଉଥିବାବେଳେ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ଅଧକ୍ଷ ଅଖିଳେଶ ଯାଦବ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଭାଜପାର ଏହି ଟିକାକୁ ସେ କଦାପି ବିଶ୍ୱାସ କରିପାରିବେନି ବୋଲି କହି ସମାଲୋଚିତ ହୋଇଛନ୍ତି। ଭାଜପା ଟିକା ନ ନେବା ଲାଗି ସେ ଜନସାଧାରଣଙ୍କୁ ପରାମର୍ଶ ଦେବା ସହ ତାଙ୍କ ଦଳ ୨୦୨୨ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଜିତିଲେ ମାଗଣାରେ ଟିକା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଖିଳେଶଙ୍କ ଏଭଳି ମନ୍ତବ୍ୟ ଦୁର୍ଭାଗ୍ୟଜନକ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ଦେଶର ଡାକ୍ତର ଓ ବୈଜ୍ଞାନିକମାନଙ୍କୁ ଅପମାନିତ କରିଥିବାରୁ ୟୁପିର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ସମାଜବାଦୀ ପାର୍ଟି ଅଧକ୍ଷଙ୍କୁ ସମାଲୋଚନା କରିଥିଲେ।

## ମୋଦି ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା: ସର୍ଭେ



**ନୂଆଦିଲ୍ଲୀ, ୨।୧:** ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା ବୋଲି ଆମେରିକାର ମର୍ନିଂ କନ୍‌ସଲ୍ଟ ସର୍ଭେ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ୭୫ ପ୍ରତିଶତ ଲୋକେ ମୋଦିଙ୍କୁ ପସନ୍ଦ କରିଥିବାବେଳେ ୨୦ ପ୍ରତିଶତ ନାପସନ୍ଦ କରିଛନ୍ତି। ସର୍ଭେରେ ତାଙ୍କୁ ୫୫ ରେଟିଂ ମିଳିଛି। ବିଭିନ୍ନ ପ୍ରସଙ୍ଗରେ ଦକ୍ଷତା ପ୍ରଦର୍ଶନ ଓ କୋଭିଡ୍-୧୯ ପରିସ୍ଥିତି ସୁପରିଚାଳନା ପାଇଁ ପ୍ରଧାନମନ୍ତ୍ରୀ ପୁଣି ଥରେ ଲୋକପ୍ରିୟ ହୋଇପାରିଛନ୍ତି ବୋଲି ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ ପି ନଡ୍ଡା କହିଛନ୍ତି। ୧୩ଟି ଦେଶର ନେତାଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ଜର୍ମାନ ଚାନସେଲର ଆଞ୍ଜେଲା ମାର୍କେଲଙ୍କୁ ୨୪ ପଏଣ୍ଟ ମିଳିଥିବାବେଳେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ ସର୍ବାଧିକ ନାପସନ୍ଦ ନେତା ବୋଲି ସର୍ଭେରୁ ଜଣାପଡିଛି।

## ୧.୮ କୋଟିର ସୁନା ଲୁଟ୍

**ଅହମଦାବାଦ, ୨।୧:** ଗୁଜରାଟର ମେଘାନିନଗରସ୍ଥିତ ବାୟୁସେନା ମୁଖ୍ୟାଳୟ ନିକଟରୁ ନୂଆବର୍ଷରେ ଦୁର୍ବୃତ୍ତମାନେ ୨୭ଟି ସୁନା ପ୍ୟାକେଟ ଲୁଟି ନେଇଛନ୍ତି। ଏହାର ମୂଲ୍ୟ ପ୍ରାୟ ୧.୮ କୋଟି ଟଙ୍କା ହେବ। ବ୍ୟାପକ ପୋଲିସ ମୁତୟନ ଏବଂ କର୍ଫ୍ୟୁ ଜାରି ସତ୍ତ୍ୱେ ଏଭଳି ବଡ଼ ଧରଣର ଲୁଟ୍ ହୋଇଛି। ରାଜକୋଟର ୨ କୋରିୟର କମ୍ପାନୀ କର୍ତ୍ତୃପକ୍ଷ ବିମାନ ଦ୍ୱାରା ଦେଶର ବିଭିନ୍ନ ସ୍ଥାନକୁ ସୁନା ପ୍ୟାକେଟ ପଠାଇଥାନ୍ତି। ଡିସେମ୍ବର ୩୧ ତାରିଖ ରାତିରେ ସର୍ଦ୍ଦାର ପଟେଲ ପ୍ରତିମୂର୍ତ୍ତି ନିକଟ ବିମାନବନ୍ଦର ପାଖରେ ସୁନା ପାର୍ସଲ ଧରିଥିବା ୨ କୋରିୟର କମ୍ପାନୀ ମାଲିକ ସେମାନଙ୍କ ସମ୍ପର୍କୀୟଙ୍କ ସହ ବାଇକ୍‌ରେ ଯାଉଥିଲେ। ଅନ୍ୟ ଏକ ବାଇକ୍‌ରେ ୩ ଦୁର୍ବୃତ୍ତ ଆସି ସେମାନଙ୍କୁ ଆକ୍ରମଣ କରିବା ସହ ସୁନା ଲୁଟି ନେଇଥିଲେ।

## ତାମିଲନାଡୁ କଂଗ୍ରେସ ସଂଗଠନରେ ପରିବର୍ତ୍ତନ

**ନୂଆଦିଲ୍ଲୀ, ୨।୧(ପି.ଟି.):** ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଦଳ ଏହାର ସଂଗଠନରେ କେତେକ ପରିବର୍ତ୍ତନ କରିଛି। କଂଗ୍ରେସର ନିର୍ବାଚନୀ କମିଟିରେ ବରିଷ୍ଠ ନେତା ପି. ଚିଦାମ୍ବରମ ଏବଂ ମଣିଶଙ୍କର ଆୟାର ସ୍ଥାନ ପାଇଛନ୍ତି। ଏଥିସହିତ ୩୨ ଜଣଙ୍କୁ ଉପସଭାପତି, ୫୭ ଜଣଙ୍କୁ ସାଧାରଣ ସମ୍ପାଦକ ଏବଂ ୧୦୪ ଜଣଙ୍କୁ ସମ୍ପାଦକ ପଦ ମିଳିଛି। ତାମିଲନାଡୁ କଂଗ୍ରେସ କୋଷାଧକ୍ଷ ଭାବେ ରୁବି ଆର୍. ମନୋହରନଙ୍କୁ ନିଯୁକ୍ତ କରାଯାଇଛି। ଦଳର ରାଜ୍ୟ ସଭାପତି କେ.ଏସ୍. ଆଲାଗିରିଙ୍କ ନେତୃତ୍ୱରେ ଗଠିତ ୫୬ ଜଣିଆ କାର୍ଯ୍ୟକାରୀ କମିଟିରେ ଚିଦାମ୍ବରମ ଏବଂ ଆୟାର ସ୍ଥାନ ପାଇଛନ୍ତି।


# ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟାକଲେ ୧୦ ଲକ୍ଷ

**ଚଣ୍ଡୀଗଡ଼, ୨।୧:** ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କୁ ହତ୍ୟା କଲେ ୧୦ ଲକ୍ଷ ଟଙ୍କା ମିଳିବ ବୋଲି ଲେଖାଥିବା ଏକ ପୋଷ୍ଟରକୁ ପୋଲିସ ଜବତ କରିଛି। ଘଟଣାରେ ପଞ୍ଜାବ ପୋଲିସ ମାମଲା ରୁଜୁ କରି କିଏ ଏହି ପୋଷ୍ଟର ଲଗାଇଥିଲା ତାହାର ତଦନ୍ତ ଆରମ୍ଭ କରିଛି। ମୋହାଲି ସେକ୍ଟର ୬୬ ଓ ୬୭ରେ ଥିବା ଗାଇଡ୍ ମ୍ୟାପ୍‌ରେ ଏଭଳି ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଥିଲା। ସେଥିରେ ଇବ୍ରାହିମ୍‌ଆଟ୍‌ହଟ୍‌ମେଲ ନାମରେ ଏକ ଇ-ମେଲ୍ ଠିକଣା ଉଲ୍ଲେଖ ରହିଛି। ସାଇବର କ୍ରାଇମ୍ ଟିମ୍ ସହାୟତାରେ ମେଲ୍ ଆଇଡିକୁ ଯାଞ୍ଚ କରାଯାଉଛି। ଗତ ଡିସେମ୍ବର ୧୪ରେ ମଧ୍ୟ ଅମରିନ୍ଦରଙ୍କ ଫଟୋ ଥିବା ଏକ ହୋର୍ଡିଂ ଲଗାଯାଇଥିଲା, ଯେଉଁଥିରେ ତାଙ୍କ ମୁହଁରେ କଳା ରଙ୍ଗ ବୋଳାଯାଇଥିବା ଦେଖିବାକୁ ମିଳିଥିଲା। ଖଲିସ୍ତାନୀ ସଙ୍ଗଠନ 'ଶିଖ୍ ଫର୍ ଜଷ୍ଟିସ୍' ପୂର୍ବରୁ ମୁଖ୍ୟମନ୍ତ୍ରୀ ସିଂଙ୍କୁ ହତ୍ୟା ପାଇଁ ଧମକ ଦେଇଥିବାରୁ ଏହି ଘଟଣାରେ ମଧ୍ୟ ଖଲିସ୍ତାନୀଙ୍କ ହାତ ଥିବା ସନ୍ଦେହ କରାଯାଉଛି।




# ଦିଲୀପ, ରାଜଙ୍କ ଘର କିଣିବ ପାକିସ୍ତାନ

**ପେଶାୱର, ୨।୧:** ପାକିସ୍ତାନର ଖାଇବର ପାଖ୍ତୁନଖୱା ରାଜ୍ୟ ସରକାର କିମ୍ବଦନ୍ତୀ ବଲିଉଡ ଅଭିନେତା ଦିଲୀପ କୁମାର ଏବଂ ରାଜ କପୁରଙ୍କ ପୈତୃକ ଘର କିଣିବେ। ଏଥି ପାଇଁ ୨.୩୫ କୋଟି ଟଙ୍କା ବ୍ୟୟ ପାଇଁ ମଞ୍ଜୁର ହୋଇଛି। ସହରର ମଧ୍ୟଭାଗରେ ଥିବା ଏହି ଦୁଇ ଅଭିନେତାଙ୍କ ଘରକୁ ଜାତୀୟ ସଂଗ୍ରହାଳୟ ମାନ୍ୟତା ପ୍ରଦାନ କରାଯାଇଛି। ପେଶାୱର ଡେପୁଟି କମିଶନର ୧୦୧ ବର୍ଗ ମିଟର ଜାଗାରେ ଥିବା ଦିଲୀପ କୁମାରଙ୍କ ଘର ପାଇଁ ୫୦ ଲକ୍ଷ ୫୬ ହଜାର ଏବଂ ରାଜ କପୁରଙ୍କ ୧୫୧.୭୫ ବର୍ଗ ମିଟରରେ ଥିବା ଘର ପାଇଁ ୧ କୋଟି ୫୦ ଲକ୍ଷ ଟଙ୍କା ଧାର୍ଯ୍ୟ କରିଛନ୍ତି। କ୍ରୟ ପରେ ଉଭୟ ଗୃହକୁ କେ ପି ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂଗ୍ରହାଳୟରେ ପରିଣତ କରାଯିବ। ଭାରତ ଓ ପାକିସ୍ତାନ ଅଲଗା ହେବା ପୂର୍ବରୁ ଏହି ଦୁଇ ବର୍ଷୀୟାନ ଅଭିନେତା ବର୍ତ୍ତମାନ ପାକିସ୍ତାନରେ ଥିବା ସେମାନଙ୍କ ପୈତୃକ ଘରେ ଜନ୍ମଗ୍ରହଣ କରିଥିଲେ।



# ମାଗଣା ମିଳିବ କୋଭିଡ୍ ଟିକା

**ନୂଆଦିଲ୍ଲୀ, ୨।୧**

ପ୍ରଥମ ପର୍ଯ୍ୟାୟରେ ସାରା ଦେଶରେ କୋଭିଡ୍ ଟିକା ମାଗଣା ପ୍ରଦାନ କରାଯିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଶନିବାର କହିଛନ୍ତି। କରୋନା ମହାମାରୀ ବିରୋଧରେ ଲଢ଼େଇ କରିଥିବା ଦେଶର ୧ କୋଟି ସ୍ୱାସ୍ଥ୍ୟ କର୍ମଚାରୀ ଓ ୨ କୋଟି ଆଗଧାଡିର କର୍ମଚାରୀଙ୍କୁ ସରକାର ଟିକାକରଣରେ ପ୍ରାଥମିକତା ଦେବେ। ସେହିପରି ଅନ୍ୟ ୨୭ କୋଟି ହିତାଧିକାରୀଙ୍କୁ ପ୍ରାଥମିକତା ଆଧାରରେ ଜୁଲାଇ ସୁଦ୍ଧା ଟିକା ଦେବା ଲାଗି ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି। ଦିଲ୍ଲୀ ସରକାର ମାଗଣାରେ ଟିକା ଦେବେ ବୋଲି ଘୋଷଣା କରିଛନ୍ତି। ଏନେଇ ଖବରଦାତାମାନେ ହର୍ଷବର୍ଦ୍ଧନଙ୍କୁ ପଚାରିବାରୁ ସେ କହିଥିଲେ, କେବଳ ଦିଲ୍ଲୀ ନୁହେଁ ସାରା ଦେଶରେ ମାଗଣାରେ କୋଭିଡ୍ ଟିକା ଦିଆଯିବ।

ସେରମ୍ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ପ୍ରସ୍ତୁତ କୋଭିଶିଲ୍ଡ ଟିକାକୁ ମଞ୍ଜୁରୀ ଦେବା ଲାଗି ବିଶେଷଜ୍ଞ କମିଟି ସୁପାରିସ କରିବା ପରେ ଟିକାକରଣ ଖୁବ୍‌ଶୀଘ୍ର ଆରମ୍ଭ ହେବା ନେଇ ପଥ ପରିଷ୍କାର ହୋଇଯାଇଛି। କରୋନା ମହାମାରୀ ଦ୍ୱାରା ଆମେରିକା ପରେ ଭାରତ ସର୍ବାଧିକ ସଂକ୍ରମିତ ରାଷ୍ଟ୍ର। ଏଠାରେ ୧ କୋଟିରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଥିବାବେଳେ ୧.୪୯ ଲକ୍ଷଙ୍କର ଜୀବନ ଯାଇଛି। ଟିକାର ନିରାପତ୍ତା ଓ ଫଳପ୍ରଦତାକୁ ନେଇ ଗୁଜବ ପ୍ରକାଶ ପାଇପାରେ। ସେଥିରେ ପ୍ରଭାବିତ ନ ହେବା ଲାଗି ହର୍ଷ ବର୍ଦ୍ଧନ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଟିକାକୁ ଅନୁମୋଦନ କରିବା ପୂର୍ବରୁ କୌଣସି ପ୍ରୋଟୋକଲ୍ ସହ ସାଲିସ୍ କରାଯିବ ନାହିଁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଶନିବାର ସାରା ଦେଶରେ ଟିକାର ଡ୍ରାଏ ରନ୍ ହେଉଛି। ଦିଲ୍ଲୀର ଜିଟିବି ହସ୍ପିଟାଲରେ ଡ୍ରାଏ ରନ୍‌ର ସମୀକ୍ଷା କରିବାକୁ ଯାଇଥିବା ହର୍ଷବର୍ଦ୍ଧନ ଉପରୋକ୍ତ ସୂଚନା ଦେଇଥିଲେ।



ଦିଲ୍ଲୀର ଏକ ସ୍ୱାସ୍ଥ୍ୟକେନ୍ଦ୍ର ଡ୍ରାଏରନ୍ ବେଳେ ଜଣେ ମହିଳାଙ୍କୁ ଟିକା ଦିଆଯାଉଛି।



- ଅନୁମୋଦନ ନିୟମାବଳୀରେ ସାଲିସ୍ ନାହିଁ: ହର୍ଷବର୍ଦ୍ଧନ
- ପ୍ରଥମେ ଟିକା ନେବେ ୩ କୋଟି କରୋନା ଯୋଦ୍ଧା

# ବୁଟା ସିଂଙ୍କ ପରଲୋକ

**ନୂଆଦିଲ୍ଲୀ, ୨।୧**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ବୁଟା ସିଂ(୮୬)ଙ୍କ ପରଲୋକ ଘଟିଛି। ମସ୍ତିଷ୍କରେ ରକ୍ତସ୍ରାବ ଯୋଗୁ ସେ କୋମାକୁ ଚାଲିଯାଇଥିଲେ। ଗତ ଅକ୍ଟୋବରରୁ ଏମ୍ସରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ଶନିବାର ସକାଳେ ତାଙ୍କ ଦେହାନ୍ତ ହୋଇଥିବା ନେଇ ପୁଅ ଅରବିନ୍ଦର ସିଂ ଲଭ୍‌ଲି ସିଦ୍ଧୁ ସୋସିଆଲ ମିଡିଆ ଯୋଗେ ସୂଚନା ଦେଇଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମେତ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଅଶୋକ ଗେହଲଟ, ଅମରିନ୍ଦର ସିଂ ପ୍ରମୁଖ ତାଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଛନ୍ତି। ଷାଠିଏ ଦଶକରେ କଂଗ୍ରେସରେ ଯୋଗଦେବା ପୂର୍ବରୁ ସ୍ୱର୍ଗତ ସିଂ ଶିରୋମଣି ଅକାଳୀ ଦଳର ସଦସ୍ୟ ଥିଲେ। ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ ବୁଟା ସିଂ କଂଗ୍ରେସରେ ଯୋଗ ଦେଇଥିଲେ। କଂଗ୍ରେସ ବିଭାଜନ ବେଳେ ଦଳ ପାଇଁ ହାତ ଚିହ୍ନ ବାଛିବା ପ୍ରକ୍ରିୟାରେ ସେ ସାମିଲଥିଲେ। ଇନ୍ଦିରା ଗାନ୍ଧୀ ଏବଂ ରାଜୀବ ଗାନ୍ଧୀଙ୍କର ମଧ୍ୟ ନିକଟତର ଥିଲେ। ୧୯୬୨ରେ ସ୍ୱର୍ଗତ ସିଂ ପ୍ରଥମେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ରାଜୀବ ଗାନ୍ଧୀ ସରକାରରେ ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ରହିବା ସହ ୧୯୮୬ରୁ ୧୯୮୯ ପର୍ଯ୍ୟନ୍ତ ଅନୁସୂଚିତ ଜାତି ରାଷ୍ଟ୍ରୀୟ ଆୟୋଗ ସଭାପତି, ପଶ୍ଚିମବଙ୍ଗ ଓ ବିହାର ରାଜ୍ୟପାଳ ଏବଂ କେନ୍ଦ୍ର କୃଷି ଓ ରେଳ ମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।







ଦିଲ୍ଲୀର ଗାଜିଆବାଦ ସୀମାରେ ଜଣେ କୃଷକ ରାବଣ ବେଶରେ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## ଟ୍ରମ୍ପ୍‌ଙ୍କ ଭିଟୋକୁ ରଦ୍ଦ କଲା କଂଗ୍ରେସ

**ୱାଶିଂଟନ୍, ୨।୧(ଆଇଏଏନ୍ଏସ୍)**

ଏକ ପ୍ରତିରକ୍ଷା ବିଲ୍ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଭିଟୋ କ୍ଷମତାକୁ କଂଗ୍ରେସ ରଦ୍ଦ କରି ଦେଇଛି। ଟ୍ରମ୍ପ୍‌ଙ୍କ ୪ ବର୍ଷର ଶାସନ ମଧ୍ୟରେ ପ୍ରଥମ ଥର ତାଙ୍କ ଭିଟୋ ବିରୋଧରେ କଂଗ୍ରେସ ଭୋଟ ଦେଇଛି। ଶୁକ୍ରବାର ନୂଆବର୍ଷ ସ୍ୱତନ୍ତ୍ର ଅଧିବେଶନରେ ସିନେଟ ୭୪୦.୫ ବିଲିୟନ ପ୍ରତିରକ୍ଷା ନୀତି ବିଲ୍ ବିରୋଧରେ ୮୧:୧୩ରେ ଭୋଟ ଦେଇଥିଲା। ଡେମୋକ୍ରାଟ ନିୟନ୍ତ୍ରଣରେ ଥିବା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ମଧ୍ୟ ବିଲ୍ ବିରୋଧରେ ଭୋଟ ପଡ଼ିଥିଲା। ଫଳରେ ୨୦୨୧ ଆର୍ଥିକ ବର୍ଷ ପାଇଁ ନ୍ୟାଶନାଲ ଡିଫେନ୍ସ ଅଥରାଇଜେଶନ ଆକ୍ଟ (ଏନ୍‌ଡିଏଏ) ରଦ୍ଦ ହୋଇଯାଇଛି। ନୂଆ ଆମେରିକା କଂଗ୍ରେସ ଶପଥ ଗ୍ରହଣ କରିବାର ଦୁଇଦିନ ପୂର୍ବରୁ ଏଭଳି ଘଟିଛି। ଗତ ସପ୍ତାହରେ ଟ୍ରମ୍ପ୍ ଭିଟୋ ପ୍ରୟୋଗ କରି ୨୦୨୧ ସେପ୍ଟେମ୍ବର ପର୍ଯ୍ୟନ୍ତ ବିନିଯୋଗ ଏବଂ ପେଣ୍ଟାଗନ୍‌ର କାର୍ଯ୍ୟକ୍ରମ ପାଇଁ ନୀତି ପ୍ରଣୟନ ଲାଗି କର୍ତ୍ତୃପକ୍ଷଙ୍କୁ ଅନୁମତି ଦେଇଥିଲେ।

# ୨୬/୧୧ ମାଷ୍ଟରମାଇଣ୍ଡ ଗିରଫ

**ଲାହୋର, ୨।୧(ପି.ଟି.)**

୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଲଶ୍କର-ଇ-ତୋଇବା ସଂଗଠନର ଅପରେଶନ କମାଣ୍ଡର ଜାକିଉର୍ ରେହମନ ଲଖ୍‌ଭିଙ୍କୁ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଅଭିଯୋଗରେ ଶନିବାର ପାକିସ୍ତାନରେ ଗିରଫ କରାଯାଇଛି। ମୁମ୍ବାଇ ଆକ୍ରମଣ ମାମଲାରେ ସେ ୨୦୧୫ରୁ ଜାମିନରେ ଥିଲେ।

ପଞ୍ଜାବ ପ୍ରଦେଶରୁ ଆତଙ୍କବାଦ ନିରୋଧୀ ବିଭାଗ (ସିଟିଡି) ତାଙ୍କୁ ଗିରଫ କରିଥିବାବେଳେ ଗିରଫର ସ୍ଥାନ ସମ୍ପର୍କରେ ଜଣାଇନାହିଁ। ସିଟିଡି ଲାହୋର ଥାନାରେ ଲଖ୍‌ଭିଙ୍କ ବିରୋଧରେ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ନେଇ ମାମଲା ରୁଜୁ ହୋଇଥିଲା। ଆତଙ୍କବାଦ ପାଇଁ ସଂଗୃହୀତ ପାଣ୍ଠିରେ ସେ ଏକ ଡାକ୍ତରଖାନା ଚଳାଉଥିବା ଅଭିଯୋଗ ହୋଇଛି। ଉକ୍ତ ଡାକ୍ତରଖାନାରୁ ହେଉଥିବା ରୋଜଗାରକୁ ସେ ଓ ଅନ୍ୟମାନେ ଆତଙ୍କବାଦ ପାଇଁ ଖର୍ଚ୍ଚ କରୁଥିଲେ ବୋଲି ସିଟିଡି କହିଛି। ଜାତିସଂଘ ଦ୍ୱାରା ଘୋଷିତ ଆତଙ୍କବାଦୀ ତାଲିକାରେ ମଧ୍ୟ ଲଖ୍‌ଭି ଅଛନ୍ତି। ଲାହୋରସ୍ଥିତ ଆତଙ୍କବାଦ ନିରୋଧୀ ଅଦାଲତରେ ତାଙ୍କ ମାମଲାର ଶୁଣାଣି ହେବ।



ଜାକିଉର୍ ରେହମନ ଲଖ୍‌ଭି

# ନୂଆବର୍ଷ ପାର୍ଟିରେ ଯୁବତୀଙ୍କୁ ହତ୍ୟା

**ମୁମ୍ବାଇ, ୨।୧**

ନୂଆବର୍ଷ ପାର୍ଟି ଚାଲିଥିବାବେଳେ ମୁମ୍ବାଇରେ ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ତାଙ୍କ ସାଙ୍ଗମାନେ ହତ୍ୟା କରିଛନ୍ତି। ଘଟଣା ମୁତାବକ, ଖାର ଅଞ୍ଚଳରେ ଜାହ୍ନବୀ କୁକରେଜା ସାଙ୍ଗମାନଙ୍କ ସହ ଏକ ବିଲ୍ଡିଂ ଛାତ ଉପରେ ପାର୍ଟି କରୁଥିଲେ। ସେହି ସମୟରେ ତାଙ୍କ ଦୁଇ ବନ୍ଧୁଙ୍କୁ ସେ ଆପତ୍ତିଜନକ ଅବସ୍ଥାରେ ଦେଖଦେଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍ତ୍ୟକ୍ତ ହୋଇ ଉଭୟେ ଜାହ୍ନବୀଙ୍କ ମୁଣ୍ଡକୁ ରଡ୍‌ରେ ପିଟି ଦେଇଥିଲେ। ଉଭୟଙ୍କୁ ପୋଲିସ ଗିରଫ କରିଛି। କଟକଣା ସତ୍ତ୍ୱେ ସେମାନେ କିପରି ଏହି ପାର୍ଟି ଆୟୋଜନ କରିଥିଲେ ତାହାର ତଦନ୍ତ ଚାଲିଛି।

# ବାଣ ଫୁଟି ଶତାଧିକ ପକ୍ଷୀ ମୃତ

**ରୋମ, ୨।୧**

ନୂଆବର୍ଷ ପୂର୍ବ ସନ୍ଧ୍ୟାରେ ଉତ୍ସବ ପାଳନ ପାଇଁ ବାଣ ଫୁଟାଯିବା ଯୋଗୁ ଇଟାଲୀର ରୋମରେ ପ୍ରାଣ ହରାଇଛନ୍ତି ଶହ ଶହ ପକ୍ଷୀ। ପ୍ରକୃତିକୁ ଧ୍ୱଂସ କରିଚାଲିଥିବା ମଣିଷର ଏଭଳି କାର୍ଯ୍ୟକଳାପକୁ ପ୍ରାଣୀ ପ୍ରେମୀ ସାମୂହିକ 'ନରସଂହାର' ଆଖ୍ୟା ଦେଇଛନ୍ତି। ରୋମର ମୁଖ୍ୟ ରେଳ ଷ୍ଟେସନ ନିକଟ ରାସ୍ତାରେ ବ୍ୟାପକ ସଂଖ୍ୟାରେ ମୃତ ପକ୍ଷୀ ଗଦା ହୋଇଯାଇଥିବା ଦେଖିବାକୁ ମିଳିଛି। ଆତସବାଜି ନିଆଁ ଓ ଉଚ୍ଚ ଶବ୍ଦ ଯୋଗୁ ଏତେ ସଂଖ୍ୟାରେ ପକ୍ଷୀ ମରିଥିବା ଅନ୍ତର୍ଜାତୀୟ ପକ୍ଷୀ ସୁରକ୍ଷା ସଂଗଠନ ପକ୍ଷରୁ କୁହାଯାଇଛି।

# 'ଆଗୁଆ ଜାମିନରେ ପ୍ରତିବନ୍ଧକ ନାହିଁ'

**ନୂଆଦିଲ୍ଲୀ, ୨।୧(ପି.ଟି.)**

### ତିନି ତଲାକ୍ ଆଇନ

୨୦୧୯ରେ କାର୍ଯ୍ୟକାରୀ ହୋଇଥିବା ଆଇନର ବ୍ୟବସ୍ଥା ଅନୁଯାୟୀ ଜଣେ ମୁସଲମାନ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ଏକସଙ୍ଗେ ତିନିଥର ତଲାକ୍ କହିଲେ ତାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ମିଳିପାରେ। ତେବେ ଏହି ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା) ଆଇନରେ ସମ୍ପୃକ୍ତ ସ୍ୱାମୀଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଆଇନର ଧାରା ୭(ସି) ଏବଂ ସିଆର୍‌ପିସିର ଧାରା ୪୩୮ ବ୍ୟବସ୍ଥାକୁ ଦର୍ଶାଇ ଗିରଫ ବ୍ୟକ୍ତିଙ୍କୁ ଜାମିନ ଦେବା ଲାଗି ନିର୍ଦ୍ଦେଶ ଥିବା ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଇନ୍ଦୁ ମାଲହୋତ୍ରା ଏବଂ ଇନ୍ଦିରା ବାନାର୍ଜୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ତେବେ ଅନ୍ତରୀଣ ଜାମିନ ଦେବା ପୂର୍ବରୁ ଅଦାଲତଙ୍କୁ ମୁସଲମାନ ମହିଳାଙ୍କ ଅଭିଯୋଗ ଶୁଣିବାକୁ ହେବ।



ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ତିନି ତଲାକ୍ ଦେଇଥିବାବେଳେ ଶାଶୁ ତାଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତା ଶାଶୁଙ୍କୁ ଜାମିନ ପ୍ରଦାନ କଲାବେଳେ ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ମହିଳାଙ୍କୁ ଜାମିନ ଦେବା ଲାଗି କେରଳ ହାଇକୋର୍ଟ ମନା କରିଥିବାବେଳେ ଏହା ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା।

# ୨୬ରେ ଚାଷୀଙ୍କ ଟ୍ରାକ୍ଟର ରାଲି

**ନୂଆଦିଲ୍ଲୀ, ୨।୧**

ବିବାଦୀୟ ୩ କୃଷି ଆଇନ ପ୍ରତ୍ୟାହାର କରିବା ସହ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ ଲାଗି ଆନ୍ଦୋଳନରତ କୃଷକ ସଂଗଠନଗୁଡ଼ିକ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଯଦି ଉକ୍ତ ଦାବିଗୁଡ଼ିକୁ ସରକାର ପୂରଣ ନ କରନ୍ତି, ତେବେ ହଜାର ହଜାର ଚାଷୀ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ରାଜଧାନୀରେ ପ୍ରବେଶ କରିବା ସହ ଟ୍ରାକ୍ଟର ରାଲି ବାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଚାଷୀ ସଂଗଠନଗୁଡ଼ିକର ମିଳିତ ମଞ୍ଚ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଏହା କୁହାଯାଇଛି।

କେନ୍ଦ୍ରର କୃଷି ଆଇନ ବିରୋଧରେ ୪୦ଟି ଚାଷୀ ସଂଗଠନ ପକ୍ଷରୁ ଦିଲ୍ଲୀ ସୀମାରେ ମାସେରୁ ଊର୍ଦ୍ଧ୍ୱ ସମୟ ହେଲା ଆନ୍ଦୋଳନ ଜାରି ରହିଛି। ଆସନ୍ତା ୪ ତାରିଖରେ କେନ୍ଦ୍ର ଓ କୃଷକ ନେତାଙ୍କ ମଧ୍ୟରେ ଆଲୋଚନା ଥିଲାବେଳେ ଏଥିରେ ଯଦି ଦାବି ପୂରଣ ନ ହୁଏ ତେବେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ। ଏଥିପାଇଁ କୃଷକ ପ୍ରତିନିଧିମାନଙ୍କର ଏକ ୭ ଜଣିଆ ଟିମ୍ ସାନି ଆନ୍ଦୋଳନ କାର୍ଯ୍ୟସୂଚୀ ପ୍ରକାଶ କରିଛନ୍ତି। ଜାନୁୟାରୀ ୬ରୁ ୧୫ ଦିନ ପର୍ଯ୍ୟନ୍ତ ବିଭିନ୍ନ ରାଜଭବନ ସମ୍ମୁଖରେ ପିକେଟିଂ ସାଙ୍ଗକୁ ଦିଲ୍ଲୀ ସୀମାର ୬ଟି ଆନ୍ଦୋଳନ ସ୍ଥଳରୁ ଶୋଭାଯାତ୍ରା ବାହାର କରାଯିବ। ଜାନୁୟାରୀ ୨୬ ଟ୍ରାକ୍ଟର ପରେଡ୍ ପାଇଁ ରିହର୍‌ସାଲ ଅନୁଷ୍ଠିତ ହେବ ବୋଲି କୃଷକ ନେତାମାନେ କହିଛନ୍ତି। ୪ ତାରିଖରେ ସରକାରଙ୍କ ସହ ଆଲୋଚନା ଏବଂ ୫ରେ କୃଷି ଆଇନ ବିରୋଧରେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନର ଶୁଣାଣି ଥିବାରୁ ସେ ପର୍ଯ୍ୟନ୍ତ ଚାଷୀମାନେ ଅପେକ୍ଷା କରିବେ।

ଗତ ୩୦ ତାରିଖରେ ଅନୁଷ୍ଠିତ ବୈଠକରେ ଚାଷୀଙ୍କ ଅଧା ଦାବି ପୂରଣ ହୋଇଥିବା କଥା ସରକାର କହୁଛନ୍ତି। କିନ୍ତୁ ମୁଖ୍ୟ ଦୁଇଟି ଦାବି ପୂରଣ ନେଇ ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କୌଣସି ସୂଚନା ପ୍ରକାଶ ପାଇ ନ ଥିବା କୃଷକ ମଞ୍ଚର ନେତା ଯୋଗେନ୍ଦ୍ର ଯାଦବ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଯୋଗେନ୍ଦ୍ର ଯାଦବ ଓ ଅନ୍ୟ କୃଷକ ନେତା ସୂଚନା ଦେଉଛନ୍ତି।

- ଦାବି ପୂରଣ ନ ହେଲେ ଜୋର୍‌ଦାର ହେବ ଆନ୍ଦୋଳନ
- ୬ରୁ ୧୫ ଦିନ ରାଜଭବନ ସମ୍ମୁଖରେ ପିକେଟିଂ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୩ ଜାନୁୟାରୀ, ୨୦୨୧

**ଘର ସମ୍ମୁଖରୁ ବୋଲେରୋ ଚୋରି**

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଠୁର୍ଲା ରାସ୍ତାପାର୍ଶ୍ୱ ଘର ସମ୍ମୁଖରେ ଥିବା ଏକ ବୋଲେରୋ ଶୁକ୍ରବାର ରାତିରେ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ସିଲେଟକାନୀର ଗାଡି ମାଲିକ ଅଶୋକ ମେହେରଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ମାମଲା ରୁଜୁ କରି ଛାନଭିନ ଚଳାଇଥିବା ଥାନାଧିକାରୀ ରଞ୍ଜନ ବରିହା କହିଛନ୍ତି। ସୂଚନାନୁସାରେ ୩୧ ତାରିଖ ବିଳମ୍ବିତ ରାତିରେ ଧଳାରଙ୍ଗର ବୋଲେରୋ (ନଂ.ଓଡି ୦୨ଏଚ ୨୨୮୦)କୁ ଡ୍ରାଇଭର କୁଠୁର୍ଲାସ୍ଥିତ ନିଜଘର ସମ୍ମୁଖରେ ରଖିଥିଲେ। ସକାଳେ ଡ୍ରାଇଭର ଉଠିଲା ବେଳକୁ ଗାଡି ନଥିବା ଦେଖି ମାଲିକଙ୍କୁ ଜଣାଇଥିଲେ ।



## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଜବତ

କଣ୍ଟାବାଞ୍ଜି,୨।୧(ଡି.ଏନ.ଏ.): କଣ୍ଟାବାଞ୍ଜି-ତୁରେକେଲା ପିଡବ୍ଲୁଡି.ରାସ୍ତାର ସିମେଣ୍ଟ ଫ୍ୟାକ୍ଟ୍ରି ନିକଟରେ ଥିବା ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକଙ୍କ ଅନୁମାନିକ ବୟସ ୨୬ ବର୍ଷ ହେବ। ଶନିବାର ସନ୍ଧ୍ୟାରେ କେତେକ ବ୍ୟକ୍ତି ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ମୃତଦେହ ଜବତ କରାଯାଇଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ମୃତକଙ୍କ ପରିଚୟ ମିଳି ପାରିନାହିଁ।

### ବିଧାୟକଙ୍କ ମାତୃ ବିୟୋଗ



ଲୋଇସିଂହା,୨।୧(ଡି.ଏନ.ଏ) ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କ ମା' ବସନ୍ତ କୁମାରୀ ମହାଲିଙ୍ଗଙ୍କ ଶନିବାର ବରଗଡର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଅପରାହ୍ନରେ ମରଶରୀରକୁ ତାଙ୍କ ବରଗଡ ଜିଲା ପଦ୍ମପୁରସ୍ଥିତ ବାସଭବନକୁ ନିଆଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ମୀନକେତନ ମହାଲିଙ୍ଗ, ୪ ପୁଅ, ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ଖବର ପାଇ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ପଦ୍ମପୁରସ୍ଥିତ ସ୍ୱର୍ଗଦ୍ୱାରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡପୁଅ ମୁକେଶ ମହାଲିଙ୍ଗ ମୁଖାଗ୍ନି ଦେଇଥିଲେ । ଶିକ୍ଷକତା କରୁଥିବା ବସନ୍ତ କୁମାରୀ ୨୦୦୦ ମସିହାରେ ଅବସର ଗ୍ରହଣ କରିଥିଲେ। ୨୦୦୯ମସିହାରୁ ସେ ବାର୍ଦ୍ଧ୍ୟକଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ। ଶୁକ୍ରବାର ସ୍ୱାସ୍ଥ୍ୟବସ୍ଥାରେ ଅବନତି ହେବାରୁ ବରଗଡର ଏକ ଘରୋଇ ହସ୍ପିଟାଲକୁ ତାଙ୍କୁ ନିଆଯାଇଥିଲା । ବସନ୍ତ କୁମାରୀଙ୍କୁ ମୃତ୍ୟୁକୁ ନେଇ ପଦ୍ମପୁର ଓ ଲୋଇସିଂହା ନଅଗାଁ(ଖ) ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ସମ୍ପନ୍ନ ହେଲା ପଞ୍ଚମ ଚାନ୍ଦଲି ପାହାଡ଼ ମହୋତ୍ସବ

ଦେଓଗାଁ,୨।୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ନିକଟ ଚାନ୍ଦଲି ପାହାଡରେ ପଞ୍ଚମ ଚାନ୍ଦଲିପାହାଡ ମହୋତ୍ସବ ତଥା ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଠାଧିପତି ଅବଧୂତ କପିଳେନ୍ଦ୍ର ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯଜ୍ଞରେ କର୍ତ୍ତାଭାବେ ଘାସିରାମ ରଣା ଓ ଦମୟନ୍ତୀ ରଣା ଦାୟିତ୍ୱ ନିର୍ବାହ କରିଥିଲେ । ମହୋତ୍ସବ ତଥା ଯଜ୍ଞ କାର୍ଯ୍ୟକ୍ରମକୁ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ସରପଞ୍ଚ ସ୍ୱୟଂମ୍ବର ମେହେର ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ଷଡଙ୍ଗୀ, ବିଦ୍ୟାଧର ନାଏକ, ବିରଞ୍ଚି ଷଡଙ୍ଗୀ, ନୀଳମଣି ପାଣିଗ୍ରାହୀ, ଦୀନବନ୍ଧୁ ମେହେର, ଦର୍ଲଭ ଷାଣ୍ଡ ତଥା ଗ୍ରାମବାସୀ ସହଯୋଗ କରିଥିଲେ ।

### ଅସହାୟଙ୍କୁ ଖାଦ୍ୟ ବଣ୍ଟନ କରି ନୂଆବର୍ଷ ପାଳନ

ଜାମଟିକ୍ରା, ୨।୧ (ଡି.ଏନ.ଏ): ନାଚଗୀତ ହର୍ଷଉଲ୍ଲାସ ମଧରେ ବିଭିନ୍ନ ଅନୁଷ୍ଠାନ ନୂତନ ବର୍ଷ ପାଳନ କରିଥାନ୍ତି। ମାତ୍ର ଅସହାୟଙ୍କୁ ଖାଦ୍ୟ ବଣ୍ଟନ କରି ନୂତନ ବର୍ଷ ପାଳନ କରିଛନ୍ତି ଅତାବିରା ବ୍ଲକ ଗୋଡଭଗା ଛକର ଯୁବଗୋଷ୍ଠୀ। ଏହାଦ୍ୱାରା ସେମାନେ ଭରପୁର ଆନନ୍ଦ ଓ ସନ୍ତୁଷ୍ଟି ପାଇଥିବା ପ୍ରକାଶ କରିଛନ୍ତି। ସେମାନେ ଅତାବିରା ଝାଇଁଯୋର ପାଖରେ ଥିବା କୁଷ୍ଠାଶ୍ରମ ପଡାକୁ ଯାଇ ସେମାନଙ୍କ ମିଳାମିଶା କରିବା ସହ ତାଙ୍କ ସମସ୍ୟା ବୁଝିଥିଲେ । ଏହି ପଡାରେ ରହୁଥିବା ୩୫ଟି ପରିବାରକୁ ଖାଦ୍ୟ ବଣ୍ଟନ କରିଥିଲେ । ୨୦୧୫ ମସିହାରୁ ଏହି ଯୁବଗୋଷ୍ଠୀ ଏଠାକୁ ନବବର୍ଷ ପାଳନ କରିବା ପାଇଁ ଆସନ୍ତି। ଜ୍ଞାନରଞ୍ଜନ ଭୋଇ, ଅଜିତ ବାରିକ, ପ୍ରସାଦ ବାବୁ, ପ୍ରଭାତ ପଧାନ, ମୋହନ ସେଟ, ଦୁଷ୍ମନ୍ତ ସେଟ, ଏମ୍‌ଡି ଏକବଲ, ଏମ୍‌ଡି ଗୁଡୁ ପ୍ରମୁଖ ଯୁବକ ଏଥିରେ ସାମିଲ ହୋଇଥିଲେ ।

# ଧାନକିଣା ବାଟବଣା

କୁନାଗଡ, ୨।୧(ଡି.ଏନ୍.ଏ.)

**ନୂଆଗୁଡା ମଣ୍ଡି**
- ୧୫ଦିନ ହେଲା ଉଠୁନି ଧାନ
- ନୀରବ ଦ୍ରଷ୍ଟା ପ୍ରଶାସନ



ନୂଆଗୁଡା ମଣ୍ଡିରେ ଧାନ ବିକ୍ରି ନ ହୋଇ ପଡିରହିଛି।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଧାନକିଣା ବାଟବଣା ହୋଇଛି। ବ୍ଲକର ଅନେକ ମଣ୍ଡିରେ ଟାର୍ଗେଟ ସରିଯାଇଥିବା ଆଳ ଦେଖାଇ ଧାନ ଉଠାଣ କରାଯାଉନାହିଁ। ଫଳରେ ବିଚରା ଚାଷୀ ଧାନ ବିକ୍ରି ଆଶାରେ ଟୋକନ ପାଇ ହାଡଭଙ୍ଗା ଶୀତକାକରରେ ମଣ୍ଡିରେ ପଡିରହିଛନ୍ତି। ଏହି ପରିପ୍ରେକ୍ଷିରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିର୍ଚୈଗୁଡା ପ୍ୟାକ୍ସ ଅନ୍ତର୍ଗତ ନୂଆଗୁଡା ମଣ୍ଡିରେ ଗତ ୧୫ଦିନ ହେଲା ଚାଷୀମାନେ ଟୋକନ ପାଇ ଧାନ ବିକ୍ରି ଆଶାରେ ହାଡଭଙ୍ଗା ଶୀତ କାକରରେ ମଣ୍ଡିରେ ପଡିରହିଛନ୍ତି। ଏଥିପ୍ରତି ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବାରୁ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ନୂଆଗୁଡା ମଣ୍ଡିରେ ଗତ ୧୯ ରୁ ୨୩ ତାରିଖ ପର୍ଯ୍ୟନ୍ତ ୪୦ଜଣ ଚାଷୀ ପ୍ରାୟ ୨୫ଶହ କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଟୋକନ ପାଇଥିଲେ। ଇତିମଧ୍ୟରେ ୧୫ଦିନ ବିତିଯାଇଥିଲେ ମଧ୍ୟ ସେମାନେ ଧାନ ବିକ୍ରି କରିପାରିନାହାନ୍ତି। ଟାର୍ଗେଟ ଆଳଦେଖାଇ ମିଲର୍ସ ଧାନ ଉଠାଣ କରୁ ନ ଥିବାବେଳେ ଅନ୍ୟପଟେ ପ୍ୟାକ୍ସ, ଯୋଗାଣ ବିଭାଗ, ଆରଏମ୍‌ସି ତଥା ପ୍ରଶାସନ ଏଥିପ୍ରତି ନୀରବ ଦ୍ରଷ୍ଟା ସାଜିଛନ୍ତି। ସେହିପରି ଟୋକନର ସମୟ ସୀମା ମଧ୍ୟ ଶେଷ ହେବାକୁ ବସିଛି। ଯଦି ସମୟସୀମା ଭିତରେ ଟୋକନ ପାଇଥିବା ଚାଷୀ ଧାନ ବିକ୍ରି କରି ନ ପାରି କଟିଗଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ସ୍ଥାନୀୟ ଚାଷୀ ପ୍ରଶ୍ନ ଉଠାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ମଣ୍ଡିରେ ୫୧ଜଣ ଚାଷୀ ୨୯୪୦ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡିଛି। ଶିଘ୍ର ଏହି ମଣ୍ଡିରେ ପଡିରହିଥିବା ଧାନକୁ ଉଠାଣ କରିବା ପାଇଁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି। ଏ ନେଇ କଳାହାଣ୍ଡି ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦଙ୍କୁ ପଚାରିବାରୁ ଶୀଘ୍ର ଧାନ ଉଠାଣ କରାଯିବାକୁ ଚେଷ୍ଟା କରାଯାଉଛି ବୋଲି କହିଥିଲେ।

# ପୁରୁଣା ତାରରେ କାମଚଳା ସେବା

ବିନିକା,୨।୧(ଡି.ଏନ୍.ଏ.)



- ବିପଦସଙ୍କୁଳ ଅବସ୍ଥାରେ ଅନେକ ଖୁଣ୍ଟ
- ଟ୍ରାନ୍ସଫର୍ମର ଚାରିପାଖରେ ନାହିଁ ସୁରକ୍ଷା ବାଡ
- ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧରେ ବଢୁଛି ଅସନ୍ତୋଷ

ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନରେ ବର୍ଷ ବର୍ଷ ଧରି ପୁରୁଣା ବିଦ୍ୟୁତ୍ ତାର ବଦଳା ଯାଉନି। ବିଶେଷକରି ବିନିକା ଅଞ୍ଚଳର ସଂସାମୁରା, କର୍ତ୍ତଙ୍ଗ, ବାବୁପାଲି, ଭଣ୍ଡାର, ସାରଙ୍ଗପାଲି ପ୍ରଭୃତି ଗ୍ରାମାଞ୍ଚଳରେ ତାର ତଳକୁ ଝୁଲି ରହିଛି। କେତେକ ସ୍ଥାନରେ ହାତ ଟେକିଲେ ବାଜୁଛି ତାର । ଅପରପକ୍ଷରେ ବିନିକା ବ୍ଲକର ବିଭିନ୍ନ ଗ୍ରାମରେ ସ୍ଥାପିତ ହୋଇଥିବା ଟ୍ରାନ୍ସଫର୍ମର ମଧ୍ୟରୁ ମାତ୍ର ୨୦ଭାଗ ଟ୍ରାନ୍ସଫର୍ମର ଚାରିପାଖେ ସୁରକ୍ଷା ବାଡ ନିର୍ମାଣ ହୋଇଛି। ସେହିପରି ପୁରୁଣା ତାର ବର୍ଷ ବର୍ଷ ଧରି ବଦଳା ନ ହେବା କାରଣରୁ ଯଦି ଝଡ ତୋଫାନ ହୁଏ ତାହେଲେ ତାର ଛିଣ୍ଡି ତଳେ ପଡି ଧନ ଜୀବନ ନଷ୍ଟ ହେବାର ଆଶଙ୍କା ରହିଛି । ବିଦ୍ୟୁତ୍ ବିଭାଗର କାମଚଳା ନୀତି ନେଇ ବିନିକା ଅଞ୍ଚଳର ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉନାହିଁ । ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ବିନିକା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ବାବୁପାଲି ,ବାଙ୍କିଘିର୍ଡି, ଭଣ୍ଡାର ,ସଂସାମୁରା ଓ କର୍ତ୍ତଙ୍ଗ ଗାଁର ଉପଭୋକ୍ତାମାନେ ଚେତାବନୀ ଦେଇଛନ୍ତି । ଏନେଇ ବିନିକା ବିଦ୍ୟୁତ ବିଭାଗ ଅଧିକାରୀ ରଶ୍ମି ରଞ୍ଜନ ଜେନାଙ୍କୁ ପଚାରିବାରେ ଖୁବଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି।

# କୋଭିଡ୍ ଭାକ୍ସିନ ପ୍ରଦାନ ପାଇଁ ମକ୍ ଡ୍ରିଲ

ସୁନ୍ଦରଗଡ, ୨।୧ (ଡି.ଏନ୍.ଏ)

କୋଭିଡ ଭାକ୍ସିନ ପ୍ରଦାନ ପୂର୍ବରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଥିଲା । ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ଉପସ୍ଥିତିରେ ଏହି ଡେମୋ ତଥା ମକ୍ ଡ୍ରିଲ ମାଧ୍ୟମରେ ଏହି ଟୀକା କିଭଳି ଲୋକଙ୍କୁ ପ୍ରଦାନ କରାଯିବ ସେ ସମ୍ପର୍କରେ ନିୟୋଜିତ ହେବାକୁ ଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦିଆଯାଇଥିଲା । ଜିଲାରେ ପ୍ରଥମ ପର୍ଯ୍ୟାୟରେ ୧୬ହଜାର କରୋନା ଯୋଦ୍ଧାଙ୍କୁ ପ୍ରଥମେ ଏହି ଟୀକା ଦିଆଯିବ। ଏଥିନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର ଏହି ଅବସରରେ ପ୍ରକାଶ କରିଥିଲେ। କୋଭିଡ ଭ୍ୟାକ୍ସିନ ପ୍ରଥମେ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ପ୍ରୟୋଗ କରାଯାଇ ଭାକ୍ସିନର ପାର୍ଶ୍ୱ ପ୍ରତିକ୍ରିୟା ଉପରେ ନୀରିକ୍ଷଣ କରାଯିବ ବୋଲି ସେ କହିଛନ୍ତି। କୌଣସି ବ୍ୟକ୍ତି ଟୀକା ନେବା ପରେ ଯେପରି କୌଣସି ପାର୍ଶ୍ୱ ପ୍ରତିକ୍ରିୟାର ଶିକାର ହୋଇ ଗୁରୁତର ଅବସ୍ଥାକୁ ନ ଆସନ୍ତି ସେ ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା କହିଥିଲେ । ଏହି ଟୀକା ପ୍ରଦାନ ପୂର୍ବରୁ ଟୀକାକରଣ କେନ୍ଦ୍ର ଗୁଡିକରେ ପ୍ରଥମ ପର୍ଯ୍ୟାୟରେ ସାମାଜିକ ଦୂରତ୍ୱ ରକ୍ଷା କରି ଲୋକେ ପହଞ୍ଚିବା ପରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ହିତାଧିକାରୀଙ୍କ ପରିଚୟପତ୍ର ଯାଞ୍ଚ ପରେ ଭିତରକୁ ଛଡା ଯିବ। ଏହା ପରେ ସେମାନଙ୍କ ନାମପଞ୍ଜିକରଣ ପରେ ପ୍ରତୀକ୍ଷାଳୟରେ ଅପେକ୍ଷା ପରେ କ୍ରମାନ୍ୱୟରେ ଜଣକ ପରେ ଜଣଙ୍କୁ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଏହି ଟୀକା ଦିଆଯିବ । ଟୀକା ଦେବା ପରେ ୩୦ମିନିଟ୍ ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ନୀରିକ୍ଷଣ କକ୍ଷରେ ରଖାଯିବ। କୌଣସି ପାର୍ଶ୍ୱପ୍ରତିକ୍ରିୟା ଦେଖାଦେଲେ ସେଠାରେ ଉପସ୍ଥିତ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସେବା ଯୋଗାଇ ଦିଆଯିବ । ଏସବୁ ବ୍ୟବସ୍ଥା ମକ୍‌ଡ୍ରିଲ ମାଧ୍ୟମରେ ସ୍ୱାସ୍ଥ୍ୟକର୍ମୀମାନେ ପ୍ରଦର୍ଶିତ କରିଥିଲେ। ପରେ ଏକ ବୈଠକରେ ଜିଲାପାଳ ଏସବୁ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି ଟୀକାକରଣର ସଫଳତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।

## ହେଡମାଷ୍ଟର ମେମୋରିଆଲ କପ୍ କ୍ରିକେଟ : ଓଡିଆପାଲି ଚାମ୍ପିୟନ

ଖପ୍ରାଖୋଲ, ୨।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଅନ୍ତର୍ଗତ ଚାଉଲବାଂଜି ଗାଁର ହେଡମାଷ୍ଟର ମେମୋରିଆଲ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ଓଡିଆପାଲି ଓ ଧଣ୍ଡାମୁଣ୍ଡା ମଧ୍ୟରେ ହୋଇଥିଲା । ଓଡିଆପାଲି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୩୬ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଧଣ୍ଡାମୁଣ୍ଡା ଦଳ ନିର୍ଦ୍ଧାରିତ ଓଭରରେ ମାତ୍ର ୯୦ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଓଡିଆପାଲି ଚାମ୍ପିଆନ ହୋଇଥିଲା। ମ୍ୟାଚକୁ ନନ୍ଦକିଶୋର ବାଗ ଏବଂ ନାରାୟଣ ବରିହା ପରିଚାଳନା କରିଥିଲେ। ମଧୁସୁଦନ ଦାଶ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ । ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସଂଗ୍ରାମ କେଶରୀ ବୁଡେକ ସମ୍ମାନିତ ଅତିଥି ଶିକ୍ଷକ ଧରମ ସିଂ ଧରୁଆ, ଗଜରାଜ ନାଗ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଏବଂ ରନର୍ସ ଅପ ଧଣ୍ଡାମୁଣ୍ଡାକୁ ଟ୍ରଫି ସହ ୯ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିନିକେତନ ଦାସ, ଆଶିଷ କୁମାର ଦୀପ, ଶେଷଦେବ ଧରୁଆ, ଆୟୁସ ଆଦିତ୍ୟ ବାଗ, ଯଜ୍ଞିନ ଧରୁଆ, ଦିନେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଡ୍ରାଏ ରନ୍ ଆରମ୍ଭ

ବରଗଡ଼ ଅଫିସ୍,୨।୧

ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍-୧୯ ଟିକାକରଣ ପାଇଁ ଡ୍ରାଏ ରନ୍ ଆରମ୍ଭ ହୋଇଛି । ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସ୍ୱାସ୍ଥ୍ୟକମୀଙ୍କୁ କୋଭିଡ୍ ଟିକା ଯୋଗାଇ ଦିଆଯିବ । ସେଥିପାଇଁ ଏହି ଡ୍ରାଏ ରନ୍ ହୋଇଥିଲା ବୋଲି ଜିଲାପାଳ ପ୍ରଧାନ କହିଛନ୍ତି ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଭବାନୀପାଟଣା, ୨।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ପରମାନନ୍ଦପୁର ଗାଁରେ ଶନିବାର ସକାଳେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିବାରର ଅନ୍ୟ ୨ଜଣ ଆହତ ହୋଇଛନ୍ତି। ମୃତ ଯୁବକଙ୍କ ନାମ ଭୁଜବଳ ଭୈଶାଲ (୩୦)। ଭୁଜବଳଙ୍କ ଭଉଣୀ ତାରରେ ଲୁଗା ଶୁଖାଇବାବେଳେ ବିଦ୍ୟୁତ୍ ଅଛି କହି ଭାଇ ଭଉଣୀଙ୍କୁ ଛଡ଼ାଇ ଆଣିବା ବେଳେ ନିଜେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ଭୁଜବଳଙ୍କୁ ଚିକିତ୍ସା ଲାଗି ଭବାନୀପାଟଣା ଡ଼ାକ୍ତରଖାନା ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୨ ଜଣଙ୍କୁ ମଧ୍ୟ ଡାକ୍ତରଖାନା ନିଆଯାଇଥିଲା।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ସେମିରେ ନାଇକେନସିରା



ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

ଦେଓଗାଁ,୨।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଘୁଚିପାଲିରେ ପାଞ୍ଚଦିନ ଧରି ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଶନିବାର ଥିଲା ଦ୍ୱିତୀୟ ଦିବସ। ଏହି ଦିନ ୩ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ଦଳ ଭାବେ ମହିପୁର ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ ନାଇକେନସିରା ଓ ଦୁଷୁରା ମଧ୍ୟରେ ହୋଇଥିଲା। ଏଥିରେ ନାଇକେନସିରା ଟାଇବ୍ରେକର ୪-୨ ଗୋଲରେ ବିଜୟୀ ହୋଇଥିଲା । ସେହିପରି ହାତିସରା ଓ ମହିପୁର ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ମହିପୁର ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲେ। ମହିପୁର ଓ ନାଇକେନସିରା ମଧ୍ୟରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ନାଇକେନସିରା ଟାଇବ୍ରେକର ୫-୪ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଏହି ଦିବସରେ ମୁଖ୍ୟ ଅତିଥିଭାବେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ, ସମ୍ମାନୀତ ଅତିଥି ଶିକ୍ଷକ ଦାଶରଥୀ ଭୋଇ ଯୋଗଦେଇଥିଲେ। ସେହିପରି ପ୍ରଥମ ମ୍ୟାଚରେ ସାମାଜିକ କର୍ମୀ ମଣି ଦୀପ, ଅକ୍ଷୟ ପୁଟା ଓ କାର୍ତ୍ତିକ ମଲ୍ଲିକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ମଣି ଧରୁଆ, ଭୂବନେ ଭୋଇ, ଅନଙ୍ଗ ବାଗ ପରିଚାଳନା କରିଥିଲେ।

# କୁଆଁରମୁଣ୍ଡାରେ ମଶାରି ବଣ୍ଟନ କାର୍ଯ୍ୟକ୍ରମ



କୁଆଁରମୁଣ୍ଡାରେ ମଶାରି ବଣ୍ଟନ କରାଯାଉଛି।

କୁଆଁରମୁଣ୍ଡା,୨।୧(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲାକୁ ମ୍ୟାଲେରିଆ ରୋଗ ମୁକ୍ତ କରିବା ପାଇଁ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ପ୍ରୟାସ ଜାରି ରହିଛି ।ଏଥିପାଇଁ ପ୍ରଶାସନ ପକ୍ଷରୁ ଜିଲାବାସୀଙ୍କୁ ମାଗଣାରେ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତା ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଚାଲୁ ରହିଛି ।ଏହି କ୍ରମରେ ଶନିବାର କୁଆଁରମୁଣ୍ଡା ବ୍ଲକ ସଦରରେ ଉକ୍ତ ମଶାରୀ ୱାର୍ଡୱାରୀ ଲୋକାମାନଙ୍କୁ ପ୍ରଦାନ କରାଯାଇଛି। କୁଆଁରମୁଣ୍ଡା ପଞ୍ଚାୟତ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ର ଓ ବ୍ଲକ କଲୋନୀ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରରେ ମଶାରୀ ଅଙ୍ଗନୱାଡି ଓ ଆଶାକର୍ମୀଙ୍କ ସହ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହି ଲୋକଙ୍କୁ ମଶାରୀ ବଣ୍ଟନ କରିଛନ୍ତି। କୁଆଁରମୁଣ୍ଡା ପଂଚାୟତ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରରେ ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ତଥା ସମିତି ସଭ୍ୟ ରାଜେଶ ହାସଦା, କୁଆଁରମୁଣ୍ଡା ସରପଞ୍ଚ ସୁଷମାକାନ୍ତି କିଣ୍ଡୋ,ସାମାଜିକ କର୍ମୀ ଅର୍ଜୁନ ମିଂଜ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ଲୋକଙ୍କୁ ମଶାରୀ ବଣ୍ଟନ କରିଛନ୍ତି।

# କୋଭିଡ ଟିକାକରଣ ନିମନ୍ତେ ପୂର୍ବାଭ୍ୟାସ

ଦେବଗଡ଼,୨।୧(ଡି.ଏନ.ଏ)

ଦେବଗଡ ଜିଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶନିବାର କୋଭିଡ ଟୀକାକରଣର ପୂର୍ବାଭ୍ୟାସ କରାଯାଇଥିଲା । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ଉପାଧ୍ୟାୟ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରୋଗ୍ରାମ ମ୍ୟାନେଜର ଉମେଶ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗର ୨୫ ଜଣ କର୍ମଚାରୀଙ୍କୁ ନେଇ ଏହି ପୂର୍ବାଭ୍ୟାସ କରାଯାଇଥିଲା। ଏଥି ନିମନ୍ତେ ସ୍ୱତନ୍ତ୍ର ସୁରକ୍ଷା ଏବଂ ସାନିଟାଇଜେସନ ସହ ଅଭ୍ୟର୍ଥନା କକ୍ଷ ଓ ପର୍ଯ୍ୟବେକ୍ଷଣ କେନ୍ଦ୍ର ଖୋଲାଯାଇଥିଲା । ସେହିପରି ସହ କୌଣସି ପାର୍ଶ୍ୱ ପ୍ରତିକ୍ରୀୟା ହେଲେ ଏହାର ଜରୁରୀ ଚିକିତ୍ସା ପାଇଁ ମଧ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ଏହି ପୂର୍ବାଭ୍ୟାସ ଆଗାମୀ ଦିନରେ କୋଭିଡ ଟୀକାକରଣରେ ସହାୟକ ହେବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଉପାଧ୍ୟାୟ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବ୍ରଜବନ୍ଧୁ ଭୋଇ, ହସ୍ପିଟାଲ ମ୍ୟାନେଜର ଜିତେନ ଭଇଁସା, ଜ୍ୟୋତ୍ସ୍ନା ଶର୍ମା, ଲୋପାମୁଦ୍ରା ପ୍ରଧାନ, ମହେନ୍ଦ୍ର ମିଶ୍ର ଓ ରଞ୍ଜିତ ନାୟାର ପ୍ରମୁଖ ଉପସ୍ଥିତ ଥିଲେ।



ଦେବଗଡରେ କୋଭିଡ ଟୀକାକରଣର ପୂର୍ବାଭ୍ୟାସ କରାଯାଉଛି।

# ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି ରଶ୍ମି

ପୁରୁଣାକଟକ,୨।୧(ଡି.ଏନ୍.ଏ.)



ନିଜ କଲରା କ୍ଷେତରେ ରଶ୍ମି ରଞ୍ଜନ ବାଘ।

- ଆଧୁନିକ ପ୍ରଣାଳୀରେ କରୁଛନ୍ତି କଲରା ଚାଷ
- ବ୍ୟବହାର କରୁଛନ୍ତି ଜୈବିକ ଖତ

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାମଗଡ ପଞ୍ଚାୟତ କୋଇଲିସୁତା ଗ୍ରାମର ଯୁବ ଚାଷୀ ରଶ୍ମି ରଞ୍ଜନ ବାଘ(୩୫) । ବର୍ତ୍ତମାନ ସେ ଚାକିରିରୁ ମନ ଫେରାଇ ନିଜେ ଚାଷ କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।ଆଧୁନିକ ପ୍ରଣାଳୀରେ କଲରା ଚାଷ ସାଙ୍ଗକୁ ଅନ୍ୟାନ୍ୟ ଫସଲ କରି ଲାଭବାନ ହୋଇ ପାରିଥିବା କହିଛନ୍ତି ରଶ୍ମି ପ୍ରକାଶ ।

ପାଠପଢା ସରିବା ପରେ ରଶ୍ମି ବରଗଡ ଜିଲାର ଏକ ବିହନ କେନ୍ଦ୍ରରେ କମ୍ପ୍ୟୁଟର ଆକାଉଣ୍ଟାଣ୍ଟ ଭାବେ ୨୦୦୭ରୁ ୨୦୧୪ ପର୍ଯ୍ୟନ୍ତ ଦୀର୍ଘ ସାତବର୍ଷ ଧରି କାମ କରିଥିଲେ। ଏହି ସମୟ ମଧ୍ୟରେ ସେ ବିଭିନ୍ନ ପ୍ରକାର କମ୍ପାନୀର ବିହନ ମଞ୍ଜି ସମ୍ପର୍କରେ ଜାଣିବାକୁ ପାଇଥିଲେ । ପରେ ଚାଷ ପ୍ରତି ତାଙ୍କର ମନ ବଳିଥିଲା। ଚାକିରି ଛାଡି ସେ ନିଜ ଗ୍ରାମକୁ ଫେରି ଆସି ଚାଷ କାର୍ଯ୍ୟରେ ଲାଗିଲେ। କିଛି ରୋଜଗାର କରିବାର ଆଶା ନେଇ ନିଜର ଥିବା ୧ ଏକର ଜମିରେ ଉଦ୍ୟାନ ବିଭାଗ ସହଯୋଗରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଆମ୍ବ ଗଛ ଲଗାଇଥିଲେ। ଏହାଛଡା ଅନ୍ୟ ଜମିରେ ଲଙ୍କା, କଲରା, ମାଖନ, ରସୁଣ, ଝୁଡଙ୍ଗ, କଦଳୀ ଚାଷ କରିଛନ୍ତି। ଏବର୍ଷ କୋଭିଡ୍ ସହାୟତା ବାବଦରେ ଉଦ୍ୟାନ ବିଭାଗ ତରଫରୁ ୨୦ମିଟର ଲମ୍ବ, ୨୦ ମିଟର ପ୍ରସ୍ଥ ଜାଗାରେ ଏକ ଧାଡିକିଆ କଲରା ଚାଷ ପାଇଁ ୧୨ହଜାର ୫ଶହ ଟଙ୍କା ସହାୟତା ପାଇଥିଲେ । ସେହି ଅର୍ଥରେ କଲରା ଚାଷ ଜମିରେ ଆଧୁନିକ ପ୍ରଣାଳୀରେ ପଲିଥିନ୍ ମଲଚିଙ୍ଗ୍ ସହ ବୁନ୍ଦା ଜଳସେଚନ ବ୍ୟବସ୍ଥା କରିଛନ୍ତି। ଯୁବଚାଷୀଙ୍କ କହିବା ଅନୁଯାୟୀ ଏ ପ୍ରକାର ଚାଷରେ କମ ପରିଶ୍ରମ, ଅଳ୍ପ ଖର୍ଚ୍ଚ, ରୋଗ ପୋକ କମ୍ ହେବା ସହ ଅଧିକ ରୋଜଗାର ହେବାର ଆଶା ରହିଛି। ସେ କୀଟନାଶକ ପରିବର୍ତ୍ତେ ବର୍ତ୍ତମାନ ନିମ୍ବପତ୍ର, ଗୋବର, ଗୋମୂତ୍ର, ହଳଦୀ, ଅରଖପତ୍ର, ଜୈବିକ ଖତ ତିଆରି କରି ନିଜ ଚାଷ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଅଳ୍ପ ଜାଗାରେ ଉନ୍ନତ ଧରଣର କଲରା ଚାଷ କରି ସପ୍ତାହକୁ ୪୫ରୁ ୫୦ କିଲୋ ଆଦାୟ କରୁଥିବା କହିଛନ୍ତି । ଆଗାମୀ ଦିନରେ ଆଧୁନିକ ପ୍ରଣାଳୀରେ ଅଧିକ ଜମିରେ କଲରା ଚାଷ କରିବା ପାଇଁ ଲକ୍ଷ୍ୟ ରଖିଥିବା ଓ ବିଭିନ୍ନ ଧରଣର ପନିପରିବା ଚାଷ କରି ରୋଜଗାର ବାଟ ଫିଟାଇବାକୁ ପୁରା ଦମ୍‌ରେ ଲାଗି ପଡିଛନ୍ତି ଯୁବଚାଷୀ ରଶ୍ମି।

## କୂଅରେ ପଡି ନାବାଳିକା ମୃତ

ନୂଆଗାଁ,(ଡି.ଏନ.ଏ): ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ଚିତାପେଡି ପଞ୍ଚାୟତର ବାଙ୍କି ଗ୍ରାମର ଶୁକ୍ରା କୁଜୁରଙ୍କ ୧୩ ବର୍ଷର ଝିଅ ପ୍ରିୟଙ୍କା ଶନିବାର ଏକ କୂଅରେ ପଡି ମୃତ୍ୟୁବରଣ କରିଥିବା ଜଣାପଡିଛି । ସୂଚନା ମୁତାବକ ଶନିବାର ଅପରାହ୍ନ ୪ଟାରେ ପ୍ରିୟଙ୍କା ନିଜ ଘର ନିକଟରେ ଥିବା ଏକ କୂଅ ପାଖରେ ଖେଳୁଥିବା ସମୟରେ ତାଙ୍କ ଗୋଡ ଖସି ଯିବାରୁ ଏଭଳି ଅଘଟଣା ଘଟିଥିବା ଅନୁମାନ କରାଯାଉଛି । ଖବରପାଇ ନୂଆଗାଁରୁ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲେ ହେଁ ତା ପୂର୍ବରୁ ଗାଁ ଲୋକେ ପ୍ରିୟଙ୍କାକୁ ଉଦ୍ଧାର କରିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଥାନାରେ ରିପୋର୍ଟ ଲେଖା ହେବା ସୁଦ୍ଧା ଥାନାରେଅଭିଯୋଗ ହୋଇ ନ ଥିଲା ।

# ସଂକ୍ଷେପରେ

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ୨ ଗିରଫ

ରେଢ଼ାଖୋଲ, ୨।୧(ଡି.ଏନ.ଏ.): ଚାରମାଲ ଥାନା ଭରତାପୁର ପଞ୍ଚାୟତର ରଙ୍ଗମାଟିଆ ଗ୍ରାମରେ ଶୁକ୍ରବାର ରାତିରେ ପ୍ରସନ୍ନ ଖଡିଆ ନାମକ ଯୁବକଙ୍କୁ ସେହି ଗ୍ରାମର ୨ଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏ ନେଇ ପ୍ରସନ୍ନଙ୍କ ମାଆ ବୁଲି ଖଡିଆଙ୍କ ଅଭିଯୋଗ କ୍ରମେ ଥାନାରେ ଦଫା ୩୪୧/୩୨୩/୩୨୫/୩୦୭/୩୪ରେ ଏକ ମାମଲା (ନଂ.୧/୨୦) ରୁଜୁ ହୋଇଛି। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ସଞ୍ଜୟ ନାଗ (୩୦) ଓ ଜୟନ୍ତ ନାଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏସ୍‌ଡିଜେଏମ୍ ଅଞ୍ଜଳି ମଛଖଣ୍ଡ ଜାମିନ ଆବେଦନ ନାମଞ୍ଜୁର କରିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମତେ କିଛିମାସ ତଳେ ପ୍ରସନ୍ନଙ୍କ ଏକ ନବଜାତ ଶିଶୁ ଜନ୍ମ ନେଇଥିଲା। ଏ ବିଷୟରେ ସେ ଶୁକ୍ରବାର ଗାଁ ଦାଣ୍ଡରେ ଜଣେ ସମ୍ପର୍କିୟଙ୍କ ସହିତ ମୋବାଇଲରେ କଥା ହେଉଥିଲେ। ଏହି ସମୟରେ ଅଭିଯୁକ୍ତ ୨ ଭାଇ ସେଠାରେ ପ୍ରସନ୍ନଙ୍କ ସହିତ ଗଣ୍ଡଗୋଳ କରି ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ପ୍ରସନ୍ନଙ୍କ ମୁଣ୍ଡ ଓ ଆଖିରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିଲେ। ସେଠାରୁ ଡାକ୍ତରଙ୍କ ପରାମର୍ଶରେ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି।

## ଚାଉଳ ସହ ମିଳିବ ୨କେଜି ମାଣ୍ଡିଆ

ସୁନ୍ଦରଗଡ଼,୨।୧ (ଡି.ଏନ୍.ଏ.): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ଦରଗଡ଼ ଜିଲାରେ ପିଡିଏସ ସାମଗ୍ରୀ ପାଉଥିବା ହିତାଧିକାରୀଙ୍କୁ ଜାନୁୟାରୀ ମାସ କୋଟାରେ ପାଉଥିବା ଚାଉଳ ସହିତ ୨କେଜି ଲେଖାଏଁ ମାଣ୍ଡିଆ ପ୍ରଦାନ କରାଯିବ। ପାଉଥିବା ଚାଉଳ ପରିମାଣରୁ ୨କେଜି ଚାଉଳ ବଦଳରେ ଏହି ମାଣ୍ଡିଆ ପ୍ରଦାନ କରାଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ରାଜ୍ୟରେ ୨ଟି ଜିଲାର ପିଡ଼ିଏସ ହିତାଧିକାରୀଙ୍କୁ ମାଣ୍ଡିଆ ପ୍ରଦାନ ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

## ଜିଲାପାଳଙ୍କ ସହ ମଙ୍ଗଳାଙ୍କ ଆଲୋଚନା

ରାଜଗାଙ୍ଗପୁର, ୨।୧ (ଡି.ଏନ.ଏ): ସୁନ୍ଦରଗଡ ଜିଲାପାଳ ନିଖିଳ ପବନ କଲ୍ୟାଣ ଓ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ସହିତ ବିଜେଡି ରାଜ୍ୟ ଉପସଭାପତି ତଥା ପୂର୍ବତନ ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିସାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସାକ୍ଷାତକରି ରାଜଗାଙ୍ଗପୁର କେତେକ ପ୍ରମୁଖ ସମସ୍ୟା ଉପସ୍ଥାପନ କରି ଏହାର ସମାଧାନ ଓ ପ୍ରତିକାର କରିବା ପାଇଁ ଆଲୋଚନା କରିଥିଲେ। ତନ୍ମଧ୍ୟରୁ ମୁଖ୍ୟତଃ ରାଜଗାଙ୍ଗପୁରରେ ନିର୍ମିତ ହେଉଥିବା ରେଲବାଇ ଫ୍ଲାଏ ଓଭର ରାଜଗାଙ୍ଗପୁର ପୌରପାଳିକାର ତିଲେଇମୁଣ୍ଡା କରଞ୍ଜିଡ଼ିପା ନଦୀ ଉପରେ ବ୍ରିଜ ନିର୍ମାଣ, ରାଜ୍ୟ ସରକାର ରାଜଗାଙ୍ଗପୁର ପୌରପାଳିକାକୁ ଦେଇଥିବା ଅନୁଦାନର ଟେଣ୍ଡର ଓ ଅଧପନ୍ତରିଆ ଭାବେ ପଡିରହିଥିବା ପ୍ରକଳ୍ପ ଗୁଡିକୁ ଶେଷ କରିବା ଉପରେ ଆଲୋଚନା ହୋଇଥିଲା। ବିଜେଡିର କୁନୁ ତ୍ରିପାଠୀ, ବିଜେଡି ଜିଲା ଉପସଭାପତି ଲଲାଟ ପରିଡା, ସୁନ୍ଦରଗଡ ପୌରପାଳିକାର ପୂର୍ବତନ ଅଧକ୍ଷ ବେଣୁଧର ତାଣ୍ଡିଆ, ବୁଢ଼ା ଭିତରିଆ, ରାଜଗାଙ୍ଗପୁର ପୂର୍ବତନ ବିଜେଡି ସଭାପତି ଅମରେଶ ପଣ୍ଡା, ଜିତୁ ଦାସ, ବସନ୍ତ ଟପ୍ପୋ ସହ ଅନ୍ୟ ବିଜେଡି କର୍ମୀବୃନ୍ଦ ରହିଥିଲେ ।

## ଓଲଟିଲା ହାଇୱା, ଚାଳକ ଗୁରୁତର

ନାକଟିଦେଉଳ,୨।୧(ଡି.ଏନ.ଏ.): ନାକଟିଦେଉଳ ଥାନା ଅନ୍ତର୍ଗତ ରାଞ୍ଚି-ବିଜୟୱାଡ଼ା ରାସ୍ତାର ପେଣ୍ଠବାହାଲ ଚମ୍ପାଳି ପୋଲ ନିକଟରେ ଶନିବାର ଏକ ହାଇୱା ଦୁର୍ଘଟଣା ଗ୍ରସ୍ତ ହୋଇ ଓଲଟିପଡ଼ିଛି। ଫଳରେ ଗାଡ଼ି ଚାଳକ ନାକଟିଦେଉଳ ଥାନା ସରାପାଲି ଗ୍ରାମର ସଞ୍ଜୟ ଅଢା (୨୯) ଗୁରୁତର ଆହତ ହୋଇଛନ୍ତି। ଓଡ଼ି୧୫ ଏଲ-୪୪୩୨ ନମ୍ବର ବିଶିଷ୍ଟ ଟିପ୍ପର ବୋଝେଇ ହାଇୱା ରେଢାଖୋଲ ପଟରୁ ନାକଟିଦେଉଳ ଆସୁଥିଲା। ଅପରାହ୍ନ ପ୍ରାୟ ସାଢେ ଗୋଟାଏ ସମୟରେ ଗାଡ଼ିଟି ଚମ୍ପାଳି ପୋଲ ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ଗାଡ଼ି ଡ୍ରାଇଭର ସଞ୍ଜୟଙ୍କୁ ସ୍ଥାନୀୟ ଲୋକେ ନାକଟିଦେଉଳ ଡାକ୍ତରଖାନରେ ଭର୍ତ୍ତି କରିଥିଲେ।

# ଘର ଭାଙ୍ଗି ଧାନ, ଚାଉଳ ଖାଇଲେ

ଲହୁଣୀପଡା, ୨।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ସେକ୍ସନର ବିଭିନ୍ନ ଗ୍ରାମରେ ଦନ୍ତା ହାତୀର ଉପଦ୍ରବ ଶୁକ୍ରବାର ରାତିରେ ଦେଖିବାକୁ ମିଳିଛି। ଗ୍ରାମ ଗୁଡିକରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଲୋକମାନେ ଏକତ୍ରିତ ହୋଇ ରାତିରେ ଉଜାଗର ରହି ଗୋଟିଏ ଜାଗାରେ ଜମା ହୋଇ ରହିଲେ। ଗୋଟାଏ ରାତିରେ ତିନୋଟି ଗ୍ରାମର ୭ଟି ଘରକୁ ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଦେଇ ବ୍ରାହ୍ମଣୀ ନଦୀ ପାର ହୋଇ ଗୁରୁଣ୍ଡିଆ ଜଙ୍ଗଲ ପଟେ ପଳାଇ ଯାଇଥିବା ଜଣାପଡ଼ିଛି। ବାଙ୍କି ବନାଞ୍ଚଳ ଅଧିନସ୍ଥ ରାଜାମୁଣ୍ଡା ସେକ୍ସନର ସାଲେଇପାଲି ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ଏକ ଦନ୍ତା ହାତୀ ଆସି ସମ୍ବାରି ମୁଣ୍ଡା, ଯମୁନା ମୁଣ୍ଡା


ହାତୀ ଭାଙ୍ଗି ଦେଇଥିବା ଘର।

ଓ ଲକ୍ଷ୍ମଣ ମୁଣ୍ଡାର ଘରକୁ ଭାଙ୍ଗି ଦେଇ ଘର ମାନଙ୍କରେ ଥିବା ଧାନ ଚାଉଳକୁ ଖାଇ ନଷ୍ଟ କରିଦେବାରୁ ଗ୍ରାମବାସୀ ହୋ ହାଲ୍ଲା କରି ହାତୀକୁ ଘଉଡାଇଥିଲେ।

### ଦନ୍ତାହାତୀର ଉପଦ୍ରବ

ଫଳରେ ଦନ୍ତା ହାତୀ ନିକଟସ୍ଥ ତିକାୟତପାଲି ଗ୍ରାମକୁ ପଳାଇଥିଲା । ସେଠାରେ ମେଚ ମୁଣ୍ଡା, ରାନ୍ଧାଇ ମୁଣ୍ଡାର ଏବଂ ପରବର୍ତ୍ତୀ ସମୟରେ କପଣ୍ଡ ଗ୍ରାମର ଶାନ୍ତିଲତା ମାହାନ୍ତ, ଜୟଦେବ ମହାନ୍ତର ଘର ଭାଙ୍ଗି ଧାନ ଚାଉଳ ଖାଇବା ସହିତ ନଷ୍ଟ କରି ଦେଇଥିଲା। ଘଟଣା ସମ୍ପର୍କରେ ଲୋକମାନେ ରାଜାମୁଣ୍ଡା ସେକ୍ସନର ଫରେଷ୍ଟରଙ୍କୁ ସୂଚନା ଦେବାରୁ ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ହାତୀକୁ ଘଉଡାଇଥିଲେ । ଭୋର ୪ଟା ପରେ ଦନ୍ତା ହାତୀଟି କପଣ୍ଡ ବ୍ରାହ୍ମଣୀ ନଦୀ ପାର ହୋଇ ଗୁରୁଣ୍ଡିଆ ଜଙ୍ଗଲ ପଟେ ପଳାଇଥିବା ଅନୁମାନ କରାଯାଉଛି ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୪ତମ ପ୍ରତିଷ୍ଠା ଦିବସ

ସମ୍ବଲପୁର, ୨।୧(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୪ତମ ପ୍ରତିଷ୍ଠା ଦିବସ ଶନିବାର ଭର୍ଚୁଆଲ୍ ପଦ୍ଧତିରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଦୀପକ ବେହେରା ଅଧକ୍ଷତା କରିଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ପିଜି କାଉନସିଲ ଚେୟାରମ୍ୟାନ ଅର୍କକେଶରୀ ଦାସ ମହାପାତ୍ର, ରେଜିଷ୍ଟ୍ରାର୍ ସୀତାରାମ ପଟେଲ ଉପସ୍ଥିତ ରହିଥିଲେ।ଭର୍ଚୁଆଲରେ ନାକ୍ ଅଧକ୍ଷ ପ୍ରଫେସର ଏସ୍.ସି. ଶର୍ମା ମୁଖ୍ୟଅତିଥି ଓ ଜିଏମୟୁର ପୂର୍ବତନ କୁଳପତି ପ୍ରଫେସର ଅତନୁ କୁମାର ପତି, ନାକ୍ ଆଇଟି ସେଲ ନିର୍ଦ୍ଦେଶକ ଅମୂଲ୍ୟ ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭର୍ଚୁଆଲ ମାଧ୍ୟମରେ କବି ସିନ୍ କୈଫ



ପ୍ରତିଷ୍ଠା ଦିବସରେ ଅତିଥିମାନେ ପଶ୍ଚିମ ଓଡିଶା ପରିଚୟ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

### ସିନ୍ କୈଫ ନିଜାମ୍‌ଙ୍କୁ ଗଙ୍ଗାଧର ଜାତୀୟ ସମ୍ମାନ

ନିଜାମ୍ ଗଙ୍ଗାଧର ଜାତୀୟ ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ପ୍ରଫେସର ଅଶୋକ ଦାସଙ୍କ ସମ୍ପାଦିତ ପଶ୍ଚିମ ଓଡିଶା ପରିଚୟ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଲମ୍ବା ସମୟ ମଧ୍ୟରେ ବିଶ୍ୱବିଦ୍ୟାଳୟ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିସାରିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଛାତ୍ରୀଛାତ୍ର ଆସି ଅଧ୍ୟୟନ କରୁଛନ୍ତି। ଆଗକୁ ଯେଭଳି ଏହି ଧାରା ବଜାୟ ରହିବ ସେ ନେଇ ଅତିଥିମାନେ ବକ୍ତବ୍ୟ ଦେଇଥିଲେ ।

## ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟରେ ଡ୍ରାଏ ରନ୍

ଲଖନପୁର,୨।୧(ଡି.ଏନ୍.ଏ.

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ରାଜ୍ୟର ପ୍ରତ୍ୟେକ ଜିଲାରେ କରୋନା ଟିକାକରଣ ପ୍ରକ୍ରିୟା ପ୍ରାକ୍ ଅଭ୍ୟାସ (ଡ୍ରାଏ ରନ୍) ଆରମ୍ଭ ହୋଇଛି । ଝାରସୁଗୁଡା ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସିଡିଏମ୍‌ଓ ଡା. ଲାଲ ମୋହନ ରାଉତରାୟଙ୍କ ଉପସ୍ଥିତିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି କାର୍ଯ୍ୟକ୍ରମ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ସମୁଦାୟ ୨୪ଜଣ ସ୍ୱାସ୍ଥ୍ୟକର୍ମୀ ସାମିଲ ହୋଇଥିଲେ। ନାମକରଣ ପ୍ରକ୍ରିୟା ପୂର୍ବରୁ ସମ୍ପୂର୍ଣ୍ଣ ଠିକଣା ଯାଞ୍ଚ କରାଯାଇ ଟିକାକରଣ କୋଠରୀକୁ ନିଆଯାଇ ଟିକା ଦିଆଯାଇଥିଲା। ଏହାର ପାର୍ଶ୍ୱ ପ୍ରତିକ୍ରିୟା ପାଇଁ ୩୦ମିନିଟ୍ ଅବ୍‌ଜର୍ଭେଶନରେ ରଖାଯାଇଥିଲା।

# ଜିଲାସ୍ତରୀୟ କ୍ଷୁଦ୍ର ପ୍ରଦର୍ଶନୀ ଉଦ୍‌ଘାଟିତ


କ୍ଷୁଦ୍ର ପ୍ରଦର୍ଶନୀକୁ ଜିଲାପାଳ ସୁଧାଂଶୁ ମୋହନ ସାମଲ ଉଦ୍‌ଘାଟନ କରୁଛନ୍ତି।

ଦେବଗଡ,୨।୧(ଡି.ଏନ.ଏ)

ଦେବଗଡ ଜିଲାସ୍ତରୀୟ କ୍ଷୁଦ୍ର ପ୍ରଦର୍ଶନୀ ଶନିବାର ସ୍ଥାନୀୟ ଶନିମନ୍ଦିର ନିକଟରେ ଉଦ୍‌ଘାଟିତ ହୋଇଯାଇଛି । ଜାନୁୟାରୀ ୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ପ୍ରଦର୍ଶନୀକୁ ଜିଲାପାଳ ସୁଧାଂଶୁ ମୋହନ ସାମଲ ଉଦ୍‌ଘାଟନ କରିଥିଲେ। କୋଭିଡ କଟକଣା ଯୋଗୁ ରାଜ୍ୟରେ ପଲ୍ଲୀଶ୍ରୀ ମେଳା ଓ ମେଗା ପ୍ରଦର୍ଶନୀ ବାତିଲ କରାଯାଇଥିବା ପରିପ୍ରେକ୍ଷୀରେ ରାଜ୍ୟ ସରକାର ସ୍ୱୟଂସହାୟକ ଗୋଷ୍ଠୀଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ପାଇଁ ଏହି କ୍ଷୁଦ୍ର ପ୍ରଦର୍ଶନୀ ଆୟୋଜନ କରୁଛନ୍ତି। ଓରମାସ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ହେଉଥିବା ଏହି ପ୍ରଦର୍ଶନୀରେ କୋଭିଡକିୟସ୍କ ସମେତ ୭ଟି ଷ୍ଟଲ ଖୋଲାଯାଇଛି। ଜିଲାର ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ୩ଟି ପର୍ଯ୍ୟାୟରେ ଏଥିରେ ଭାଗନେବେ। ୬ତାରିଖ ପର୍ଯ୍ୟନ୍ତ ହେଉଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ କାରଡର ବିଣାପାଣୀ ସ୍ୱୟଂ ସହାୟକ ଗୋଷ୍ଠୀ, ଲଇମୁରାର ହର୍ବାଲ ପ୍ରଡ୍ୟୁସର ଗ୍ରୁପ, ମହାଜନ ନାଳିର ମହାତ୍ମା ଗାନ୍ଧୀ ପ୍ରଡ୍ୟୁସର ଗ୍ରୁପ, ଜରାବାହାଲର ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଖିଲେଇର ସାଇନାଥ ପ୍ରଡ୍ୟୁସର ଗ୍ରୁପ ଅଂଶଗ୍ରହଣ କରିବେ। ସେମାନେ ଉତ୍ପାଦିତ କରୁଥିବା ଦ୍ରବ୍ୟଗୁଡିକ ଷ୍ଟଲରେ ପ୍ରଦର୍ଶନ କରି ବିକ୍ରି କରୁଛନ୍ତି। ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଏବଂ ୧୨ରୁ ୧୬ତାରିଖ ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟରେ ଆଉ ୧୦ଟି ସ୍ୱୟଂସହାୟକ ଗୋଷ୍ଠୀ ଏବଂ ପ୍ରଡ୍ୟୁସର ଗ୍ରୁପ ଏହି ପ୍ରଦର୍ଶନୀରେ ଭାଗନେବାର କାର୍ଯ୍ୟକ୍ରମ ରହିଛି । ଏହାବ୍ୟତୀତ ପ୍ରଦର୍ଶନୀରେ କରୋନା ସଚେତନତା ନିମନ୍ତେ ଏକ କୋଭିଡ କିୟସ୍କ ଷ୍ଟଲ ଖୋଲାଯାଇ ସଚେତନତା ସହିତ ବିଭିନ୍ନ ପ୍ରକାର ସାନିଟାଇଜର ସମଗ୍ରୀ ଓ ମାସ୍କ ବିକ୍ରି କରାଯାଉଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପ ଜିଲାପାଳ ତଥା ଡିଆରଡିଏର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜବନ୍ଧୁ ଭୋଇ, ଡିଏସଡବ୍ଲ୍ୟୁଓ ଏସ.ଏଲ. ବିଶ୍ୱାସ, ଡେପୁଟି ସିଇଓ ଓରମାସ ସୁବଳ ଜେନାମଣିଙ୍କ ସମେତ ମିଶନ ଶକ୍ତିର ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ରବିନ୍ଦ୍ର ମହାନ୍ତି, ଓଏଲଏମ୍‌ର ସ୍ମରଣିକା ମହାପାତ୍ର ଏବଂ ଡିଆରଡିଏର କର୍ମଚାରୀମାନେ ଯୋଗ ଦେଇଥିଲେ ।

## ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଦେବଗଡ଼,୨।୧(ଡି.ଏନ.ଏ)

ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ଆଦିବାସୀ ଗଣହତ୍ୟା ଶ୍ରଦ୍ଧାଞ୍ଜଳି ଦିବସ ଭାବେ ପାଳନ କରାଯାଇଛି। ଏକ ଶୋଭାଯତ୍ରା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀ ସ୍ଥାନୀୟ ଆହାର କେନ୍ଦ୍ର ନିକଟରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ଦଳୀୟ ନେତୃବୃନ୍ଦ ୨୦୦୬ ମସିହାରେ ଭାଜପା-ବିଜେଡି ମିଳିତ ସରକାର ସମୟରେ ଯାଜପୁର ଜିଲା କଳିଙ୍ଗନଗରରେ ୧୬ଜଣ ନିରୀହ ଆଦିବାସୀଙ୍କୁ ହତ୍ୟା ଘଟଣାର ସ୍ମୃତିଚାରଣ କରିଥିଲେ। ନିହତ ଆଦିବାସୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଶୋଭାଯାତ୍ରାରେ ଜିଲା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ନଗର କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ଜିଲା କଂଗ୍ରେସ ସମ୍ପାଦକ କ୍ଷିତିଶ ପ୍ରଧାନ, ଜିଲା କଂଗ୍ରେସ ଆଦିବାସୀ ସେଲ ସଭାପତି କ୍ଷେତ୍ର କୁମାର ପାତ୍ର, ଏସ୍‌ଟି ସେଲ ସଭାପତି ମଞ୍ଜୁଳ କୁମାର ନାୟକ, ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ମିଶ୍ର, କଂଗ୍ରେସ ମିଡିଆ ସେଲ ସଂଯୋଜକ ପଞ୍ଚୁଲାଲ ବରେଇ ପ୍ରମୁଖ ଥିଲେ।

# ଫାର୍ମରେ ରହିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ

ସମ୍ବଲପୁର,୨।୧(ବ୍ୟୁରୋ)

କେନ୍ଦ୍ର ପ୍ରାଣୀଧନ ଓ କ୍ଷୁଦ୍ର ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଶନିବାର ଦିନିକିଆ ଗସ୍ତରେ ସମ୍ବଲପୁର ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବସନ୍ତପୁରସ୍ଥିତ ପଶୁପାଳନ ଓ ପ୍ରଜନନ କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀ ସିଧାସଳଖ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଗୋପାଳନ ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ପୂର୍ବରୁ ଏଠାରେ ହଜାର ସଂଖ୍ୟାରେ ଗୋରୁ ଥିଲେ, ଏବେ ଏହା ସୀମିତ ହୋଇ ଯାଇଛି। ଏ ନେଇ ଅନୁଦାନ ଦିଆଯିବ। କିଭଳି ଭାବେ ବ୍ୟବସ୍ଥାରେ ପରିବର୍ତ୍ତନ ହେବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ। ଏହାସହ ଉକ୍ତ କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ କେନ୍ଦ୍ର ପରିସରରେ


ସମ୍ବଲପୁର ଗୋପାଳନ କେନ୍ଦ୍ରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ।

ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ପ୍ରାଣୀଧନ କେନ୍ଦ୍ର ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, ଜିଲାପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଧନକଉଡା ବ୍ଲକ

### ଗୋପାଳନ ଫାର୍ମ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

■ଅନୁଦାନ, ବ୍ୟବସ୍ଥାରେ ସୁଧାର ଅଣାଯିବ

ଅଧକ୍ଷ ସୀତା ଛୁରିଆ, ଉପାଧକ୍ଷା ସୁଷମା ସାହୁ, ଜିଲା ପରିଷଦ ସଭ୍ୟା ସଞ୍ଜୁକ୍ତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ କେନ୍ଦ୍ରମନ୍ତ୍ରୀ ପାନ୍ଥ ନିବାସଠାରେ ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଶ୍ରଦ୍ଧ ବାର୍ଷିକୀରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଫେସର ଅଦିତ୍ୟ ପ୍ରସାଦ ପାଢୀ ଅଧକ୍ଷତା କରିଥିବାବେଳେ ସ୍ମୃତି କମିଟି ସାଧାରଣ ସମ୍ପାଦକ ହେମନ୍ତ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ପ୍ରଫେସର ଶଙ୍କର ପ୍ରସାଦ ପତି ନୃସିଂହଙ୍କ ଜୀବନୀ ଉପରେ ବ୍ୟକ୍ତବ୍ୟ ରଖିଥିଲେ।

# ଡୁଲିଙ୍ଗା କୋଇଲାଖଣି ପ୍ରକଳ୍ପ ତରଫରୁ ସ୍ୱାସ୍ଥ୍ୟସେବା


ଜରାଶ୍ରମରେ ଅନ୍ତେବାସୀଙ୍କ ଗହଣରେ କେକ୍ କଟାଯାଉଛି।

ସୁନ୍ଦରଗଡ଼, ୨।୧ (ଡି.ଏନ୍.ଏ.)

ଡୁଲିଙ୍ଗା କୋଇଲା ଖଣି ପ୍ରକଳ୍ପ ତରଫରୁ ନବବର୍ଷ ଅବସରରେ ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ ରାବଣଡିହି ଜରାଶ୍ରମରେ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଫଳ ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ପରିବାରର ବୃଦ୍ଧା, ବୃଦ୍ଧ ମାତାପିତାଙ୍କ ଉପଯୁକ୍ତ ଯତ୍ନ ନେବା ପାଇଁ ସମାଜକୁ ଏକ ଉତ୍ତମ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଡୁଲୁଙ୍ଗା କୋଇଲା ଖଣି ପ୍ରକଳ୍ପର ମୁଖ୍ୟ ଚିତ୍ତରଞ୍ଜନ ବାରିକଙ୍କ ନେତୃତ୍ୱରେ ଏକ ଟିମ୍ ରାବଣଡିହି ଜରାଶ୍ରମରେ ପହଞ୍ଚି ଅନ୍ତେବାସୀଙ୍କ ଗହଣରେ କେକ୍ କାଟି ନୂଆବର୍ଷ ପାଳନ କରିଥିଲେ। ଏହି ଅବସରରେ ଅନ୍ତେବାସୀଙ୍କୁ ଫଳ ଓ ଜଳଖିଆ ବଣ୍ଟନ କରାଯାଇଥିଲା। ଏହା ସହ ଡା. ବି.ଏସ୍. ଦଣ୍ଡପାଟଙ୍କ ଦ୍ୱାରା ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯିବା ସହ ଆବଶ୍ୟକୀୟ ଔଷଧ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପର ଜି.ଏମ୍ ଏସ.କେ. ରାୟ, ସିନିୟର ମ୍ୟାନେଜର ଏଚ୍.ଆର ସୂର୍ଯ୍ୟକାନ୍ତ ସାହୁ, ସିନିୟର ମ୍ୟାନେଜର (ପୁନର୍ବାସ ଓ ଥଇଥାନ) ଅରବିନ୍ଦ ପଟ୍ଟନାୟକ, ମନୋଜ କୁମାର ରଥ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶ୍ରଦ୍ଧାଞ୍ଜଳି ଦିବସ, ପ୍ରତିବାଦ ସଭା

ସୁନ୍ଦରଗଡ,୨।୧ (ଡି.ଏନ୍.ଏ)
ପ୍ରଦେଶ କଂଗ୍ରେସ କମିଟିର ନିଷ୍ପତ୍ତିକ୍ରମେ ସୁନ୍ଦରଗଡ ଜିଲା କଂଗ୍ରେସ କମିଟି ତରଫରୁ ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ଯାଜପୁର କଳିଙ୍ଗ ନଗରଠାରେ ନୀରିହ ଆଦିବାସୀଙ୍କ ହତ୍ୟାର ୧୫ବର୍ଷ ପୂର୍ତ୍ତି ଅବସରରେ ଆଦିବାସୀ ଗଣହତ୍ୟା ଶ୍ରଦ୍ଧାଞ୍ଜଳି ଦିବସ ଓ ପ୍ରତିବାଦ ସଭା ପାଳନ କରାଯାଇଛି। ସ୍ଥାନୀୟ ଡିଆରଡିଏ ଛକ ଠାରେ ଆୟୋଜିତ ପ୍ରତିବାଦ ସଭା ଦିନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଗତ ୨୦୦୬ରେ ଯାଜପୁର ଜିଲା କଳିଙ୍ଗନଗର ଠାରେ ବିସ୍ଥାପିତ ହେବାକୁ ଥିବା ଆଦିବାସୀ ପରିବାରର ୧୩ଜଣଙ୍କୁ ତଥା ପରବର୍ତ୍ତୀ ସମୟରେ ଆହୁରି ୩ଜଣଙ୍କୁ କିଭଳି ଅମାନୁଷିକ ଓ ବର୍ବରୋଚିତ ଭାବେ ହତ୍ୟା କରାଯାଇଥିଲା ସେ ନେଇ ଦଳୀୟ ନେତୃବୃନ୍ଦ ଦୃଢ ନିନ୍ଦା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ତଥା ବରଗଡ ଜିଲା ପର୍ଯ୍ୟବେକ୍ଷକ ରାଜକିଶୋର ଷଡଙ୍ଗୀ, ପର୍ଶୁରାମ ସରାଫ, କାଳୀପଦ ସାମଲ, ଅମିତା ବିଶ୍ୱାଳ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନବନିଯୁକ୍ତ ଜିଲା ଯୁବକଂଗ୍ରେସ ସଭାପତି ଆଲବର୍ଟ କିଣ୍ଡୋଙ୍କୁ ଅରୁଣ ପୃଷେଠ, ରାଜ୍ୟ ସେବାଦଳ ସମ୍ପାଦକ ମୁନୁ ସରାଫ ସମ୍ବର୍ଦ୍ଧନା ଜଣାଇଥିଲେ । ଅଜିତ ପ୍ରସାଦ, ଅଶୋକ ପ୍ରସାଦ, ମହିଳା କଂଗ୍ରେସ ସଭାନେତ୍ରୀ ସରୋଜିନୀ ବାଙ୍କରା ଯୋଗଦେଇଥିଲେ।

WANTED IMMEDIATELY
B.Com with Computer Knowledge. 3 Year Experience in GROCERY MALL, At: Nayagarh.
Contact: Ranjan Kumar Prusty
Mob.: 9437052895 7978444056

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o- GENERAL MANAGER (ELECT.), EHT O&M CIRCLE, BURLA
Lifeline of Odisha No.- CAD-1008 CIN:U40102OR2004SGC007553
TENDER CALL NOTICE NO.BRL-26/2020-21
Tenders for Hiring of vehicles at 04 offices under the jurisdiction of EHT (O&M) Circle, Burla. Sale of tender paper starts from:04.01.2021. For Detail specification/corrigendum please visit: www.optcl.co.in.
Sd/-General Manager (EL) EHT (O&M) Circle, Burla
FIPR- 56/2020-21 OIPR-04011/11/0088/2021

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NEW YEAR DHAMAKA
DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍ ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401 8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786 8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନୂଆ ସମ୍ଭାବନା

ପାଠପଢା ପରେ ରୋଜଗାରକ୍ଷମ ହେବାକୁ ସମସ୍ତେ ଚାହାନ୍ତି ହେଲେ ଚାକିରିକୁ ନେଇ ସମସ୍ୟା ଅନେକ ବର୍ତ୍ତମାନ ପରିସ୍ଥିତିରେ। କେଉଁଠି ଚାକିରିରୁ ଛଟେଇ ତ କେଉଁଠି ଦରମା କାଟ, ଆଉ ପୁଣି କେଉଁଠି ଚାକିରି ପଛରେ ଧାଇଁ ଧାଇଁ ମନସ୍ତାପରେ ଶିକ୍ଷିତ ଯୁବପିଢ଼ି ତେବେ ଏମିତିରେ ବିଭିନ୍ନ ଷ୍ଟାର୍ଟଅପ୍ ସୃଷ୍ଟି କରିଛି ଅଧିକାଂଶ କ୍ଷମତାସମ୍ପନ୍ନ ବେକାର ଯୁବପିଢ଼ିଙ୍କ ଲାଗି ସ୍ୱାବଲମ୍ବୀ ହେବାର ନୂତନ ସମ୍ଭାବନା...






ସମସ୍ତେ ଚାହାନ୍ତି ସ୍ୱାବଲମ୍ବୀ ହୋଇ ଆଜିର ସମାଜରେ ଜଣେ ଭଲ ମଣିଷ ଭାବରେ ଠିଆ ହେବାକୁ। ତେବେ କାହା ଅଧୀନରେ କାର୍ଯ୍ୟ କରିବା ପରିବର୍ତ୍ତେ ନିଜେ ନିଜର ମାଲିକ ହେବାକୁ ଅନେକେ ଚାହୁଁଛନ୍ତି। ଆଉ ଏଥିପାଇଁ ହାଇପ୍ରୋଫାଇଲ୍ ଚାକିରି ପରିବର୍ତ୍ତେ ଷ୍ଟାର୍ଟଅପ୍‌କୁ ଅନେକେ ପ୍ରାଥମିକତା ଦେଉଥିବା ଦେଖିବାକୁ ମିଳୁଛି। ଆସନ୍ତୁ ଜାଣିବା ବିଭିନ୍ନ ଷ୍ଟାର୍ଟଅପ୍ ଦ୍ୱାରା ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟକୁ ରୋଜଗାର ଯୋଗାଇପାରୁଥିବା କେତେକ ଯୁବ ଉଦ୍ୟୋଗୀଙ୍କ ସମ୍ପର୍କରେ...

**ଷ୍ଟାର୍ଟଅପ୍ ଦେଇଛି ସ୍ୱତନ୍ତ୍ର ପରିଚୟ**

ଓଡ଼ିଶାରେ ଅନ୍‌ଲାଇନ୍ ଗ୍ରାହକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଇଣ୍ଟରନେଟ୍ ଜରିଆରେ ଘରେ ବସି ଖୁବ୍ ସହଜରେ ମାର୍କେଟିଂ କରି ହେଉଛି। ଆଉ ଏମିତିରେ ଇ-ମିଟ୍.ଇନ୍ ନାମକ ୱେବ୍‌ସାଇଟ୍ ଜରିଆରେ ନନ୍‌ଭେଜ୍‌ପ୍ରେମୀ ଗ୍ରାହକଙ୍କ ପାଖରେ ସହଜରେ ବିଭିନ୍ନ ପ୍ରକାରର ଆମିଷଦ୍ରବ୍ୟ ପହଞ୍ଚାଇବା ଲାଗି ଭୁବନେଶ୍ୱରର ଯୁବକ ସୌମ୍ୟରଞ୍ଜନ ପଣ୍ଡା ୨୦୧୬ରେ ଆରମ୍ଭ କରିଥିଲେ ଏକ ଷ୍ଟାର୍ଟଅପ୍ ବିଜ୍‌ନେସ୍। ପରବର୍ତ୍ତୀ ସମୟରେ ତାଙ୍କ ବନ୍ଧୁ ଦର୍ଶନ ବରାଳ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ତେବେ ମାତ୍ର ୨୦,୦୦୦ ଟଙ୍କା ବ୍ୟୟରେ ଆରମ୍ଭ କରିଥିବା ତାଙ୍କର ଏହି ଅନ୍‌ଲାଇନ୍ ବିଜ୍‌ନେସ୍ ବର୍ତ୍ତମାନ ୨.୫ କୋଟିରେ ପହଞ୍ଚିଲାଣି। କେବଳ ଏତିକି ନୁହେଁ ନିଜ ବ୍ୟତୀତ ଅନ୍ୟ ୪୨ଜଣ କର୍ମଚାରୀଙ୍କୁ ମଧ୍ୟ ରୋଜଗାର ପନ୍ଥା ଯୋଗାଇ ଦେଇପାରିଛନ୍ତି। ସୌମ୍ୟ କୁହନ୍ତି, ବର୍ତ୍ତମାନ ଲୋକେ ରିଟେଲିଂ ଅପେକ୍ଷା ଇ-ରିଟେଲିଂକୁ ଅଧିକ ପସନ୍ଦ କରୁଛନ୍ତି, ଯାହାକୁ ଆଖିଆଗରେ ରଖି ଏଭଳି ଏକ ଷ୍ଟାର୍ଟଅପ୍ ଆରମ୍ଭ କରିଥିଲି। ଅନ୍‌ଲାଇନ୍‌ରେ ବିଭିନ୍ନ ପ୍ରକାରର ଫ୍ରେଶ୍ ମାଛ, ଚିକେନ୍, ମଟନ୍, ଚିଙ୍ଗୁଡ଼ି, କଙ୍କଡ଼ା, ଶୁଖୁଆ, ଏମୁ ସହ ଅନ୍ୟାନ୍ୟ ସିଫୁଡ୍ ଗ୍ରାହକଙ୍କ ପାଖରେ ପହଞ୍ଚାଉଛୁ। ଫ୍ରୋଜନ୍ ପରିବର୍ତ୍ତେ ଫ୍ରେଶ୍ ତଥା ଉତ୍ତମ ମାନର ଖାଦ୍ୟ ସହ ପ୍ୟାକିଂ ସମୟରେ ହାଇଜିନ୍ ପ୍ରତି ବିଶେଷ ଗୁରୁତ୍ୱ ଦେଉଛୁ। ଖାଦ୍ୟରେ କୌଣସି କମ୍ପ୍ଲେନ୍ ଥିଲେ ଫେରସ୍ତ ବ୍ୟବସ୍ଥା ମଧ୍ୟ ରଖିଛୁ। ବର୍ତ୍ତମାନ ବାହାର ରାଜ୍ୟରେ ମଧ୍ୟ ଏହାର ଡିମାଣ୍ଡ ବଢୁଥିବା ଆମ ପାଇଁ ଖୁସିର ବିଷୟ। ତେବେ ଚାକିରି ପଛରେ ନ ଧାଇଁ ରୋଜଗାରକ୍ଷମ ହେବା ଲାଗି ଉଚ୍ଚଶିକ୍ଷିତ ଯୁବପିଢ଼ିଙ୍କ ଲାଗି ବିଭିନ୍ନ ଷ୍ଟାର୍ଟଅପ୍ ବେଷ୍ଟ ଅପ୍ସନ ବୋଲି ସେ ମତ ଦିଅନ୍ତି। ତା'ଛଡ଼ା ନିଷ୍ଠା, ଏକାଗ୍ରତା ଏବଂ ଧୈର୍ଯ୍ୟର ସହିତ ଏକ ପ୍ରୋବ୍ଲେମ୍ ସଲ୍‌ଭିଂ ଆପ୍ରୋଚ୍ ନେଇ କୌଣସି ଷ୍ଟାର୍ଟଅପ୍ ଆରମ୍ଭ କଲେ ତାହା ସଫଳ ନିଶ୍ଚୟ ହେବ ବୋଲି ସେ ବିଶ୍ୱାସ ରଖନ୍ତି।



**ସ୍ୱାବଲମ୍ବୀ କରିଛି ଷ୍ଟାର୍ଟଅପ୍:** ପୁରୀ ଗୋପ ବ୍ଲକ୍ ଅନ୍ତର୍ଗତ କୁଶୁପୁର ପାଟଣା ସାହିର ଅଭିଜିତ୍ ସାହୁ। ବର୍ତ୍ତମାନ ଫିସିଂ ବିଜ୍‌ନେସ୍‌କୁ ନେଇ ବେଶ୍ ଭଲ ରୋଜଗାର କରିପାରୁଛନ୍ତି। ଭୁବନେଶ୍ୱରର ଏକ ଘରୋଇ ମେଡିକାଲ୍ କଲେଜରେ ଫିଜିଓଥେରାପି ଶେଷ ବର୍ଷ ଛାତ୍ର ଥିବା ଅଭିଜିତ୍ କରୋନା ଲାଗି କଲେଜ ବନ୍ଦ ରହିବାରୁ ବ୍ୟସ୍ତ ହୋଇପଡ଼ିଥିଲେ। ଏମିତିରେ ନିଜର ଏକ ଷ୍ଟାର୍ଟଅପ୍ କରିବା ଲାଗି ସେ ମାଛ ଚାଷକୁ ବାଛି ନେଇଥିଲେ। ସେ କୁହନ୍ତି, 'ପିଲାବେଳୁ ମୁଁ ଦେଖିଆସିଛି ରୋଜଗାରକ୍ଷମ ହେବାର ସ୍ୱପ୍ନ। ଯେଉଁଥିପାଇଁ ଆରମ୍ଭରୁ ପାଠ ପଢ଼ାକୁ ଗୁରୁତ୍ୱ ମଧ୍ୟ ଦେଇଆସୁଛି। ହେଲେ ହଠାତ୍ କରୋନା ମହାମାରୀ ଆସିବାରୁ କଲେଜ ବନ୍ଦ ହୋଇଗଲା ଏବଂ ପାଠପଢ଼ା ଅବହେଳା ହେଲେ ଚାକିରି କରି ରୋଜଗାର କିପରି କରିବି ଭାବି ବ୍ୟସ୍ତ ହୋଇପଡ଼ିଲି। ହେଲେ ମୋ ମା'(ସବିତା ସାହୁ) ନିଜସ୍ୱ ବିଜ୍‌ନେସ୍ ଆରମ୍ଭ କରିବାକୁ ପ୍ରେରଣା ଯୋଗାଇଥିଲେ ଏବଂ ତାଙ୍କୁ ସମର୍ଥନ କରି ବାପା(ବ୍ରଜକିଶୋର ସାହୁ) ବିଭିନ୍ନ ଔଷଧୀୟ ମାଛ ଚାଷ କରିବାର ପରାମର୍ଶ ଦେଲେ। ସେବେଠୁ ମୁଁ ଏ ଦିଗରେ ଆଗକୁ ବଢ଼ିଚାଲିଛି। ପଢ଼ା ସରିବା ପରେ ଫିଜିଓଥେରାପି ଚିକିତ୍ସା ଯୋଗାଇ ଅସହାୟଙ୍କ ସେବା କରିବା ସହ ନିଜ ଷ୍ଟାର୍ଟଅପ୍‌କୁ ଅଧିକରୁ ଅଧିକ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। କରୋନା ଆରମ୍ଭ ସମୟରେ କଲେଜ ବନ୍ଦ ହେବାରୁ ସେ ସ୍ୱାବଲମ୍ବୀ ହେବା ଲକ୍ଷ୍ୟ ନେଇ ମାଛ ବିଜ୍‌ନେସ୍ ଆରମ୍ଭ କଲେ। ଗ୍ରାମାଞ୍ଚଳଗୁଡ଼ିକରେ ଥିବା ପୋଖରୀ ଆଉ ଦେଖିବାକୁ ମିଳୁନାହିଁ। ଫଳରେ ସେଥିରେ ଥିବା ଦେଶୀ ତଥା ଔଷଧୀୟ ମାଛ ଲୋକ ପାଉନାହାନ୍ତି। ତେଣୁ ଏଭଳି ଦେଶୀ ମାଛ ଯଥା କଉ, ରଡା, ମାଗୁର ଭଳି ବିଭିନ୍ନ ମାଛ ଯେପରି ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ସେ ଚେଷ୍ଟା ଜାରି ରଖିଛନ୍ତି। ଆଗକୁ ନିଜ ବିଜ୍‌ନେସ୍ ବଢ଼ାଇବା ସହ ଅନ୍ୟମାନଙ୍କୁ ରୋଜଗାର ପନ୍ଥା ଯୋଗାଇ ଦେବାକୁ ସେ ଲକ୍ଷ୍ୟ ରଖିଥିବା ପ୍ରକାଶ କରନ୍ତି।


ଅଭିଜିତ୍


ସୌମ୍ୟରଞ୍ଜନ


ମୋହନ

**ନିଜ ଅଧୀନରେ କାର୍ଯ୍ୟ କରିବାର ଚାର୍ମ ଅଲଗା:** ବର୍ତ୍ତମାନ ଚାକିରି କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଉଛି। ଏମିତିରେ ପାରିପାର୍ଶ୍ୱିକ ସ୍ଥିତିକୁ ଆଖି ଆଗରେ ରଖି କାହା ଅଧୀନରେ କାମକରିବା ଅପେକ୍ଷା ନିଜେ ଷ୍ଟାର୍ଟଅପ୍ କରି ସ୍ୱାବଲମ୍ବୀ ହେବା ଭଲ ଉପାୟ ବୋଲି ମତ ରଖନ୍ତି ପୁରୀ ଜିଲା ଲକ୍ଷ୍ମୀନାରାୟଣପୁର ବାସିନ୍ଦା ମୋହନ କୁମାର ଆଚାର୍ଯ୍ୟ। ପ୍ରଥମେ ମାତ୍ର ୫୦ ହଜାର ଟଙ୍କାରେ ସେ ନିଜର ଏକ କମ୍ପ୍ୟୁଟର ସେଣ୍ଟର ଖୋଲି ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଟ୍ରେନିଂ ଦେଉଥିଲେ। ଧୀରେ ଧୀରେ ବ୍ୟାଙ୍କ୍‌ରୁ ଲୋନ୍ ଆଣି ଏଥିରେ ବ୍ୟାଙ୍କିଙ୍ଗ୍ ଏବଂ ଅନ୍ୟାନ୍ୟ କମ୍ପିଟେଟିଭ୍ ପରୀକ୍ଷା ଲାଗି କୋଚିଂ ସେଣ୍ଟର ମଧ୍ୟ ଆରମ୍ଭ କଲେ। ବର୍ତ୍ତମାନ ସେ ଏକ ଜିମ୍ ତଥା ଫିଟ୍‌ନେସ୍ ସେଣ୍ଟର ମଧ୍ୟ ଖୋଲିଛନ୍ତି। ଚାକିରିରେ ଏକ ନିର୍ଦ୍ଦିଷ୍ଟ ଦରମା ଅପେକ୍ଷା ବିଜ୍‌ନେସ୍‌ରେ ବେଶ୍ ଭଲ ରୋଜଗାର ହୋଇପାରୁଛି ଏବଂ ଲୋନ୍ ଶୁଝି ସାରି ନିଜ ବ୍ୟବସାୟକୁ ବୃଦ୍ଧି କରିବାକୁ ଚେଷ୍ଟା ଚଳାଇଛି ବୋଲି ସେ କୁହନ୍ତି। ତେବେ ତାଙ୍କ ଷ୍ଟାର୍ଟଅପ୍ ଯୋଗୁ ଅନ୍ୟ କେତେଜଣ ମଧ୍ୟ ରୋଜଗାରକ୍ଷମ ହୋଇପାରିଥିବାରୁ ନିଜକୁ ଆତ୍ମସନ୍ତୋଷ ମିଳୁଛି ବୋଲି ପ୍ରକାଶ କରନ୍ତି ମୋହନ।

## ପ୍ରେରଣା

# ଗଛ ଯତ୍ନ ନେଇ ମନ ଜିଣିଲେ

ଜଣେ ଶିକ୍ଷକଙ୍କ ଉଚିତ ମାର୍ଗଦର୍ଶନ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷଟିଏ ହେବାରେ ବିଶେଷ ଭୂମିକା ବହନ କରିଥାଏ। ତାଙ୍କର କେଇ ପଦ କଥା ଅବା ପରାମର୍ଶ ଛାତ୍ରୀଛାତ୍ରଙ୍କ ସଫଳତା ମାର୍ଗରେ ପ୍ରେରଣା ସାଜିଥାଏ। ଏମିତି ଏକ ଉଦାହରଣକୁ ନେଇ ଆଜିର ଉପସ୍ଥାପନା...

କରୋନା ମହାମାରୀ ଯୋଗୁ ରାଜ୍ୟରେ ଗତ ମାର୍ଚ୍ଚ ମାସଠାରୁ ସ୍କୁଲ କଲେଜ ବନ୍ଦ । କଲେଜଠୁ ହଷ୍ଟେଲ ସବୁ କିଛି ଶୂନଶାନ। କ୍ୟାମ୍ପସ ପରିବେଶ ବି ନୀରବ। କରୋନା ମୁକାବିଲା ଲାଗି ସାମୂହିକ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଯାଇଥିଲା ପ୍ରଶାସନ ପକ୍ଷରୁ। ଏଭଳି ଏକ ଘଡ଼ିସନ୍ଧି ସମୟରେ କଲେଜରେ ଲଗାଇଥିବା ଚାରା ଏବଂ ଫୁଲ ତଥା ଔଷଧୀୟ ବଗିଚାର ରକ୍ଷଣାବେକ୍ଷଣ, ଯତ୍ନ ନେବା ଲାଗି ଅଣ୍ଟା ଭିଡ଼ିଛନ୍ତି ଜଣେ ଛାତ୍ର। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର ବିଶ୍ୱରଞ୍ଜନ ପ୍ରଧାନ। ସେ କୁହନ୍ତି, ମାର୍ଚ୍ଚ ମାସରେ ସ୍କୁଲ କଲେଜ ବନ୍ଦ ଲାଗି ସରକାର ଘୋଷଣା କରିବା ପରେ କଲେଜ କ୍ୟାମ୍ପସରେ ରହିଥିବା ଚାରାର କିପରି ଯତ୍ନ ନିଆଯିବ, ସେନେଇ ଚିନ୍ତାରେ ପଡିଯାଇଥିଲେ କଲେଜର ଇତିହାସ ବିଭାଗର ମୁଖ୍ୟ କଲେଜ ଉପାଧ୍ୟକ୍ଷ ପ୍ରଫେସର ମନୋଜ ରାଉତ । ତାଙ୍କର ଗୋଟିଏ ଉକ୍ତି ''ଏ ଟ୍ରି ନିଡସ୍ ମାଇଣ୍ଡ ନଟ୍ ମନି'' ଅର୍ଥାତ୍ ଗୋଟିଏ ବୃକ୍ଷ ମନ ଚାହେଁ-ଅର୍ଥ ନୁହେଁ ମୋ ହୃଦୟକୁ ଗଭୀର ରେଖାପାତ କରିଥିଲା। ଏହା ହିଁ ମୋତେ ପ୍ରେରଣା ଯୋଗାଇଥିଲା ବୃକ୍ଷର ଯତ୍ନ ନେବାରେ। ତେବେ ଏଥିରେ ସାର୍‌ଙ୍କର ସମ୍ପୂର୍ଣ୍ଣ ସହଯୋଗ ରହିଛି। ନିଜ ସାର୍‌ଙ୍କର ଏହି ଆହ୍ୱାନକୁ ଚାଲେଞ୍ଜ ଭାବେ ଗ୍ରହଣ କରି କ୍ୟାମ୍ପସରେ ଲାଗିଥିବା ଗଛଗୁଡିକର ଯତ୍ନ ଲାଗି ସେ ସଂକଳ୍ପ କରିଥିଲେ। ଘର ନୟାଗଡ ଜିଲା ଚମ୍ପାଗଡ ପଞ୍ଚାୟତ ଶ୍ରୀକୃଷ୍ଣପୁରରେ। ଏତେ ଦୂରରୁ ପ୍ରତିଦିନ କଲେଜ ଆସିବା ସମ୍ଭବ ନ ହୋଇପାରିଲେ ଗଛର ଯତ୍ନ ନେବାରେ ଯେପରି ଅବହେଳା ନ ହୁଏ, ସେଥିପାଇଁ ସେ ଗତ ଆଠ ମାସ ହେବ କଲେଜ ନିକଟରେ ଘର ଭଡ଼ା ନେଇ ରହି ଏହାର ଯତ୍ନ ନେଉଛନ୍ତି। ପାଖରେ ସ୍ୱଳ୍ପ ଟଙ୍କା ଥିଲେ ମଧ୍ୟ ତାହାକୁ ଖାତିର ନ କରି କ୍ୟାମ୍ପସରେ ସବୁଜ ବଳୟ ଲାଗି ଅଣ୍ଟା ଭିଡିଛନ୍ତି। ଗୋଟିଏ ଲକ୍ଷ୍ୟ ବଗିଚାରେ ଲାଗିଥିଲା ଚାରାର ଯତ୍ନ। ସକାଳ ସନ୍ଧ୍ୟା ଦୁଇ ଓଳି ଗଛରେ ପାଣି ଦେବା ସହ, ଅନାବନା ଗଛ, ଘାସ ଉପାଡୁଛନ୍ତି। କ୍ୟାମ୍ପସକୁ ଏକ ସୁନ୍ଦର ସବୁଜ ପରିବେଶ ସୃଷ୍ଟି କରିଛନ୍ତି। ଏଥିସହିତ କ୍ୟାମ୍ପସ ଆଗରେ ବୁଲୁଥିବା ଗୋରୁ ଓ ବୁଲା କୁକୁରଙ୍କ ସେବା କରିବାକୁ ମଧ୍ୟ ଭୂଲି ନାହାନ୍ତି ବିଶ୍ୱରଞ୍ଜନ। ଏଥିଲାଗି ପ୍ରଫେସର ରାଉତ ମଧ୍ୟ ଆଗେଇ ଆସିଛନ୍ତି। ଲକଡାଉନ, ସଟଡାଉନ ସମୟରେ ଉଭୟ ମିଶି ଗଛ ଗୁଡିକ ଯତ୍ନ ନେଉଛନ୍ତି। ଉଭୟ ଛାତ୍ର ଶିକ୍ଷକ ଘଣ୍ଟା ଘଣ୍ଟା ବଗିଚାରେ ସମୟ ଅତିବାହିତ କରୁଛନ୍ତି। ବଗିଚାରେ ତୁଳସୀ ବଣ ସହ ବିଭିନ୍ନ କିସମର ଫୁଲଚାରା, ଔଷଧୀୟ ଗୁଳ୍ମ ଲଗାଇଛନ୍ତି। ଉଭୟଙ୍କ ଏହି କାର୍ଯ୍ୟକୁ କଲେଜ ଅଧ୍ୟକ୍ଷ, ପ୍ରଫେସର, ଅଧ୍ୟାପକ ଏବଂ ସମସ୍ତେ ପ୍ରଶଂସା କରୁଛନ୍ତି। ଏହି ଗୁରୁ ଶିଷ୍ୟଙ୍କ କାର୍ଯ୍ୟ ଯୁବ ସମାଜ ଲାଗି ପ୍ରେରଣାର ଉତ୍ସ ପାଲଟିଛି।



—ପ୍ରଭାତ ପାଣିଗ୍ରାହୀ

## ଏ ସପ୍ତାହର ପ୍ରଶ୍ନ

୧– ବ୍ରହ୍ମପୁତ୍ର ଆମନ୍ତ୍ରଣ ଅଭିଯାନ.......... ଦୁଇ ରାଜ୍ୟରେ କାର୍ଯ୍ୟକାରୀ ହେବ ?
୨– ଏନ୍‌ଏଫ୍‌ଡିସିର ଫୁଲ୍‌ଫର୍ମ .......... ?
୩ – ସ୍କିଲ୍ ଡେଭେଲପ୍‌ମେଣ୍ଟ ମିନିଷ୍ଟ୍ରୀ ଦ୍ୱାରା ଆରମ୍ଭ ହୋଇଥିବା ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥାର ନାମ.......... ?
୪– ଇଲେକ୍ଟ୍ରା ଗୋଲ୍ଡ କପ୍.......... ସ୍ପୋର୍ଟ୍ସ ସହିତ ଜଡ଼ିତ ?
୫– .............. ରାଜ୍ୟ ସରକାରଙ୍କ ଦ୍ୱାରା ଧର୍ମ ସ୍ୱାତନ୍ତ୍ର୍ୟ ବିଲ୍–୨୦୨୦କୁ ସ୍ୱୀକୃତି ମିଳିଛି ?

## ଗତ ଥରର ଉତ୍ତର

୧ ନେପାଳ
୨ ମାଉଣ୍ଟେନ୍ ଡାଇଭର୍ସିଟି ବା ପର୍ବତ ବିବିଧତା
୩ ଜୋଏ ବିଡ଼େନ୍
୪ ଆଜ୍‌ବେଷ୍ଟସ
୫ କେରଳ

## ଉତ୍ତରଦାତା


ଦେବୀଦତ୍ତ ରାଉତରାୟ


ସମୀର ବେହେରା



ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଦାମୀ ଆକ୍ୱାରିଅମ୍ ମାଛ

୧– ପ୍ଲାଟିନମ୍ ଆରୋୱାନା.................... ୪୦୦,୦୦୦ ଡଲାର୍
୨– ଫ୍ରେଶ୍‌ୱାଟର ପୋଲ୍‌କାଡ଼ଟ୍ ଷ୍ଟିଙ୍ଗରେ.................... ୧୦୦,୦୦୦ ଡଲାର
୩– ପିପରମିଣ୍ଟ ଆଞ୍ଜେଲ୍‌ଫିସ୍.................... ୩୦,୦୦୦ ଡଲାର
୪– ମାସ୍କଡ୍ ଆଞ୍ଜେଲ୍‌ଫିସ୍.................... ୨୦,୦୦୦ ଡଲାର
୫– ବ୍ଲେଡ୍‌ଫିନ୍ ବାସ୍‌ଲେଟ୍.................... ୧୦,୦୦୦ ଡଲାର
୬– ଗୋଲ୍ଡେନ୍ ବାସ୍‌ଲେଟ୍.................... ୮୦୦୦ ଡଲାର
୭– ନେପ୍‌ଚ୍ୟୁନ୍ ଗ୍ରୁପର୍.................... ୬୦୦୦ ଡଲାର
୮– ଅଷ୍ଟ୍ରେଲିଆନ୍ ଫ୍ଲାଟ୍‌ହେଡ଼ ପର୍ଚ୍ଚ.................... ୫୦୦୦ ଡଲାର
୯– ରଫ୍ ଆଇରନ୍ ବଟରଫ୍ଲାଏଫିସ୍.................... ୨୭୦୦ ଡଲାର
୧୦– କ୍ଲାରିଅନ୍ ଆଞ୍ଜେଲ୍ ଫିସ୍....................୨୫୦୦ ଡଲାର



## ଜାଣନ୍ତୁ ଦୁନିଆ

# ଅଜବ ଗାଁ

ପୃଥିବୀରେ ଏଭଳି କେତେକ ଗାଁ ଅଛି ଯେଉଁଠି ଏବେବି ଏମିତି କିଛି ଘଟଣା ଦେଖିବାକୁ ମିଳେ, ଯାହା ସମ୍ପର୍କରେ ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହୋଇଯିବେ। ଜାଣନ୍ତୁ ଏଭଳି କିଛି ଅଜବ ଗାଁ ସମ୍ପର୍କରେ...

**ଯେଉଁଠି କାହା ଘରେ ନାହିଁ କବାଟ:** ବର୍ତ୍ତମାନ ଦୁନିଆରେ ଅପରାଧ ଯେଉଁ ମାତ୍ରାରେ ବଢ଼ିବାରେ ଲାଗିଛି, ଏମିତିରେ ଘର କବାଟ ବନ୍ଦ ନ କରି ରହିବା କେତେ ଅସୁରକ୍ଷିତ ତାହା ନ କହିବା ଭଲ। ହେଲେ ଏମିତି ବି ଏକ ଗାଁ ଯେଉଁଠି କୌଣସି ଘରେ କବାଟ ନ ଥିବ, ଭାବିଲେ ବି ଅସମ୍ଭବ ମନେ ହେଉଛି। ହେଲେ ଏହା ସତ। ଏମିତି ଏକ ଗାଁ ରହିଛି ମହାରାଷ୍ଟ୍ର ଅନ୍ତର୍ଗତ ଅହମଦନଗର ଜିଲାରେ। ଶନି ସିଗ୍ନାପୁର ନାମକ ଏହି ଗାଁ ମଝିରେ ଥିବା ମନ୍ଦିରରେ ପୂଜା ପାଆନ୍ତି ଶନିଦେବ। ଯାହାଙ୍କ ଦର୍ଶନ ଲାଗି ସେଠାକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ତେବେ ସେଠାକାର ଲୋକଙ୍କ ବିଶ୍ୱାସ ରହିଛି ସେଠାରେ କାହା ଘରେ ଚୋରି ହେଲେ ଶନିଙ୍କ ପ୍ରକୋପରୁ ସାଢ଼େ ସାତି ଦୋଷ ଲାଗିବ ଅର୍ଥାତ୍ ଚୋରି କରିଥିବା ବ୍ୟକ୍ତିଙ୍କୁ ସାଢ଼େ ସାତ ବର୍ଷ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିବ। ତେଣୁ ସେଠାରେ ବିଶ୍ୱାସରେ କେହି ଘରେ କବାଟ ଲଗାଇ ନ ଥାନ୍ତି। କେବଳ ଏତିକି ନୁହେଁ ସେଠାରେ ଥିବା ଏକ ବ୍ୟାଙ୍କ୍‌ରେ ମଧ୍ୟ କବାଟ ନାହିଁ। ସେହିପରି ଆମ ରାଜ୍ୟର କେନ୍ଦ୍ରାପଡ଼ା ଜିଲାରେ ଥିବା ଶାଳିଆ ଗ୍ରାମରେ ମଧ୍ୟ କୌଣସି ଘରେ କବାଟ ନାହିଁ। ଏଠାରେ ପୂଜା ପାଉଥିବା ମା' ଖରାଖାଇ ଠାକୁରାଣୀଙ୍କ ବିଶ୍ୱାସରେ ଲୋକେ ବିନା କବାଟ ଥିବା ଘରେ ନିର୍ଭୟରେ ରହୁଥିବା ପ୍ରକାଶ କରନ୍ତି। ଏପର୍ଯ୍ୟନ୍ତ ସେଠାରେ କୌଣସି ଚୋରିର ନଜିର ନାହିଁ।

**ଘରେ ବୁଲନ୍ତି ସାପ:** ସାପ ଦେଖିଲେ କାହାକୁ ବା ଡର ନ ଲାଗେ। ଆଉ ଯଦି ହଠାତ୍ ସାପ ଘର ଭିତରକୁ ପସି ଆସେ ତେବେ ପରିସ୍ଥିତି କ'ଣ ହୁଏ ଅନୁଭବୀ ହିଁ ବଖାଣି ପାରେ। କାରଣ ସାପ କାମୁଡ଼ାରେ ଜୀବନ ବି ଯାଇପାରେ ସେଥିରେ ସନ୍ଦେହ ନାହିଁ। ହେଲେ ଥରେ ଭାବିଲେ କେହି କ'ଣ ସାପକୁ ତାହା ପୁଣି ନାଗ ଭଳି ବିଷଧର ସାପକୁ ଘରେ ସ୍ୱତନ୍ତ୍ର ଭାବେ ରଖିପାରେ। କଥାଟି କିନ୍ତୁ ସତ। ଏଠି ଗୋଟିଏ ପରିବାର ନୁହେଁ ବରଂ ଗ୍ରାମର ପ୍ରତିଟି ପରିବାର ଘରେ ସାପ ରହିବା ଲାଗି କୋଠରୀ ବ୍ୟବସ୍ଥା କରିଥାନ୍ତି। ଏଭଳି ଏକ ଅଜବ ଗାଁ ହେଉଛି ମହାରାଷ୍ଟ୍ରରେ ଥିବା ସେତ୍‌ଫାଲ୍। ସେଠାରେ ସାପ ମୁକ୍ତ ଭାବେ ରାସ୍ତାଘାଟ ଏବଂ ଘର ଭିତରେ ମଧ୍ୟ ବୁଲିଥାନ୍ତି। ନା ତାଙ୍କୁ ଦେଖି କେହି ଡରନ୍ତି ନା ସାପ କାହାକୁ କ୍ଷତି ପହଞ୍ଚାନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏତେ ବିଶାକ୍ତ ସାପ ଥିଲେହେଁ ଏପର୍ଯ୍ୟନ୍ତ ସେହି ଗାଁରେ ସାପ କାମୁଡ଼ାରେ କାହାର ମୃତ୍ୟୁ ହୋଇଥିବାର ନଜିର ନାହିଁ।





## ଖାତାକୁ ଆସିବ ଇପିଏଫ୍ ସୁଧ

ନୂଆଦିଲ୍ଲୀ: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ) ର ୬ କୋଟି ସଦସ୍ୟଙ୍କୁ ୨୦୧୯-୨୦ ଆର୍ଥିକ ବର୍ଷର ସୁଧ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୧ ଜାନୁୟାରୀ ପହିଲାରୁ ପ୍ରତି ସଦସ୍ୟଙ୍କ ଖାତାରେ ଏହି ସୁଧ ରାଶି ଜମା ହେବ ବୋଲି ଇପିଏଫ୍ଓର ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଏହାର ସଦସ୍ୟମାନଙ୍କୁ ୮.୫% ହାରରେ ସୁଧ ପ୍ରଦାନ କରାଯିବା ବିଷୟ ପୂର୍ବରୁ ଘୋଷଣା କରାଯାଇଛି। ଏହି ପରିମାଣର ସୁଧ ସଦସ୍ୟମାନଙ୍କ ଖାତାକୁ ସ୍ଥାନାନ୍ତର କରିବା ଲାଗି ଶ୍ରମ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇସାରିଛି।

### ସଂକ୍ଷେପରେ

## ଆଇବିଏର ଉପଦେଷ୍ଟା ହେଲେ ଓଡ଼ିଆ ପୁଅ


ଭୁବନେଶ୍ୱର,୨।୧: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ସିଜିଏମ୍ ତଥା ବରିଷ୍ଠ ଓଡ଼ିଆ ବ୍ୟାଙ୍କ ଅଧିକାରୀ ବିକାଶ ନାରାୟଣ ମିଶ୍ର ଇଣ୍ଡିଆନ୍ ବ୍ୟାଙ୍କ ଆସୋସିଏଶନ (ଆଇବିଏ)ର ବରିଷ୍ଠ ଉପଦେଷ୍ଟା ପଦରେ ଯୋଗଦେଇଛନ୍ତି। ମିଶ୍ର ବୌଦ୍ଧ ଜିଲାର ଡାଙ୍ଗମୁଣ୍ଡା ଗାଁର ବାସିନ୍ଦା ବୋଲି ଜଣାପଡିଛି। ସେ ଜଣେ ମେଧାବୀ ଓ ପରିଶ୍ରମୀ ଅଧିକାରୀ ଭାବରେ ସୁନାମ ଅର୍ଜନ କରିଛନ୍ତି। ଜିଏମ୍ କଲେଜ, ସମ୍ବଲପୁରରୁ ସ୍ନାତକ ଏବଂ ଦିଲ୍ଲୀସ୍ଥିତ ଜେଏନ୍ୟୁରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ସେ ୧୯୮୫ରେ ପିଏନ୍ବିରେ ଅଫିସର ଭାବେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ସେ ବ୍ୟାଙ୍କର ବିଭିନ୍ନ ପଦପଦବୀରେ ରହି ଦେଶବିଦେଶରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ସାମାଜିକ କର୍ମୀ ବସନ୍ତ କୁମାର ମିଶ୍ରଙ୍କର ସେ କନିଷ୍ଠ ପୁତ୍ର ବୋଲି ସୂଚନା ମିଳିଛି।

## ମୁକେଶ ଅମ୍ବାନୀ ଏସିଆର ଶ୍ରେଷ୍ଠ ଧନୀ

ନୂଆଦିଲ୍ଲୀ,୨।୧: ଦେଶର ଅଗ୍ରଣୀ ବ୍ୟବସାୟିକ ସଂସ୍ଥା ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଆର୍ଏଲ୍)ର ମାଲିକ ମୁକେଶ ଅମ୍ବାନୀ ଦ୍ୱିତୀୟ ଥର ପାଇଁ ଏସିଆ ମହାଦେଶର ଶ୍ରେଷ୍ଠ ଧନୀ ବ୍ୟକ୍ତିର ଗୌରବ ହାସଲ କରିଛନ୍ତି। ଗତ ଦୁଇ ଦିନ ପୂର୍ବରୁ ଚାଇନାର ୱାଟର କିଙ୍ଗ୍ କୁହାଯାଉଥିବା ଶିଳ୍ପପତି ଜୋଙ୍ଗ୍ ଶାନ୍ଶାନ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ହୋଇଥିଲେ, କିନ୍ତୁ ବର୍ତ୍ତମାନ ଜୋଙ୍ଗ୍ ଦୁନିଆର ଶ୍ରେଷ୍ଠ ୧୦ ଧନୀ ତାଲିକାରୁ ଓହରିଯାଇଛନ୍ତି। ଫୋର୍ବସ ରିଅଲ୍ ଟାଇମ୍ ବିଲେନର୍ସ ଇଣ୍ଡେକ୍ସ ଅନୁଯାୟୀ ମୁକେଶ ବର୍ତ୍ତମାନ ଦୁନିଆର ସବୁଠାରୁ ଧନୀ ବ୍ୟକ୍ତିଙ୍କ ତାଲିକାରେ ୯ତମ ସ୍ଥାନରେ ରହିଛନ୍ତି। ବର୍ତ୍ତମାନ ମୁକେଶଙ୍କ ସମ୍ପତ୍ତି ୭୬.୮ ବିଲିୟନ ଡଲାର ରହିଛି। ଫଳରେ ଚାଇନାର ସବୁଠାରୁ ଧନୀ ବ୍ୟକ୍ତି ଏହି ତାଲିକାରେ ୧୪ ତମ ସ୍ଥାନ ତଳକୁ ଖସିଯାଇଛନ୍ତି। ବର୍ତ୍ତମାନ ତାଙ୍କ ସମ୍ପତ୍ତି ୭୧.୬ ବିଲିୟନ ଡଲାର ରହିଛି।

# ନୂଆ ରେକର୍ଡ ସୃଷ୍ଟି କଲା ଫେସବୁକ୍

### ହ୍ୱାଟ୍ସଆପ୍‌ରେ ୧୪୦ କୋଟି ଭିଡିଓ, ଭଏସ୍ କଲ୍



ନୂଆଦିଲ୍ଲୀ,୨।୧: କରୋନା ମହାମାରୀର କଟକଣା ମଧ୍ୟରେ ନୂଆବର୍ଷକୁ ଭିନ୍ନ ଭିନ୍ନ ମାଧ୍ୟମରେ ସ୍ୱାଗତ ଜଣାଇଛନ୍ତି ସାରା ବିଶ୍ୱବାସୀ। ଏହି ଅବସରରେ ସୋସିଆଲ ମିଡିଆ ଆପ୍ ଫେସ୍‌ବୁକ୍, ହ୍ୱାଟ୍ସଆପ ସମେତ ଏହାର ଅନ୍ୟ ଆପ୍‌ଗୁଡିକ ମଧ୍ୟ ନୂଆବର୍ଷରେ ସମସ୍ତଙ୍କ ପାଇଁ ସକାରାତ୍ମକ ସାବ୍ୟସ୍ତ ହୋଇପାରିଛି। ନୂଆ ବର୍ଷ ସନ୍ଧ୍ୟାରେ ହ୍ୱାଟ୍ସଆପ୍ ବ୍ୟବହାରକାରୀମାନେ ୧.୪ ବିଲିୟନ ଅର୍ଥାତ୍ ୧୪୦ କୋଟି ଥର ଭିଡିଓ କଲ୍ ଓ ଭଏସ୍ କଲ୍‌ର ବ୍ୟବହାର କରିଥିବା ସୂଚନା ମିଳିଛି। ସେହିଭଳି କମ୍ପାନୀର ମେସେଜିଂ ଆପ୍‌ଗୁଡିକ ମଧ୍ୟ ନୂଆବର୍ଷରେ ତା'ର ଭଏସ୍ କଲ୍ ଏବଂ ଭିଡିଓ କଲ୍‌ରେ ୫୦% ବୃଦ୍ଧି ପାଇଥିବା ଜଣାପଡିଛି। ୨୦୧୯ ତୁଳନାରେ ୨୦୨୦ରେ ଏହା ପ୍ରାୟ ୫୦% ବୃଦ୍ଧି ପାଇଛି। କୋଭିଡ୍-୧୯ ଯୋଗୁ ଅନେକ ଲୋକ ଘରେ ରହି ଅନ୍‌ଲାଇନ ମାଧ୍ୟମରେ ବନ୍ଧୁ ଓ ପରିଜନମାନଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏହା ସହ ଫେସ୍‌ବୁକ୍‌ରେ ପ୍ରାୟ ୫୫ ମିଲିୟନ ଲାଇଭ୍ ବ୍ରଡ୍‌କାଷ୍ଟ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ମହାମାରୀ ସମୟରେ ଶିଳ୍ପସଂସ୍ଥାଗୁଡିକରେ ବ୍ୟାପକ କ୍ଷତି ଘଟିଥିବା ବେଳେ ଟେକ୍ନୋଲୋଜି ସେକ୍ଟରରେ କିନ୍ତୁ ଏହାର ପ୍ରତିକୂଳ ପ୍ରଭାବ ପଡିଥିବା ଜଣାପଡିଛି। ମହାମାରୀ ସମୟରେ ଟେକ୍ନୋଲୋଜି ସେକ୍ଟରଗୁଡ଼ିକରେ ଭଲ ବ୍ୟବସାୟ କରିଛି। ଏହି ଭିଡିଓ କଲିଂ ଫିଚର୍ସ ପୂର୍ବରୁ ଏତେଟା ଲୋକପ୍ରିୟ ନ ଥିବା ବେଳେ ମହାମାରୀ ସମୟରେ ଏହାର ଚାହିଦା ବ୍ୟାପକ ଭାବେ ବୃଦ୍ଧି ପାଇଥିବା ସୂଚନା ମିଳିଛି। ଏହା ସହ ଫେସ୍‌ବୁକ୍ ପକ୍ଷରୁ ସୂଚନା ଦିଆଯାଇଛି ଯେ, ନୂଆ ବର୍ଷ ସନ୍ଧ୍ୟାରେ ମେସେଞ୍ଜର, ଇନ୍‌ଷ୍ଟାଗ୍ରାମ ଏବଂ ହ୍ୱାଟ୍ସଆପରେ ଭିଡିଓ ଚାଟିଂ ମଧ୍ୟ ଏକ ରେକର୍ଡ ସୃଷ୍ଟି କରିଛି। ନୂଆବର୍ଷ ଏକ ଐତିହାସିକ ଦିନ ଥିଲା, ଏହା ସହ ଚଳିତ ବର୍ଷ ଏହା ସବୁ ରେକର୍ଡ ଭାଙ୍ଗିଦେଇଥିଲା ବୋଲି ଫେସ୍‌ବୁକ୍ କର୍ତ୍ତୃପକ୍ଷ କହିଛନ୍ତି।

## ଆଲିଶାନରେ ଶୀତବସ୍ତ୍ର ସମ୍ଭାର

ଭୁବନେଶ୍ୱର,୨।୧

ଏକ ଅଗ୍ରଣୀ ପୁରୁଷ ପରିଧାନ ଆଉଟଲେଟ ଆଲିଶାନ ଭୁବନେଶ୍ୱର ପକ୍ଷରୁ ଶୀତଋତୁ ଅବସରରେ ଗ୍ରାହକଙ୍କ ନିମନ୍ତେ ସ୍ୱତନ୍ତ୍ର ସମ୍ଭାର ନେଇ ଆସିଛି । ଏହା ସବୁଠାରୁ ବିଶ୍ୱସନୀୟ ପୋଷାକ ପରିଧାନ ମଧ୍ୟରୁ ଅନ୍ୟତମ ଯାହାକି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ବ୍ରାଣ୍ଡର ଶୀତବସ୍ତ୍ରର ସମ୍ଭାର ଗୋଟିଏ ସ୍ଥାନରେ ମିଳିପାରୁଛି। ସେହିଭଳି ପୁରୁଷଙ୍କ ପାଇଁ କାଜୁଆଲ, ପାରମ୍ପରିକ ଡିଜାଇନର କୁର୍ତ୍ତା, ପାଇଜାମା, ଜିନ୍ସ, ଟି-ଶାର୍ଟ, ସୁଟିଂ-ସାର୍ଟିଂ, ଶୀତବସ୍ତ୍ର, ବିବାହ ପୋଷାକ, ସେରୱାନିଠାରୁ ଆରମ୍ଭକରି ଅନ୍ୟ ସମସ୍ତ ପ୍ରକାର ପୁରୁଷ ଆସେସୋରିଜ୍ ଏହି ଷ୍ଟୋରରେ ଉପଲବ୍ଧ । କରୋନା ମହାମାରୀ ସମୟରେ ୫୦% କର୍ମଚାରୀଙ୍କ ସହିତ ସାମାଜିକ ଦୂରତା, ସାନିଟାଇଜେସନ, ମାସ୍କ ପରିଧାନ, ଇଲେକ୍ଟ୍ରୋନିକ ପେମେଣ୍ଟ, ଆରୋଗ୍ୟ ସେତୁ ଆପ୍ ଭଳି ସମସ୍ତ କୋଭିଡ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ଆଲିଶାନ ଶୋ'ରୁମ ପରିଚାଳିତ ହେଉଛି । ଚଳିତ ଶୀତଋତୁରେ ଆଲିଶାନ ଗ୍ରାହକଙ୍କ ସୁବିଧା ପାଇଁ ଜ୍ୟାକେଟ, ପୁଲ୍‌ଓଭର, ବ୍ଲେଜର, ସ୍ୱେଟର ଏବଂ ଅନ୍ୟାନ୍ୟ ଶୀତବସ୍ତ୍ର ଗ୍ରାହକଙ୍କୁ ଯୋଗାଇ ଦେଉଛି। ଆଲିଶାନର ସଂଗ୍ରହଗୁଡ଼ିକ ଅନନ୍ୟ ଏବଂ ସ୍ୱତନ୍ତ୍ର । ଏଠାରେ ଲିଭାଇସ୍, ମୁଫ୍‌ତି, ୟୁଏସ୍ ପୋଲୋ, ବ୍ଲାକ୍‌ବେରିସ, ଭାନ୍‌ହୁସେନ, ଆଲେନସୋଲି, ରେମଣ୍ଡ, ପାର୍କ ଆଭେନ୍ୟୁ, ଲୁଇଫିଲିପ, କଲରପ୍ଲସ୍, ପାର୍କସ ଆଦି ବ୍ରାଣ୍ଡର ଶୀତବସ୍ତ୍ର ଉପଲବ୍ଧ ରହିଛି।

Alishan

# ପ୍ୟାକେଜ୍ଡ ପାଣି ପାଇଁ ୬ ମାସ: ଏଫ୍ଏସ୍ଏସ୍ଏଆଇ

ନୂଆଦିଲ୍ଲୀ,୨।୧



ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫ୍ଏସ୍ଏସ୍ଏଆଇ) ପକ୍ଷରୁ ପ୍ୟାକିଂ ହୋଇଥିବା ପାଣି ଉପରେ ସରକାରଙ୍କ ନୂଆ ନିୟମ ଲାଗୁ ନିମନ୍ତେ ସମୟ ସୀମା ବୃଦ୍ଧି କରାଯାଇଛି। ଆସନ୍ତା ୧ ଜୁଲାଇ ୨୦୨୧ ସୁଦ୍ଧା ସମସ୍ତ ପ୍ୟାକିଂ ପାନୀୟ ଜଳଗୁଡିକରେ କ୍ୟାଲସିୟମ ଓ ମାଗ୍ନେସିୟମ ଭଳି ଖଣିଜ ମହଜୁଦ ହୋଇପାରୁଥିବା ଆବଶ୍ୟକ ବୋଲି କୁହାଯାଇଛି। ପୂର୍ବରୁ ଖାଦ୍ୟ ବ୍ୟାପାର ଅପରେଟର(ଏଫ୍‌ବିଓ)ଙ୍କ ଲାଗି ଏଫ୍ଏସ୍ଏସ୍ଏଆଇ ୧ ଜୁଲାଇ ୨୦୨୦ରୁ ଏହି ନିୟମ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମଗ୍ର ଦେଶରେ କୋଭିଡ୍ କଟକଣା ଓ ଲକ୍‌ଡାଉନ ଯୋଗୁ ଏହି ନିୟମ ଲାଗୁ ନିମନ୍ତେ ସମୟ ସୀମାକୁ ୧ ଜାନୁୟାରୀ ୨୦୨୧ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା। କମ୍ପାନୀଗୁଡିକର ଦାବି ଓ ଆପତ୍ତିକୁ ଗ୍ରହଣକରି ସରକାର ଆଉ ୬ ମାସ ଏହାକୁ ବୃଦ୍ଧି କରିଛନ୍ତି। ଏ ସମ୍ପର୍କରେ ଏଫ୍ଏସ୍ଏସ୍ଏଆଇର ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁସାରେ ହିତାଧିକାରୀଙ୍କ ଏକ ବର୍ଗ ଏ ନେଇ ଆପତ୍ତି କରିଥିଲେ ; ଯେଉଁଥିରେ କୋଭିଡ୍-୧୯ ମହାମାରୀ ଲାଗି ନିୟମ ପାଳନ ନିମନ୍ତେ ଏଫ୍‌ବିଓମାନେ ଏପର୍ଯ୍ୟନ୍ତ ନିଜକୁ ପ୍ରସ୍ତୁତ କରିପାରି ନ ଥିବା ଅଧିକାରୀ ଜଣକ କହିଥିଲେ। ଏହି ନିୟାମକ ୧ ଜୁଲାଇ ସୁଦ୍ଧା ପ୍ୟାକେଜ୍ଡ ଡ୍ରିଙ୍କିଙ୍ଗ୍ ୱାଟରରେ କ୍ୟାଲସିୟମ ଓ ମାଗ୍ନେସିୟମ ମାତ୍ରା ସମ୍ପର୍କିତ ନିୟମ ପାଳନ ବାଧ୍ୟତାମୂଳକ ହେବ ବୋଲି ସ୍ପଷ୍ଟ କରାଯାଇଛି। ବିଭିନ୍ନ ବର୍ଗର ପ୍ୟାକେଜ୍ଡ ଡ୍ରିଙ୍କିଙ୍ଗ ୱାଟରରେ ଏହି ମାନ ଏଫ୍ଏସ୍ଏସ୍ଏଆଇ ୨୦୧୯ ମସିହାରୁ ନିର୍ଦ୍ଧାରଣ କରିଛନ୍ତି। ପ୍ରତି ପାଣି ବୋତଲ (୧ଲିଟର)ରେ ଅନ୍ୟୂନ ୨୦ରୁ ୭୫ ମିଲିଗ୍ରାମ କ୍ୟାଲସିୟମ ଓ ମାଗ୍ନେସିୟମ ରହିପାରିବ। ତେବେ ଏପର୍ଯ୍ୟନ୍ତ ବଜାରରେ ମିଳୁଥିବା ପାଣି ବୋତଲରେ ଏହି ଖଣିଜ ପରିମାଣ ମାତ୍ର ୧୦ରୁ ୩୦ ମିଲିଗ୍ରାମ ମଧ୍ୟରେ ରହୁଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁସାରେ ଏଫ୍ଏସ୍ଏସ୍ଏଆଇ ୨୦୧୯ ମସିହାରୁ ଏଥିପାଇଁ ଆଇନ ଲାଗୁ କରିଛନ୍ତି।

# ନୀତି ଆୟୋଗକୁ ୬ ବର୍ଷ




**ନୂଆଦିଲ୍ଲୀ,୨।୧:** ୨୦୧୪-୧୫ ଆର୍ଥିକ ବର୍ଷ ସମୟରେ ନରେନ୍ଦ୍ର ମୋଦିଙ୍କ ପ୍ରଥମ ପାଳିର ପ୍ରଥମ ବର୍ଷରେ ଦୀର୍ଘ ୬ ଦଶନ୍ଧି ଧରି କାର୍ଯ୍ୟ କରୁଥିବା ଯୋଜନା ଆୟୋଗକୁ ଭାଙ୍ଗି ଦିଆଯାଇଥିଲା। ଯୋଜନା ଆୟୋଗର ନାମ ବଦଳାଇ ନୀତି ଆୟୋଗ (ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟଶନ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ) ନାମରେ ତାହାକୁ ଗଠନ କରାଗଲା। ଦେଶକୁ ନୂଆ ଦିଶା ଦେଖାଇବା ପାଇଁ ଏହା ଗଠନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ମୋଦି ୨୦୧୪ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ଉଦ୍‌ବୋଧନ ଦେଇ କହିଥିଲେ। ୨୦୧୫ ଜାନୟାରୀ ପହିଲାରେ ଏହା ଆନୁଷ୍ଠାନିକ ଭାବରେ ପ୍ରତିଷ୍ଠା ହୋଇଥିଲା। ଶୁକ୍ରବାର(ଚଳିତ ବର୍ଷ ୨୦୨୧) ଏହି ପ୍ରତିଷ୍ଠାନକୁ ୬ ବର୍ଷ ପୂରଣ ହୋଇଛି। ଏହି ସମୟ ମଧ୍ୟରେ ପ୍ରତିଷ୍ଠାନ ତା'ର ଲକ୍ଷ୍ୟ ହାସଲରେ କେତେ ସଫଳ ହୋଇଛି ତାହାକୁ ନେଇ ମଧ୍ୟ ବିଭିନ୍ନ ଫୋରମରେ ବିତର୍କ ଚାଲିଛି। ଏହି ଛଅ ବର୍ଷ ମଧ୍ୟରେ ନୀତି ଆୟୋଗ ବିଭିନ୍ନ ପ୍ରସଙ୍ଗରେ ଏକାଧିକ ରିପୋର୍ଟ ଦେବା ସହିତ ଲକ୍ଷ୍ୟ ହାସଲ ପାଇଁ ଅନେକ ଅଭିଳାଷ ମଧ୍ୟ ରଖିଛି ବୋଲି ଜଣାପଡିଛି। ସେଗୁଡ଼ିକ ମଧ୍ୟରେ ୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦୁଇଗୁଣ କରିବା, ୨୦୨୪ରେ ଦେଶରେ ଏକା ସାଙ୍ଗରେ ନିର୍ବାଚନ କରିବା, ୨୦୩୦ ସୁଦ୍ଧା ଦେଶରେ କେବଳ ବିଜୁଳି ଗାଡ଼ି ଚଳାଚଳ କରିବା, ୨୦୨୨ ସୁଦ୍ଧା ଦେଶର ନିବେଶ ହାରକୁ ୩୬%ରେ ପହଞ୍ଚାଇବା ଆଦି ଲକ୍ଷ୍ୟ ରହିଥିବା ସୂଚନା ମିଳିଛି। ସେହିଭଳି ନ୍ୟାଶନାଲ ମେଡିକାଲ କମିଶନ, ଜାତୀୟ ଶିକ୍ଷାନୀତି, ଆୟୁଷ୍ମାନ ଭାରତ ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ନୀତି ଆୟୋଗର ପ୍ରମୁଖ ଯୋଜନା ବୋଲି କୁହାଯାଉଛି। ସେହିପରି ସମସ୍ତ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ନୋଟ୍ ମଧ୍ୟ ନୀତି ଆୟୋଗ ଦ୍ୱାରା ତନ୍ନତନ୍ନ କରି ଅନୁଧ୍ୟାନ କରାଯାଇଥାଏ। ଅନ୍ୟପକ୍ଷରେ ପାଣ୍ଠି ଆବଣ୍ଟନରେ ଯୋଜନା ଆୟୋଗ ଭଳି ନୀତି ଆୟୋଗର କୌଣସି ଭୂମିକା ରହୁନାହିଁ। ଯୋଜନା ଆୟୋଗ ତୁଳନାରେ ନୀତି ଆୟୋଗର କ୍ଷମତା ଅଧିକ ଥିଲେ ମଧ୍ୟ ପାଣ୍ଠି ଆବଣ୍ଟନରେ କୌଣସି ଅବଦାନ ନ ଥିବାରୁ ସଂସ୍ଥା ପକ୍ଷରୁ ଦିଆଯାଉଥିବା ପରାମର୍ଶକୁ ମନ୍ତ୍ରଣାଳୟଗୁଡ଼ିକ ଯେତିକି ଗୁରୁତ୍ୱ ଦେବା କଥା ସେହି ଅନୁସାରେ ମିଳୁନାହିଁ ବୋଲି ଜଣାପଡିଛି। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ରହିଥିବା ବିଭିନ୍ନ ସମ୍ପର୍କରେ ଉନ୍ନତି ଆଣିବାରେ ନୀତି ଆୟୋଗର ଭୂମିକା ମଧ୍ୟ ସଫଳ ହୋଇପାରିନାହିଁ।

### ଖେଳ ଖବର

# ଶୀର୍ଷକୁ ଫେରିଲା ମୁମ୍ବାଇ

ବାମ୍ବୋଲିନ୍,୨।୧

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଶନିବାର ଖେଳଯାଇଥିବା ମ୍ୟାଚରେ ମୁମ୍ବାଇ ସିଟି ଏଫ୍‌ସି ୨-୦ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରି ଶୀର୍ଷକୁ ଫେରିଛି। ମୁମ୍ବାଇ ସମ୍ପୂର୍ଣ୍ଣ ପ୍ରଭାବ ବିସ୍ତାର କରି ଖେଳିବା ସହ କେରଳକୁ ଗୋଲ ସ୍କୋର କରିବାର ସୁଯୋଗ ଦେଇ ନ ଥିଲା। ଦଳ

### ଇଣ୍ଡିଆନ ସୁପର ଲିଗ୍

ତରଫରୁ ମ୍ୟାଚର ତୃତୀୟ ମିନିଟ୍‌ରେ ଇଂଲଣ୍ଡ ଷ୍ଟ୍ରାଇକର ଆଡାମ ଲେ' ଫୋଣ୍ଡ୍ରେ ପେନାଲ୍ଟି ଜରିଆରେ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହାର ଠିକ୍ ୭ ମିନିଟ୍ ପରେ ଫ୍ରାନ୍ସ ମିଡ୍‌ଫିଲ୍ଡର ହୁଗୋ ବୋମସ ଏକ ସୁନ୍ଦର ଗୋଲ ସ୍କୋର କରି ମୁମ୍ବାଇକୁ ୨-୦ରେ ଅଗ୍ରଣୀ କରାଇଥିଲେ। ପାଖାପାଖି ୧୦ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରି ମୁମ୍ବାଇ କେରଳକୁ ଜବରଦସ୍ତ ଝଟ୍‌କା ଦେଇଥିଲା। ଏହାପରେ ମ୍ୟାଚ ସାରା ସଂଘର୍ଷ ଦେଖିବାକୁ ମିଳିଥିଲା। ତେବେ କେରଳ ଗୋଲ ଦେବାକୁ ସକ୍ଷମ ହୋଇପାରି ନ ଥିଲା। ବଲ ପଜେଶନ, ପାସ, ପାସ୍ ଆକ୍ୟୁରେସିରେ ମୁମ୍ବାଇ ଦୁଇପାଦ ଆଗରେ ରହିଥିଲା। ଇଞ୍ଜୁରି ଟାଇମ ବାବଦରେ ୮ ମିନିଟ୍ ଖେଳ ହୋଇଥିଲା। ପ୍ରାରମ୍ଭିକ ତ୍ରୁଟିକୁ କେରଳ ପରେ ସୁଧାରିବାରେ ସକ୍ଷମ ହୋଇପାରି ନ ଥିଲା। ମ୍ୟାଚରେ ଉଭୟ ଦଳ ଏକାଧିକ ସୁଯୋଗ ହାସଲ କରିଥିଲେ ମଧ୍ୟ ପରେ ଗୋଲ ଦେଇପାରି ନ ଥିଲେ।

ଏଥିସହିତ ମୁମ୍ବାଇ ଏପର୍ଯ୍ୟନ୍ତ ୮ଟି ମ୍ୟାଚ ଖେଳି ୬ ବିଜୟ, ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ୧୯ ପଏଣ୍ଟ ହାସଲ କରି ତାଲିକାରେ ତା'ର ଶୀର୍ଷ ସ୍ଥାନକୁ ଆହୁରି ମଜଭୁତ କରିଛି। ଅନ୍ୟପଟେ କେରଳ ୮ଟି ମ୍ୟାଚ ଖେଳି ଗୋଟିଏ ବିଜୟ, ୩ ଡ୍ର ଓ ୪ ପରାଜୟ ସହ ୬ ପଏଣ୍ଟ ହାସଲ କରି ତାଲିକାର ନବମ ସ୍ଥାନରେ ରହିଛି।




ମୁମ୍ବାଇ ସିଟି ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ମୁମ୍ବାଇ ସିନିୟର ଦଳରେ ଅର୍ଜୁନ ତେନ୍ଦୁଲକର

ମୁମ୍ବାଇ,୨।୧(ପି.ଟି.)

ପ୍ରଥମଥର ପାଇଁ କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ମୁମ୍ବାଇ ସିନିୟର ଦଳରେ ସ୍ଥାନ ପାଇଛନ୍ତି। ଯୁବ ବାମହାତୀ ଦ୍ରୁତ ବୋଲର ଅର୍ଜୁନଙ୍କୁ ସୟଦ ମୁସ୍ତାକ ଅଲି ଟ୍ରଫି ପାଇଁ ମୁମ୍ବାଇର ବର୍ଦ୍ଧିତ ୨୨ ଜଣିଆ ଦଳରେ ସାମିଲ କରାଯାଇଛି। ମୁମ୍ବାଇ ଦଳର ମୁଖ୍ୟ ଚୟନକର୍ତ୍ତା ସଲିଲ୍ ଆଙ୍କୋଲାଙ୍କ ଶନିବାର ଏ ନେଇ ସୂଚନା ଦେଇଛନ୍ତି। ଅର୍ଜୁନଙ୍କୁ ବାଦ୍ ଦେଲେ ଅନ୍ୟତମ ଦ୍ରୁତ ବୋଲର କ୍ରୁତିକ ହାନାଗାଭାଡିଙ୍କୁ ଏହି ଦଳରେ ସାମିଲ କରାଯାଇଛି।

ପ୍ରଥମ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ୨୦ଜଣ ଖେଳାଳିଙ୍କୁ ଚୟନ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତେବେ ପରେ ବୋର୍ଡ ୨୨ଜଣ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇପାରିବ ବୋଲି କହିଥିଲା। ଫଳରେ ଏହି ଦୁଇ ଖେଳାଳିଙ୍କୁ ପରେ ସାମିଲ କରାଯାଇଛି ବୋଲି ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ତରଫରୁ କୁହାଯାଇଛି। ଏଥି ସହିତ ୨୧ ବର୍ଷୀୟ ଅର୍ଜୁନ ପ୍ରଥମଥର ପାଇଁ ମୁମ୍ବାଇ ସିନିୟର ଦଳରେ ସାମିଲ ହେବାର ସୌଭାଗ୍ୟ ପାଇଛନ୍ତି। ସେ ପୂର୍ବରୁ ବିଭିନ୍ନ ବୟସ ବର୍ଗରେ ମୁମ୍ବାଇ ତରଫରୁ ବହୁ ଟୁର୍ନାମେଣ୍ଟ ଓ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଆସୁଥିଲେ। ପୂର୍ବରୁ ସେ ଭାରତୀୟ ଜାତୀୟ ଦଳ ପାଇଁ ନେଟ୍ସରେ ବୋଲିଂ କରିବାର ସୁଯୋଗ ହାସଲ କରିଥିଲେ। ସେ ମଧ୍ୟ ଭାରତୀୟ ୧୯ ବର୍ଷରୁ କମ୍ ଦଳରେ ସାମିଲ ହୋଇ ଶ୍ରୀଲଙ୍କା ଗସ୍ତ କରିଥିଲେ। ଯୁବ ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ମୁମ୍ବାଇ ତା'ର ସବୁ ମ୍ୟାଚ ରାଜ୍ୟର ରାଜଧାନୀରେ ଖେଳିବ। ଜାନୁୟାରୀ ୧୦ ତାରିଖରୁ ଜାତୀୟ ଟି୨୦ ଚାମ୍ପିୟନଶିପ୍ ରୂପେ ବିବେଚିତ ହେଉଥିବା ସୟଦ ମୁସ୍ତାକ ଅଲି ଟି୨୦ ଘରୋଇ ଟୁର୍ନାମେଣ୍ଟ ଆରମ୍ଭ ହେବ।



ଅର୍ଜୁନ ତେନ୍ଦୁଲକର

# ପ୍ରଥମ ବିଜୟ ଲକ୍ଷ୍ୟରେ ଓଡ଼ିଶା, ଇଷ୍ଟ ବେଙ୍ଗଲ

ଭାସ୍କୋ,୨।୧(ପି.ଟି.)

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଓଡ଼ିଶା ଏଫ୍‌ସି ଓ ଇଷ୍ଟ ବେଙ୍ଗଲ ରବିବାର ମୁହାଁମୁହିଁ ହେବେ। ଦୁଇ ଦଳର ପ୍ରଦର୍ଶନ ଏପର୍ଯ୍ୟନ୍ତ ଆଶାନୁରୂପ ହୋଇ ପାରିନାହିଁ। ଦୁଇ ଦଳ ପଏଣ୍ଟ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛନ୍ତି। ଓଡ଼ିଶା ଏପର୍ଯ୍ୟନ୍ତ ୭ଟି ମ୍ୟାଚ ଖେଳି କୌଣସି ବିଜୟ ହାସଲ ନ କରିପାରି ୨ଟି ଡ୍ର ଓ ୫ ପରାଜୟ ସହ ୨ ପଏଣ୍ଟ ପାଇ ଅନ୍ତିମ ତଥା ଏକାଦଶ ସ୍ଥାନରେ ରହିଛି। ସେହିପରି ଇଷ୍ଟ ବେଙ୍ଗଲ ୭ଟି ମ୍ୟାଚ ଖେଳି ୩ ଡ୍ର ଓ ୪ ପରାଜୟ ସହ ୩ ପଏଣ୍ଟ ପାଇ ତାଲିକାର ଦଶମ ସ୍ଥାନରେ ରହିଛି। ଉଭୟ ଦଳ ଏପର୍ଯ୍ୟନ୍ତ ବିଜୟ ଖାତା ଖୋଲିପାରି ନାହାନ୍ତି। ତେଣୁ ଏହି ମ୍ୟାଚରେ ଓଡ଼ିଶା ଓ ଇଷ୍ଟ ବେଙ୍ଗଲ ଟୁର୍ନାମେଣ୍ଟର ପ୍ରଥମ ବିଜୟ ହାସଲ ଲକ୍ଷ୍ୟରେ ରହିଛନ୍ତି।

ଇଷ୍ଟ ବେଙ୍ଗଲ ଇତିମଧ୍ୟରେ ନାଇଜେରିଆ ଫରୱାର୍ଡ ବ୍ରାଇଟ୍ ଏନୋବାଖାରେଙ୍କୁ ଦଳରେ ସାମିଲ କରିଛି। ଫଳରେ ଓଡ଼ିଶା ବିପକ୍ଷରେ ଦଳ ତା'ର ଆଟାକ୍‌ରେ ସୁଧାର ଆଣିବାକୁ ପ୍ରୟାସ କରିବ। କୋଚ୍ ରୋବି ଫୋଲରଙ୍କ ନେତୃତ୍ୱାଧୀନ ଇଷ୍ଟ ବେଙ୍ଗଲ କାଗଜ କଲମରେ ଫେଭରାଇଟ୍ ମନେହେଉଛି। ୭ଟି ମ୍ୟାଚରୁ ଇଷ୍ଟ ବେଙ୍ଗଲ ମାତ୍ର ୫ଟି ଗୋଲ ସ୍କୋର କରିବାକୁ ସକ୍ଷମ ହୋଇଛି। ଦଳ ୧୩ଟି ଗୋଲ ବରଣ କରିଛି। ଓଡ଼ିଶାଠାରୁ ଦଳ ମାତ୍ର ଗୋଟିଏ ପଏଣ୍ଟ ଅଧିକ ପାଇଛି।

ଅନ୍ୟପଟେ ଓଡ଼ିଶା ମଧ୍ୟ ସମାନ ୭ଟି ମ୍ୟାଚ ଖେଳି ୫ଟି ଗୋଲ ସ୍କୋର କରିଛି। ଓଡ଼ିଶାର ଡିଫେନ୍ସ ସେତେଟା ଦୃଢ ହୋଇପାରି ନାହିଁ। ଏଥିପାଇଁ ଦଳ ଅବଶ୍ୟ ସମାଲୋଚନାର ଶିକାର ହୋଇଛି। ଟୁର୍ନାମେଣ୍ଟରେ ଦୁଇ ଦଳ ଏପର୍ଯ୍ୟନ୍ତ ସଂଘର୍ଷ କରୁଛନ୍ତି ବୋଲି ଫୋଲର ସ୍ୱୀକାର କରିଛନ୍ତି। ତେଣୁ ଏହି ମ୍ୟାଚର ଫଳାଫଳ କ'ଣ ହେବ ତାହା କହି ହେବନାହିଁ ବୋଲି ସେ କହିଛନ୍ତି। ଓଡ଼ିଶା ଏପର୍ଯ୍ୟନ୍ତ ୧୧ଟି ଗୋଲ ବରଣ କରିଛି। ଓଡ଼ିଶା କୋଚ ଷ୍ଟୁଆର୍ଟ ବକ୍ସଟର ମଧ୍ୟ ସମାନ ମତ ପୋଷଣ କରିଛନ୍ତି। ଯୁବ ଦଳ ହୋଇଥିବାରୁ ଆମେ ଟିକିଏ ସମୟ ନେବୁ ବୋଲି ସେ କହିଛନ୍ତି। ଗତ ମ୍ୟାଚରେ ଓଡ଼ିଶା ନର୍ଥଇଷ୍ଟ ୟୁନାଇଟେଡ ବିପକ୍ଷରେ ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଗୋଲ ବରଣ କରିଥିଲା। ଫଳରେ ମ୍ୟାଚ ୨-୨ ଗୋଲରେ ଡ୍ର ରହିଥିଲା। ବ୍ରାଜିଲ ଫରୱାର୍ଡ ମାର୍ସେଲିନୋ ଚମତ୍କାର କରିବେ ବୋଲି ଓଡ଼ିଶା ଆଶା ରଖିଛି। ମାନୁଏଲ ଅନୱଙ୍କ ବଦଳରେ ସେ ଦଳରେ ସାମିଲ ହେବେ।

# ଜାତୀୟ ପୁରୁଷ ହକି କ୍ୟାମ୍ପ ୫ରୁ

ନୂଆଦିଲ୍ଲୀ, ୨।୧ (ପି.ଟି.)

### ଓଡ଼ିଶାରୁ ୫ ଭାଗନେବେ



ବେଙ୍ଗାଲୁରୁରେ ମଙ୍ଗଳବାରଠାରୁ ଭାରତୀୟ ପୁରୁଷ ହକି ଜାତୀୟ କ୍ୟାମ୍ପ ଆରମ୍ଭ ହେବ। ୩୩ ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ଏହା ଆୟୋଜନ ହେବ। ସେମାନଙ୍କ ମଧ୍ୟରେ ଅଧିନାୟକ ମନପ୍ରୀତ ସିଂ ଓ ଗୋଲକିପର ପି.ଆର୍. ଶ୍ରୀଜେସ ଅଛନ୍ତି। ଓଡ଼ିଶାରୁ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ଦୀପସାନ ତିର୍କୀ ଓ ନିଲମ ସଞ୍ଜୀପ ଖେସ ଏବଂ ଫରୱାର୍ଡ ଶିଳାନନ୍ଦ ଲାକ୍ରା କ୍ୟାମ୍ପରେ ଅଂଶଗ୍ରହଣ କରିବେ। କ୍ୟାମ୍ପ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) କ୍ୟାମ୍ପସରେ ଅନୁଷ୍ଠିତ ହେବ। ଟ୍ରେନିଂ କାର୍ଯ୍ୟ ପୁନର୍ବାର ଆରମ୍ଭ କରାଯିବା ପୂର୍ବରୁ ସାଇ ଓ ହକି ଇଣ୍ଡିଆର ଏସ୍ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଖେଳାଳିମାନେ କ୍ୱାରାଣ୍ଟାଇନ୍‌ରେ ରହିବେ। ୩ ସପ୍ତାହ ବ୍ରେକ୍ ପରେ କ୍ୟାମ୍ପକୁ ଫେରିଥିବାରୁ ଖେଳାଳିମାନେ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସତେଜ ଥିବେ ବୋଲି ମୁଖ୍ୟ କୋଚ୍ ଗ୍ରାହମ ରିଡ୍ କହିଛନ୍ତି। ଏହା ପୂର୍ବରୁ ଜାତୀୟ କ୍ୟାମ୍ପ ଗତବର୍ଷ ଅଗଷ୍ଟରୁ ଡିସେମ୍ବର ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ଖେଳାଳିମାନଙ୍କର ୟୋ ୟୋ ଟେଷ୍ଟ ହୋଇଥିଲା। ଏଥର କ୍ୟାମ୍ପରେ ଆଗାମୀ ପ୍ରତିଯୋଗିତାଗୁଡ଼ିକ ଲାଗି ଦଳକୁ ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ମହିଳା ଦଳ ଚଳିତ ମାସରେ ଆର୍ଜେଣ୍ଟିନା ଗସ୍ତ କରିବ। ଦଳ ସେଠାରେ ଆୟୋଜକ ଦେଶ ସହ ୮ମ୍ୟାଚବିଶିଷ୍ଟ ସିରିଜ ଖେଳିବ। ପୁରୁଷ ଦଳ ପାଇଁ ଟୁର୍ ଆୟୋଜନ ଲାଗି ହକି ଇଣ୍ଡିଆ ତରଫରୁ ବିଭିନ୍ନ ଦେଶ ସହ ଯୋଗାଯୋଗ ଚାଲିଛି। ଭାରତୀୟ ପୁରୁଷ ଦଳ ଶେଷଥର ଗତବର୍ଷ ଫେବୃୟାରୀ ୨୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ଏଫ୍ଆଇଏଚ୍ ହକି ପ୍ରୋ-ଲିଗ୍ ମ୍ୟାଚ ଖେଳିଥିଲା।

**କ୍ୟାମ୍ପରେ ଅଂଶଗ୍ରହଣ କରିବାକୁଥିବା ଖେଳାଳି-ଗୋଲକିପର:** ପି.ଆର୍. ଶ୍ରୀଜେସ, କ୍ରିଷନ ବି. ପାଠକ, ସୁରଜ କରକେରା।

**ଡିଫେଣ୍ଡର:** ବୀରେନ୍ଦ୍ର ଲାକ୍ରା, ରୂପିନ୍ଦର ପାଲ୍ ସିଂ, ସୁରେନ୍ଦର କୁମାର, ଅମିତ ରୋହିଦାସ, କୋଠାଜିତ୍ ସିଂ ଖଡଙ୍ଗବାମ୍, ହରମନପ୍ରୀତ ସିଂ, ଗୁରିନ୍ଦର ସିଂ, ଜରମନପ୍ରୀତ ସିଂ, ବରୁଣ କୁମାର, ଦୀପସାନ ତିର୍କୀ, ନିଲମ ସଞ୍ଜୀପ ଖେସ୍।

**ମିଡ୍‌ଫିଲଡର:** ମନପ୍ରୀତ ସିଂ, ଚିଙ୍ଗ୍‌ଲେନ୍‌ସାନା ସିଂ କାଙ୍ଗୁଜାମ୍, ନୀଳକାନ୍ତ ଶର୍ମା, ସୁମିତ, ଯଶକରନ ସିଂ ରାଜକୁମାର ପାଲ୍, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ।

**ଫରୱାର୍ଡ:** ଏସ.ଭି. ସୁନୀଲ, ଆକଶଦୀପ ସିଂ, ମନଦୀପ ସିଂ, ଲଳିତ ଉପାଧ୍ୟାୟ, ରମଣଦୀପ ସିଂ, ସିମରନଜିତ୍ ସିଂ, ସମଶେର୍ ସିଂ, ଗୁରଜାନ୍ତ ସିଂ, ଦିଲପ୍ରୀତ ସିଂ, ଗୁର୍‌ସାହିବଜିତ୍ ସିଂ ଓ ଶିଳାନନ୍ଦ ଲାକ୍ରା।

# ସଂଗ୍ରହାଳୟ, ୧୮ ପ୍ରକଳ୍ପ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସଂଗ୍ରହାଳୟ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

ଭୁବନେଶ୍ୱର(ବ୍ୟୁରୋ)/ ବୌଦ୍ଧ(ସ୍ୱ.ପ୍ର.) ୨।୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭିଡିଓ କନ୍‌ଫରେନ୍ସରେ ବୌଦ୍ଧ ଜିଲାର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ବୌଦ୍ଧ ଜିଲାର ନୂତନ ସଂଗ୍ରହାଳୟ ସମେତ ୪୪.୬୦ କୋଟିର ୧୮ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ବୌଦ୍ଧ ଜିଲାର ୧୦୦ ବର୍ଷ ପୁରାତନ କଚେରୀ କୋଠାରେ ନୂତନ ସଂଗ୍ରହାଳୟ ଉଦ୍‌ଘାଟନ ପ୍ରତିଷ୍ଠା କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଆଇକନିକ ଐତିହ୍ୟ କୋଠାରେ ସଂଗ୍ରହାଳୟ ପ୍ରତିଷ୍ଠା ଦ୍ୱାରା ବୌଦ୍ଧ ଜିଲା କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଏବଂ ପ୍ରଚାର, ପ୍ରସାର ହୋଇ ପାରିବ। ଜିଲାରେ ପର୍ଯ୍ୟଟନର ବିକାଶ ଦିଗରେ ଏହା ସହାୟକ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୪୪.୬୦ କୋଟି ଟଙ୍କାର ୧୮ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଏଥିରେ ୩ଟି ଦୁଗ୍ଧ ଶୀତଳୀକରଣ ପ୍ରକଳ୍ପ, ବିଭିନ୍ନ ରାସ୍ତାର ନିର୍ମାଣ ଓ ପ୍ରଶସ୍ତୀକରଣ, ପାର୍କ ଓ ଛକର ବିକାଶ କାମ ଅନ୍ତର୍ଭୁକ୍ତ। ୩ଟି ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ଦ୍ୱାରା ଜିଲାର ୪ ହଜାର ଦୁଗ୍ଧ ଚାଷୀ ଉପକୃତ ହେବେ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବିକାଶର ସୁଫଳ ସମସ୍ତଙ୍କ ପାଖରେ ପହଞ୍ଚିବା ଆବଶ୍ୟକ। ବିଶେଷ କରି ଗରିବ ଲୋକ ଓ ମା'ମାନଙ୍କ ହକ୍‌ର ସୁରକ୍ଷା ପାଇଁ ସମସ୍ତେ କାମ କରିବା ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜିଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି, ବୌଦ୍ଧ ଜିଲାର ଲୋକ ଉଚ୍ଚ କଳା ଓ ସଂସ୍କୃତି ସମ୍ପନ୍ନ ଏବଂ କଠୋର ପରିଶ୍ରମୀ। ଜିଲାର ବିକାଶ କାମରେ ଅଗ୍ରଗତି ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି, ଜିଲାର ପର୍ଯ୍ୟଟନ ବିକାଶରେ ଏହି ସଂଗ୍ରହାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, କଣ୍ଟାମାଳ ବିଧାୟକ ମହିଧର ରଣା ପ୍ରମୁଖ ଏହି ଅବସରରେ ସେମାନଙ୍କର ଅଭିଭାଷଣ ରଖିଥିଲେ।

କାର୍ଯ୍ୟକ୍ରମ ଓ ସଂଗ୍ରହାଳୟ ସମ୍ପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଜିଲାପାଳ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ।

# ଭୋଜି ଖାଇ ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା, ୨।୧ (ଡି.ଏନ.ଏ.)

ନୂଆବର୍ଷରେ ଭୋଜିଖାଇ କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ କହ୍ଲାପଡ଼ା ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରଶାନ୍ତ ଦର୍କା (୩୮)। ପ୍ରଶାନ୍ତ ନୂଆବର୍ଷରେ ଗୋଛରା ଓ କହ୍ଲାପଡା ଗ୍ରାମର କେତେଜଣ ବ୍ୟକ୍ତିଙ୍କ ସହ ଗାଁ ପାଖ ନାଳ ନିକଟରେ ଭୋଜି କରିଥିଲେ। ଖାଇସାରିବା ପରେ ଦୁଇ ଯୁବକ ବାଇକ୍‌ରେ ଆଣି ତାଙ୍କୁ ଘରେ ଛାଡିଥିଲେ। କିଛି ସମୟ ପରେ ତାଙ୍କୁ ଝାଡ଼ା ହୋଇଥିଲା। ଶୌଚାଳୟରୁ ଫେରିବା ପରେ ସେ ତଳେ ପଡିଯାଇ ଅଚେତ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ କୁଚିଣ୍ଡା ଡାକ୍ତରଖାନା ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର କୁଚିଣ୍ଡା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କୁଚିଣ୍ଡା ଥାନାରେ ଏମ ମାମଲା (ନଂ.୨/୨୧) ରୁଜୁ କରାଯାଇ ଘଟଣାର ଅନୁସନ୍ଧାନ ଜାରି ରହିଥିବା ପୋଲିସଠାରୁ ପ୍ରକାଶ।

ନୂତନ ବରଷର ଅଭିନନ୍ଦନ ୨୦୨୧
ନବୀନ କିରଣେ ନିରଞ୍ଜନ ଆଶେ ପୁରୁଣା ଅଧ୍ୟାୟ ଭୁଲି, ପଦ୍ମନାଭଙ୍କର ଅଶୋକ ଭାବନା ନୂଆପଥ ଦିଏ ଖୋଲି।
ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଅଞ୍ଚଳରେ ଥିବା ମୋର ଅଗଣିତ ପୂଜନୀୟ ସମ୍ମାନନୀୟ, ଆଦରଣୀୟ ବ୍ୟକ୍ତି ବିଶେଷ ଓ ମୋର ଅଗଣିତ ଭାଇଭଉଣୀ ତଥା ବିନିକା ଅଞ୍ଚଳର ସମସ୍ତ ଗ୍ରାମ ତଥା ୧୭ଟି ଗ୍ରା.ପ. ସ୍ତରରେ ରହିଥିବା ଜନପ୍ରତିନିଧିଙ୍କୁ ନବବର୍ଷ-୨୦୨୧ର ହାର୍ଦ୍ଦିକ ଅଭିନନ୍ଦନ। ଚଳିତ ବର୍ଷ-୨୦୨୧ ସମସ୍ତଙ୍କ ପାଇଁ ମା' ସମଲେଶ୍ୱରୀଙ୍କ କୃପାରୁ ମଙ୍ଗଳମୟ ହେଉ।
ବିନିକା ବ୍ଲକ ଅଧ୍ୟକ୍ଷ ତଥା ସୁବର୍ଣ୍ଣପୁର ଜିଲ୍ଲା ବିଜେଡି ଯୁବ ସଭାପତି
ଅଶୋକ କୁମାର ନନ୍ଦ

ନୂତନ ବରଷର ଅଭିନନ୍ଦନ ୨୦୨୧
ପୁରୁଣା ବର୍ଷକୁ ଭୁଲି ଅରୁଣଙ୍କ ଛତ୍ରଛାୟା ତଳେ ଦଳିତ ଆଦିବାସୀଙ୍କ ଉଚ୍ଚ ଶିକ୍ଷାର ବିକାଶ ପାଇଁ ଗଢ଼ି ଉଠିଥିବା ଆଇଆଇଏମ୍‌ଏସ୍, ଭୁବନେଶ୍ୱର କଳିଙ୍ଗନଗର ସ୍ଥିତ ଘାଟିକିଆ କଲେଜ, ନୟାଗଡ଼ ଇଟାମାଟି କଲେଜ ଓ ବିନିକା କଲେଜ ଶାଖାରେ କାର୍ଯ୍ୟରତ ରହିଥିବା ସମସ୍ତ କର୍ମଚାରୀ, ସହଯୋଗୀଙ୍କୁ କଲେଜର ପରିଚାଳନା ନିର୍ଦ୍ଦେଶକ ସଞ୍ଜିତ ରୋଶନ ପଟ୍ଟନାୟକ ନବବର୍ଷର ଅଭିନନ୍ଦନ ଜଣାଇ କଲେଜର ଏକ ନୂଆ ଅଧ୍ୟାୟ ଯୋଡ଼ି କର୍ମପଥରେ ଅଗ୍ରସର ହେବା ସହିତ ସମସ୍ତଙ୍କ ପାଇଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି।
ଭୁବନେଶ୍ୱର କଳିଙ୍ଗନଗର ଘାଟିକିଆ ଆଇଆଇଏମ୍‌ଏସ୍ ପରିଚାଳନା ନିର୍ଦ୍ଦେଶକ
ସଞ୍ଜିତ ରୋଶନ ପଟ୍ଟନାୟକ

୨୦୨୧ ନୂତନ ବର୍ଷ ଉପଲକ୍ଷେ ଗଞ୍ଜାମ ଜିଲ୍ଲା ତଥା ଦିଗପହଣ୍ଡି ସହରର ସମସ୍ତ ଜନସାଧାରଣଙ୍କୁ ମୋର ଅଭିନନ୍ଦନ ସହ ଶୁଭକାମନା । ଏହି ନୂଆବର୍ଷ ୨୦୨୧ ସମସ୍ତଙ୍କର ମଙ୍ଗଳମୟ ହେଉ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ।
ଶ୍ରୀଯୁକ୍ତ ଭବାନୀ ଶଙ୍କର ପଣ୍ଡା
ଭାଜପା, ଦିଗପହଣ୍ଡି ନଗର ସଭାପତି (ଗଞ୍ଜାମ)

ନୂତନ ବର୍ଷ ୨୦୨୧
ଅବସରରେ ବେତନଟୀ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ପୂର୍ତ୍ତ ବିଭାଗର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ସହକାରୀ ଯନ୍ତ୍ରୀ
ପୂର୍ତ୍ତ ଉପବିଭାଗ, ବେତନଟୀ

୨୦୨୧ ନୂତନବର୍ଷ ଅବସରରେ ଦିଗପହଣ୍ଡି ବ୍ଲକ ବମକେଇ ଗ୍ରାମପଞ୍ଚାୟତ ତଥା ଦିଗପହଣ୍ଡି ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସୁଖ, ସମୃଦ୍ଧି କାମନା କରୁଛି ।
ଶ୍ରୀଯୁକ୍ତ ଭଗବାନ ବାଡ଼ତ୍ୟା
ସରପଞ୍ଚ ପ୍ରତିନିଧି, ବମକେଇ ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ

୨୦୨୧ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ
ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମ ପଞ୍ଚାୟତ ତଥା ଦିଗପହଣ୍ଡି ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ଶ୍ରୀମତୀ ଅନୀତା କୁମାରୀ ସ୍ୱାଇଁ
ସରପଞ୍ଚ, ସିଦ୍ଧେଶ୍ୱର ଗ୍ରାମପଞ୍ଚାୟତ ଦିଗପହଣ୍ଡି ବ୍ଲକ (ଗଞ୍ଜାମ)

ଇଂରାଜୀ ନବବର୍ଷ ୨୦୨୧
ଅବସରରେ ବେତନଟୀ ବନାଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଘନଶ୍ୟାମ ସିଂ
ରେଞ୍ଜ୍ ଅଫିସର, ବେତନଟୀ

୨୦୨୧ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ
ଗଞ୍ଜାମ ଜିଲ୍ଲା ତଥା ଦିଗପହଣ୍ଡି ସହରର ସମସ୍ତ ଜନସାଧାରଣଙ୍କ ସୁଖ, ସମୃଦ୍ଧି କାମନା କରୁଛି ।
ଦୀପକ କୁମାର ମିଶ୍ର
ସମାଜସେବୀ
ଦିଗପହଣ୍ଡି (ଗଞ୍ଜାମ)

୨୦୨୧ ନବବର୍ଷର ଅଭିନନ୍ଦନ
ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଏନ୍.ଏ.ସି. ତଥା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ନୂଆବର୍ଷ ସମସ୍ତ ଜନସାଧାରଣଙ୍କ ପ୍ରଗତିର ବର୍ଷ ହେଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।
ଶ୍ରୀଯୁକ୍ତ ବିକାଶ କୁମାର ପଶୁପାଳକ
ସମାଜସେବୀ, ଦିଗପହଣ୍ଡି (ଗଞ୍ଜାମ)

ଇଂରାଜୀ ନବବର୍ଷ ୨୦୨୧
ଅବସରରେ ବେତନଟୀ ବ୍ଲକର ସମସ୍ତ କର୍ମଚାରୀ ଓ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ରାମଚନ୍ଦ୍ର ମାଝି
କନିଷ୍ଠ ଯନ୍ତ୍ରୀ, ବେତନଟୀ

ନୂତନ ବର୍ଷ ୨୦୨୧
ଉପଲକ୍ଷେ ବେତନଟୀ ବିଦ୍ୟୁତ୍ ଉପଖଣ୍ଡର ସମସ୍ତ ଉପଭୋକ୍ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ଶ୍ରୀ ଶଶିଭୂଷଣ ପାଲ୍
ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ
ବେତନଟୀ

ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମପଞ୍ଚାୟତ ତଥା ବ୍ଲକର ସମସ୍ତ ଜନସାଧାରଣଙ୍କ ଶୁଭକାମନା କରିବା ସହ ସମସ୍ତ ଓକିଲ ବନ୍ଧୁଙ୍କ ପାଇଁ ୨୦୨୧ ଶାନ୍ତି ଓ ପ୍ରଗତିର ବର୍ଷ ହେଉ, ଏହା ହିଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।
ନୂତନ ବର୍ଷର ଶୁଭକାମନା
ଶ୍ରୀଯୁକ୍ତ ନକୁଳ ପ୍ରଧାନ
(ସରକାରୀ ଓକିଲ)
ଦିଗପହଣ୍ଡି ବିଚାର ବିଭାଗୀୟ ଅଦାଲତ

୨୦୨୧ ନୂତନ ବର୍ଷର ଅଭିନନ୍ଦନ
ଦିଗପହଣ୍ଡି ବ୍ଲକ ତଥା ଏନ୍.ଏ.ସି. ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସମେତ ସରକାରୀ-ବେସରକାରୀ କର୍ମଚାରୀ ଭାଇଭଉଣୀ ଏବଂ ଠିକାଦାରମାନଙ୍କୁ ନୂତନବର୍ଷର ଅଭିନନ୍ଦନ ସହ ଶୁଭକାମନା ଜଣାଉଛି ।
ଶ୍ରୀଯୁକ୍ତ ନୀଳମାଧବ ଗୌଡ଼ (ନୀଳ)
ଠିକାଦାର ତଥା ପୂର୍ବତନ ଛାତ୍ର ସଂସଦ ସଭାପତି, ଖେମୁଣ୍ଡି କଲେଜ, ଦିଗପହଣ୍ଡି (ଗଞ୍ଜାମ)

ନବବର୍ଷ ୨୦୨୧ ଅବସରରେ ବେତନଟୀ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ସ୍ମୃତିରଞ୍ଜନ ମଲ୍ଲିକ
ବିଡିଓ, ବେତନଟୀ ବ୍ଲକ
ମୁନୁରାମ ଟୁଡୁ
ସହକାରୀ ଯନ୍ତ୍ରୀ

ବେତନଟୀ ତହସିଲ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନବବର୍ଷ ୨୦୨୧ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧିର ବର୍ଷ ହେଉ, ଏହା ହିଁ କାମନା।
ସଂଗ୍ରାମ କେଶରୀ ପରିଡା
ତହସିଲଦାର, ବେତନଟୀ

୨୦୨୧ ନୂତନ ବର୍ଷ ଅବସରରେ ଦିଗପହଣ୍ଡି ଏନ୍.ଏ.ସି. ତଥା ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।
ଶ୍ରୀଯୁକ୍ତ ପରେଶ ଚନ୍ଦ୍ର ରଥ
ସଭାପତି, ଖେମୁଣ୍ଡି ଓକିଲ ସଂଘ, ଦିଗପହଣ୍ଡି
ଭାଜପା, ଗଞ୍ଜାମ ଜିଲ୍ଲା ଉପସଭାପତି
ରାଜ୍ୟ ସାଧାରଣ ସମ୍ପାଦକ, ପବ୍ଲିକ ରାଇଟ୍ ଆସୋସିଏସନ

୨୦୨୧ ନୂତନ ବର୍ଷ ଉପଲକ୍ଷେ ଗଞ୍ଜାମ ଜିଲ୍ଲା ତଥା ଦିଗପହଣ୍ଡି ଅଞ୍ଚଳର ସମସ୍ତ ସରକାରୀ କର୍ମଚାରୀ, ଠିକାଦାର ଭାଇ, ଭଉଣୀ ଏବଂ ଜନସାଧାରଣଙ୍କୁ ମୋର ନୂତନ ବର୍ଷର ଅଭିନନ୍ଦନ ଜଣାଉଛି ।
ଶ୍ରୀଯୁକ୍ତ ପ୍ରଦୀପ କୁମାର ପଣ୍ଡା
ସମ୍ପାଦକ, ଦିଗପହଣ୍ଡି ବ୍ଲକ/ଏନ୍.ଏ.ସି., ଠିକାଦାର ସଂଘ, ଦିଗପହଣ୍ଡି (ଗଞ୍ଜାମ)

୨୦୨୧ ନୂଆବର୍ଷରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ତଥା ଦିଗପହଣ୍ଡି ଏନ୍.ଏ.ସି.ର ସମସ୍ତ ଜନସାଧାରଣଙ୍କୁ ମୋର ଅଭିନନ୍ଦନ ଓ ନମସ୍କାର ଜଣାଉଛି । ଆସନ୍ତୁ, ସମସ୍ତେ ମିଳିମିଶି ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ କରିବା ।
ଶ୍ରୀଯୁକ୍ତ କେ.କୁନା
ସମାଜସେବୀ
ଦିଗପହଣ୍ଡି (ଗଞ୍ଜାମ)

୨୦୨୧ ନୂତନବର୍ଷ ଅବସରରେ ଦିଗପହଣ୍ଡି ବ୍ଲକ ବାସୁଦେବପୁର ଗ୍ରାମପଞ୍ଚାୟତ ତଥା ଗଞ୍ଜାମ ଜିଲ୍ଲାର ସମସ୍ତ ଭାଇ, ଭଉଣୀ, ବିଜେଡି କର୍ମୀ, ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଓ ବ୍ଲକ କାର୍ଯ୍ୟାଳୟ କର୍ମଚାରୀବୃନ୍ଦଙ୍କୁ ଅଭିନନ୍ଦନ ଜଣାଉଛି ।
ଶ୍ରୀଯୁକ୍ତ ରବିନାରାୟଣ ପାଢ଼ୀ
ସରପଞ୍ଚ, ବାସୁଦେବପୁର ଗ୍ରାମପଞ୍ଚାୟତ ଦିଗପହଣ୍ଡି ବ୍ଲକ (ଗଞ୍ଜାମ)

ଅଭିନନ୍ଦନ
ଦିଗପହଣ୍ଡି ବ୍ଲକର ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀ/ଶିକ୍ଷକ ଭାଇଭଉଣୀମାନଙ୍କୁ ୨୦୨୧ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଉଛି । କରୋନା ମହାମାରୀଠାରୁ ଦୂରେଇ ରହିବା, ସତର୍କ ରହିବା, ସୁରକ୍ଷିତ ରହିବା, ସୁସ୍ଥ ଓ ଆରୋଗ୍ୟ ରହିବା ପାଇଁ କାମନା କରିବା ସହ ଆପଣମାନଙ୍କ କର୍ମମୟ ଜୀବନ ଅତ୍ୟନ୍ତ ସୁଖମୟ ହେଉ, ଏହା ହିଁ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।
ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ଗୌଡ଼
ସଭାପତି, ପ୍ରାଥମିକ ଶିକ୍ଷକ ସଂଘ (NPS)
ଦିଗପହଣ୍ଡି ବ୍ଲକ (ଗଞ୍ଜାମ)

ବେତନଟୀ ବ୍ଲକ ଅଞ୍ଚଳର ସମସ୍ତ ମା' ଓ ଭଉଣୀମାନଙ୍କୁ ନବବର୍ଷ ୨୦୨୧ ଅବସରରେ ସମନ୍ୱିତ ଶିଶୁ ବିକାଶ ଯୋଜନା, ବେତନଟୀ ବ୍ଲକ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଶ୍ରୀମତୀ ଉପମା ଗନ୍ତାୟତ
ସିଡିପିଓ, ବେତନଟୀ, ମୟୂରଭଞ୍ଜ

# ଉପେନ୍ଦ୍ର ଭଞ୍ଜ ମଧ୍ୟଯୁଗର ମହାନ୍ କବି : ସୀତାକାନ୍ତ

ବ୍ରହ୍ମପୁର ଅଫିସ୍,୨।୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୫ତମ ପ୍ରତିଷ୍ଠା ଦିବସ ଶନିବାର ବିଜୁ ପଟ୍ଟନାୟକ ଅଡିଟୋରିଅମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମବିଭୂଷଣ ଡ. ସୀତାକାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କବିତାର ମହନୀୟତା ସମ୍ପର୍କରେ କହିଥିଲେ। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା କ୍ଷେତ୍ରରେ ଉପେନ୍ଦ୍ର ଭଞ୍ଜଙ୍କ ଅବଦାନ ରହିଛି। ଭଞ୍ଜଙ୍କ ରଚନାରେ ବିଭିନ୍ନ କ୍ଲାନ୍ତି ଓ ଆଞ୍ଚଳିକ ଭାଷା ଏବଂ ଓଡ଼ିଆ ସାହିତ୍ୟକୁ ସଂସ୍କୃତ ସାହିତ୍ୟର ସମକକ୍ଷ କରିବା ପାଇଁ ଆଞ୍ଚଳିକ ଓ ପ୍ରାଦେଶିକତାର ଊର୍ଦ୍ଧ୍ୱରେ ରହି ନିଜକୁ ପ୍ରତିଷ୍ଠା କରିପାରିଥିଲେ। ତାଙ୍କ କାବ୍ୟ କବିତା ପ୍ରେମ ଓ ଶୃଙ୍ଗାର ରସରେ ଭରପୂର। ଉପେନ୍ଦ୍ର ଭଞ୍ଜଙ୍କୁ ମଧ୍ୟ ଯୁଗର ମହାନ୍ କବି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ଡ. ମହାପାତ୍ର କହିଥିଲେ। ମହୋତ୍ସବରେ ମହାପାତ୍ରଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ.ଚକ୍ରପାଣି ମହୋତ୍ସବରେ ସଭାପତିତ୍ୱ କରିବା




ପ୍ରତିଷ୍ଠା ଦିବସରେ ଉପସ୍ଥିତ ଥିବା ଅତିଥି ବୃନ୍ଦ।

ସହ ସ୍ୱାଗତ ଭାଷଣ ଦେଇଥିଲେ।

ଭୁବନେଶ୍ୱର ଏମ୍‌ସର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ମହାପାତ୍ର ଯୋଗଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଅନେକ ଜ୍ଞାନୀ ଗୁଣି ଶିକ୍ଷାଲାଭ କରି ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ଆଜିର ଯୁବପିଢି ଡାକ୍ତର ଇଞ୍ଜିନିୟର ନୁହେଁ, ଜଣେ ପ୍ରଶାସନିକ ଅଧିକାରୀ ହେବା ପାଇଁ ଚାହୁଁଛନ୍ତି। ଭଲ ମଣିଷ ହେବାକୁ ହେଲେ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ରୋଗୀ ଅଛନ୍ତି ମାନେ ଡାକ୍ତର ଅଛନ୍ତି, ଶିକ୍ଷକ ଅଛନ୍ତି ମାନେ ବିଦ୍ୟାର୍ଥୀ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୫ତମ ପ୍ରତିଷ୍ଠା ଦିବସ

ଅଛନ୍ତି। ଆଉ ଜଣେ ଜଣେ ଛାତ୍ର ନିଜକୁ ଦକ୍ଷଭାବେ ଗଢ଼ି ତୋଳିବାର ସମୟ ଆସିଛି। ୧୬୭୦ରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଓଡ଼ିଆ ସାହିତ୍ୟକୁ ନୂଆ ଦିଗ୍‌ଦର୍ଶନ ଦେଇଥିଲେ। ତାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷା ପ୍ରଫେସର ଅରୁନ୍ଧତି ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ ବିଶ୍ୱବିଦ୍ୟାଳୟର ଅଗ୍ରଗତି ସହ ଆଗାମୀ ରୂପରେଖ ସମ୍ପର୍କରେ ବିବରଣୀ ପାଠ କରିଥିଲେ। ଲୋକପ୍ରିୟ ଦାସକାଠିଆ କଳାକାର ଉପେନ୍ଦ୍ର ପାଣିଗ୍ରାହୀ ଓ ବିଶିଷ୍ଟ ସଂଘ କଳାକାର କୃଷ୍ଣଚନ୍ଦ୍ର ମହାରଣାଙ୍କୁ ଦକ୍ଷିଣ ଓଡ଼ିଶା ଲୋକ ସଂସ୍କୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ପଦ୍ମଶ୍ରୀ ଶିଶିର ପୁରୁଷୋତ୍ତମ ମିଶ୍ର, ଅଧ୍ୟାପକ ଡ. କମ୍ବୁପାଣି ସାମନ୍ତଙ୍କୁ ଅଙ୍ଗବସ୍ତ୍ର ସହ ସମ୍ମାନିତ କରାଯାଇଥିଲା। ଆଲୁମ୍‌ନି ଭାବେ ବିଶିଷ୍ଟ ସ୍ନାୟୁ ରୋଗ ବିଶେଷଜ୍ଞ ପ୍ରଫେସର ଡା.ଅଶୋକ କୁମାର ମହାପାତ୍ର ଓ ଆଲ୍ଲାହାବାଦ୍ ହରିଶ୍ ଚନ୍ଦ୍ର ଗବେଷଣା ଶିକ୍ଷାନୁଷ୍ଠାନ ପ୍ରଫେସର ଅରୁଣ କୁମାର ପତିଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁରର ବରିଷ୍ଠ ଓକିଲ ବସନ୍ତ କୁମାର ପଣ୍ଡା, ଭଗବାନ ସାହୁ, ସନ୍ତୋଷ କୁମାର ମହାପାତ୍ରଙ୍କୁ ଅଙ୍ଗବସ୍ତ୍ର ଓ ଉପଢ଼ୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା।

ବିଶ୍ୱବିଦ୍ୟାଳୟରେ ଉତ୍ତମ ସେବା ପ୍ରଦାନ କରିଥିବା ଅଣଶିକ୍ଷକ କର୍ମଚାରୀ ଓ ବିଭିନ୍ନ ପାଠ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଶତାଧିକ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଗଞ୍ଜାମ ଜିଲା ବିଜେଡି ସଭାପତି ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ ବିଜେଡି ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ବ୍ରହ୍ମପୁର ଆକାଶବାଣୀର ପୂର୍ବତନ ସହ ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ, ରାଜନୀତି ବିଜ୍ଞାନ ବିଭାଗର ପ୍ରାକ୍ତନ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥିବୃନ୍ଦ ଉପସ୍ଥିତ ଥିଲେ। ପ୍ରଫେସର ବିଭୂତି ଭୂଷଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତ ଗୋଡ଼ ଯଦି ଅଛିରେ ଖେଣ୍ଟା**
**ପରକୁ କିମ୍ପାଇଁ ଦାନ୍ତ ନିକୁଟା।**

ନିଜେ ଠିକ୍ ଥିଲେ ଅନ୍ୟକୁ ଆଶ୍ରା କରିବାରେ ମାନେ କିଛି ରହିନଥାଏ। ହାତ ଗୋଡ଼ ଚାଲୁଥଲେ, ସୁସ୍ଥ ସବଳ ଥିଲେ, ଅନ୍ୟ ଉପରେ ନିର୍ଭର ନ କରି ନିଜେ ଖଟି ଖାଇବା ହିଁ ଉଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହାତରେ ନାହିଁ ଧନ**
**ପୁଅ ବାହାଘରେ ମନ।**

ସାଧାରଣତଃ ବାହାପୁଆଣି କଲେ ଭୋଜିଭାତ ଦେବା ନେଇ ଅନେକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏପରି ସ୍ଥଳେ ହାତରେ ଧନ ନ ଥିବା ବ୍ୟକ୍ତି ଏଥିପ୍ରତି ମନ ବଳେଇବା ଉଚିତ ହୋଇନଥାଏ। ହାତରେ ପଇସା ନଥାଇ ବଡ଼ ବଡ଼ କଥା କରିବା ପାଇଁ ଚିନ୍ତା କରିବା ବା ବହୁ ଖର୍ଚ୍ଚ କରିବା ଲାଗି ଅଗ୍ରସର ହେବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ବଳାତ୍କାର ପରେ ହତ୍ୟା ଉଦ୍ୟମ ସନ୍ଦେହ

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୨।୧(ବି.ପ୍ର./ଡି.ଏନ୍.ଏ.)

ଜଣେ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ କରାଯାଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଏଭଳି ଏକ ଅମାନବୀୟ ଘଟଣା ଘଟିଛି। ଏହି ଘଟଣାରେ ୩ଜଣ (ଦୁଇ ପୁରୁଷ, ଜଣେ ମହିଳା)ଙ୍କୁ ଥାନାକୁ ଆଣି ପୋଲିସ ପଚରାଉଚରା କରୁଛି।

ନୂଆବର୍ଷ ସକାଳେ ତେନ୍ତୁଳିଖୁଣ୍ଟି ଥାନା ଅଧୀନ କୋଙ୍ଗରା ଗ୍ରାମ ନିକଟ କାଜୁବାଡ଼ରୁ ଜଣେ ଯୁବତୀଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଅନେକ ଖୋଜାଖୋଜି କରି ଯୁବତୀଙ୍କ ପରିଚୟ ଜାଣିବା ପରେ ତାଙ୍କ ପରିବାର ଓ ୧୦୮ ଆମ୍ବୁଲାନ୍ସକୁ ସ୍ଥାନୀୟ ଲୋକେ ଖବର ଦେଇଥିଲେ। ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୀଡ଼ିତାଙ୍କ ମୁଣ୍ଡ ଓ ବେକରେ ଗଭୀର ଆଘାତ ଲାଗିଛି। ବଳାତ୍କାର ପରେ ହତ୍ୟା ଉଦ୍ୟମ କରାଯାଇଛି ବୋଲି ଯୁବତୀଙ୍କ ମା' ନବରଙ୍ଗପୁର ଓ ତେନ୍ତୁଳିଖୁଣ୍ଟି ପୋଲିସ

## ଗୁରୁତର ଅବସ୍ଥାରେ ଯୁବତୀ ଡାକ୍ତରଖାନାରେ ଭର୍ତ୍ତି

ଆଗରେ ବୟାନ ଦେଇଛନ୍ତି। ଘଟଣାକୁ ଗୁରୁତର ଭାବେ ନେଇ ପୋଲିସ ତଦନ୍ତ ଚଳାଇଛି। ଅତିରିକ୍ତ ଏସ୍‌ପି ସି.ଏଚ୍. ହୃଦୟାନନ୍ଦ, ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ, ଏସ୍‌ଡିପିଓ ଦିନେଶ ନାୟକ, ଏସ୍‌ଆଇ ନୀଳିମା ପାଣିଗ୍ରାହୀ ଡାକ୍ତରଖାନାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ ଯୁବତୀଙ୍କ ଗାଁକୁ ଯାଇ ତଦନ୍ତ କରିବା ସହ ଗ୍ରାମବାସୀଙ୍କୁ ପଚରାଉଚରା କରିଛନ୍ତି। ପୋଲିସ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ସାମାଜିକ କର୍ମୀ କାଦମ୍ବିନୀ ତ୍ରିପାଠୀ ଦାବି କରିଛନ୍ତି। ଯୁବତୀ ଜଣକ ସୁସ୍ଥ ହେବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ପାଲିସ କହିଛି। ଏ ନେଇ ତେନ୍ତୁଳିଖୁଣ୍ଟି ଥାନାରେ ନଂ.୧/୨୧ରେ ଏକ ମାମଲା ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ଯୁବତୀ ଜଣଙ୍କ ପ୍ରେମ ବିବାହ କରିଥିଲେ। ପରେ ସେ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହୋଇ ବାପଘରେ ରହୁଥିଲେ।

## ସଂକ୍ଷେପରେ

### ଅପରାଜିତା ଶ୍ରେଷ୍ଠ ସାଂସଦ



**ଭୁବନେଶ୍ୱର,୨।୧(ବ୍ୟୁରୋ):** ଭୁବନେଶ୍ୱର ଏମପି ଅପରାଜିତା ଷଡଙ୍ଗୀଙ୍କୁ ୨୦୨୦ ବର୍ଷ ପାଇଁ ଦେଶରେ ଶ୍ରେଷ୍ଠ ସାଂସଦ(ବେଷ୍ଟ ପାର୍ଲାମେଣ୍ଟାରିଆନ) ମାନ୍ୟତା ମିଳିଛି। ଏସିଆ ପୋଷ୍ଟ ଓ ଫେମେ ଇଣ୍ଡିଆ ପକ୍ଷରୁ ଏମପିମାନଙ୍କର ସଂସଦରେ ଉପସ୍ଥାନ, ବିତର୍କରେ ଭାଗ ନେବା କାର୍ଯ୍ୟଶୈଳୀ, ଲୋକପ୍ରିୟତା ଆଦିକୁ ନେଇ ସର୍ଭେ କରାଯାଇଥିଲା। ଏଥିରେ ସର୍ବଭାରତୀୟ ସ୍ତରରେ ସେ ସର୍ବଶ୍ରେଷ୍ଠ ସାଂସଦ ଭାବେ ବିବେଚିତ ହୋଇଛନ୍ତି। ଅପରାଜିତା ନିଜେ ଟୁଇଟ କରି ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅପରାଜିତା ୨୦୧୯ରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ଭାଜପାରେ ଯୋଗ ଦେଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ ଭୁବନେଶ୍ୱର ଆସନରୁ ଭାରତୀୟ ଜନତା ପାର୍ଟି ଟିକଟରେ ଏମପି ଭାବେ ନିର୍ବାଚିତ ହୋଇଛନ୍ତି।

### ଜାନୁୟାରୀର ପ୍ରତ୍ୟେକ ଶନିବାର କୋର୍ଟ ବନ୍ଦ ରହିବ

**କଟକ ଅଫିସ,୨।୧:** ଚଳିତମାସର ପ୍ରତ୍ୟେକ ଶନିବାର ହାଇକୋର୍ଟ, ଅନ୍ୟାନ୍ୟ ନିମ୍ନ ଅଦାଲତ ଏବଂ ଏହାର ଅଫିସ, ଟ୍ରିବ୍ୟୁନାଲ ଏବଂ ଏହାର ଅଫିସ ବନ୍ଦ ରହିବ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ଘୋଷଣା କରିଛନ୍ତି। ଏହି ଆଧାରରେ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ଉକ୍ତ ନିଷ୍ପତ୍ତି ନିଆଯାଇଛି।

# ଆଜି ଖୋଲିବ ସମଲେଇ ମନ୍ଦିର

ସମ୍ବଲପୁର,୨।୧(ବ୍ୟୁରୋ)

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିର ରବିବାରଠାରୁ ଖୋଲିବ। କୋଭିଡ୍ କଟକଣା ପରେ ପ୍ରଥମ କରି ମନ୍ଦିରରେ ଜିଲାବାସୀଙ୍କୁ ଦର୍ଶନ ସୁଯୋଗ ମିଳିବ। ସୁରକ୍ଷା ଦିଗରେ କି ପଦକ୍ଷେପ ନିଆଯାଇଛି ସେ ନେଇ ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍‌ସେନା, ଏସ୍‌ପି ବାତୁଲା ଗଙ୍ଗାଧର ଶନିବାର ମନ୍ଦିରରେ ପହଞ୍ଚି ସ୍ଥିତି ପରଖିଛନ୍ତି। ମନ୍ଦିରର ପ୍ରସ୍ତୁତି ନେଇ ସେମାନେ ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ ଓ ମହାନଗର ନିଗମ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଗୋଟିଏ ଗେଟ୍‌ରେ ଭକ୍ତଙ୍କ ପ୍ରବେଶ ଓ ଅନ୍ୟ ଗେଟ୍ ଦେଇ ପ୍ରସ୍ଥାନ କରିବାର ବ୍ୟବସ୍ଥା ରହିଛି। ଗେଟ୍‌ରେ ସାନିଟାଇଜର, ଥର୍ମାଲସ୍କାନିଂ ବ୍ୟବସ୍ଥା ରହିବ। ଭକ୍ତମାନେ ଧାଡିରେ ରହିବା ପାଇଁ ବୃତ୍ତ ଚିହ୍ନ କରାଯାଇଛି। ଦୁଇଟି ପର୍ଯ୍ୟାୟରେ ଦର୍ଶନ କରିବାକୁ ସମୟ ରହିଛି ବୋଲି ଟ୍ରଷ୍ଟ ସଭାପତି ବାବୁ ଜିଲାପାଳଙ୍କୁ ସୂଚନା



ସମ୍ବଲପୁର ସମଲେଇ ମନ୍ଦିରରେ ଜିଲାପାଳ ଓ ଏସ୍‌ପି ।

## ସ୍ଥିତି ପରଖିଲେ ଜିଲାପାଳ, ଏସ୍‌ପି

ଦେଇଥିଲେ। ସେ ଆହୁରି କହିଥିଲେ, ୩ ଠାରୁ ୮ ତାରିଖ ପର୍ଯ୍ୟନ୍ତ କେବଳ ଜିଲାବାସୀ ଓ ପରେ ସମସ୍ତଙ୍କ ପାଇଁ ଦର୍ଶନ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି। ବୃଦ୍ଧାବୃଦ୍ଧ ଓ ୧୦ ବର୍ଷରୁ କମ୍ ପିଲାଙ୍କୁ ମନ୍ଦିରକୁ ଦର୍ଶନ ପାଇଁ ନ ଆସିବାକୁ ଅନୁରୋଧ କରାଯାଇଛି।

# ଆଜି ଚିଲିକାରେ ପକ୍ଷୀ ଗଣନା

ବ୍ରହ୍ମଗିରି,୨।୧(ଡି.ଏନ୍.ଏ.)

ବ୍ରହ୍ମଗିରି ରେଞ୍ଜ ଅଧୀନ ବାହ୍ୟ ଚିଲିକା ଅର୍ଥାତ ଚିଲିକା ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ଥିବା ଜଳାଶୟଗୁଡିକରେ ରବିବାର ପକ୍ଷୀଗଣନା କରାଯିବ । ବ୍ରହ୍ମଗିରି ରେଞ୍ଜ ଅଧୀନରେ ପକ୍ଷୀ ବିଶାରଦ ଓ ବନ କର୍ମଚାରୀଙ୍କୁ ନେଇ ୪ ଟିମ୍ ଗଠନ କରାଯାଇଛି । ସୁନାମୁହିଁଠାରୁ ବରୋକୁଦୀ, ବ୍ରହ୍ମଗିରି ବସଷ୍ଟାଣ୍ଡଠାରୁ ଗୋଲରାଛକ, କାଠୁଆଆରେଡି ଛକଠାରୁ ଘଟକୁଡି ଓ କପିଳେଶ୍ୱରପୁର ଅଞ୍ଚଳରେ ଗଣନା ହେବ। ଗଣନା କାର୍ଯ୍ୟ ଭୋର ୫ଟାରୁ ଆରମ୍ଭ ହେବ। ୨୦ଜଣ ଗଣନାକାରୀ ସାମିଲ ହୋଇଛନ୍ତି।

# ଶହୀଦ ଆଦିବାସୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ପରିବାର

କଳିଙ୍ଗନଗର,୨।୧(ଡି.ଏନ.ଏ.)

କଳିଙ୍ଗନଗର ଗୁଳିକାଣ୍ଡରେ ଶହୀଦ ହୋଇଥିବା ଆଦିବାସୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏଥିସହିତ ସ୍ଥାନୀୟ ବିସ୍ଥାପନ ବିରୋଧୀ ଜନମଞ୍ଚ ଓ ବିସ୍ଥାପିତ ପରିବାର ଉନ୍ନୟନ ପରିଷଦ ପକ୍ଷରୁ ଶନିବାର ପଞ୍ଚଦଶ ବାର୍ଷିକ ସମାରୋହ ବୀରଭୂମି ଅମ୍ବଗଡ଼ିଆଠାରେ ଅନୁଷ୍ଠିତ ହୋଇଛି। ୨୦୦୬ ଜାନୁୟାରୀ ୨ରେ ପୋଲିସ ଗୁଳିରେ ୧୩ ଆଦିବାସୀଙ୍କ ମୃତ୍ୟୁ ଘଟିଥିଲା। ଆଦିବାସୀଙ୍କ ଆକ୍ରମଣରେ ଗୋପ ମହାନ୍ତି ନାମକ ଜଣେ ପୋଲିସ ହାବିଲଦାର ଶହୀଦ ହୋଇଥିଲେ। ୪ ଜଣ ଗୁରୁତର ଆଦିବାସୀ ଅକର୍ମଣ୍ୟ ମଧ୍ୟ ହୋଇଥିଲେ। ପ୍ରତ୍ୟେକ ବର୍ଷ ଜାନୁୟାରୀ ୨କୁ ମୃତକଙ୍କ ପରିବାର ଏବଂ ସ୍ଥାନୀୟ ଆଦିବାସୀ ଶହୀଦ ଦିବସ ଭାବେ ପାଳନ କରନ୍ତି। ପ୍ରତ୍ୟେକ ବର୍ଷ ଓଡ଼ିଶା ଏବଂ ଓଡ଼ିଶା ବାହାରୁ ଆଦିବାସୀମାନେ ଆସି ଗୁଳିକାଣ୍ଡ ଘଟିଥିବା ସ୍ଥାନ ଚମ୍ପାକୋଇଲିଠାରୁ ବୀରଭୂମି ପର୍ଯ୍ୟନ୍ତ ରାଲି କରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ବୀରଭୂମିରେ ଥିବା ସଭାସ୍ଥଳରେ ପହଞ୍ଚି ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ପ୍ରଦାନ କରି ପୂଜାର୍ଚ୍ଚନା କରିଥାନ୍ତି। ବୀରଭୂମିରେ ଏକ ସାଧାରଣ ସଭା କରି ଆଦିବାସୀଙ୍କ ବିଭିନ୍ନ

## କଳିଙ୍ଗନଗର ଗୁଳିକାଣ୍ଡକୁ ୧୫ ବର୍ଷ



ଶହୀଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ଲୋକନୃତ୍ୟ ପ୍ରଦର୍ଶନ କରିଥାନ୍ତି। କିନ୍ତୁ ଚଳିତବର୍ଷ କରୋନା କଟକଣା ଯୋଗୁ ସେମାନଙ୍କୁ ସଭା ଏବଂ ରାଲି ନିମନ୍ତେ ପ୍ରଶାସନ ବାରଣ କରିଥିଲା। କେବଳ ଚମ୍ପାକୋଇଲିଠାରେ ଏବଂ ବୀରଭୂମିରେ ଥିବା ଶହୀଦସ୍ତମ୍ଭରେ ପୂଜାର୍ଚ୍ଚନା କରାଯିବା ସହିତ ସାମାଜିକ ଦୂରତା ରଖି ଏକ ସଭା କରାଯାଇଥିଲା। ଏଥିରେ ଲକ୍ଷ୍ମୀକାନ୍ତ ସୋରେନ, ଶୁଭାଶିଷ ଜାମୁଡ଼ା, ରବୀନ୍ଦ୍ର ଜାରିକା, ଅମର ସିଂ ବାନରା, ବୀରେନ ଜାମୁଦା, ନଟି ଆଙ୍ଗରାଇ ଓ ସ୍ୱର୍ଣ୍ଣଲତା ବାନରା ପ୍ରମୁଖ ଯୋଗ ଦେଇଥିଲେ। ପୋଲିସ ପକ୍ଷରୁ ୧୦ ପ୍ଲାଟୁନ ଫୋର୍ସ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଥିଲା। ୨ଜଣ ଡିଏସ୍‌ପି, ୪ ଥାନାଧିକାରୀ ଉପସ୍ଥିତ ଥିଲେ।

# ଅନୁସୂଚିତ ଜାତି ବିକାଶରେ ରାଜ୍ୟ ସରକାର ବାଧକ: ଭାଜପା

ଭୁବନେଶ୍ୱର,୨।୧(ବ୍ୟୁରୋ)

ଦୀର୍ଘ ୨୧ ବର୍ଷ ଧରି ଅନୁସୂଚିତ ଜାତିର ଛାତ୍ରୀଛାତ୍ରମାନଙ୍କୁ ରାଜ୍ୟ ସରକାର ଅବହେଳା କରିଆସିଛନ୍ତି । ଏହି ବର୍ଗର ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି କ୍ଷେତ୍ରରେ ୧୬ ପ୍ରତିଶତ ଓ ଶିକ୍ଷା କ୍ଷେତ୍ରରେ ମାତ୍ର ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି । ଟେକ୍ନିକାଲ କଲେଜରେ ୨୩ ଓ ୧୬ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଥିବା ସମୟରେ ରାଜ୍ୟ ସରକାର ୧୨ ଏବଂ ୮ପ୍ରତିଶତ ସଂରକ୍ଷଣ ଦେଉଛନ୍ତି ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି, କେନ୍ଦ୍ର ସରକାର ୧୯୮୯ ମସିହାରୁ ନ୍ୟାଶ୍‌ନାଲ ସିଡ୍ୟୁଲକାଷ୍ଟ ଫାଇନାନ୍ସିଆଲ ଡେଭଲପମେଣ୍ଟ କର୍ପୋରେଶନ ଜରିଆରେ ଅନୁସୂଚିତ ଜାତି ଲୋକମାନଙ୍କୁ ଋଣ ଦେବା ବ୍ୟବସ୍ଥା କରିଛନ୍ତି । ୩ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର ଥିବା ଅନୁସୂଚିତ ଜାତି ଲୋକଙ୍କୁ ରାଜ୍ୟ ସରକାର ଋଣ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ରାଜ୍ୟରେ ୨୦୧୭-୧୮ରେ ୨୬୯ ଜଣଙ୍କୁ ୩ କୋଟି ୯୨ ଲକ୍ଷ , ୨୦୧୮-୧୯ରେ ୨୭୭ ଜଣଙ୍କୁ ୩ କୋଟି ୧୨ ଲକ୍ଷ, ୨୦୧୯-୨୦ରେ ୨୦୧ଜଣଙ୍କୁ ୧ କୋଟି ୭୭ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି । ରାଜ୍ୟ ସରକାର ଗତ ୩ ବର୍ଷରେ ଓଡ଼ିଶାର ସମସ୍ତ ଅନୁସୂଚିତ ଜାତି ଲୋକଙ୍କ ମଧ୍ୟରୁ ମାତ୍ର ୭୪୭ ଜଣଙ୍କୁ ଋଣ ଦେବାର ବ୍ୟବସ୍ଥା କରିଛନ୍ତି । ଅନ୍ୟ ରାଜ୍ୟ ତୁଳନାରେ ଏହା ବହୁତ କମ୍ । ରାଜ୍ୟରେ ଭିଜିଲାନ୍ସ ଆଣ୍ଡ ମନିଟରିଂ କମିଟି ଓ ରାଜ୍ୟ ଅନୁସୂଚିତ ଜାତି କଲ୍ୟାଣ ବୋର୍ଡର ଅଧକ୍ଷ ଖୋଦ୍ ମୁଖ୍ୟମନ୍ତ୍ରୀ ଥିବାବେଳେ ଏହି କମିଟି ଗୁଡିକର ବୈଠକ ବସୁନାହିଁ । ରାଜ୍ୟରେ ଅନୁସୂଚିତ ଜାତି ଲୋକଙ୍କ ସୁରକ୍ଷା ଓ ଉନ୍ନତି କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଅନୁସୂଚିତ ଜାତିର ସାମାଜିକ ଓ ଆର୍ଥିକ ବିକାଶରେ ରାଜ୍ୟ ସରକାର ବାଧକ ସାଜିଛନ୍ତି ବୋଲି ବିରୋଧୀ ଦଳ ନେତା ନାୟକ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ପ୍ରଭାରୀ ଦିଲ୍ଲିପ ମଲ୍ଲିକ ଉପସ୍ଥିତ ଥିଲେ।

# ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେବେ ଜଷ୍ଟିସ୍ ଏସ୍. ମୁରଲୀଧର

କଟକ ଅଫିସ,୨।୧

ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଏସ୍. ମୁରଲୀଧର ଆସନ୍ତା ୪ ତାରିଖ ପୂର୍ବାହ୍ନ ୧୦ଟାରେ ଶପଥ ନେବେ। ହାଇକୋର୍ଟର ପୁରୁଣା କୋଠାରେ ଏହି ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଗୃହ ବିଭାଗ ପକ୍ଷରୁ ଜଣାପଡିଛି। କିଛିଦିନ ତଳେ ଦେଶର ବିଭିନ୍ନ ହାଇକୋର୍ଟର ବିଚାରପତିଙ୍କୁ ବଦଳି ନେଇ ସୁପ୍ରିମ୍‌କୋର୍ଟ କଲେଜିୟମ୍ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ଏହାକୁ ଅନୁମୋଦନ ଲାଗି କେନ୍ଦ୍ର

## ୪ରେ ଶପଥ ଗ୍ରହଣ ଉତ୍ସବ

ଆଇନ ମନ୍ତ୍ରଣାଳୟକୁ ପଠାଯାଇଥିଲା। କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଏ ନେଇ ସ୍ୱୀକୃତି ଦେବାପରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିଲା। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନ ମନ୍ତ୍ରଣାଳୟ ପକ୍ଷରୁ ଜଷ୍ଟିସ୍ ମୁରଲୀଧରଙ୍କ ନିଯୁକ୍ତି ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ମୁରଲୀଧର ପୂର୍ବରୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ବରିଷ୍ଠ ବିଚାରପତି ଭାବେ ଦାୟିତ୍ୱ ତୁଲାଇଥିଲେ।

# ଆନ୍ଧ୍ରରେ ଓଡ଼ିଆ ପିଲାଙ୍କୁ ମିଳିନି ସାହିତ୍ୟ ବହି

ପାରଳାଖେମୁଣ୍ଡି,୨।୧(ଡି.ଏନ୍.ଏ.)

ଗଜପତି ଜିଲାକୁ ଲାଗି ରହିଥିବା ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲାର ଚାପାରା ଜିଲା ପରିଷଦ ଉଚ୍ଚ ବିଦ୍ୟାଳୟ। ସ୍ୱାଧୀନତା ପରେ ସୀମା ନିର୍ଦ୍ଧାରଣ ବେଳେ ଆନ୍ଧ୍ରପ୍ରଦେଶରେ ରହିଯାଇଥିବା ବହୁ ଓଡିଆ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରନ୍ତି। ତେବେ ଆନ୍ଧ୍ର ସରକାର ନଭେମ୍ବର ୨ରୁ ସ୍କୁଲ ଖୋଲିଥିବାବେଳେ ମେ'ରେ ପରୀକ୍ଷା ଘୋଷଣା କରିଛନ୍ତି। ଏଯାଏ ସେଠାରେ ଥିବା ଓଡ଼ିଆ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ସାହିତ୍ୟ ବହି ମିଳି ନ ଥିବାରୁ ପରୀକ୍ଷାରେ କ'ଣ ଲେଖିବେ ସେ ନେଇ ଚିନ୍ତାରେ।

ଆନ୍ଧ୍ରପ୍ରଦେଶ ଓ ଓଡିଶା ମଧ୍ୟରେ



ଚାପାରା ଜିଲା ପରିଷଦ ଉଚ୍ଚ ବିଦ୍ୟାଳୟ।

ହୋଇଥିବା ଚୁକ୍ତି ଅନୁଯାୟୀ, ଆନ୍ଧ୍ରପ୍ରଦେଶ ସରକାରୀ ସ୍କୁଲରେ ପଢୁଥିବା ଓଡ଼ିଆ ପିଲାଙ୍କୁ ଓଡିଆ ସାହିତ୍ୟ ବହି ଓ ଓଡ଼ିଶାରେ ପଢୁଥିବା ତେଲୁଗୁ ପିଲାଙ୍କୁ ଆନ୍ଧ୍ର ସରକାର ତେଲୁଗୁ ସାହିତ୍ୟ ବହି ଶିକ୍ଷାବର୍ଷ ଆରମ୍ଭରୁ ଯୋଗାଇ ଦେବେ। କିନ୍ତୁ ଆନ୍ଧ୍ରରେ ପଢୁଥିବା ଓଡିଆ ପିଲାଙ୍କୁ ଏଯାଏ ଓଡିଆ ସାହିତ୍ୟ ବହି ମିଳିନାହିଁ। ପାଖାପାଖି ୧୨,୫୦୦ ଓଡିଆ ପିଲା ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ପ୍ରଥମରୁ ୧୦ମ ଯାଏ ଛାତ୍ରୀଛାତ୍ରଙ୍କ ପାଇଁ ଓଡିଶା ସରକାର ଜୁନ୍ ମାସରେ ସାହିତ୍ୟ ବହି ଯୋଗାଇବା କଥା, କିନ୍ତୁ ଆଜି ଯାଏ ଯୋଗାଇ ନପାରିବାରୁ ପୁରୁଣା ବହିରେ ଶିକ୍ଷାଦାନ କରୁଛନ୍ତି ଆନ୍ଧ୍ରପ୍ରଦେଶ ସରକାରୀ ସ୍କୁଲର ଶିକ୍ଷକ ମାନେ। ଆନ୍ଧ୍ରର ଶ୍ରୀକାକୁଲମ ଜିଲାରେ ଓଡିଆରେ ୧୮୫ଟି ସ୍କୁଲରେ ବିଚ୍ଛିନ୍ନାଞ୍ଚଳର ଓଡିଆ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେହିପରି ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଓ ବିଶାଖାପାଟନାମ୍‌ରେ ମଧ୍ୟ ବିଚ୍ଛିନ୍ନାଞ୍ଚଳର ଓଡିଆ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବାରମ୍ବାର ଏପରି ଅବହେଳା ଯୋଗୁ ଆନ୍ଧ୍ରରେ ଓଡିଆ ପଢିବାକୁ ବିଚ୍ଛିନ୍ନାଞ୍ଚଳର ଛାତ୍ରଛାତ୍ରୀ ଅରାଜି ହେଉଛନ୍ତି। ଫଳରେ ଦିନକୁ ଦିନ ଓଡ଼ିଆ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମୁଛି ବୋଲି କୁହନ୍ତି, ଛାତ୍ରୀ ପୁଷ୍ପା ମାଝି, ସ୍ୱାତୀ ଦଳାଇ, ଛାତ୍ର ମଧୁସୁଦନ ମାଝି ପ୍ରମୁଖ। ଆନ୍ଧ୍ର ସରକାର ନିଜ ସ୍କୁଲରେ କାର୍ଯ୍ୟରତ ଓଡିଆ ଶିକ୍ଷକଙ୍କ ସହାୟତାରେ ଓଡିଆରେ ମୁଦ୍ରିତ ଗଣିତ, ଭୌତିକ ବିଜ୍ଞାନ, ଜୀବ ବିଜ୍ଞାନ, ସାମାଜିକ ଶିକ୍ଷା ଓ ପରିବେଶ ବିଜ୍ଞାନ ଭଳି ବିଷୟର ବହି ଅନୁବାଦ କରାଇ ଡିଟିପି ସହ ବହି ପ୍ରସ୍ତୁତ କରି ପ୍ରତ୍ୟେକ ବର୍ଷ ଓଡିଆ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଯୋଗାଇ ଆସୁଛନ୍ତି। ଆନ୍ଧ୍ରପ୍ରଦେଶର ସରକାରୀ ସ୍କୁଲ ଶିକ୍ଷକ ମାନେ ଓଡିଶା କେବଳ ଗୋଟିଏ ସାହିତ୍ୟ ବହି ଠିକ୍ ଭାବେ ଯୋଗାଇ ପାରୁନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି ଚାପାରା ଜିଲା ପରିଷଦ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ବି.ରବିକୁମାର।



ୱେବ ସିରିଜ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ସମନ୍ଥା ଆକନେନି। ତାହା ପୁଣି ଭେଟେରାନ ଆକ୍ଟର ମନୋଜ ବାଜପେୟୀଙ୍କ ବିପକ୍ଷରେ। କିଛି ମାସ ତଳେ ଆମାଜନ ପ୍ରାଇମ ଅରିଜିନାଲରେ ରିଲିଜ ହୋଇଥିବା 'ଦ ଫ୍ୟାମିଲି ମ୍ୟାନ'ର ଦ୍ୱିତୀୟ ସିଜନରେ ଦେଖିବାକୁ ମିଳିବ ସମନ୍ଥାଙ୍କ ବଳିଷ୍ଠ ଅଭିନୟ। ପ୍ରଥମ ଭଳି ଦ୍ୱିତୀୟ ସିଜନରେ ମଧ ପ୍ରାୟ ସମାନ କଳାକାରଙ୍କୁ ଦେଖିବାକୁ ମିଳିବ। ମନୋଜ ବାଜପେୟୀ ସିରିଜ୍‌ରେ ମୁଖ୍ୟ ଚରିତ୍ର ଶ୍ରୀକାନ୍ତ ତିୱାରୀଙ୍କ ଭୂମିକାରେ ନଜର ଆସିବେ।

# ପ୍ରାଣୀ ପ୍ରେମରେ ଜାପାନବାସୀ

**ଜାପାନବାସୀଙ୍କୁ ଜଣା ଦୀର୍ଘ ଜୀବନର ରହସ୍ୟ। ସଫାସୁତରା, ସମୟାନୁବର୍ତ୍ତିତା ଏବଂ ବୈଷୟିକ ଜ୍ଞାନକୌଶଳ ପାଇଁ ସର୍ବଦା ଚର୍ଚ୍ଚା ସାଉଁଟୁଥିବା ଏହି କ୍ଷୁଦ୍ର ଦେଶରେ ଜନ୍ମହାର ଆଶାତୀତ ଭାବେ ହ୍ରାସ ପାଇବାରେ ଲାଗିଛି। ନିଃସନ୍ତାନ ଦମ୍ପତି ବିକଳ୍ପ ଭାବେ ପ୍ରାଣୀଙ୍କୁ ପୋଷା ମନାଉଛନ୍ତି। ବଜାରରେ ଆଖି ବୁଲାଇ ଆଣିଲେ ଶିଶୁ ଉତ୍ପାଦ ଅପେକ୍ଷା ପାଳିତ ପ୍ରାଣୀଙ୍କ ଲାଗି ଆବଶ୍ୟକ ସାମଗ୍ରୀ ବେଶି ପରିମାଣରେ ବିକ୍ରି ହେଉଥିବା ପରିଲକ୍ଷିତ ହେଉଛି।**



**ଟୋକିଓ:** ଜାପାନର ଯୁବପିଢ଼ିଙ୍କ ମଧ୍ୟରେ ବିବାହ ପ୍ରତି ବିତୃଷ୍ଣା ମନୋଭାବ ଦେଖିବାକୁ ମିଳିଛି। ଏହାର ପ୍ରଭାବ ପଡ଼ିଛି ଜନ୍ମହାର ଉପରେ। ଅବିବାହିତ ଯୁବତୀଯୁବକ ଏବଂ ନିଃସନ୍ତାନ ଦମ୍ପତି ନିଜର ମାନସିକ ଅବଷାଦ ମେଣ୍ଟାଇବାକୁ ଗୃହପାଳିତ ପ୍ରାଣୀଙ୍କ ପ୍ରତି ଅଧିକ ସଉକ ଦେଖାଉଛନ୍ତି। ଜାପାନରେ ବିଲେଇ, କୁକୁର ଭଳି ପୋଷାଜୀବଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ିବାରେ ଲାଗିଛି। ଫଳରେ ଶିଶୁଙ୍କ ଅପେକ୍ଷା ଏବେ ଏଭଳି ପାଳିତ ପ୍ରାଣୀଙ୍କ ପଞ୍ଜୀକରଣ ଲାଗି ଦୈନିକ ଲାଗୁଛି ଲମ୍ବା ଲାଇନ।

ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ନଜର ରଖୁଥିବା 'ଗୋଲ୍ଡମ୍ୟାନ୍‌ ସଚ୍‌' ଜାପାନରେ ଭିନ୍ନ ଟ୍ରେଣ୍ଡ୍ ଠଉରାଇଛି। ଜାପାନର ଅର୍ଥବ୍ୟବସ୍ଥା ପ୍ରଭାବିତ ହେବା ପଛରେ ଜନ୍ମହାର ହ୍ରାସକୁ ପ୍ରମୁଖ କାରଣ ଭାବେ ବିଚାରକୁ ନେଇ ସଂସ୍ଥା ସର୍ଭେ କରିଥିଲା। ଏଥିରୁ ଅପ୍ରତ୍ୟାଶିତ ଜୀବନଶୈଳୀ ସାମ୍ନାକୁ ଆସିଛି। ଏଠାକାର ଦେଶବାସୀ ଛୁଆ ଅପେକ୍ଷା ପ୍ରାଣୀ ପାଳନ ପ୍ରତି ବେଶି ଆଗ୍ରହୀ ବୋଲି ଜଣାପଡ଼ିଛି। ଜାପାନରେ ପ୍ରାଣୀପାଳନ ଲାଗି ସ୍ୱତନ୍ତ୍ର ଗାଇଡ୍‌ ଲାଇନ୍‌ ରହିଛି। ଏଥିଲାଗି ରେଜିଷ୍ଟ୍ରେଶନ ବାଧ୍ୟତାମୂଳକ। କେବଳ ଏତିକି ନୁହେଁ, ବିଦେଶଯାତ୍ରାରେ ସାଙ୍ଗରେ କୌଣସି ପ୍ରାଣୀକୁ ନେଉଥିଲେ ସ୍ୱତନ୍ତ୍ର ଅନୁମତି ଅପରିହାର୍ଯ୍ୟ। ସେମାନଙ୍କର ଭିନ୍ନ ପରିଚୟ ପତ୍ର ଥାଏ। ଏସବୁ ପ୍ରକ୍ରିୟାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ବି ଜାପାନବାସୀ ଏହି ମୂଲ୍ୟ ଦେବାକୁ ପ୍ରସ୍ତୁତ। ଶିଶୁକୁ ପାଳିପୋଷି ମଣିଷ କରିବାର ଦାୟିତ୍ୱ ମୁଣ୍ଡାଇବାକୁ ଚାହୁଁ ନ ଥିବା ବ୍ୟକ୍ତି କୁକୁର କିମ୍ବା ବିଲେଇଟିଏ ପାଳିବାକୁ ଅଗ୍ରାଧିକାର ଦେଉଛନ୍ତି। ସ୍ଥଳବିଶେଷରେ କହିଲେ ଏବେ ଜାପାନରେ ଶିଶୁଙ୍କ ସ୍ଥାନ ପୋଷାପ୍ରାଣୀ ନେଇ ସାରିଛନ୍ତି ବୋଲି 'ଗୋଲ୍ଡମ୍ୟାନ୍‌ସାଚ୍‌' ପକ୍ଷରୁ କୁହାଯାଇଛି।

୨୦୧୪ରେ ଜାପାନରେ ୧୫ ବର୍ଷ ବୟସର ୧୬.୫ ମିଲିୟନ ଶିଶୁ ରହିଥିବାବେଳେ ବିଲେଇ, କୁକୁର ଭଳି ପୋଷାପ୍ରାଣୀଙ୍କ ସଂଖ୍ୟା ଥିଲା ୨୧.୩ ମିଲିୟନ। ସେହିପରି ଗୋଟିଏ ସନ୍ତାନ ନୀତି ପ୍ରତି ଆଗ୍ରହ ବଢ଼ିବାରେ ଲାଗିଛି, ଯାହା ପୂର୍ବରୁ ନ ଥିଲା। ଏହା ପଛର ପ୍ରମୁଖ କାରଣ ବୃତ୍ତିକ୍ଷେତ୍ରକୁ ନେଇ ନିଶା। ଜାପାନିଜମାନେ ନିଜ ବୃତ୍ତିଗତ ଜୀବନକୁ ନେଇ ବେଶ୍‌ ସତର୍କ। ଦେଶପ୍ରେମୀ ଭାବନା ଏବଂ ବିଶ୍ୱ ମାନଚିତ୍ରରେ ଦେଶକୁ ସ୍ୱତନ୍ତ୍ର ସ୍ଥାନ ଦେବାକୁ ସେମାନେ ସର୍ବଦା ଚେଷ୍ଟିତ। ତେଣୁ ଦେଶର କର୍ମଜୀବୀମାନେ ଛୁଟି ମଧ୍ୟ ନିଅନ୍ତି ନାହିଁ। ଅପରପକ୍ଷେ କର୍ମ କ୍ଷେତ୍ରରେ ମାନସିକ ଚାପ ହ୍ରାସ ଲାଗି ଏବେ ଅନେକଗୁଡ଼ିଏ କମ୍ପାନୀ ବାର୍ଷିକ ୧୪ଦିନ ଛୁଟି ନେବା ବାଧ୍ୟତାମୂଳକ କରିଛନ୍ତି।

## ପୋଷାପ୍ରାଣୀଙ୍କ ସୁପର ପାୱାର ଦେଶ

ପୋଷାପ୍ରାଣୀଙ୍କ କ୍ଷେତ୍ରରେ ଜାପାନ ସୁପର ପାୱାର ପାଲଟିଛି। ସେମାନଙ୍କ ଯତ୍ନ, ଖାଦ୍ୟପେୟ, ଟିକାକରଣ, ପରିଷ୍କାର ପରିଚ୍ଛନ୍ନତା କ୍ଷେତ୍ରରେ ଅନ୍ୟଦେଶ ଅପେକ୍ଷା ଜାପାନବାସୀ ଗୋଟିଏ ପାଦ ଆଗୁଆ। କେବଳ ଏତିକି ନୁହେଁ, ସପ୍ତାହକୁ ଥରେ ମଣିଷ ଭଳି ସେମାନଙ୍କ ଲାଗି ଶପିଂ ମଧ୍ୟ କରାଯାଇଥାଏ। ଅନ୍ତର୍ଜାତୀୟ ବ୍ରାଣ୍ଡ ସେମାନଙ୍କ ଲାଗି ନୂଆ ଟ୍ରେଣ୍ଡର ପୋଷାକ, ଡିଜାଇନ ପ୍ରସ୍ତୁତ କରୁଛନ୍ତି। ଜନ୍ତୁଙ୍କ ଆବଶ୍ୟକତାକୁ ନେଇ ଏଠାରେ ଗଢ଼ିଉଠିଥିବା ଇଣ୍ଡଷ୍ଟ୍ରୀ ପ୍ରତିବର୍ଷ କୋଟି କୋଟି ଟଙ୍କାର ବ୍ୟବସାୟ କରୁଛି, ତନ୍ମଧ୍ୟରେ କୁକୁରଙ୍କ ଯୋଗଶିକ୍ଷା ମଧ୍ୟ ସାମିଲ।

## ପାଲଟିଛି ସନ୍ତାନଙ୍କ ବିକଳ୍ପ

ଅପରପକ୍ଷେ ଏଠାରେ ମହିଳା ଏବଂ ପୁରୁଷ ଉଭୟେ କର୍ମପ୍ରବଣ। ଏପରି ସ୍ଥଳେ ଶିଶୁ ଜନ୍ମ କରିବା, ଠିକ୍‌ ଭାବେ ଦେଖାରଖା କରିବାକୁ ସେମାନେ କୁଣ୍ଠାବୋଧ ପ୍ରକାଶ କରୁଛନ୍ତି। ବିଜନେସ ଇନ୍‌ସାଇଡ଼ର ଏକ ରିପୋର୍ଟ ଅନୁଯାୟୀ ଏଭଳି ଧାରଣା ନ ବଦଳିଲେ ଆସନ୍ତା ୨୦ ବର୍ଷରେ ଜାପାନରୁ ମୋଟ ଜନସଂଖ୍ୟାର ୩୫ ପ୍ରତିଶତ ୮୦ବର୍ଷ ଆୟୁ ବିଶିଷ୍ଟ ହୋଇଯାଇଥିବେ। ସେହିପରି ୨୦୨୫ ସୁଦ୍ଧା ଜାପାନର ୩ଜଣରୁ ଜଣକ ବୟସ ୬୫ ବର୍ଷରୁ ଅଧିକ ହୋଇଯିବ। ବୟସ୍କଙ୍କ ସଂଖ୍ୟା ବଢ଼ିବାର କୁପ୍ରଭାବ ଉଭୟ ଅର୍ଥନୈତିକ ଏବଂ ସାମାଜିକ ବ୍ୟବସ୍ଥାକୁ ପ୍ରଭାବିତ କରିବ। ଏଭଳି ଧାରା ଜାରି ରହିଲେ ଆସନ୍ତା ୫୦ ବର୍ଷରେ ଜାପାନର ଜନସଂଖ୍ୟା ୮୦ ମିଲିୟନ ତଳକୁ ଖସିଆସିବା ଆଶଙ୍କା ବେଶି।

# ପୁଣି ବାହା ହେବେ ନେହା




**ମୁମ୍ବାଇ:** ବଲିଉଡ୍‌ର ଲୋକପ୍ରିୟ ଗାୟିକା ନେହା କକ୍କଡଙ୍କୁ କିଏ ନ ଚିହ୍ନେ। ଜଣେ ସଫଳ ସିଙ୍ଗର୍‌ କହିଲେ ଅତ୍ୟୁକ୍ତି ହେବ ନାହିଁ। ଭଏସ୍‌ ଯେମିତି ପର୍ଫମିଙ୍ଗ ମଧ୍ୟ ବେଶ୍‌ ଭଲ କରନ୍ତି। ସୋସିଆଲ ମିଡିଆରେ ଖୁବ୍‌ ଆକ୍ଟିଭ। ତାଙ୍କର ସବୁ ଗୀତ ଏବେ ଟ୍ରେଣ୍ଡିଙ୍ଗ୍‌ରେ। ସେଥିପାଇଁ ନେହାଙ୍କର ଫ୍ୟାନ୍‌ ଫଲୋଇଙ୍ଗ୍‌ ମଧ୍ୟ ଅଧିକ। ସବୁବେଳେ ନେହା ଭିନ୍ନ ଭିନ୍ନ ଫଟୋ ଏବଂ ଭିଡିଓ ଇନ୍‌ଷ୍ଟାରେ ଶେୟାର କରି ଫ୍ୟାନ୍‌ମାନଙ୍କ ଏଣ୍ଟରଟେନ୍‌ କରିଥାନ୍ତି। ୨୦୨୦ ମସିହା ଅକ୍ଟୋବର ୨୪ ତାରିଖରେ ସେ ତାଙ୍କର ବନ୍ଧୁ ରୋହନପ୍ରୀତ ସିଂଙ୍କୁ ଖୁବ୍‌ ଧୁମ୍‌ଧାମ୍‌ରେ ବିବାହ କରିଥିଲେ। ଏବେ ଶୁଣିବାକୁ ମିଳୁଛି ସେ ଦ୍ୱିତୀୟ ଥର ପାଇଁ ବିବାହ କରିବାକୁ ଯାଉଛନ୍ତି। ମନରେ ନିଶ୍ଚିତ ପ୍ରଶ୍ନ ଆସୁଥିବ କାହାକୁ ବିବାହ କରିବେ ନେହା। ଆଉ କେହି ନୁହେଁ ତାଙ୍କ ସ୍ୱାମୀ ରୋହନପ୍ରୀତ ସିଂଙ୍କୁ। ବିବାହ ପରଠାରୁ ନେହା ଖୁବ୍‌ ଚର୍ଚ୍ଚାରେ ଅଛନ୍ତି। ଇଣ୍ଡିଆନ ଆଇଡଲର ୧୩ତମ ସିଜନର ଜଜ୍‌ ଦାୟିତ୍ୱରେ ଥିବା ନେହା ନିକଟରେ ଦ୍ୱିତୀୟ ବିବାହ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ନେହା ରୋହନପ୍ରୀତ ସିଂଙ୍କୁ ହିନ୍ଦୁ ରିତିନୀତିରେ ବିବାହ କରିଥିଲେ। କିନ୍ତୁ ରୋହନପ୍ରୀତ ଇସାଇ ଥିବାରୁ ନେହା ତାଙ୍କ ପରମ୍ପରାରେ ଆଉଥରେ ବିବାହ କରିବାକୁ ଯାଉଛନ୍ତି। ଆଉ ବିବାହରେ ଧଳା ରଙ୍ଗର ଗାଉନ ପିନ୍ଧିବାକୁ ସେ ବେଶ୍‌ ଉତ୍ସାହିତ ବୋଲି କହିଛନ୍ତି।




GANESH TRADING CO.
KUMUTI STREET, PARALAKHEMUNDI
SIVA: 7978899697, NAGARGUN: 9439646374


# ୩ ମିଟର ଲମ୍ବର ସ୍କାର୍ଫ



**ନୂଆଦିଲ୍ଲୀ:** ବେଳେବେଳେ ଲୋକେ କିଛି ଅଜବ କାମ କରି ଚର୍ଚ୍ଚିତ ହେବାକୁ ବହୁତ ପସନ୍ଦ କରିଥାନ୍ତି। ଠିକ୍‌ ଏମିତି ଏକ କାମ କରି ଏବେ ସୋସିଆଲ ମିଡିଆ ମାଧ୍ୟମରେ ଲୋକଙ୍କ ମଧ୍ୟରେ ଢେର୍‌ ଚର୍ଚ୍ଚିତ ହେଉଛନ୍ତି ଜୋଶୀ ଜର୍ଜ। ଟୁଇଟର ବ୍ୟବହାରକାରୀ ଜୋଶୀ ଉଲ୍‌ରେ ଏକ ସ୍କାର୍ଫ ତିଆରି କରିଛନ୍ତି ଯାହାର ଲମ୍ବ ହେଉଛି ୩ ମିଟର। ବିଭିନ୍ନ ରଙ୍ଗରେ ତିଆରି ହୋଇଥିବା ଏହି ସ୍କାର୍ଫଟି ବିଭିନ୍ନ ସମୟର ପାଣିପାଗର ସୂଚନା ଦେଉଛି। ୨୦୨୦ ମସିହା ଶେଷ ବେଳକୁ ସୋସିଆଲ ମିଡିଆରେ ଏକ ଆର୍ଟ ପ୍ରଜେକ୍ଟଭାବେ ଅନେକ ନିଜ ନିଜର ବ୍ଲାଙ୍କେଟ୍‌, ସ୍କାର୍ଫ ଆଦି ପ୍ରଦର୍ଶନ କରିଥିଲେ। ତେବେ ଏହି କ୍ରମରେ ଜୋଶୀ ମଧ୍ୟ ତାଙ୍କର ଏକ ସ୍କାର୍ଫ ପ୍ରଦର୍ଶନ କରିଛନ୍ତି ଯାହାକୁ ସେ ବର୍ଷ ସାରା ତିଆରି କରିବା ପାଇଁ ବ୍ୟସ୍ତ ରହିଥିଲେ ବୋଲି ଜଣାଇଛନ୍ତି। ସେ ଟୁଇଟ୍‌ କରି ତାଙ୍କର ସ୍କାର୍ଫ ପ୍ରଦର୍ଶନ କହିଛନ୍ତି କି ଏହି ସ୍କାର୍ଫର ଲମ୍ବା ହେଉଛି ୩ ମିଟର ଏବଂ ଏଥିରେ ୭୩୨ଟି ଧାଡି ରହିଛି। ଏଥିରେ ମୋଟ ୧ କେଜି ଉଲ୍‌ ଖର୍ଚ୍ଚ ହୋଇଛି। ପ୍ରତିଦିନ ସେ ଦୁଇଟି ଧାଡ଼ି ତିଆରି କରୁଥିଲେ। ତେବେ ପାଣିପାଗକୁ ପ୍ରଦର୍ଶନ କରିବା ପାଇଁ ଜୋଶୀ ନିଜେ ଏହି ଚ୍ୟାଲେଞ୍ଜ ଆରମ୍ଭ କରିଥିଲେ ଗତବର୍ଷ ଫେବ୍ରୁଆରୀ ମାସରେ। ବିଭିନ୍ନ ପ୍ରକାରର ଋତୁ ପାଇଁ ସେ ଭିନ୍ନ ଭିନ୍ନ ପ୍ରକାର ରଙ୍ଗର ଉଲ୍‌ ଚୟନ କରି ସମସ୍ତଙ୍କୁ ଜଣାଇଥିଲେ। ତେଣୁ ବର୍ଷା, ଖରା, ଶୀତ ଏବଂ ବରଫପାତ ଆଦି ଭିନ୍ନ ପାଣିପାଗ ପାଇଁ ସେ ବିଭିନ୍ନ ରଙ୍ଗରେ ସ୍କାର୍ଫ ତିଆରି କରି ଶେଷରେ ଟୁଇଟ୍‌ କରିଛନ୍ତି। ଜୋଶୀଙ୍କ ଭଳି ଆହୁରି ଅନେକ ମଧ୍ୟ ସେମାନଙ୍କର ଏଭଳି ସ୍କାର୍ଫ ଓ ବ୍ଲାଙ୍କେଟ୍‌ ପ୍ରଦର୍ଶନ କରିଛନ୍ତି। ତେବେ ତାଙ୍କର ଏହି ଟୁଇଟ୍‌ ଏବେ ଭାଇରାଲ ହେବାରେ ଲାଗିଛି।

## ଗୁଆରେ ଅଦ୍ଭୁତ କଳାକୃତି



**ସୁରଟ:** ଲକ୍‌ଡାଉନ ସମୟର ସଦୁପଯୋଗକରି ଜଣେ ମିନିଏଚର କଳାକାର ଅତି ସୁନ୍ଦର କଳାକୃତି ତିଆରି କରିଛନ୍ତି। ଗୁଜରାଟ ସୁରଟର ପବନ ଶର୍ମା ଗୁଆ ଏବଂ ଗୁଆରେ ଅଦ୍ଭୁତ କଳାକୃତି କରି ଚର୍ଚ୍ଚାକୁ ଆସିଛନ୍ତି। ଲକ୍‌ଡାଉନ ସମୟରେ କାମ ଆରମ୍ଭ କରିଥିବା ପବନ ଏହା ମଧ୍ୟରେ ଗୁଆରେ ୬୦ରୁ ଊର୍ଦ୍ଧ୍ୱ ସୂକ୍ଷ୍ମ କଳାକୃତି ଖୋଦେଇବାରେ ସଫଳ ହୋଇଛନ୍ତି। ଗୁଆରେ ଡବା, ଶଙ୍ଖ, ଛୋଟ ପାଣିପାତ୍ର ଆଦି ତିଆରି କରିଛନ୍ତି। ଏହା ବ୍ୟତୀତ ଗୁଆରେ ସେ କରୋନା ଯୋଦ୍ଧା, ଇଂଲିଶ ଏବଂ ହିନ୍ଦୀ ଅକ୍ଷର, ରାମ ମନ୍ଦିର, ଭଗବାନ ଗଣେଶ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳାକୃତି ମଧ୍ୟ ତିଆରି କରିଛନ୍ତି। ସେଗୁଡ଼ିକୁ ଚମତ୍କାରଭାବେ ଖୋଦେଇଛନ୍ତି। ପ୍ରଥମେ ବର୍ଣ୍ଣମାଳା ଖୋଦେଇବାକୁ ପବନଙ୍କୁ ୨ରୁ ୩ ଘଣ୍ଟା ଲାଗୁଥିବାବେଳେ ଏବେ ଏହି କଳାକୃତି ସେ ୧୫ ମିନିଟରେ କରିପାରୁଛନ୍ତି। ତେବେ ଗୁଆ ଅତି ଛୋଟ ହୋଇଥିବାବେଳେ ସେଥିରେ କଳାକୃତି ଖୋଦେଇବା ଅତି କଷ୍ଟକର। କିନ୍ତୁ ଅଭ୍ୟାସ ହେବାପରେ ଏବେ ପବନ ଅତି ସହଜରେ ଗୁଆକୁ ବିଭିନ୍ନ ରୂପ ଦେଉଥିବା ଜଣାପଡ଼ିଛି। ଲକ୍‌ଡାଉନରେ କଳାକୃତିର ନିଜ ସଉକ ପୂରଣ କରିବାକୁ ଯାଇ ପବନ ଏହି କାମ ଆରମ୍ଭ କରିଥିବା ସେ କୁହନ୍ତି।







ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରହ୍ଲାଦ ବେହେରା
ରାଣୀପାଟଣା, ଦର୍ଜିପୋଖରୀ, ବାଲେଶ୍ୱର
ଆବିର୍ଭାବ: ୦୬।୦୨।୧୯୫୬
ତିରୋଧାନ: ୨୪।୧୨।୨୦୨୦
ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ନାତି- ନାତୁଣୀ, ଶୁଭେଚ୍ଛୁ, ପରିବାରବର୍ଗ ଓ ଗ୍ରାମବାସୀବୃନ୍ଦ ।
ଧ-୧୯୪୫୦

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସତ୍ୟାନନ୍ଦ ଦାସ
ଆବିର୍ଭାବ: ୦୪।୦୧।୧୯୫୬
ତିରୋଧାନ: ୨୪।୧୨।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଅଫେରା ବାଟରେ ଆପଣ ଚାଲିଗଲେ। ଆପଣଙ୍କ ଆବର୍ତ୍ତମାନରେ ପ୍ରତିଟି ମୁହୂର୍ତ୍ତ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ଉପଦେଶ ଓ ମେଳାପି ସ୍ୱଭାବକୁ ଝୁରିଝୁରି ବଞ୍ଚୁଛୁ। ଆଜି ଆପଣଙ୍କ ଏକାଦଶାହ ଦିବସ ଅବସରରେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ ପରିବାରବର୍ଗ:-
ପତ୍ନୀ: ଗୀତାରାଣୀ ଦାସ, ପୁତ୍ର: ଶୁଭେନ୍ଦୁ କୁମାର ଦାସ, ପୁତ୍ରବଧୂ: ମାନି, ଝିଅ: ମୁନା, ଟିଙ୍କୁ, ଜ୍ୱାଇଁ: ଟିକୁ, ଚିନୁ. ଭଣଜା:ଦୀପୁ, ପୁତୁରା: ପ୍ରତାପ, ଚନ୍ଦନ, ଚନ୍ଦ୍ରକାନ୍ତ, ଦେବନ, ସୁବନ, ଝିଆରୀ: ନର୍ମଦା, ଐଶ୍ୱର୍ଯ୍ୟା, ବନିତା, ନାତି-ନାତୁଣୀ: ଚିରାଗ, କୀର୍ତ୍ତି, କୌଶିକ୍‌, ରିଶବ୍‌, ଆରାଧ୍ୟା, ରିଶିତ୍‌, ତ୍ରିଶା, ଭ୍ରାତୃବର୍ଗ: ନିତ୍ୟାନନ୍ଦ, ଆଦିକନ୍ଦ, ଚୈତନ୍ୟ, ପଦ୍ମଚରଣ ।
ଧ-୧୯୪୫୩

ସ୍ମୃତି ତର୍ପଣ
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ



୰ ସୁବାଷ ଚନ୍ଦ୍ର ଦାଶ
ଆବିର୍ଭାବ : ୧୧.୦୪.୧୯୩୬ (ବଡ଼ଗଡ଼, ସରୋଡା)
ତିରୋଧାନ : ୧୬.୧୨.୨୦୧୯
ଟଙ୍କପାଣି ରୋଡ, ରତ୍ନାକର ବାଗ-୧, ଭୁବନେଶ୍ୱର-୭୫୧୦୦୮
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।"
ଆଜକୁ ଏକ ବର୍ଷ ହୋଇଗଲା ଆପଣଙ୍କର ଶରୀର ଆମ ପାଖରୁ ଚାଲିଯାଇଛି ସତ କିନ୍ତୁ ଆପଣଙ୍କର ଆତ୍ମା ଆମ୍ଭମାନଙ୍କ ମାନସ ପଟରେ ସବୁବେଳେ ଉଜ୍ଜୀବିତ । ଆପଣଙ୍କର ଆତ୍ମା ପରମାତ୍ମାରେ ଲୀନ ହେଉ, ଏହା ଆମର ଭଗବାନଙ୍କ ଚରଣାରବିନ୍ଦରେ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ :
ମିନାକ୍ଷୀ ଦାଶ, ସରୋଜ ଦାଶ,
ସୁଜାତା ମିଶ୍ର, ସୁନୀତା ଦାଶ, ସୁଦୀପ୍ତ ମିଶ୍ର
ଧ-୬୯୯୫୨


## ପରିବା ଗଛରୁ ପୋଷାକ

**କାଲିଫର୍ନିଆ:** ଦକ୍ଷିଣ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପ୍ରଫେସର ଏବଂ ଡିଜାଇନର ଏମିତି ଏକ ଗାର୍ଡେନ ତିଆରି କରିଛନ୍ତି, ଯାହାକୁ ପୋଷାକ ଭାବେ ପିନ୍ଧି ହେବ। ଡିଜାଇନର୍‌ ଗେବ୍ରିୟଲନ କୁହନ୍ତି, ଏହା ଦ୍ୱାରା ପନିପରିବା ପାଇ ହେବ। ଏଥିସହ ଗଛରେ ଫଳ ଫଳି ଫଳିବା ପୂର୍ବରୁ ଏହାର ପତ୍ର ଆଦିକୁ ପୋଷାକ କରି ମଧ ପିନ୍ଧିହେବ।




# ଅଗ୍ନିଶମ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ପୋଷାକ



ଭୁବନେଶ୍ୱର,୨୧(ବ୍ୟୁରୋ)

- ୮୦୦ ଡିଗ୍ରୀ ସେଲ୍‌ସିୟସ ନିଆଁକୁ ୨୦ ସେକେଣ୍ଡ ଯାଏ ସହିପାରିବ
- ପ୍ରଥମ ପର୍ଯ୍ୟାୟରେ ୫୦୦ ଜଣଙ୍କୁ ପ୍ରଦାନ କରାଯିବ

ଅଗ୍ନିଶମ ବାହିନୀର ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଅଗ୍ନି ପ୍ରତିରୋଧକ ପୋଷାକ ପ୍ରସ୍ତୁତ କରାଯାଇଛି। ପୂର୍ବରୁ ଅଗ୍ନିଶମ କର୍ମଚାରୀ ପିନ୍ଧୁଥିବା ପୋଷାକରେ ନିଆଁ ଲାଗିଯାଉଥିଲା। ହେଲେ ଏହି ନୂତନ ପୋଷାକ ୮୦୦ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ନିଆଁକୁ ପ୍ରାୟ ୧୦ରୁ ୨୦ସେକେଣ୍ଡ୍ ଯାଏ ସହ୍ୟ କରିପାରିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି ଅତ୍ୟାଧୁନି ପୋଷାକ ସହରାଞ୍ଚଳ ଏବଂ କଳକାରଖାନା ଅଞ୍ଚଳରେ କାର୍ଯ୍ୟ କରୁଥିବା ୫୦୦ଜଣ ଅଗ୍ନିଶମ କର୍ମଚାରୀଙ୍କୁ ପ୍ରଦାନ କରାଯିବ। ପରେ ପର୍ଯ୍ୟାୟକ୍ରମରେ ସମସ୍ତ କର୍ମଚାରୀଙ୍କୁ ଯୋଗାଇ ଦିଆଯିବ। ଏହାସହିତ ସମସ୍ତ କର୍ମଚାରୀଙ୍କୁ ଗମ୍‌ବୁଟ୍, ହେଲ୍‌ମେଟ୍, ବ୍ରିଦିଂ ଆପାରାଟସ୍ ସେଟ୍ ମଧ୍ୟ ପର୍ଯ୍ୟାୟକ୍ରମେ ମିଳିବ। ଏହା ଫଳରେ ବିଷାକ୍ତ ଗ୍ୟାସ, ନିଆଁ ଓ ଅମ୍ଳଜାନ ଅଭାବ ଥିବା ସ୍ଥାନରେ କର୍ମଚାରୀମାନେ ସଫଳତାର ସହ କାର୍ଯ୍ୟ କରିପାରିବେ। ବର୍ତ୍ତମାନ ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା ଏକ ଦକ୍ଷ ବିପର୍ଯ୍ୟୟ ରେସପନ୍ସ ଫୋର୍ସ ଭାବରେ ସର୍ବଭାରତୀୟ ସ୍ତରରେ ଆଦୃତ ହୋଇପାରିଛି। ସେହିପରି ଅଗ୍ନି ନିର୍ବାପନ କ୍ଷେତ୍ରରେ ନିଜର ଦକ୍ଷତା ସୁଦୃଢ଼ କରିବା ପାଇଁ ଏହିପରି ପଦକ୍ଷେପ ନିଆଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ପଛୁଆ ବର୍ଗଙ୍କୁ ସଂରକ୍ଷଣ ନ ଦେବା ରାଜନୈତିକ ଅଭାବକୁ ସୂଚାଉଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୧(ବ୍ୟୁରୋ)

ରାଜ୍ୟରେ ପଛୁଆ ବର୍ଗ (ଓବିସି)ଙ୍କୁ ଉଭୟ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆବର୍ଗ (ଏସଇବିସି)ଙ୍କୁ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ନ ଦେବା ରାଜ୍ୟ ସରକାରଙ୍କର ରାଜନୈତିକ ଇଚ୍ଛା ଶକ୍ତିର ଅଭାବକୁ ସୂଚାଉଛି। ପ୍ରଧାନମନ୍ତ୍ରୀ ମୋଦି କାଳେ ନା ନେଇ ଯିବେ, ଏ ପ୍ରକାର ଡରରେ ନ ରହି ରାଜ୍ୟ ସରକାର ନିଜ କର୍ତ୍ତବ୍ୟ କରନ୍ତୁ ବୋଲି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ଜନସଂଖ୍ୟାର ଓବିସି ଓ ଏସ୍‌ଇବିସି ହେଉଛନ୍ତି ପ୍ରମୁଖ ଅଂଶ। ଏହି ବର୍ଗର ଲୋକମାନେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ସରକାର ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ସୁବିଧା ଦେଇଥିବା ବେଳେ ତାମିଲନାଡୁ, ମହାରାଷ୍ଟ୍ର ଓ କର୍ଣ୍ଣାଟକ ଭଳି ରାଜ୍ୟଗୁଡ଼ିକ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି। ତେବେ ରାଜ୍ୟରେ ଓବିସି ଓ ଏସ୍‌ଇବିସି ଶ୍ରେଣୀ ବିଶେଷ କରି ଯୁବବର୍ଗ ଏଥିରୁ ବଞ୍ଚିତ ହେଉଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ରାଜ୍ୟରେ ପୂର୍ବରୁ ଓବିସିମାନଙ୍କ ତାଲିକା ରାଜ୍ୟ ସରକାରଙ୍କ ନିକଟରେ ରହିଛି। ଓବିସି କମିଶନ ନିଯୁକ୍ତିର ଏହା ସହିତ କୌଣସି ସମ୍ପର୍କ ନାହିଁ। ଓଡିଶାରେ ଜାଣିଶୁଣି ଏହି ବର୍ଗର ଚାକିରି କ୍ଷେତ୍ରକୁ କୋର୍ଟରେ ବିଚାରାଧୀନ ରଖାଯାଇଛି। କୋର୍ଟରେ ବିଚାରାଧୀନ ଥିବା ମାମଲାଗୁଡ଼ିକ ଉପରେ ସରକାର ରିପୋର୍ଟ ଦେବାକୁ ଧର୍ମେନ୍ଦ୍ର ଦାବି କରିଛନ୍ତି। ଆର୍ଥିକ ଦୃଷ୍ଟିରୁ ପଛୁଆ ଥିବା ଏହି ବର୍ଗ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଥିବା ବେଳେ ରାଜ୍ୟ ସରକାର ତୁରନ୍ତ ଲାଗୁ କରନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଥାନା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ




ଡାକ୍ତରଖାନାରେ ବିଶ୍ୱନାଥଙ୍କ ଚିକିତ୍ସା କରାଯାଉଛି।


ପାଲଲହଡ଼ା,୨୧(ଡି.ଏନ.ଏ.)


ଅନୁଗୋଳ ଜିଲା ପାଲଲହଡ଼ା ଥାନା ସମ୍ମୁଖରେ ଶନିବାର ଜଣେ ଯୁବକ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିବା ଚର୍ଚ୍ଚାର ବିଷୟ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛି। ପୋଲିସ କହିଛି, ପ୍ରେମିକା ଓ ତାଙ୍କ ପରିବାର ସହ ମନୋମାଳିନ୍ୟ କାରଣରୁ ଈଶ୍ୱରନଗର ଗ୍ରାମର ବିଶ୍ୱନାଥ ନାଏକ ପୂର୍ବାହ୍ନ ୧୧ଟାରେ ଦେହରେ କିରୋସିନ ଢାଳି ଡାକ୍ତରଖାନା ରାସ୍ତାରେ ଦୌଡ଼ି ଦୌଡ଼ି ଥାନା ସମ୍ମୁଖରେ ପହଞ୍ଚିଥିଲେ। କେହି କିଛି ବୁଝିବା ପୂର୍ବରୁ ବିଶ୍ୱନାଥ ଦେହରେ ନିଆଁ ଲଗାଇ ଦେଇଥିଲେ। ତୁରନ୍ତ ପୋଲିସ କର୍ମଚାରୀମାନେ ନିଆଁ ଲିଭାଇବା ସହ ବିଶ୍ୱନାଥଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବିଶ୍ୱନାଥଙ୍କ ମାନସିକ ଅବସ୍ଥା ଠିକ୍ ନ ଥିବା ଡାକ୍ତର ରିପୋର୍ଟ ଦେଇଥିବାବେଳେ ପୋଲିସ ଏକ ଷ୍ଟେଶନ ଡାଏରି କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

# ଆଜିଠୁ ଖୋଲିବ ବଳଦେବଜୀଉ ମନ୍ଦିର

**କେନ୍ଦ୍ରାପଡ଼ା ଅଫିସ,୨୧:** କେନ୍ଦ୍ରାପଡାର ଶ୍ରୀବଳଦେବଜୀଉଙ୍କ ମନ୍ଦିର ରବିବାରଠାରୁ ଖୋଲିବ। ଏନେଇ ଟ୍ରଷ୍ଟ ଓ ଜିଲାପ୍ରଶାସନର ଏକ ବୈଠକ ଶନିବାର ଇଛାପୁରସ୍ଥିତ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୋଭିଡ କଟକଣା ଅନୁଯାୟୀ ମାତ୍ର ୧ଶହ ଶ୍ରଦ୍ଧାଳୁ ସାମାଜିକ ଦୂରତା ରକ୍ଷାକରି ଧାଡିରେ ମନ୍ଦିର ଭିତରକୁ ପ୍ରବେଶ କରିବେ। ଶ୍ରୀଜୀଉଙ୍କୁ ଦର୍ଶନ ପରେ ଦେଉଳର ଉତ୍ତର ଓ ଦକ୍ଷିଣ ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିପରି ମନ୍ଦିରରେ ଅନୁଷ୍ଠିତ ହେଉଥିବା ବିବାହ, ବ୍ରତ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କୋଭିଡ-୧୯ ଗାଇଡ ଲାଇନ ଅନୁସାରେ ପାଳନ ହେବ ବୋଲି ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି।





































ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୩ ଜାନୁୟାରୀ, ୨୦୨୧ Sambalpur, Sunday, January 3/2021

# ରୋହିତଙ୍କ ସମେତ ୫ ଆଇସୋଲେଶନରେ

**ମେଲବୋର୍ନ,୨।୧(ପି.ଟି.)**

ଉପଅଧିନାୟକ ରୋହିତ ଶର୍ମାଙ୍କ ସମେତ ୫ଜଣ ଭାରତୀୟ ଖେଳାଳିଙ୍କୁ ମେଲବୋର୍ନରେ ଆଇସୋଲେଶନରେ ରଖାଯାଇଛି। ଜୈବ ସୁରକ୍ଷା ପ୍ରୋଟୋକଲର ସାମ୍ଭାବ୍ୟ ଉଲ୍ଲଂଘନ ପାଇଁ ଉଦୀୟମାନ ଓପନର ଶୁବମନ ଗିଲ, ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ, ନବଦୀବ ସଇନି, ପୃଥ୍ୱୀ ଶ ଓ ରୋହିତଙ୍କୁ ଆଇସୋଲେଶନ ରଖାଯାଇଛି ବୋଲି ଶନିବାର କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ତରଫରୁ କୁହାଯାଇଛି। ଏହି ଖେଳାଳିମାନେ ମୋଲବୋର୍ନରେ ଏକ ଇନ୍‌ଡୋର ରେଷ୍ଟୁରାଣ୍ଟରେ ଖାଇବାର ଏକ ଭିଡିଓ ଭାଇରାଲ ହେବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି।

ଫଳରେ ଏହି ୫ ଖେଳାଳି ଦଳର ବାକି ସଦସ୍ୟମାନଙ୍କଠାରୁ ଅଲଗା ରହିବା ସ୍ପଷ୍ଟ ହୋଇଛି। ପ୍ରଥମେ ଏ ନେଇ କୌଣସି ତଦନ୍ତର ଆବଶ୍ୟକତା ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଉଥିଲେ ମଧ୍ୟ କ୍ରିକେଟ ଅଷ୍ଟ୍ରେଲିଆ କିନ୍ତୁ ଭିନ୍ନ ମତ ଦେଇଛି। ଅଷ୍ଟ୍ରେଲୀୟ ଗଣମାଧ୍ୟମ ଏ ନେଇ ପ୍ରକାଶ କରିଥିବା ରିପୋର୍ଟକୁ ବିସିସିଆଇ ଖଣ୍ଡନ କରିଥିଲା। ଖେଳାଳିମାନେ ପ୍ରୋଟୋକଲର ଉଲ୍ଲଂଘନ କରିନାହାନ୍ତି ବୋଲି ବିସିସିଆଇ ସ୍ପଷ୍ଟ ଭାବେ କହିଥିଲା। ତେବେ ବିସିସିଆଇ ସହିତ ମିଳିତ ଭାବେ ଏ ତଦନ୍ତ କରିବେ ବୋଲି ସିଏ ତରଫରୁ କୁହାଯାଇଛି। ଫଳରେ ଘଟଣା ଭିନ୍ନ ମୋଡ ନେଇଛି। ଯଦି ଖେଳାଳିମାନଙ୍କ ତ୍ରୁଟି ପ୍ରମାଣିତ ହୁଏ ତେବେ ଟିମ୍ ଇଣ୍ଡିଆ ପାଇଁ ନିଶ୍ଚିତ ଭାବେ ସମସ୍ୟା ସୃଷ୍ଟି ହେବ। କାରଣ ଏହି ୫ଜଣ ଖେଳାଳିଙ୍କ ମଧ୍ୟରୁ ୩ଜଣ ତୃତୀୟ ଟେଷ୍ଟ ଖେଳିବା ଏକ ପ୍ରକାର ନିଶ୍ଚିତ ଥିଲା।

ନବଦୀପ ସିଂ ନାମକ ଜଣେ ପ୍ରଶଂସକ ଟୁଇଟରରେ ଏହି ଖେଳାଳିମାନେ ମୋଲବୋର୍ନରେ ଏକ ଇନ୍‌ଡୋର ରେଷ୍ଟୁରାଣ୍ଟରେ ଖାଇବାର ଏକ ଭିଡିଓ ଶେୟାର କରିଥିଲେ। ଏହି ଭିଡିଓ ଭାଇରାଲ ମଧ୍ୟ ହୋଇଥିଲା। ପନ୍ତଙ୍କୁ ସମ୍ପୃକ୍ତ ପ୍ରଶଂସକ ଜଣକ ଆଲିଙ୍ଗନ କରିଥିବା ଦାବି କରିଥିଲେ ମଧ୍ୟ ପରେ ସେ ଏହାକୁ ଅସ୍ୱୀକାର କରିଛନ୍ତି। ନୂଆବର୍ଷ ଦିନ ଏହି ଖେଳାଳିମାନେ ରେଷ୍ଟୁରାଣ୍ଟରେ ଖାଇବା ନେଇ ଭାଇରାଲ ହୋଇଥିବା ଭିଡିଓ ନେଇ ବିସିସିଆଇ ଓ ସିଏ ଅବଗତ ଥିବା କଥା କହିଛନ୍ତି। ଉଲ୍ଲେଖଥାଉ କି, ତୃତୀୟ ଟେଷ୍ଟ ଜାନୁୟାରୀ ୭ ତାରିଖରୁ ସିଡ୍‌ନୀରେ ଆରମ୍ଭ ହେବାକ ଯାଉଛି।

ପ୍ରୋଟୋକଲ ଅନୁସାରେ ଖେଳାଳିମାନେ ଆଉଟଡୋରରେ ସାମାଜିକ ଦୂରତା ରକ୍ଷା କରି ଖାଇବାର ନିୟମ ରହିଛି। ଖେଳାଳିମାନଙ୍କୁ ବାହାରକୁ ଯିବାର ଅନୁମତି ଦିଆଯାଇଛି। ତେବେ ରେଷ୍ଟୁରାଣ୍ଟର ବାହାରେ ହିଁ ଖେଳାଳିମାନେ ରହିବେ ବୋଲି ସ୍ପଷ୍ଟ ଭାବେ ପୂର୍ବରୁ କୁହାଯାଇଛି। ବିସିସିଆଇ ଓ ସିଏ ଏ ନେଇ ତଦନ୍ତ ଜାରି ରଖିଛନ୍ତି ଓ ପ୍ରକୃତରେ ଏ ନେଇ ଜୈବ ସୁରକ୍ଷା ପ୍ରୋଟୋକାଲର ଉଲ୍ଲଂଘନ ହୋଇଛି କି ନା ସେ ନେଇ ରିପୋର୍ଟକୁ ଅପେକ୍ଷା କରିଛନ୍ତି। ତେଣୁ ଅଷ୍ଟ୍ରେଲୀୟ ଓ ଭାରତୀୟ


ରୋହିତ ଶର୍ମା

## ରେଷ୍ଟୁରାଣ୍ଟ ଭିଡିଓ ଭାଇରାଲ

ମେଡିକାଲ ଟିମ୍ ଦ୍ୱୟର ପରାମର୍ଶକ୍ରମେ ଏହି ସାବଧାନତାକୁ ଦୃଷ୍ଟିରେ ରଖି ଖେଳାଳିମାନଙ୍କୁ ଆସୋସୋଲେଶନକୁ ପଠାଇ ଦିଆଯାଇଛି। ଫଳରେ ଟ୍ରେନିଂ ଭେନ୍ୟୁକୁ ଏହି ଖେଳାଳିମାନେ ଅଷ୍ଟ୍ରେଲିଆ ଓ ଭାରତୀୟ ଦଳଠାରୁ ପୃଥକ୍ ଭାବେ ଯିବେ ଓ ଅଭ୍ୟାସ କରିବେ। ଅବଶ୍ୟ ଏହି ୫ ଖେଳାଳି ପ୍ରୋଟୋକଲ ଅନୁସାରେ ଟ୍ରେନିଂ କରିପାରିବେ ବୋଲି କୁହାଯାଇଛି।

ତେବେ ଖେଳାଳିମାନଙ୍କ ଏହି କାର୍ଯ୍ୟକଳାପକୁ ନେଇ ଦଳର ଆଡମିନିଷ୍ଟ୍ରେଟିଭ ମ୍ୟାନେଜର ଓ କ୍ରିକେଟ ଅପରେଶନ ଅଧିକାରୀ ଅବଗତ ଥିଲେ କି ନା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଏହି ଅଧିକାରୀମାନେ ଖେଳାଳିମାନଙ୍କ ଗତିବିଧି ସମ୍ପର୍କରେ ଅବଗତ ରହିବା ସହ ଖେଳାଳିମାନେ ବାହାରକୁ ଯିବା ପାଇଁ ବା ଖାଇବା ନେଇ ରିପୋର୍ଟ ଦେବାର ନିୟମ ରହିଛି।

ନବଦୀପ ସିଂ ନାମକ ଜଣେ ଭାରତୀୟ ପ୍ରଶଂସକ ଏହି ଭିଡିଓ ପୋଷ୍ଟ କରିଥିଲେ ଓ ସେ ଖେଳାଳିଙ୍କ ୧୧୮. ୬୯ ଡଲାରର ବିଲ୍ ପୈଠ କରିଥିଲେ। ସେ ଖେଳାଳିମାନଙ୍କ ସହିତର ଫଟୋ ବି ପୋଷ୍ଟ କରିଛନ୍ତି। ରେଷ୍ଟୁରାଣ୍ଟରେ ଭାରତୀୟ ଖେଳାଳିମାନେ କରିଥିବା ଏହି ପ୍ରେଟୋକଲର ଉଲ୍ଲଂଘନକୁ ବେଶ୍ ଗମ୍ଭୀରତା ସହ ଗ୍ରହଣ କରାଯାଇଛି।

# ବୟସ ଲୁଚାଇଛନ୍ତି ପାକିସ୍ତାନ ପେସ୍ ବୋଲର: ଅସିଫ୍

**କରାଚୀ, ୨।୧ (ପି.ଟି.):** ପାକିସ୍ତାନ କ୍ରିକେଟ ଟିମ୍‌ର ବର୍ତ୍ତମାନ ପେସ୍ ବୋଲରମାନଙ୍କ ପ୍ରକୃତ ବୟସ ଲୁଚାଯାଇଛି। ସେମାନଙ୍କ ଜନ୍ମ ପ୍ରମାଣପତ୍ରରେ ଜାଲିଆତି ହୋଇଛି। ଜନ୍ମ ପ୍ରମାଣପତ୍ରରେ ଯାହା ଦର୍ଶାଯାଇଛି, ସେମାନେ ପ୍ରକୃତରେ ତାହାଠାରୁ ୯ରୁ ୧୦ ବର୍ଷ ବଡ଼ ବୋଲି ଦେଶର ପୂର୍ବତନ ସିମ୍ ବୋଲର ମହମ୍ମଦ ଅସିଫ୍ ଅଭିଯୋଗ କରିଛନ୍ତି। ଚଳିତ ସପ୍ତାହରେ ମାଉଣ୍ଟ ମଙ୍ଗାନୁଇଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡଠାରୁ ପାକିସ୍ତାନ ୧୦୧ ରନରେ ପରାଜୟ ପରେ ଅସିଫ୍ ତାଙ୍କ ପ୍ରତିକ୍ରିୟାରେ ଏକଥା ପ୍ରକାଶ କରିଛନ୍ତି। ଏକ ୟୁଟ୍ୟୁବ୍ ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କହିଛନ୍ତି କାଗଜପତ୍ରରେ ଏହି ପେସ୍ ବୋଲରଙ୍କ ବୟସ ୧୭-୧୮ ବର୍ଷ ଲେଖାଯାଇଛି, କିନ୍ତୁ ସେମାନଙ୍କ ପ୍ରକୃତ ବୟସ ୨୭ରୁ ୨୮ ବର୍ଷ ମଧ୍ୟରେ ହେବ। ଫଳରେ ସେମାନେ ୨୦ରୁ ୨୫ ଓଭର ବୋଲିଂ କରିବାରେ ସମର୍ଥ ହୋଇପାରୁ ନାହାନ୍ତି। ୫ରୁ ୬ ଓଭର ଏକ ସ୍ପେଲ୍ ପରେ ସେମାନେ କ୍ଲାନ୍ତ ଜଣାପଡୁଛନ୍ତି। ଅସିଫ୍ ତାଙ୍କ ସମୟରେ ଜଣେ ଅନ୍ୟତମ ଶ୍ରେଷ୍ଠ ସିମ୍ ବୋଲର ଥିଲେ। ଇଂଲଣ୍ଡରେ ୨୦୧୦ରେ ଏକ ସ୍ପଟ୍ ଫିକ୍ସିଂ ସ୍କାଣ୍ଡାଲ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତାଙ୍କୁ ୫ବର୍ଷ ବାସନ୍ଦ କରିବା ଦ୍ୱାରା ତାଙ୍କ କ୍ୟାରିୟରର ଅନ୍ତ ଘଟିଥିଲା।

**କପିଳେଶ୍ୱର କ୍ରିକେଟ**

# ଜେବିୱାଇଏସ୍ ଚାମ୍ପିୟନ

**ଭଣ୍ଡାରିପୋଖରୀ, ୨।୧(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ହାଜିପୁର ଖେଳପଡ଼ିଆରେ ଚାଲିଥିବା କପିଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମଣିନାଥପୁର ଜେବିୱାଇଏସ୍ କ୍ରିକେଟ୍ ଟିମ୍ ଓ ଏନ୍‌ଏନ୍‌ସି କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏନ୍‌ଏନ୍‌ସି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୪୭ ରନ୍ କରିଥିଲା। ଜେବିୱାଇଏସ୍ ୭.୪ ଓଭରରେ ଆବଶ୍ୟକ ରନ୍ କରି ଚାମ୍ପିୟନ ହୋଇଥିଲା।

ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଅଲିଭା ନାୟକ ଓ ସମ୍ମାନିତ ଅତିଥି ଭାବେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଭାଜପା ନେତା ବଦ୍ରିନାରାୟଣ ଧଳ ଯୋଗଦେଇ ୨ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଆପଦା ସରପଞ୍ଚ ଇଂ. ପ୍ରମୋଦ ଜେନା, ଚିତ୍ର ତାରକା ସ୍ୱରାଜ ମହାପାତ୍ର, ଶିକ୍ଷାବିତ୍ ଭୀମସେନ ନାୟକ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଅମୂଲ୍ୟ ସେଠୀ, ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା, ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ନାୟକ, ନଟବର ସାମଲ, ବିଷ୍ଣୁଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ପାୟର ଭାବେ ନୀଳକ ସାମଲ ଓ ପ୍ରଦୀପ ବେହେରା ପରିଚାଳନା କରିଥିଲେ। ପ୍ରହ୍ଲାଦ ଜେନା ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ସୁରେଶ ନାୟକ, ରାଜେଶ ନାୟକ, ଜ୍ଞାନେନ୍ଦ୍ର ନାୟକ, ନୀହାର ନାୟକ, ରବୀନ୍ଦ୍ର ବେହେରା, ସୁବୋଧ ଜେନା, ଦେବେନ୍ଦ୍ର ରାଉତ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଜେବିୱାଇଏସ୍ ଦଳ।

# ସୌରଭ ଗାଙ୍ଗୁଲିଙ୍କୁ ହୃଦ୍‌ଘାତ

**କୋଲକାତା, ୨।୧ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲିଙ୍କୁ ମୃଦୁ ହୃଦ୍‌ଘାତ ହୋଇଛି। ଶନିବାର ସକାଳେ ଜିମ୍‌ରୁ ଫେରିବା ପରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୪୮ବର୍ଷୀୟ ଗାଙ୍ଗୁଲିଙ୍କୁ କ୍ରିଟିକାଲ କେୟାର ୟୁନିଟ୍(ସିସିୟୁ)ରେ ରଖାଯାଇ ଚିକିତ୍ସା କରାଯାଉଛି। କରୋନାରି ଆଞ୍ଜିଓଗ୍ରାମ୍ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ ସୂଚନା ଦେଇଛନ୍ତି। ଦେଶର କ୍ରିକେଟ ମହଲ ଗାଙ୍ଗୁଲିଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛି। ସେମାନଙ୍କ ମଧ୍ୟରେ ରହିଛନ୍ତି, ସଚିନ ତେନ୍ଦୁଲକର ଓ ବିରାଟ କୋହଲି। ଭାରତୀୟ ଅଧିନାୟକ ବିରାଟ କୋହଲି ଟୁଇଟ୍ କରି କହିଛନ୍ତି, ଗାଙ୍ଗୁଲିଙ୍କ ଦ୍ରୁତ ଆରୋଗ୍ୟ କାମନା କରି ସେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି। ଗାଙ୍ଗୁଲିଙ୍କ ଦୀର୍ଘଦିନର ଟିମ୍‌ମେଟ୍ ତେନ୍ଦୁଲକର କହିଛନ୍ତି ସେ ଏହି ଖବର ନିକଟରେ ଜାଣିବାକୁ ପାଇଛନ୍ତି। ବିସିସିଆଇ ସଭାପତି ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରିବେ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଛି। ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି, ଗାଙ୍ଗୁଲିଙ୍କ ସ୍ୱାସ୍ଥ୍ୟାବସ୍ଥାରେ କ୍ରମେ ଉନ୍ନତି ପରିଲକ୍ଷିତ ହେଉଛି। ଏ ବିଷୟ ସେ ତାଙ୍କ ପରିବାରବର୍ଗଙ୍କଠାରୁ ଜାଣିବାକୁ ପାଇଛନ୍ତି। ଗାଙ୍ଗୁଲିଙ୍କ ପୂର୍ବତନ ଟିମ୍‌ମେଟ ଯଥା ବୀରେନ୍ଦ୍ର ସେହ୍ୱାଗ, ହରଭଜନ ସିଂ, ଅନିଲ କୁମ୍ବଲେ ଓ ଗୌତମ ଗମ୍ଭୀର, ଟିମ୍ ଇଣ୍ଡିଆ କ୍ରିକେଟର ଶିଖର ଧାୱନ ଓ ମହମ୍ମଦ ସାମି ପ୍ରମୁଖ ମଧ୍ୟ ଦ୍ରୁତ ଆରୋଗ୍ୟ କାମନା କରି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗାଙ୍ଗୁଲିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ, ଗାଙ୍ଗୁଲି ୨୦୧୯ ଅକ୍ଟୋବରରେ ବିସିସିଆଇ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ବିସିସିଆଇ କୋଭିଡ୍ ସମୟରେ ୟୁଏଇରେ ସଫଳତାର ସହ ୨୦୨୦ ଆଇପିଏଲ୍ ଆୟୋଜନ କରିପାରିଥିଲା। ପୁନଶ୍ଚ ଗାଙ୍ଗୁଲି ବିସିସିଆଇ ସଭାପତି ହେବା ପରେ ଭାରତ ନଭେମ୍ବରରେ ପ୍ରଥମ ପିଙ୍କ୍ ବଲ ଦିବାରାତ୍ର ଟେଷ୍ଟ ଆୟୋଜନ କରିପାରିଥିଲା।



# ଆଇପିଏଲ୍ ପାଇଁ ଉପଲବ୍ଧ ହେବେନି ଷ୍ଟେଇନ

**ଜୋହାନ୍ସବର୍ଗ, ୨।୧ (ପି.ଟି.)**

ଚଳିତବର୍ଷର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ ଉପଲବ୍ଧ ହେବେ ନାହିଁ ଦକ୍ଷିଣ ଆଫ୍ରିକାର ପେସ୍ କିମ୍ବଦନ୍ତୀ ଡେଲ୍ ଷ୍ଟେଇନ୍। ସେ ଶନିବାର ଏବିଷୟ ସ୍ପଷ୍ଟ କରିଛନ୍ତି। ତେବେ ସେ ବର୍ତ୍ତମାନ ପ୍ରତିଯୋଗିତାମୂଳକ କ୍ରିକେଟରୁ ଅବସର ନେବା କଥା ଚିନ୍ତା କରି ନ ଥିବା କହିଛନ୍ତି। ୩୭ ବର୍ଷୀୟ ଷ୍ଟେଇନ ଆଇପିଏଲ୍‌ର ଗତ ସଂସ୍କରଣରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତରଫରୁ ଖେଳିଥିଲେ। ସେ ଖେଳରୁ କିଛି ସମୟ ବିଶ୍ରାମ ନେବାକୁ ଚାହାନ୍ତି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଷ୍ଟେଇନ ଟେଷ୍ଟରେ ୯୩ ମ୍ୟାଚ ଖେଳି ୪୩୯ ଉଇକେଟ ଅକ୍ତିଆର କରିଛନ୍ତି। ତାଙ୍କର ଆଭରେଜ ୨୨.୯୫ ଏବଂ ଷ୍ଟ୍ରାଇକ ରେଟ୍ ୪୨.୩୦ ରହିଛି। ସେହିପରି ୧୨୫ ସେ ଅନ୍ତର୍ଜାତୀୟ ଦିନିକିଆରେ ସେ ୧୯୫ ଉଇକେଟ ହାସଲ କରିଛନ୍ତି।

# ଆଇଏସ୍ଏଲ୍ ଦ୍ୱିତୀୟ ଭାଗ କାର୍ଯ୍ୟସୂଚୀ ପ୍ରକାଶିତ

**ମାରଗାଓ, ୨।୧ (ପି.ଟି.)**

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍)ର ଦ୍ୱିତୀୟ ଭାଗ କାର୍ଯ୍ୟସୂଚୀ ଶନିବାର ଘୋଷଣା କରାଯାଇଛି। ଏହା କୋଲକାତାରେ ଖେଳାଯିବ। ଫେବୃୟାରୀ ୧୯ରେ ବହୁ ପ୍ରତୀକ୍ଷିତ ଏଟିକେ ମୋହନବାଗାନ ବନାମ ଏସ୍‌ସି ଇଷ୍ଟବେଙ୍ଗଲ ମ୍ୟାଚ ଖେଳାଯିବ। ଦ୍ୱିତୀୟ ଭାଗର ପ୍ରଥମ ମ୍ୟାଚ ଜାନୁୟାରୀ ୧୨ରେ ତିଳକ ମୈଦାନ ଷ୍ଟାଡିୟମରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବନାମ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଖେଳାଯିବ। ଏଟିକେ ମୋହନବାଗାନ ଆହୁରି ମଧ୍ୟ ସିଜନର ଫାଇନାଲ ଲିଗ୍ ଗେମ୍ ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ ଖେଳିବ। ଲିଗ୍ ପର୍ଯ୍ୟାୟ ଖେଳ ଫେବୃୟାରୀ ୨୮ରେ ଶେଷ ହେବ। ସିଜନର ଅବଶିଷ୍ଟ ସମସ୍ତ ୫୫ ଲିଗ୍ ମ୍ୟାଚ କେବଳ ରବିବାର ଖେଳାଯିବ। ତନ୍ମଧ୍ୟରେ ୭ ଡବଲ ହେଡର ମ୍ୟାଚ ରହିଛି। ନୂଆବର୍ଷ ଆରମ୍ଭରେ ମୁମ୍ବାଇ ସିଟି ଏଫ୍‌ସି ଆଗରେ ଏଟିକେ ମୋହନବାଗାନ ପଏଣ୍ଟ ଟେବୁଲ ଶୀର୍ଷରେ ରହିଥିଲା। ସେମାନଙ୍କୁ ସ୍ଥାନାନ୍ତର କରିବାକୁ ହେଲେ ଅବଶିଷ୍ଟ ଦଳଗୁଡ଼ିକୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିବ। ପ୍ଲେ-ଅଫ୍ ଫାଇନାଲ ମ୍ୟାଚ ପାଇଁ ଭେନ୍ୟୁ ଓ ତାରିଖ ପରେ ଘୋଷଣା କରାଯିବ।

# ଲାୟନ୍ସକୁ ହରାଇଲା ଚିତାସ୍


**ଭୁବନେଶ୍ୱର,୨।୧(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ରେ ଶନିବାର ଓଡ଼ିଶା ଚିତାସ ଟୁର୍ନାମେଣ୍ଟର ୧୩ତମ ମ୍ୟାଚରେ ୧୧ ରନରେ ଓଡ଼ିଶା ଲାୟନ୍ସକୁ ହରାଇଛି। ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଚିତାସ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୧୪ ରନ ସଂଗ୍ରହ କରିଥିଲା। ଜବାବରେ ଲାୟନ୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୦୩ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ୫୦ ବଲରୁ ୫ ଚୌକା ୧ ଛକା ସହ ୪୯ ରନ ସଂଗ୍ରହ କରିଥିବା ଚିତାସର ଅଭିଷେକ ରାଉତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଓସିଏ ସଦସ୍ୟା ମଧୁସ୍ମିତା ପାତ୍ର ଅଭିଷେକଙ୍କୁ ପୁରସ୍କୃତ କରିଥିଲେ। ଏଥିସହି ଚିତାସ ୫ଟି ମ୍ୟାଚ୍ ଖେଳି ୩ଟି ବିଜୟ, ୨ଟି ପରାଜୟ ସହ ୧୨ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଲାୟନ୍ସ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ୩ଟି ପରାଜୟ ସହ ୪ ପଏଣ୍ଟ ପାଇ ତାଲିକାର ପଞ୍ଚମ ସ୍ଥାନରେ ରହିଛି।

୧୧୫ ରନ ଟାର୍ଗେଟର ପିଛା କରି ଲାୟନ୍ସ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ତରଫରୁ ଓପନର ସ୍ୱସ୍ତିକ ସାମଲ ୧୧, ଶୁଭ୍ରଜ୍ୟୋତି ମିଶ୍ର ୧୨, ଅଧିନାୟକ ସୁଜିତ ଲେଙ୍କା ୧୯, ରାକେଶ ପଟ୍ଟନାୟକ ୨୨, ବିକାଶ ରାଉତ ଅପରାଜିତ ୨୯ ରନ ସଂଗ୍ରହ କରିଥିଲେ। ଦୀପକ ରଞ୍ଜନ ବେହେରା ୪ ରନକରି ଅପରାଜିତ ରହିଥିଲେ। ବିଶ୍ୱଭୂଷଣ ବିହାରୀ ଖାତା ଖେଳିପାରି ନ ଥିଲେ। ଦଳର ଦୁଇ ବ୍ୟାଟ୍ସମ୍ୟାନ ବିଶ୍ୱଭୂଷଣ ଓ ରାକେଶ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ବୋଲିଂରେ ଚିତାସ ତରଫରୁ ମନୋଜ ବାରିକ, ରାମ ସି. ବେହେରା ଓ ବାଦଲ ଭୋଳ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଚିତାସ ତରଫରୁ ଅଭିଷେକ ସର୍ବାଧିକ ୪୯ ରନ୍ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଅନୁରାଗ ଷଡଙ୍ଗୀ ୨୬, ବାଦଲ ଭୋଳ ୧୧ ରନ ସଂଗ୍ରହ କରି ଆଉଟ ହୋଇଥିଲେ। କୋରାପୁ ସନ୍ଦୀପ ୧୨ ରନ କରି ଅପରାଜିତ ରହିଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଲାୟନ୍ସ ପକ୍ଷରୁ ଶିବାଶିଷ ସାହୁ ସର୍ବାଧିକ ୩, ଦୀପକ ରଞ୍ଜନ ବେହେରା ଓ ବିକାଶ ରାଉତ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଅସିତ ପାଲ, ଶତର ଚନ୍ଦ୍ର ସାହୁ ଫିଲ୍ଡ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଅମିତ ଅମିତାଭ ମହାକୁଡ ତୃତୀୟ ଅମ୍ପାୟର, ସ୍କୋରର ଭାବେ ରଶ୍ମୀରଞ୍ଜନ ମଲ୍ଲ ଓ ବୀରବର ନାଏକ ଦାୟିତ୍ୱ ତୁଲାଇଥିଲେ।


## ଓଡ଼ିଶା ଟି୨୦ କ୍ରିକେଟ ଲିଗ୍



ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ଅଭିଷେକ ରାଉତ।

# ପୁମାସ୍ ୬ ଉଇକେଟ୍‌ରେ ବିଜୟୀ

**ଭୁବନେଶ୍ୱର, ୨।୧(କ୍ରୀଡ଼ା ପ୍ରତିନିଧି):** ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ପୁମାସ ୬ ଉଇକେଟରେ ଚିତାସ୍‌କୁ ପରାସ୍ତ କରିଛି। ୪ ମ୍ୟାଚରୁ ପୁମାସର ଏହାଥିଲା ଦ୍ୱିତୀୟ ବିଜୟ ଓ ଚିତାସ୍‌ର ଦ୍ୱିତୀୟ ପରାଜୟ। ପ୍ରଥମେ ବ୍ୟାଟିଂ କରି ଚିତାସ ୨୦ ଓଭରରେ ୬ ଉଇକେଟ ହରାଇ ୧୨୭ ରନ କରିଥିଲା। ଦଳ ପକ୍ଷରୁ ଅଭିଷେକ ରାଉତ ସର୍ବାଧିକ ୩୫, ରାମଚନ୍ଦ୍ର ବେହେରା ୨୯ ଓ ଅଧିନାୟକ ଅନୁରାଗ ଷଡ଼ଙ୍ଗୀ ୨୫ ରନ କରିଥିଲେ। ବିପକ୍ଷ ବୋଲରଙ୍କ ମଧ୍ୟରେ ଟୁକୁନା ସାହୁ ୨ଟି ଏବଂ ଧିରାଜ ସିଂ, ପ୍ରଶାନ୍ତ ରଣା ଓ ପ୍ରୟାସ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପୁମାସ ସନ୍ଦୀପ ପଟ୍ଟନାୟକ (୫୧ ରନ, ୫୧ ବଲ, ୪ ଚୌକା, ୧ ଛକା)ଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ୧୮.୪ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ପୂର୍ଣ୍ଣଚନ୍ଦ୍ର ମାଝି ୩୦ ରନର ଯୋଗଦାନ ଦେଇଥିଲେ। ପରାଜିତ ଦଳର ମନୋଜ ବାରିକ ୨ଟି ଏବଂ ରାମଚନ୍ଦ୍ର ଓ ଅନୁରାଗ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସନ୍ଦୀପଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୩ ଜାନୁୟାରୀ, ୨୦୨୧

## ଘର ସମ୍ମୁଖରୁ ବୋଲେରୋ ଚୋରି

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଠୁର୍ଲା ରାସ୍ତାପାର୍ଶ୍ୱ ଘର ସମ୍ମୁଖରେ ଥିବା ଏକ ବୋଲେରୋ ଶୁକ୍ରବାର ରାତିରେ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ସିଲେଟକାନୀର ଗାଡି ମାଲିକ ଅଶୋକ ମେହେରଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ମାମଲା ରୁଜୁ କରି ଛାନଭିନ ଚଳାଇଥିବା ଥାନାଧିକାରୀ ରଞ୍ଜନ ବରିହା କହିଛନ୍ତି। ସୂଚନାନୁସାରେ ୩୧ ତାରିଖ ବିଳମ୍ବିତ ରାତିରେ ଧଳାରଙ୍ଗର ବୋଲେରୋ (ନଂ.ଓଡି ୦୨ଏଚ ୨୭୮୦)କୁ ଡ୍ରାଇଭର କୁଠୁର୍ଲାସ୍ଥିତ ନିଜଘର ସମ୍ମୁଖରେ ରଖିଥିଲେ। ସକାଳେ ଡ୍ରାଇଭର ଉଠିଲା ବେଳକୁ ଗାଡି ନଥିବା ଦେଖି ମାଲିକଙ୍କୁ ଜଣାଇଥିଲେ ।



## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଜବତ

କଣ୍ଟାବାଞ୍ଜି,୨୧୧(ଡି.ଏନ.ଏ.): କଣ୍ଟାବାଞ୍ଜି-ତୁରେକେଲା ପିଡବ୍ଲୁଡି.ରାସ୍ତାର ସିମେଣ୍ଟ ଫ୍ୟାକ୍ଟ୍ରି ନିକଟରେ ଥିବା ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକଙ୍କ ଅନୁମାନିକ ବୟସ ୨୬ ବର୍ଷ ହେବ। ଶନିବାର ସନ୍ଧ୍ୟାରେ କେତେକ ବ୍ୟକ୍ତି ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ମୃତଦେହ ଜବତ କରାଯାଇଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ମୃତକଙ୍କ ପରିଚୟ ମିଳି ପାରିନାହିଁ।

### ବିଧାୟକଙ୍କ ମାତୃ ବିୟୋଗ



ଲୋଇସିଂହା,୨୧୧(ଡି.ଏନ.ଏ) ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କ ମା' ବସନ୍ତ କୁମାରୀ ମହାଲିଙ୍ଗଙ୍କ ଶନିବାର ବରଗଡର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଅପରାହ୍ନରେ ମରଶରୀରକୁ ତାଙ୍କ ବରଗଡ ଜିଲା ପଦ୍ମପୁରସ୍ଥିତ ବାସଭବନକୁ ନିଆଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ମୀନକେତନ ମହାଲିଙ୍ଗ, ୪ ପୁଅ, ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ଖବର ପାଇ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ପଦ୍ମପୁରସ୍ଥିତ ସ୍ୱର୍ଗଦ୍ୱାରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡପୁଅ ମୁକେଶ ମହାଲିଙ୍ଗ ମୁଖାଗ୍ନି ଦେଇଥିଲେ । ଶିକ୍ଷକତା କରୁଥିବା ବସନ୍ତ କୁମାରୀ ୨୦୦୦ ମସିହାରେ ଅବସର ଗ୍ରହଣ କରିଥିଲେ। ୨୦୦୯ମସିହାରୁ ସେ ବାର୍ଦ୍ଧ୍ୟକଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ। ଶୁକ୍ରବାର ସ୍ୱାସ୍ଥ୍ୟବସ୍ଥାରେ ଅବନତି ହେବାରୁ ବରଗଡର ଏକ ଘରୋଇ ହସ୍ପିଟାଲକୁ ତାଙ୍କୁ ନିଆଯାଇଥିଲା । ବସନ୍ତ କୁମାରୀଙ୍କ ମୃତ୍ୟୁକୁ ନେଇ ପଦ୍ମପୁର ଓ ଲୋଇସିଂହା ନଅଗାଁ(ଖ) ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ସମ୍ପନ୍ନ ହେଲା ପଞ୍ଚମ ଚାନ୍ଦଲି ପାହାଡ଼ ମହୋତ୍ସବ

ଦେଓଗାଁ,୨୧୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ନିକଟ ଚାନ୍ଦଲି ପାହାଡରେ ପଞ୍ଚମ ଚାନ୍ଦଲିପାହାଡ ମହୋତ୍ସବ ତଥା ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଠାଧିପତି ଅବଧୂତ କପିଳେନ୍ଦ୍ର ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯଜ୍ଞରେ କର୍ତ୍ତାଭାବେ ଘାସିରାମ ରଣା ଓ ଦମୟନ୍ତୀ ରଣା ଦାୟିତ୍ୱ ନିର୍ବାହ କରିଥିଲେ । ମହୋତ୍ସବ ତଥା ଯଜ୍ଞ କାର୍ଯ୍ୟକ୍ରମକୁ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ସରପଞ୍ଚ ସ୍ୱୟଂମ୍ବର ମେହେର ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ଷଡଙ୍ଗୀ, ବିଦ୍ୟାଧର ନାଏକ, ବିରଞ୍ଚି ଷଡଙ୍ଗୀ, ନୀଳମଣି ପାଣିଗ୍ରାହୀ, ଦୀନବନ୍ଧୁ ମେହେର, ଦର୍ଲଭ ଷାଣ୍ଡ ତଥା ଗ୍ରାମବାସୀ ସହଯୋଗ କରିଥିଲେ ।

### ଅସହାୟଙ୍କୁ ଖାଦ୍ୟ ବଣ୍ଟନ କରି ନୂଆବର୍ଷ ପାଳନ

ଜାମଟିକ୍ରା, ୨୧୧ (ଡି.ଏନ.ଏ): ନାଚଗୀତ ହର୍ଷଉଲ୍ଲାସ ମଧ୍ୟରେ ବିଭିନ୍ନ ଅନୁଷ୍ଠାନ ନୂତନ ବର୍ଷ ପାଳନ କରିଥାନ୍ତି। ମାତ୍ର ଅସହାୟଙ୍କୁ ଖାଦ୍ୟ ବଣ୍ଟନ କରି ନୂତନ ବର୍ଷ ପାଳନ କରିଛନ୍ତି ଅତାବିରା ବ୍ଲକ ଗୋଡଭଗା ଛକର ଯୁବଗୋଷ୍ଠୀ। ଏହାଦ୍ୱାରା ସେମାନେ ଭରପୁର ଆନନ୍ଦ ଓ ସନ୍ତୁଷ୍ଟି ପାଇଥିବା ପ୍ରକାଶ କରିଛନ୍ତି। ସେମାନେ ଅତାବିରା ଝାଇଁଯୋର ପାଖରେ ଥିବା କୁଷ୍ଠାଶ୍ରମ ପଡାକୁ ଯାଇ ସେମାନଙ୍କ ମିଳାମିଶା କରିବା ସହ ତାଙ୍କ ସମସ୍ୟା ବୁଝିଥିଲେ । ଏହି ପଡାରେ ରହୁଥିବା ୩୫ଟି ପରିବାରକୁ ଖାଦ୍ୟ ବଣ୍ଟନ କରିଥିଲେ । ୨୦୧୫ ମସିହାରୁ ଏହି ଯୁବଗୋଷ୍ଠୀ ଏଠାକୁ ନବବର୍ଷ ପାଳନ କରିବା ପାଇଁ ଆସନ୍ତି। ଜ୍ଞାନରଞ୍ଜନ ଭୋଇ, ଅଜିତ ବାରିକ, ପ୍ରସାଦ ବାବୁ, ପ୍ରଭାତ ପଧାନ, ମୋହନ ସେଟ, ଦୁଷ୍ମନ୍ତ ସେଟ, ଏମ୍‌ଡି ଏକବଲ, ଏମ୍‌ଡି ଗୁଡୁ ପ୍ରମୁଖ ଯୁବକ ଏଥିରେ ସାମିଲ ହୋଇଥିଲେ ।

# ଧାନକିଣା ବାଟବଣା

ଜୁନାଗଡ, ୨୧୧(ଡି.ଏନ୍.ଏ.)



ନୂଆଗୁଡା ମଣ୍ଡିରେ ଧାନ ବିକ୍ରି ନ ହୋଇ ପଡିରହିଛି।

**ନୂଆଗୁଡା ମଣ୍ଡି**
- ୧୫ଦିନ ହେଲା ଉଠୁନି ଧାନ
- ନୀରବ ଦ୍ରଷ୍ଟା ପ୍ରଶାସନ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଧାନକିଣା ବାଟବଣା ହୋଇଛି। ବ୍ଲକର ଅନେକ ମଣ୍ଡିରେ ଟାର୍ଗେଟ ସରିଯାଇଥିବା ଆଳ ଦେଖାଇ ଧାନ ଉଠାଣ କରାଯାଉନାହିଁ। ଫଳରେ ବିଚରା ଚାଷୀ ଧାନ ବିକ୍ରି ଆଶାରେ ଟୋକନ ପାଇ ହାଡଭଙ୍ଗା ଶୀତକାକରରେ ମଣ୍ଡିରେ ପଡିରହିଛନ୍ତି। ଏହି ପରିପ୍ରେକ୍ଷିରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚିଗୁଡା ପ୍ୟାକ୍ସ ଅନ୍ତର୍ଗତ ନୂଆଗୁଡା ମଣ୍ଡିରେ ଗତ ୧୫ଦିନ ହେଲା ଚାଷୀମାନେ ଟୋକନ ପାଇ ଧାନ ବିକ୍ରି ଆଶାରେ ହାଡଭଙ୍ଗା ଶୀତ କାକରରେ ମଣ୍ଡିରେ ପଡିରହିଛନ୍ତି। ଏଥିପ୍ରତି ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବାରୁ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ନୂଆଗୁଡା ମଣ୍ଡିରେ ଗତ ୧୯ ରୁ ୨୩ ତାରିଖ ପର୍ଯ୍ୟନ୍ତ ୪୦ଜଣ ଚାଷୀ ପ୍ରାୟ ୨୫ଶହ କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଟୋକନ ପାଇଥିଲେ। ଇତିମଧ୍ୟରେ ୧୫ଦିନ ବିତିଯାଇଥିଲେ ମଧ ସେମାନେ ଧାନ ବିକ୍ରି କରିପାରିନାହାନ୍ତି। ଟାର୍ଗେଟ ଆଳଦେଖାଇ ମିଲର୍ସ ଧାନ ଉଠାଣ କରୁ ନ ଥିବାବେଳେ ଅନ୍ୟପଟେ ପ୍ୟାକ୍ସ, ଯୋଗାଣ ବିଭାଗ, ଆରଏମ୍‌ସି ତଥା ପ୍ରଶାସନ ଏଥିପ୍ରତି ନୀରବ ଦ୍ରଷ୍ଟା ସାଜିଛନ୍ତି। ସେହିପରି ଟୋକନର ସମୟ ସୀମା ମଧ ଶେଷ ହେବାକୁ ବସିଛି। ଯଦି ସମୟସୀମା ଭିତରେ ଟୋକନ ପାଇଥିବା ଚାଷୀ ଧାନ ବିକ୍ରି କରି ନ ପାରି କଟିଗଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ସ୍ଥାନୀୟ ଚାଷୀ ପ୍ରଶ୍ନ ଉଠାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ମଣ୍ଡିରେ ୫୧ଜଣ ଚାଷୀ ୨୯୪୦ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡିଛି। ଶିଘ୍ର ଏହି ମଣ୍ଡିରେ ପଡିରହିଥିବା ଧାନକୁ ଉଠାଣ କରିବା ପାଇଁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି। ଏ ନେଇ କଳାହାଣ୍ଡି ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦଙ୍କୁ ପଚାରିବାରୁ ଶୀଘ୍ର ଧାନ ଉଠାଣ କରାଯିବାକୁ ଚେଷ୍ଟା କରାଯାଉଛି ବୋଲି କହିଥିଲେ।

# ପୁରୁଣା ତାରରେ କାମଚଳା ସେବା

ବିନିକା,୨୧୧(ଡି.ଏନ୍.ଏ.)



ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନରେ ବର୍ଷ ବର୍ଷ ଧରି ପୁରୁଣା ବିଦ୍ୟୁତ୍ ତାର ବଦଳା ଯାଉନି। ବିଶେଷକରି ବିନିକା ଅଞ୍ଚଳର ସଂସାମୁରା, କର୍ତଙ୍ଗ, ବାବୁପାଲି, ଭଣ୍ଡାର, ସାରଙ୍ଗପାଲି ପ୍ରଭୃତି ଗ୍ରାମାଞ୍ଚଳରେ ତାର ତଳକୁ ଝୁଲି ରହିଛି। କେତେକ ସ୍ଥାନରେ ହାତ ଟେକିଲେ ବାଜୁଛି ତାର । ଅପରପକ୍ଷରେ ବିନିକା ବ୍ଲକର ବିଭିନ୍ନ ଗ୍ରାମରେ ସ୍ଥାପିତ ହୋଇଥିବା ଟ୍ରାନ୍ସଫର୍ମର ମଧ୍ୟରୁ ମାତ୍ର ୨୦ଭାଗ

**■ ବିପଦସଙ୍କୁଳ ଅବସ୍ଥାରେ ଅନେକ ଖୁଣ୍ଟ**
**■ ଟ୍ରାନ୍ସଫର୍ମର ଚାରିପାଖରେ ନାହିଁ ସୁରକ୍ଷା ବାଡ**
**■ ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ**

ଟ୍ରାନ୍ସଫର୍ମର ଚାରିପାଖେ ସୁରକ୍ଷା ବାଡ ନିର୍ମାଣ ହୋଇଛି। ସେହିପରି ପୁରୁଣା ତାର ବର୍ଷ ବର୍ଷ ଧରି ବଦଳା ନ ହେବା କାରଣରୁ ଯଦି ଝଡ ତୋଫାନ ହୁଏ ତାହେଲେ ତାର ଛିଣ୍ଡି ତଳେ ପଡି ଧନ ଜୀବନ ନଷ୍ଟ ହେବାର ଆଶଙ୍କା ରହିଛି । ବିଦ୍ୟୁତ୍ ବିଭାଗର କାମଚଳା ନୀତି ନେଇ ବିନିକା ଅଞ୍ଚଳର ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉନାହିଁ । ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ବିନିକା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ବାବୁପାଳି ,ବାଙ୍କିଘିଡି, ଭଣ୍ଡାର ,ସଂସାମୁରା ଓ କର୍ତଙ୍ଗ ଗାଁର ଉପଭୋକ୍ତାମାନେ ଚେତାବନୀ ଦେଇଛନ୍ତି । ଏନେଇ ବିନିକା ବିଦ୍ୟୁତ ବିଭାଗ ଅଧିକାରୀ ରଶ୍ମି ରଞ୍ଜନ ଜେନାଙ୍କୁ ପଚାରିବାରେ ଖୁବଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି।

# କୋଭିଡ୍ ଟିକାକରଣ ପାଇଁ ପୂର୍ବାଭ୍ୟାସ

ବଲାଙ୍ଗୀର ଅଫିସ, ୨୧୧




ଡ୍ରାଏ-ରନ୍ କାର୍ଯ୍ୟକ୍ରମ କୋଭିଡ ଟୀକାକରଣ ପୂର୍ବାଭ୍ୟାସ କରାଯାଉଛି।

**■ ପ୍ରଥମ ପର୍ଯ୍ୟାୟରେ ଟିକା ପାଇବେ ଜିଲାର ୧୧ ହଜାର କୋଭିଡ୍ ଯୋଦ୍ଧା**
**■ ଡ୍ରାଏ ରନ୍‌ରେ ଯୋଗଦେଲେ ୨୫ ଜଣ**

ଜାନୁୟାରୀ ପହିଲାରୁ କରୋନା ଟୀକାକରଣକୁ ନେଇ ସର୍ବସାଧାରଣରେ ଅନେକ ଆଶା ଓ ଉତ୍ସୁକତା ଦେଖାଦେଇଛି। ଶନିବାର ବଲାଙ୍ଗୀର କନ୍ଧପାଲିପଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କୋଭିଡ-୧୯ ଟୀକାକାରଣ ପାଇଁ ଡ୍ରାଏ-ରନ୍ ବା ପୂର୍ବାଭାସ କାର୍ଯ୍ୟକ୍ରମ ସମାପ୍ତ ହୋଇଛି। ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଡା. ଭୀମ ସାହୁ, ଏଡିପିଏଚ୍‌ଓ ଡା. ଦିବ୍ୟକିଶୋର ପତି, ଏନ୍‌ଏଚ୍‌ଏମ୍ ଡିପିଏମ୍ ମୃତ୍ୟୁଞ୍ଜୟ ମୁଣ୍ଡ, ଆଞ୍ଚଳିକ ଟୀକା ଏବଂ ଶୀତଳ ଶିକୁଳୀ(ରିଜିଓନାଲ ଭେକ୍‌ସିନ୍ ଆଣ୍ଡ କୋଲ୍ଡ ଚେନ୍) ପରିଚାଳକ ପିଟରସନ୍ ଭୋଇ, ଆସିଷ୍ଟାଣ୍ଟ ପ୍ରୋଗ୍ରାମ୍ ମ୍ୟାନେଜର ରାମାନୁଜ୍ ପଣ୍ଡା, ଇମ୍ୟୁନାଇଜେସନ୍ କମ୍ପ୍ୟୁଟର ଆସିଷ୍ଟାଣ୍ଟ ସୁଦାମ ପଧାନ ଉପସ୍ଥିତ ଥିଲେ। କୋଭିଡ ଟୀକାକରଣ ସକାଶେ ପୂର୍ବାଭାସ କାର୍ଯ୍ୟକ୍ରମ ପାଇଁ ପ୍ରଥମେ ୨୫ ଜଣ କୋଭିଡ ଯୋଦ୍ଧାଙ୍କୁ ନିୟମାନୁଯାୟୀ ମୋବାଇଲ ଯୋଗେ ବାର୍ତ୍ତା ପଠାଯାଇଥିଲା। ମୋବାଇଲ ବାର୍ତ୍ତା ଅନୁଯାୟୀ ସେମାନେ କୋଭିଡ ଟୀକାଦାନ କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରୁ ପର୍ଯ୍ୟାୟକ୍ରମେ ଜଣେ ଜଣେ କରି ଟୀକାଦାନ ଗୃହକୁ ନିଆଯାଇଥିଲା। ଟୀକାଦାନ ପରେ ପାର୍ଶ୍ୱପ୍ରତିକ୍ରିୟା ନିରୀକ୍ଷଣ ପାଇଁ ତିଆରି ହୋଇଥିବା ନିରୀକ୍ଷଣ ଗୃହ (ଅବ୍‌ଜରଭେସନ୍ ରୁମ୍)କୁ ନିଆଯାଇଥିଲା । ସେଠାରେ ଅଧଘଣ୍ଟା ପର୍ଯ୍ୟନ୍ତ ଟୀକା ନେଇଥିବା ବ୍ୟକ୍ତିଙ୍କୁ ନିରୀକ୍ଷଣ ପାଇଁ ରଖାଯାଇଥିଲା। କୌଣସି ପାର୍ଶ୍ୱପ୍ରତିକ୍ରିୟା ଦେଖାଦେଲେ କିଭଳି ଚିକିତ୍ସା କରାଯିବ ସେଥିପାଇଁ ପ୍ରସ୍ତୁତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ପ୍ରସ୍ତୁତି କରିଥିଲେ। ଜିଲାରେ ପ୍ରଥମ ପର୍ଯ୍ୟାୟରେ ୧୧ ହଜାର କୋଭିଡ ଯୋଦ୍ଧାଙ୍କୁ ଟୀକାକରଣ କରାଯିବ। ସେ ସମସ୍ତଙ୍କ ପଞ୍ଜୀକରଣ ସରିଛି । ବଲାଙ୍ଗୀରରେ ଥିବା ଆଞ୍ଚଳିକ ଟୀକା ଭଣ୍ଡାରରୁବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି ଓ ନୂଆପଡା ଜିଲାକୁ ଟିକା ଯୋଗାଣ କରାଯିବ। ଟୀକା ପାଇଁ ଆବଶ୍ୟକ ଶୀତଳ ଶିକୁଳୀ ପରିଚାଳନା କିଭଳି ଠିକ୍ ଭାବେ ହୋଇପାରିବ ସେନେଇ ମଧ ସୁବ୍ୟବସ୍ଥା ହୋଇଛି । ଡ୍ରାଏ-ରନ୍ ସଫଳତାର ସହ ସମ୍ପନ୍ନ ହେବା ପରେ ଅତିରିକ୍ତ ଜିଲାପାଳ ଲାଗୁରୀ ସମସ୍ତ ଟୀକାକରଣ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଯେକୌଣସି ସମୟରେ କୋଭିଡ ଟୀକା ପହଞ୍ଚିଲେ କିଭଳି ସୁଚାରୁରୂପେ ଟୀକାଦାନ ସମ୍ପନ୍ନ ହୋଇପାରିବ ସେଦିଗରେ ସମୀକ୍ଷା କରାଯାଇଥିଲା । ଟୀକାଦାନ ପାଇଁ ଜିଲାର ସମସ୍ତ ସ୍ୱାସ୍ଥ୍ୟକର୍ମୀ ପ୍ରସ୍ତୁତ ରହିଥିବା ସିଡିଏମ୍‌ଓ ଡା ସାହୁ ସୂଚନା ଦେଇଛନ୍ତି ।

# ହେଡମାଷ୍ଟର ମେମୋରିଆଲ କପ୍ କ୍ରିକେଟ : ଓଡିଆପାଲି ଚାମ୍ପିୟନ

ଖପ୍ରାଖୋଲ, ୨୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଅନ୍ତର୍ଗତ ଚାଉଳବାଞ୍ଜି ଗାଁର ହେଡମାଷ୍ଟର ମେମୋରିଆଲ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ଓଡିଆପାଲି ଓ ଧଣ୍ଡାମୁଣ୍ଡା ମଧ୍ୟରେ ହୋଇଥିଲା । ଓଡିଆପାଲି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୩୬ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଧଣ୍ଡାମୁଣ୍ଡା ଦଳ ନିର୍ଦ୍ଧାରିତ ଓଭରରେ ମାତ୍ର ୯୦ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଓଡିଆପାଲି ଚାମ୍ପିଆନ ହୋଇଥିଲା। ମ୍ୟାଚକୁ ନନ୍ଦକିଶୋର ବାଗ ଏବଂ ନାରାୟଣ ବରିହା ପରିଚାଳନା କରିଥିଲେ। ମଧୁସୁଦନ ଦାଶ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ । ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସଂଗ୍ରାମ କେଶରୀ ବୁଡେକ ସମ୍ମାନିତ ଅତିଥି ଶିକ୍ଷକ ଧରମ ସିଂ ଧରୁଆ, ଗଜରାଜ ନାଗ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଏବଂ ରନର୍ସ ଅପ ଧଣ୍ଡାମୁଣ୍ଡାକୁ ଟ୍ରଫି ସହ ୯ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିନିକେତନ ଦାସ, ଆଶିଷ କୁମାର ଦୀପ୍, ଶେଷଦେବ ଧରୁଆ, ଆୟୁସ ଆଦିତ୍ୟ ବାଗ, ଯଜ୍ଞିନ ଧରୁଆ, ଦିନେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଭବାନୀପାଟଣା, ୨୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ପରମାନନ୍ଦପୁର ଗାଁରେ ଶନିବାର ସକାଳେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିବାରର ଅନ୍ୟ ୨ଜଣ ଆହତ ହୋଇଛନ୍ତି। ମୃତ ଯୁବକଙ୍କ ନାମ ଭୁଜବଳ ଭୈଶାଳ (୩୦)। ଭୁଜବଳଙ୍କ ଭଉଣୀ ତାରରେ ଲୁଗା ଶୁଖାଇବାବେଳେ ବିଦ୍ୟୁତ୍ ଅଛି କହି ଭାଇ ଭଉଣୀଙ୍କୁ ଛଡ଼ାଇ ଆଣିବା ବେଳେ ନିଜେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ଭୁଜବଳଙ୍କୁ ଚିକିତ୍ସା ଲାଗି ଭବାନୀପାଟଣା ଡ଼ାକ୍ତରଖାନା ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୨ ଜଣଙ୍କୁ ମଧ୍ୟ ଡାକ୍ତରଖାନା ନିଆଯାଇଥିଲା।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ସେମିରେ ନାଇକେନସିରା



ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

ଦେଓଗାଁ,୨୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଘୁଚିପାଲିରେ ପାଞ୍ଚଦିନ ଧରି ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଶନିବାର ଥିଲା ଦ୍ୱିତୀୟ ଦିବସ। ଏହି ଦିନ ୩ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ଦଳ ଭାବେ ମହିପୁର ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ ନାଇକେନସିରା ଓ ତୁଷୁରା ମଧ୍ୟରେ ହୋଇଥିଲା। ଏଥିରେ ନାଇକେନସିରା ଟାଇବ୍ରେକର ୪-୨ ଗୋଲରେ ବିଜୟୀ ହୋଇଥିଲା । ସେହିପରି ହାତିସରା ଓ ମହିପୁର ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ମହିପୁର ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲେ। ମହିପୁର ଓ ନାଇକେନସିରା ମଧ୍ୟରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ନାଇକେନସିରା ଟାଇବ୍ରେକର ୫-୪ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଏହି ଦିବସରେ ମୁଖ୍ୟ ଅତିଥିଭାବେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ, ସମ୍ମାନୀତ ଅତିଥି ଶିକ୍ଷକ ଦାଶରଥୀ ଭୋଇ ଯୋଗଦେଇଥିଲେ। ସେହିପରି ପ୍ରଥମ ମ୍ୟାଚରେ ସାମାଜିକ କର୍ମୀ ମଣି ଦୀପ, ଅକ୍ଷୟ ପୁଟା ଓ କାର୍ତ୍ତିକ ମଲ୍ଲିକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ମଣି ଧରୁଆ, ଭୂବନେ ଭୋଇ, ଅନଙ୍ଗ ବାଗ ପରିଚାଳନା କରିଥିଲେ।

# ଗ୍ରାମରକ୍ଷୀଙ୍କ ବିରୋଧରେ ଫେରାଦ ହେଲେ ୱାର୍ଡବାସୀ

ଭବାନୀପାଟଣା,୨୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଚାରବାହାଲ ଗ୍ରାମର ୭ ନମ୍ବର ୱାର୍ଡ ବାସିନ୍ଦା ଶନିବାର ଜଣେ ଗ୍ରାମରକ୍ଷୀଙ୍କ ବିରୁଦ୍ଧରେ ସ୍ଥାନୀୟ ମୋଟେର ଫାଣ୍ଡି ପୋଲିସ ନିକଟରେ ଫେରାଦ୍ ହୋଇଛନ୍ତି। ନିୟମିତ ଭାବେ ଜନୈକ ଗ୍ରାମରକ୍ଷୀ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଲିଖିତ ଅଭିଯୋଗରେ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ନବବର୍ଷ ଉପଲକ୍ଷେ ଚାରବାହାଲ ଗ୍ରାମ ହରିଜନ ପଡାରେ ସ୍ଥାନୀୟ ଯୁବକମାନେ କୋଭିଡ-୧୯ ଗାଇଡ଼ଲାଇନ ଅନୁସରଣ କରି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଗ୍ରାମରକ୍ଷୀ ଜଣକ ଘଟଣାସ୍ଥଳକୁ ଆସି କାର୍ଯ୍ୟକ୍ରମ ଆୟୋଜନକାରୀ ଯୁବକମାନଙ୍କୁ ମାରପିଟ କରିବା ସହ ସେମାନଙ୍କୁ ଜେଲରେ ପୁରେଇ ଦେବାର ଧମକ ଦେଇଥିଲେ। ସେହିପରି ରାତି ସାରା ସାହିରେ ବୁଲି ବୁଲି କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘର ସମ୍ମୁଖକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ ମଧ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଯୁବକମାନେ ମୋଟେର ଫାଣ୍ଡିକୁ ଯାଇ ତାଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ମୋଟର ଫାଣ୍ଡି ଅଧିକାରୀ ଅଜୟ ନାଏକଙ୍କୁ ପଚାରିବାରୁ ଗ୍ରାମରକ୍ଷୀଙ୍କ ନାଁରେ ଲିଖିତ ଅଭିଯୋଗ କଥାକୁ ସ୍ୱୀକାର କରିବା ସହ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ଡ୍ରାଏ ରନ୍ ଆରମ୍ଭ

ବରଗଡ଼ ଅଫିସ,୨୧୧

ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍-୧୯ ଟିକାକରଣ ପାଇଁ ଡ୍ରାଏ ରନ୍ ଆରମ୍ଭ ହୋଇଛି । ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସ୍ୱାସ୍ଥ୍ୟକମୀଙ୍କୁ କୋଭିଡ୍ ଟିକା ଯୋଗାଇ ଦିଆଯିବ । ସେଥିପାଇଁ ଏହି ଡ୍ରାଏ ରନ୍ ହୋଇଥିଲା ବୋଲି ଜିଲାପାଳ ପ୍ରଧାନ କହିଛନ୍ତି ।

# ଭଦ୍ରକରୁ ବରଗଡ଼କୁ ଧାନ ଚାଲାଣ: ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ

ବରଗଡ଼ ଅଫିସ୍/ଅତାବିରା,୨୧୧

ଗତ କିଛିଦିନ ତଳେ ଭଦ୍ରକରୁ ଆସୁଥିବା ଏକ ଧାନ ବୋଝେଇ ଟ୍ରକ୍ ବରଗଡ଼ ସହର ଉପକଣ୍ଠ ହଳଦୀପାଲି ଛକରେ ଧରାପଡ଼ିଥିଲା। ଅନୁରୂପ ଭାବେ ଗୁରୁବାର ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ରେଙ୍ଗାଲି କ୍ୟାମ୍ପରେ ଭଦ୍ରକରୁ ଏଠାକୁ ଆସୁଥିବା ଏକ ଧାନ ବୋଝେଇ ଟ୍ରକ ଧରାପଡ଼ିଛି । ଏ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ଶୁକ୍ରବାର ଜିଲାପାଳଙ୍କୁ ଅବଗତ କରାଯାଇଛି ବୋଲି ଅତାବିରା ଯୋଗାଣ ନିରୀକ୍ଷକ ବିଶ୍ୱରଞ୍ଜନ ସାହୁ କହିଛନ୍ତି।

ଗତ ୩୧ତାରିଖରେ ଏକ ଧାନ ବୋଝେଇ ଟ୍ରକ୍ (ନଂ.ଓଡ଼ି୨୫ଜେ/୪୭୧୯) ଭଦ୍ରକରୁ ଅତାବିରା ଅଞ୍ଚଳକୁ ଆସୁଥିଲା ବେଳେ ରେଙ୍ଗାଲିକ୍ୟାମ୍ପ-ଭୁର୍ଷିପାଲି ରାସ୍ତାରେ ସ୍ଥାନୀୟ ଲୋକଙ୍କ ହାତରେ ତାହା ଧରାପଡ଼ିଥିଲା । ସୂଚନା ପାଇ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତଙ୍କ ନିର୍ଦ୍ଦେଶକ୍ରମେ ଯୋଗାଣ ବିଭାଗର ଏକ ସ୍କ୍ୱାଡ୍ ସେଠାକୁ ପହଞ୍ଚି ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ ଟ୍ରକ୍‌ରେ ୪୬୫ ପ୍ୟାକେଟ୍ ଧାନ (୨୬୬.୮୬ କୁଇଣ୍ଟାଲ) ଥିଲା ଏବଂ ଧାନବିକ୍ରି ନେଇ ଆବଶ୍ୟକ କାଗଜାତ୍ ନ ଥିଲା । ଫଳରେ ଯୋଗାଣ ବିଭାଗର ଅଧିକାରୀମାନେ ସମ୍ପୃକ୍ତ ଟ୍ରକ୍ ଜବତ କରି ସ୍ଥାନୀୟ ଏକ ରାଇସ୍ ମିଲ୍ ଜିମା ଦେଇଥିଲେ।



ଅତାବିରାରେ ଧରାପଡ଼ିଥିବା ଧାନ ବୋଝେଇ ଟ୍ରକ୍ ।

# ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି ରଶ୍ମି

ପୁରୁଣାକଟକ,୨୧୧(ଡି.ଏନ୍.ଏ.)



ନିଜ କଲରା କ୍ଷେତରେ ରଶ୍ମି ରଞ୍ଜନ ବାଘ।

**■ ଆଧୁନିକ ପ୍ରଣାଳୀରେ କରୁଛନ୍ତି କଲରା ଚାଷ**
**■ ବ୍ୟବହାର କରୁଛନ୍ତି ଜୈବିକ ଖତ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାମଗଡ ପଞ୍ଚାୟତ କୋଇଲିସୁତା ଗ୍ରାମର ଯୁବ ଚାଷୀ ରଶ୍ମି ରଞ୍ଜନ ବାଘ(୩୫) । ବର୍ତ୍ତମାନ ସେ ଚାକିରିରୁ ମନ ଫେରାଇ ନିଜେ ଚାଷ କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।ଆଧୁନିକ ପ୍ରଣାଳୀରେ କଲରା ଚାଷ ସାଙ୍ଗକୁ ଅନ୍ୟାନ୍ୟ ଫସଲ କରି ଲାଭବାନ ହୋଇ ପାରିଥିବା କହିଛନ୍ତି ରଶ୍ମି ପ୍ରକାଶ ।

ପାଠପଢା ସରିବା ପରେ ରଶ୍ମି ବରଗଡ ଜିଲାର ଏକ ବିହନ କେନ୍ଦ୍ରରେ କମ୍ପ୍ୟୁଟର ଆକାଉଣ୍ଟାଣ୍ଟ ଭାବେ ୨୦୦୭ରୁ ୨୦୧୪ ପର୍ଯ୍ୟନ୍ତ ଦୀର୍ଘ ସାତବର୍ଷ ଧରି କାମ କରିଥିଲେ। ଏହି ସମୟ ମଧ୍ୟରେ ସେ ବିଭିନ୍ନ ପ୍ରକାର କମ୍ପାନୀର ବିହନ ମଞ୍ଜି ସମ୍ପର୍କରେ ଜାଣିବାକୁ ପାଇଥିଲେ । ପରେ ଚାଷ ପ୍ରତି ତାଙ୍କର ମନ ବଳିଥିଲା। ଚାକିରି ଛାଡି ସେ ନିଜ ଗ୍ରାମକୁ ଫେରି ଆସି ଚାଷ କାର୍ଯ୍ୟରେ ଲାଗିଲେ । କିଛି ରୋଜଗାର କରିବାର ଆଶା ନେଇ ନିଜର ଥିବା ୧ ଏକର ଜମିରେ ଉଦ୍ୟାନ ବିଭାଗ ସହଯୋଗରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଆମ୍ବ ଗଛ ଲଗାଇଥିଲେ। ଏହାଛଡା ଅନ୍ୟ ଜମିରେ ଲଙ୍କା, କଲରା, ମାଖନ, ରସୁଣ, ଝୁଡଙ୍ଗ, କଦଳୀ ଚାଷ କରିଛନ୍ତି। ଏବର୍ଷ କୋଭିଡ୍ ସହାୟତା ବାବଦରେ ଉଦ୍ୟାନ ବିଭାଗ ତରଫରୁ ୨୦ମିଟର ଲମ୍ବ, ୨୦ ମିଟର ପ୍ରସ୍ଥ ଜାଗାରେ ଏକ ଧାଡିକିଆ କଲରା ଚାଷ ପାଇଁ ୧୨ହଜାର ୫ଶହ ଟଙ୍କା ସହାୟତା ପାଇଥିଲେ । ସେହି ଅର୍ଥରେ କଲରା ଚାଷ ଜମିରେ ଆଧୁନିକ ପ୍ରଣାଳୀରେ ପଲିଥିନ୍ ମଲଚିଙ୍ଗ୍ ସହ ବୁନ୍ଦା ଜଳସେଚନ ବ୍ୟବସ୍ଥା କରିଛନ୍ତି। ଯୁବଚାଷୀଙ୍କ କହିବା ଅନୁଯାୟୀ ଏ ପ୍ରକାର ଚାଷରେ କମ ପରିଶ୍ରମ, ଅଳ୍ପ ଖର୍ଚ୍ଚ, ରୋଗ ପୋକ କମ୍ ହେବା ସହ ଅଧିକ ରୋଜଗାର ହେବାର ଆଶା ରହିଛି। ସେ କୀଟନାଶକ ପରିବର୍ତ୍ତେ ବର୍ତ୍ତମାନ ନିମ୍ବପତ୍ର, ଗୋବର, ଗୋମୂତ୍ର, ହଳଦୀ, ଅରଖପତ୍ର, ଜୈବିକ ଖତ ତିଆରି କରି ନିଜ ଚାଷ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଅଳ୍ପ ଜାଗାରେ ଉନ୍ନତ ଧରଣର କଲରା ଚାଷ କରି ସପ୍ତାହକୁ ୪୫ରୁ ୫୦ କିଲୋ ଆଦାୟ କରୁଥିବା କହିଛନ୍ତି । ଆଗାମୀ ଦିନରେ ଆଧୁନିକ ପ୍ରଣାଳୀରେ ଅଧିକ ଜମିରେ କଲରା ଚାଷ କରିବା ପାଇଁ ଲକ୍ଷ୍ୟ ରଖିଥିବା ଓ ବିଭିନ୍ନ ଧରଣର ପନିପରିବା ଚାଷ କରି ରୋଜଗାର ବାଟ ଫିଟାଇବାକୁ ପୁରା ଦମ୍‌ରେ ଲାଗି ପଡିଛନ୍ତି ଯୁବଚାଷୀ ରଶ୍ମି।

## ଖବରଦାତାଙ୍କୁ ଆକ୍ରମଣ: ଥାନାରେ ଅଭିଯୋଗ, ୩ ଅଟକ

କୋକସରା(ଡି.ଏନ.ଏ): କଳାହାଣ୍ଡି ଜିଲା କୋକସରା ବ୍ଲକରେ କାର୍ଯ୍ୟରତ ଥିବା ଜଣେ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ କୋକସରା ଥାନାରେ ଅଭିଯୋଗ ହୋଇଛି। ଖବରଦାତା ହିରଣ୍ୟ ବେହେରା କୋକସରାରୁ ଖବର ସଂଗ୍ରହ କରି ନିଜ ଗାଁ କୁସୁମଖୁଣ୍ଟି ଫେରୁଥିବା ସମୟରେ କୁସୁମଖୁଣ୍ଟି ଛକ ନିକଟରେ କିଛି ଯୁବକ ଗଣ୍ଡଗୋଳ କରୁଥିବା ସମୟରେ ସେ ବାରଣ କରିବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ଆକ୍ରମଣ କରିଥିଲେ । ପରେ କୌଣସି ପ୍ରକାରେ ନିଜର ଜୀବନ ବଞ୍ଚାଇ କୋକସରା ଥାନା ରେ ଆସି ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ କୋକସରା ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ମାଡ଼ ମାରିଥିବା ୩ ଜଣଙ୍କୁ ଅଟକ ରଖିବା ସହ ତଦନ୍ତ ଜାରି ଥିବା ନେଇ ଥାନା ଅଧିକାରୀ ବାସୁଦେବ ଛତ୍ରିଆ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ପୋଖରୀରୁ ମିଳିଲା ଯୁବକଙ୍କ ମୃତଦେହ

**ବଲାଙ୍ଗୀର ଅଫିସ, ୨।୧:** ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସିନ୍ଦୁରବାହାଲ ଗାଁ ପୋଖରୀରୁ ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତକ ହେଲେ ଗାଁର ସନ୍ତୋଷ ପୋଡ଼ (୨୦)। ୩୧ତାରିଖ ସନ୍ଧ୍ୟାରୁ ସେ ନିଖୋଜ ଥିଲେ। ଶୁକ୍ରବାର ଗାଁ ପୋଖରୀ ଗାଧୁଆ ପାହାଚରେ ତାଙ୍କ ଚପଲ ଓ ଜ୍ୟାକେଟ୍ ଥିବା ଦେଖାଯାଇଥିଲା। ଶନିବାର ସକାଳୁ ପୋଖରୀରେ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ସହାୟତାରେ ପୋଲିସ ଉପସ୍ଥିତିରେ ମୃତଦେହକୁ ବାହାର କରାଯିବା ପରେ ଏହା ସନ୍ତୋଷଙ୍କ ମୃତଦେହ ବୋଲି ଚିହ୍ନଟ କରାଯାଇଥିଲା। ପୋଖରୀ ପାହାଚ ନିକଟରେ ମଦ ବୋତଲ ପଡିଥିବା ଦେଖାଯାଇଥିଲା। ଏକ ଅପମୃତ୍ୟୁ ମାମଲା (ନଂ.୧/୨୧) ପୋଲିସ ରୁଜୁ କରିଛି। ଅନ୍ୟପକ୍ଷେ ପରିବାର ଲୋକେ ଏହା ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ କରୁଛନ୍ତି।

## ଜିଲା କଂଗ୍ରେସ ତରଫରୁ ଆଦିବାସୀ ଗଣହତ୍ୟାର ଶ୍ରଦ୍ଧାଞ୍ଜଳି ଦିବସ ପାଳିତ

**ଭବାନୀପାଟଣା, ୨।୧ (ଡି.ଏନ.ଏ):** ଶନିବାର କଳାହାଣ୍ଡି ଜିଲା କଂଗ୍ରେସ ଦଳର ସଭାପତି ତଥା ପୂର୍ବତନ ବିଧାୟକ ଭାରତ ବେମାଲଙ୍କ ନେତୃତ୍ୱରେ ଆଦିବାସୀ ଗଣହତ୍ୟାର ଶ୍ରଦ୍ଧାଞ୍ଜଳି ଦିବସ ପାଳନ କରାଯାଇଥିଲା । ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ନିକଟସ୍ଥ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରତିବାଦ କରାଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉପସଭାପତି ଉଛବ ସାହୁ, ଦେବୀ ପ୍ରସାଦ ସିନ୍ଦୂର, ସାଧାରଣ ସମ୍ପାଦକ ସୁରେଶ ପଟ୍ଟନାୟକ, ବ୍ରଜରାଜ ସାହୁ, ଜିଲା ଆଦିବାସୀ ସଂଯୋଜକ ପରମାନନ୍ଦ ମାଝୀ, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ କୁମାର ମୁଣ୍ଡ, ଯୁଧିଷ୍ଠିର ତାଣ୍ଡି, କାଳିଆ ସରାଫ, ମହିଳା ନେତ୍ରୀ ସୁକାନ୍ତି ସରାଫ, ପଦ୍ମିନୀ ଯୋଶୀ, ଆଶା ମେହେର, ସଙ୍ଗୀତା ପଣ୍ଡା, ଗୋଲାପୀ ଦାସ, ପ୍ରମିଳା ଭାତ୍ରା, ମନନ୍ଧର ନାୟକ, ଦିନେଶ ବାଗ, ସୁଧାଂଶୁ ବିଶି, ପ୍ରୀତମ୍ ବେହେରା, ଚନ୍ଦ୍ର ଯୋଶୀ ଓ ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଲାଲ୍ ବଙ୍ଗଳା ଛୁଇଁବା ମନା

**ତରବୋଡ଼/ନୂଆପଡା ଅଫିସ୍,୨।୧(ଡି.ଏନ.ଏ.)**


ଭୁଞ୍ଜିଆ ସମ୍ପ୍ରଦାୟର ଲାଲ୍ ବଙ୍ଗଳା ।

ଲାଲ୍ ବଙ୍ଗଳାକୁ ଛୁଇଁଲେ ଅପବିତ୍ର ହୋଇଥାଏ। ତେଣୁ ଏହାକୁ ଜାଳି ଦିଆଯାଏ। ଗୃହକର୍ତ୍ତା ପରମ୍ପରା ଅନୁସାରେ ଜାତି, ବନ୍ଧୁଙ୍କୁ ଡାକି ଜାତି ହୁଅନ୍ତି ଓ ଭୋଜିଭାତ ଦିଅନ୍ତି। ଏଭଳି ଏକ ଭିନ୍ନ ପରମ୍ପରା ଚଳିଆସୁଛି ଆଦିବାସୀ ଭୁଞ୍ଜିଆ ସମ୍ପ୍ରଦାୟରେ।

ନୂଆପଡା ଜିଲା କୋମନା ବ୍ଲକ ଅଞ୍ଚଳରେ ରହିଛି ସୁନାବେଡା ଅଭୟାରଣ୍ୟ। ସୁନାବେଡା, ସୋସେଙ୍ଗ ପଞ୍ଚାୟତକୁ ଛାଡି ମିଛାପାଲି ପଞ୍ଚାୟତର ୩ଟି, ସିଆଲଟିର ପଞ୍ଚାୟତର ଗୋଟିଏ ଏବଂ ନୂଆପଡା ସଦର ବ୍ଲକର ଭରୁଆମୁଣ୍ଡା ପଞ୍ଚାୟତର ୩ଟି ଗାଁ ସମେତ ସୁନାବେଡା ଅଭୟାରଣ୍ୟ ଭିତରେ ୫୩ଟି ଗାଁ ଅଛି। ଏହି ଗାଁସବୁ ଏହା ସମୁଦ୍ର ପତନଠାରୁ ୩୬ ହଜାର ବର୍ଗ ଫୁଟ ଉପରେ ଅବସ୍ଥିତ। ସେମାନଙ୍କ ମଧ୍ୟରେ ବିଭିନ୍ନ ଜାତିର ଲୋକ ବସବାସ କରୁଥିଲେ ମଧ୍ୟ ଆଦିବାସୀ ସମ୍ପ୍ରଦାୟ ଚକୋଟିଆ ଭୁଞ୍ଜିଆ ଜାତିର ଲୋକ ଅଧିକ। ସେମାନଙ୍କର ଏକ ନିଆରା ପରମ୍ପରା ରହିଛି। ସେମାନଙ୍କ ଲାଲ୍ ବଙ୍ଗଳାକୁ ଛୁଇବା ସମ୍ପୂର୍ଣ୍ଣ ମନା। କେହି ଯଦି ଭୁଲରେ ମଧ୍ୟ ଛୁଇଁ ଦିଅନ୍ତି । ତେବେ ତାହା ଅପବିତ୍ର ହୋଇଗଲା ବୋଲି

**ଭୁଞ୍ଜିଆ ସମ୍ପ୍ରଦାୟର ଭିନ୍ନ ପରମ୍ପରା**

ମନେ କରି ଲାଲ୍ ବଙ୍ଗଳାକୁ ସେମାନେ ନିଆଁରେ ଜାଳି ଦେଇଥାନ୍ତି। ଏହି ପରମ୍ପରା ଆଦିମ କାଳରୁ ଚଳିଆସୁଛି।

ଲାଲ୍ ବଙ୍ଗଳା(ରୋଷେଇ ଘର) ହେଉଛି ଚକୋଟିଆ ଭୁଞ୍ଜିଆଙ୍କ ପବିତ୍ର ସ୍ଥାନ। ଏହାକୁ ତିଆରି କରିବା ପାଇଁ ଇଟା, ପଥର, ସିମେଣ୍ଟ କିମ୍ବା ରଡ଼ର ଆବଶ୍ୟକତା ନାହିଁ । ମାଟି, କାଠ ଓ ଖର ଦ୍ୱାରା ଏହାକୁ ନିର୍ମାଣ କରି ମାଟି କନ୍ଥରେ ଲାଲ୍ ରଙ୍ଗ ବୋଳି ଦିଆଯାଏ। ସେଥିପାଇଁ ଭୁଞ୍ଜିଆଙ୍କ ରୋଷେଇ ଘରକୁ ଲାଲ୍ ବଙ୍ଗଳା ବୋଲି କୁହାଯାଏ । ସେଠାରେ ତାଙ୍କର ଇଷ୍ଟ ଦେବଦେବୀ, ପିତୃ ପୁରୁଷ ପୂଜା ପାଇଥାନ୍ତି। ଏହି ବଙ୍ଗଳାକୁ ବାହାର ଲୋକ ଛୁଇଁବା ମନା। ଏମିତିକି ବିବାହ କରି ଶାଶୁ ଘର ଯାଇଥିବା ଝିଅ ମଧ୍ୟ ଛୁଇଁବାକୁ ବାରଣ ରହିଛି। ଝିଅ ବାପଘରକୁ କୁଣିଆ ଆସିଲେ ତାକୁ ଘର ବାହାରେ ରୋଷେଇ କରି ଖାଇବାକୁ ପଡେ। ଯେତେଦିନ ସେ ବାପଘରେ ରହିବ ଅଲଗା ରୋଷେଇ କରି ଖାଇବ। ଲାଲ୍ ବଙ୍ଗଳା ପାଖକୁ ଯାଇ ପାରିବ ନାହିଁ। ଭୁଲବଶତଃ କେହି ଲାଲ୍ ବଙ୍ଗଳାକୁ ଛୁଇଁ ଦେଲେ, ସେହି ଘର ଜାଳି ଦେବା ଭଳି କଠୋର ନିୟମ ରହିଛି। ଏବେ ମଧ୍ୟ ଭୁଞ୍ଜିଆଙ୍କ ଏହି ସଂସ୍କୃତି ଓ ପରମ୍ପରା ବଞ୍ଚି ରହିଛି ।

## ୨ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଇଏସ୍ଓ ମାନ୍ୟତା

**ବରଗଡ଼ ଅଫିସ୍,୨।୧**

ବରଗଡ଼ ପୌରାଞ୍ଚଳ ଅଧୀନ ୨ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚ୍ସି) ଷ୍ଟେଶନପଡ଼ା ଏବଂ ମାତୃମଙ୍ଗଳ କେନ୍ଦ୍ର ହାଟପଦାକୁ ଆଇଏସ୍ଓ ମାନ୍ୟତା ମିଳିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତମ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ତଥା ପରିଚାଳନା ପାଇଁ ଆଗାମୀ ୩ବର୍ଷ ପର୍ଯ୍ୟନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକୁ ଆଇଏସ୍ଓ ସାର୍ଟିଫିକେଟ୍ ମିଳିଛି। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଚୂଳବତୀ ସାହୁ କହିଛନ୍ତି, ବସ୍ତି ବାସିନ୍ଦା ଓ ସହରାଞ୍ଚଳବାସୀଙ୍କୁ ହାତପାଆନ୍ତାରେ ତଥା ମାଗଣାରେ ଗୁଣବତ୍ତାଭିତ୍ତିକ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇବା ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକର ଲକ୍ଷ୍ୟ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ଏବଂ ସନ୍ଧ୍ୟା ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଖୋଲାରହୁଛି। ଦୈନିକ ୭୦ରୁ ଅଧିକ ରୋଗୀ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସେବା ପାଇ ପାରୁଛନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକ ନିୟମିତ ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା, ଆମ କ୍ଲିନିକ କାର୍ଯ୍ୟକ୍ରମରେ ବିଶେଷଜ୍ଞଙ୍କ ଦ୍ୱାରା ବର୍ହିବିଭାଗ ସେବା, ଫିଜିଓଥେରାପି ସେବା, ନିଦାନ କାର୍ଯ୍ୟକ୍ରମରେ ମାଗଣା ରୋଗ ନିରୂପଣ ସେବା, ନିରାମୟ ଯୋଜନାରେ ମାଗଣା ଔଷଧ ବିତରଣ ସେବା, ପରିବାର ନିୟୋଜନ ସେବା, ମା ଓ ଶିଶୁ ସ୍ୱାସ୍ଥ୍ୟସେବା, ଟୀକାକରଣ, ସଂକ୍ରାମକ, ଅଣସଂକ୍ରାମକ ରୋଗ ଚିହ୍ନଟ, ଚିକିତ୍ସା ଓ ପ୍ରେରଣ ସେବା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ସେବା, ସାପ୍ତାହିକ ଯୋଗଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଯୋଗାଇ ଆସୁଛି। ଆଗାମୀ ଦିନରେ ଏହି ଡାକ୍ତରଖାନା ଗୁଡ଼ିକରେ ଗୁଣବତ୍ତାଭିତ୍ତିକ ସେବା ଜାରି ରହିବ। ଜାତୀୟ ସର୍ବୋଚ୍ଚ ମାନ୍ୟତା ଏନକ୍ୟୁଏଏସ୍‌କୁ ପାଇବା ପାଇଁ ଚେଷ୍ଟା ଜାରି ରହିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ ପାତ୍ର ସୂଚନା ଦେଇଛନ୍ତି ।

# ମାଣ୍ଡିଆ କ୍ରୟକେନ୍ଦ୍ର ଉଦ୍‌ଘାଟିତ


ମାଣ୍ଡିଆ କ୍ରୟକେନ୍ଦ୍ର ଉଦଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍,୨।୧**

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ସାଇପାଲି ସେବା ସମବାୟ ସମିତିରେ ଶନିବାର ମାଣ୍ଡିଆ କ୍ରୟକେନ୍ଦ୍ର ଉଦDଘାଟିତ ହୋଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଟିଡିସିସି (ଟ୍ରାଇବାଲ ଡେଭଲପମେଣ୍ଟ କୋପରେଟିଭ ସୋସାଇଟି) ଦ୍ୱାରା ସେବା ସମବାୟ ସମିତି ଜରିଆରେ ସର୍ବନିମ୍ନ ସହାୟକ ମୂଲ୍ୟ (କୁଇଣ୍ଟାଲ ପ୍ରତି ୩୨୯୫ ଟଙ୍କା)ରେ ବରଗଡ଼ ଜିଲାର ୫ଟି ବ୍ଲକ ବିଜେପୁର, ଗାଇସିଲେଟ, ପାଇକମାଲ, ପଦ୍ମପୁର ଏବଂ ଝାରବନ୍ଧ ବ୍ଲକରୁ ୧୦ହଜାର କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯିବାର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ କହିଥିଲେ। ଗଭୀର ନଳକୂପ ଏବଂ ଉଠାଜଳସେଚନ ପ୍ରକଳ୍ପ ଗୁଡ଼ିକରେ ରବିଋତୁରେ ଧାନଚାଷ ପରିବର୍ତ୍ତେ ଅଣଧାନ ଫସଲ ଏବଂ ପନିପରିବା ଚାଷ କରି ନିଜର ଆୟ ଦ୍ୱିଗୁଣିତ କରିବା ପାଇଁ ଚାଷୀମାନଙ୍କୁ ଜିଲାପାଳ ପ୍ରଧାନ ପରାମର୍ଶ ଦେଇଥିଲେ। ମାଣ୍ଡିଆରୁ ବିଭିନ୍ନ ଗୁଣଯୁକ୍ତ ଖାଦ୍ୟ ପଦାର୍ଥ ତିଆରି କରିବା ପାଇଁ ଏନଜିଓ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମିଲେଟ୍ ମିଶନ ଯୋଜନାରେ ତାଲିମ ଦିଆଯିବ ଏବଂ ବିଭିନ୍ନ ମିଲେଟ୍ ପ୍ରକ୍ରିୟାକରଣ ଯନ୍ତ୍ର ଯୋଗାଇ ଦିଆଯିବ ବୋଲି ଗାନ୍ଧୀ ପ୍ରକାଶ କରିଥିଲେ। ଏଥିରେ ବ୍ଲକ କୃଷି ଅଧିକାରୀ ବିଭୁଦେନ୍ଦ୍ର ଦେ, ସହକାରୀ କୃଷି ଅଧିକାରୀ ସଂଯୁକ୍ତା ମୁଣ୍ଡା, ମହାଶକ୍ତି ଫାଉଣ୍ଡେଶନର ରୋଜାଲିନ ଭୂୟାଁ, ବ୍ଲକ ସଂଯୋଜକ ରବି ରଣା, ଟିଡିସିସିର ମ୍ୟାନେଜର ରମାକାନ୍ତ ଜେନା, ୱାସନର ସଂଯୋଜକ ନରେନ୍ଦ୍ର ବାରିକ, ଲୋହିତ କୁମାର ମହନ୍ତ ପ୍ରମୁଖ ଯୋଗଦାନ କରିଥିଲେ।

## ୩୪୯ ଇନ୍ସପାୟାର ମାନକ ପ୍ରକଳ୍ପ ମନୋନୀତ

**ବଲାଙ୍ଗୀର ଅଫିସ, ୨।୧**

କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରସ୍ତୁତ ବଲାଙ୍ଗୀର ଜିଲାର ୩୪୯ ଇନ୍ସପାୟାର ମାନକ ପ୍ରକଳ୍ପକୁ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନୋନୀତ କରିଛି। ଚଳିତବର୍ଷ ଜିଲାର ବିଭିନ୍ନ ପ୍ରାଥମିକ ଓ ହାଇସ୍କୁଲରୁ ୧୮୦୦ ପ୍ରକଳ୍ପ ପଞ୍ଜୀକୃତ ହୋଇଥିଲା। ଅନ୍‌ଲାଇନ୍‌ରେ କୁନି ବୈଜ୍ଞାନିକମାନେ ଭାଗନେଇ ସେମାନଙ୍କ ପ୍ରକଳ୍ପର ରୂପରେଖା ଅପ୍‌ଲୋଡ କରିଥିଲେ। ମନୋନୀତ ପ୍ରକଳ୍ପଗୁଡିକର କୁନୀ ବୈଜ୍ଞାନିକଙ୍କ ଆକାଉଣ୍ଟକୁ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ୧୦ହଜାର ଟଙ୍କା ଲେଖାଏ ପଠାଯିବ। ସେହି ଟଙ୍କାରେ ସେମାନେ ସ୍ୱତନ୍ତ୍ର ପ୍ରକଳ୍ପର ବାସ୍ତବ ରୂପରେଖ ପ୍ରସ୍ତୁତ କରି ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଦର୍ଶନ କରିବେ। ସେଠାରୁ ଶ୍ରେଷ୍ଠ ମନୋନୀତ ପ୍ରକଳ୍ପଗୁଡିକ ରାଜ୍ୟ ଓ ଜାତୀୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ପ୍ରତିଯୋଗିତାରେ ଭାଗନେବେ ବୋଲି ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲ ସୂଚନା ଦେଇଛନ୍ତି ।

## ଜମିବାଡ଼ି ବିବାଦକୁ ନେଇ ହତ୍ୟାକାଣ୍ଡ

**ମନମୁଣ୍ଡା,୨।୧(ଡି.ଏନ.ଏ)**

ଜମିବାଡି ବିବାଦକୁ ନେଇ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ କଲାରାଝୁଲି ଗ୍ରାମରେ ଶୁକ୍ରବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ପରିବାର ଲୋକଙ୍କ ସଂଘବଦ୍ଧ ଆକ୍ରମଣରେ ଭଗବାନ ନାୟକ(୭୦)ଙ୍କ ମୃତ୍ୟୁ ଘଟିଛି । ଏହି ଘଟଣାରେ ମୃତକଙ୍କ ଦୁଇପୁଅ ସଞ୍ଜୀବ (୩୦) ଓ କୃଷ୍ଣଚନ୍ଦ୍ର (୫୦) ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପ୍ରକାଶ ଯେ, ଭଗବାନଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ କୃଷ୍ଣଚନ୍ଦ୍ରଙ୍କ ଘର ଶୁକ୍ରବାର ଭଙ୍ଗାରୁଜା କରାଯାଇଥିଲା । ଭଗବାନଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ପୁଅ ସଞ୍ଜୀବ, ରଞ୍ଜିତ ଓ ଭଗବାନ ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତ ଥିବାରୁ କୃଷ୍ଣଚନ୍ଦ୍ର ପ୍ରତିବାଦ କରିଥିଲେ। ଫଳରେ ତାଙ୍କୁ ସେମାନେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। କୃଷ୍ଣଚନ୍ଦ୍ରଙ୍କ ତରଫରୁ ତାଙ୍କ କକା ସୁରୁଙ୍କ ପୁଅ ସୁଶାନ୍ତ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ଏକ ମାମଲା(ନଂ.୧/୨୦ )ରୁଜୁ ହୋଇଛି। ଅନ୍ୟପକ୍ଷରେ ସଞ୍ଜୀବ ମଧ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଏତଲା ଅନୁଯାୟୀ, କୃଷ୍ଣଚନ୍ଦ୍ର ସମ୍ପର୍କୀୟ

**୩ ଅଭିଯୁକ୍ତ ଅଟକ**

ଏକା ଭୋଇଙ୍କ ପୌଷ୍ୟପୁତ୍ର ହୋଇଥିବା ବେଳେ ଜମିବାଡି ଭାଗ ପାଇଁ ସେ ଶୁକ୍ରବାର ସନ୍ଧ୍ୟାରେ ବାପା ଓ ସାବତ ଭାଇମାନଙ୍କ ସହ ଗଣ୍ଡଗୋଳ କରିଥିଲେ। ସେମାନେ ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ କୃଷ୍ଣଚନ୍ଦ୍ର, ସୁରୁ, ସୁରୁଙ୍କ ପୁଅ ଜୟନ୍ତ ଏବଂ ଅନନ୍ତ ସଂଘବଦ୍ଧ ହୋଇ ଟାଙ୍ଗିଆ, ବର୍ଛାରେ ଭଗବାନ, ସଞ୍ଜୀବଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଭଗବାନଙ୍କୁ ବୁର୍ଲା ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମନମୁଣ୍ଡା ଥାନାରେ ଏକ ମାମଲା (ନଂ.୨/୨୦) ରୁଜୁ ହୋଇଛି। ସୁରୁ, ତାଙ୍କ ପୁଅ ଜୟନ୍ତ ଓ ଅନନ୍ତଙ୍କୁ ପୋଲିସ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ଗୋପୀନାଥ ପ୍ରଧାନଙ୍କଠାରୁ ଜାଣିବାକୁ ମିଳିଛି ।

**WANTED IMMEDIATELY**
B.Com with Computer Knowledge. 3 Year Experience in GROCERY MALL, At: Nayagarh.
Contact: Ranjan Kumar Prusty
Mob.: 9437052895 7978444056

# ମାସିକ ୩ ହଜାର ଭତ୍ତା ପ୍ରଦାନ କରାଯାଉ

**ସୋନପୁର,୨।୧(ନି.ପ୍ର.)**

ଓଡିଶା ବୁଣାକାର ମହାସଂଘର ଏକ ସଭା ସୋନପୁର ଛିଞ୍ଚାଣ ଡୁଙ୍ଗୁରିସ୍ଥିତ ଶ୍ରୀ ଶ୍ରୀ ଲୋକନାଥ ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉପଜିଲାପାଳ ନିହାର ରଞ୍ଜନ କହଁର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବହେଳିତ ବୁଣାକାରମାନଙ୍କ ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ବୁଣାକାରଙ୍କୁ ମାସିକ ୩ ହଜାର ଟଙ୍କାର ଭତ୍ତା, ପ୍ରଧାନମନ୍ତ୍ରୀ ବୁଣାକାର ବୀମା ପ୍ରଚଳନ, ସ୍ୱାସ୍ଥ୍ୟ ବୀମା ପ୍ରଚଳନ, ବିଦ୍ୟୁତ୍ ଶୁଳ୍କ ସମ୍ପୂର୍ଣ୍ଣ ଛାଡ କରିବା, ଓଡିଶାର ସର୍ବ ବୃହତ୍ ହସ୍ତତନ୍ତ ବଜାରକୁ ଅତିଶୀଘ୍ର ବୁଣାକାରମାନଙ୍କୁ ହସ୍ତାନ୍ତର ଓ ସୋନପୁର ସ୍ପିନିଂ ମିଲ୍(ସୂତା କଳ)କୁ ଚାଲୁ କରିବା ସମେତ ୭ ଦଫା ଦାବି ପୂରଣ ପାଇଁ ମହାସଂଘ ପକ୍ଷରୁ ଦାବି ହୋଇଥିଲା।


ଅତିଥିମାନେ ମହାସଂଘର ମୁଖପତ୍ର ବୟନବାର୍ତ୍ତାକୁ ଉନ୍ମୋଚନ କରୁଛନ୍ତି ।

**ଓଡ଼ିଶା ବୁଣାକାର ମହାସଂଘର ଦାବି**

ମହାସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ମେହେର ଏହି ଦାବି କରିଥିଲେ। ଏହି ଅବସରରେ ଓଡିଶା ବୁଣାକାର ମହାସଂଘର ମୁଖପତ୍ର ବୟନବାର୍ତ୍ତାର ଦ୍ୱିତୀୟ ସଂଖ୍ୟା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ କିଶୋର ମେହେର, ଲେଖକ ଘନଶ୍ୟାମ ମେହେର, ଜାତୀୟ ପୁରସ୍କାର ପ୍ରାପ୍ତ ବାନ୍ଧଶିଳ୍ପୀ ପ୍ରହ୍ଲାଦ ମେହେର, ସୁକାନ୍ତୀ ମେହେର ଓ ଭରତ ମେହେର ଯୋଗ ଦେଇଥିଲେ। ସୁବର୍ଣ୍ଣପୁର ,ବୌଦ୍ଧ, ଅନୁଗୋଳ, ବରଗଡ, ବଲାଙ୍ଗୀର, କଟକ ଓ ଗଞ୍ଜାମ ଜିଲାର ବୁଣାକାର ସଭାରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଦୁଃଖିଶ୍ୟାମ ମେହେର, ବବ୍ରୁବାହାନ ମେହେର ଓ ସହଦେବ ମେହେର ସହଯୋଗ କରିଥିଲେ ।

## ହାଇଡ୍ରୋଲିକ ଚାପାରେ ଟ୍ରାକ୍ଟର ଡ୍ରାଇଭର ମୃତ

**କୋକସରା,୨।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝୀଗୁଡା-ଟେମରା ରଣାପଡ଼ା ରାସ୍ତା କାମରେ ନିୟୋଜିତ ଏକ ଟ୍ରାକ୍ଟର ନମ୍ବର ଓଡି ୦୮ ଏଫ୍ ୩୪୨୧ ହାଇଡ୍ରୋଲିକ ଡାଲାରେ ଚାପି ହୋଇ ଶନିବାର ଡ୍ରାଇଭର ମାଝୀଗୁଡାର ଡିସେମ୍ବର ପୁଞ୍ଜି(୨୪)ଙ୍କ ମୃତ୍ୟୁ ଘଟିଛି। ଟ୍ରାକ୍ଟରଟି କୋକସରାର ଜଣେ ଠିକାଦାରଙ୍କର। କୋକସରା ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ସ୍ଥାନୀୟ ସରପଞ୍ଚ କୈକେଇ ନାଏକଙ୍କ ଉପସ୍ଥିତିରେ ଟ୍ରାକ୍ଟର ମାଲିକଙ୍କୁ

**କ୍ଷତିପୂରଣ ଦାବି କଲେ ପରିବାର**

ଡାକି ଆପୋଷ ବୁଝାମଣା କରିଛନ୍ତି। ଟ୍ରାକ୍ଟର ମାଲିକ ମୃତକ ଯୁବକ ପରିବାରକୁ ୨ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ପୋଲିସ ଉପସ୍ଥିତିରେ ୧ ଲକ୍ଷ ମୃତକ ପରିବାରକୁ ଦେବାପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏନେଇ କୋକସରା ଥାନାରେ ଏକ ମାମଲା (ନଂ.୨/୨୧) ରୁଜୁ ହୋଇଥିବା ଥାନାଧିକାରୀ ବାସୁଦେବ ଛତ୍ରିଆ ସୂଚନା ଦେଇଛନ୍ତି।

## ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା

**ବରଗଡ଼ ଅଫିସ୍,୨।୧:** ଯାଜପୁର ଜିଲା କଳିଙ୍ଗନଗରରେ ୨୦୦୬ ଜାନୁୟାରୀ ୨ରେ ସଂଘଟିତ ଗୁଳିକାଣ୍ଡ ଓ ହତ୍ୟାରେ ମୃତକଙ୍କୁ ଶନିବାର ବରଗଡ଼ ଜିଲା କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଜିଲାପାଳ ଅଫିସ ସମ୍ମୁଖରେ ଦଳୀୟ ନେତା ଓ କର୍ମୀ ଧାରଣାରେ ବସିଥିଲେ। ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ନେତୃତ୍ୱରେ ପାଣ୍ଡବ କର୍ଣ୍ଣ, ନିପନ ଦାଶ, ସୁବୋଧ ସ୍ୱାଇଁ, ଯୁଗଳ ପ୍ରସାଦ ସିଂ ଉପସ୍ଥିତ ଥିଲେ ।

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o- GENERAL MANAGER (ELECT.), EHT O&M CIRCLE, BURLA
Lifeline of Odisha No.- CAD-1008 CIN:U40102OR2004SGC007553
**TENDER CALL NOTICE NO.BRL-26/2020-21**
Tenders for Hiring of vehicles at 04 offices under the jurisdiction of EHT (O&M) Circle, Burla. Sale of tender paper starts from:04.01.2021. For Detail specification/corrigendum please visit: www.optcl.co.in.
Sd/-General Manager (EL) EHT (O&M) Circle, Burla
FIPR- 56/2020-21 OIPR-04011/11/0088/2021

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NEW YEAR DHAMAKA DHANLAXMI FINANCE**
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

**GALLERY TOWER COMPANY**
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍ ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401 8901064681

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786 8800979262

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଶନିବାର ବୌଦ୍ଧ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ରାଜ୍ୟର ପ୍ରଥମ ଜିଲାସ୍ତରୀୟ ସଂଗ୍ରହାଳୟ । ଏଥିରେ ସ୍ଥାନ ପାଇଥିବା ପ୍ରାଚୀନ କୀର୍ତ୍ତିରାଜି ।